# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ନଭେମ୍ବର ୧/୨୦୨୩ (୧୬ ପୃଷ୍ଠା) | Bhubaneswar, Wednesday, November 1/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୩୩୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 336 | ମୂଲ୍ୟ ₹୭/-





# ଗାଁରେ ସହରଠୁ ବେଶି ଦୁର୍ଘଟଣା

## ଦେଶର ସଡ଼କଗୁଡ଼ିକ ଉପରେ ଘଣ୍ଟାକୁ ୧୯ ଜୀବନ ଯାଉଛି

**କେନ୍ଦ୍ର ସରକାରଙ୍କ 'ରୋଡ୍ ଆକ୍ସିଡେଣ୍ଟ୍ସ ଇନ୍ ଇଣ୍ଡିଆ-୨୦୨୨' ଶୀର୍ଷକ ରିପୋର୍ଟ ଅନୁସାରେ ଦେଶର ସଡ଼କଗୁଡ଼ିକ ଉପରେ ଦୁର୍ଘଟଣା ଯୋଗୁ ପ୍ରତିଘଣ୍ଟାରେ ୧୯ ଜଣଙ୍କ ମୃତ୍ୟୁ ଘଟୁଛି। ଗତବର୍ଷ ଦୁର୍ଘଟଣା ୧.୬୮ ଲକ୍ଷ ଲୋକଙ୍କ ଜୀବନ ନେଇଛି। ପ୍ରାୟ ୬୮% ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ଗ୍ରାମାଞ୍ଚଳରେ ଘଟିଥିବାବେଳେ ସହରାଞ୍ଚଳରେ ୩୨% ଘଟିଥିଲା।**



**ନୂଆଦିଲ୍ଲୀ,୩୧।୧୦**

୨୦୨୨ରେ ଭାରତର ସଡ଼କଗୁଡ଼ିକ ଉପରେ ମୋଟ ୪,୬୧,୩୧୨ ଦୁର୍ଘଟଣା ଘଟିଥିଲା। ସେଥିରେ ୧,୬୮,୪୯୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୪,୪୩,୩୬୬ ଆହତ ହୋଇଥିଲେ। କେନ୍ଦ୍ର ସରକାର ମଙ୍ଗଳବାର ଜାରି କରିଥିବା 'ରୋଡ୍ ଆକ୍ସିଡେଣ୍ଟ୍ସ ଇନ୍ ଇଣ୍ଡିଆ-୨୦୨୨' ରିପୋର୍ଟରେ ଏହି ଉଦ୍‌ବେଗଜନକ ତଥ୍ୟ ଉଲ୍ଲେଖ କରାଯାଇଛି।

ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଅନୁସାରେ ଗତବର୍ଷ ଦେଶରେ ଦୁର୍ଘଟଣା ୧୧.୯% ଏବଂ ତଦ୍‌ଜନିତ ମୃତ୍ୟୁ ୯.୪% ବୃଦ୍ଧି ପାଇଥିଲା। ସେହିପରି ଆହତଙ୍କ ସଂଖ୍ୟା ପୂର୍ବବର୍ଷ ତୁଳନାରେ ୧୫.୩% ବଢ଼ିଥିଲା। ୪,୬୧,୩୧୨ ଦୁର୍ଘଟଣା ମଧ୍ୟରୁ ୧,୫୧,୯୯୭ଟି (୩୨.୯%) କେବଳ ଜାତୀୟ ରାଜପଥ ଏବଂ ଏକ୍ସପ୍ରେସ୍‌ୱେଗୁଡ଼ିକରେ ଘଟିଥିଲା। ସେହିପରି ୧,୦୬,୬୮୨ଟି (୨୩.୧%) ଦୁର୍ଘଟଣା ରାଜ୍ୟ ରାଜପଥରେ ଘଟିଥିବାବେଳେ ୨,୦୨,୬୩୩ଟି (୪୩.୯୫) ଗ୍ରାମାଞ୍ଚଳ ଓ ଅନ୍ୟ ରାସ୍ତାଗୁଡ଼ିକ ଉପରେ ଘଟିଥିଲା। ମୋଟ ୧,୬୮,୪୯୧ ମୃତକଙ୍କମଧ୍ୟରୁ ୬୧,୦୩୮ ଜଣ (୩୬.୨%) ଜାତୀୟ ରାଜପଥରେ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଇଥିଲେ। ଅନୁରୂପ ଭାବେ ରାଜ୍ୟ ରାଜପଥଗୁଡ଼ିକରେ ୪୧,୦୧୨ ଜଣ (୨୪.୩%) ଏବଂ ଅନ୍ୟ ରାସ୍ତା ଉପରେ ୬୬,୪୪୧ ଜଣ ବା ୩୯.୪ ପ୍ରତିଶତଙ୍କ ଜୀବନ ଯାଇଥିଲା।

ଉକ୍ତ ରିପୋର୍ଟରେ ଆହୁରି ଦର୍ଶାଯାଇଛି ଯେ, ସଡ଼କ ଦୁର୍ଘଟଣାର ମୃତକଙ୍କ ମଧ୍ୟରୁ ସର୍ବାଧିକ ହେଉଛନ୍ତି ଯୁବଗୋଷ୍ଠୀ। ୨୦୨୨ରେ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଇଥିବା ମୋଟ ମୃତକଙ୍କ ମଧ୍ୟରୁ ୬୬.୫% ଥିଲେ ୧୮ରୁ ୪୫ ବର୍ଷ ବୟସ୍କ। ୮୩.୪ ପ୍ରତିଶତ ଥିଲେ କାର୍ଯ୍ୟକ୍ଷମ ଥିବା ବୟସ (୧୮-୬୦)ର। ପ୍ରାୟ ୬୮% ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ଗ୍ରାମାଞ୍ଚଳରେ ଘଟିଥିବାବେଳେ ସହରାଞ୍ଚଳରେ ୩୨% ଘଟିଥିଲା। ମନ୍ତ୍ରଣାଳୟର ରିପୋର୍ଟ ଅନୁସାରେ ଦୁର୍ଘଟଣାଗ୍ରସ୍ତ ହେଉଥିବା ଯାନବାହନଗୁଡ଼ିକ ମଧ୍ୟରୁ ସର୍ବାଧିକ ୨ ଚକିଆ ବା ବାଇକ୍। କାର୍, ଜିପ୍ ଓ ଟ୍ୟାକ୍ସି ଭଳି ଲାଇଟ୍ ଭେହିକିଲ୍‌ଗୁଡ଼ିକର ମୋଟ ଦୁର୍ଘଟଣା ଦ୍ୱିତୀୟରେ ଆସୁଛି। ଦୁଇଚକିଆ ଯାନ ଆରୋହୀ ସର୍ବାଧିକ ୪୪.୫% ଦୁର୍ଘଟଣାରେ ପଡ଼ି ପ୍ରାଣ ହରାଇଥିଲେ। ରାସ୍ତାରେ ଯିବାବେଳେ ୧୯.୫% ପଥଚାରୀ ଦୁର୍ଘଟଣାର ଶିକାର ହୋଇ ଜୀବନ ହାରିଥିଲେ। ଜାତୀୟ ରାଜପଥ ଦୁର୍ଘଟଣାଗୁଡ଼ିକୁ ଅନୁଧ୍ୟାନ କଲେ ତାମିଲନାଡୁରେ ସର୍ବାଧିକ ୬୪,୧୦୫ (୧୩.୯%) ଓ ମଧ୍ୟପ୍ରଦେଶରେ ୫୪,୪୩୨ (୧୧.୮%) ଘଟିଥିଲା। ମୃତକମାନଙ୍କ ମଧ୍ୟରୁ ସର୍ବାଧିକ ଉତ୍ତର ପ୍ରଦେଶର। ଏହି ରାଜ୍ୟର ୨୨,୫୯୫ ଜଣ (୧୩.୪%) ଏବଂ ତାମିଲନାଡୁର ୧୭,୮୮୪ ଜଣ (୧୦.୬%)ଙ୍କର ଗତବର୍ଷ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପୋଲିସ ବିଭାଗ ପକ୍ଷରୁ ପ୍ରଦତ୍ତ ତଥ୍ୟାନୁସାରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଥିବା ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ଉକ୍ତ ରିପୋର୍ଟରେ ସ୍ପଷ୍ଟ କରାଯାଇଛି।

## ମଣିପୁରରେ ପୋଲିସ ଅଫିସରଙ୍କୁ ଗୁଳିକରି ହତ୍ୟା କଲେ ଉଗ୍ରପନ୍ଥୀ

**ଇମ୍ଫାଲ,୩୧।୧୦**



ଚିଙ୍ଗଥାମ୍ ଆନନ୍ଦ

ଜାତିଆଣ ହିଂସା ପ୍ରଭାବିତ ମଣିପୁରରେ ଧୀରେ ଧୀରେ ସ୍ୱାଭାବିକ ସ୍ଥିତି ଫେରୁଥିବା ଦେଖି ଉଗ୍ରପନ୍ଥୀମାନେ ସହିପାରୁ ନାହାନ୍ତି। ମ୍ୟାନ୍‌ମାର ସୀମାନ୍ତ ସହର ମୋରେହରେ ଏକ ହେଲିପ୍ୟାଡ୍ ନିର୍ମାଣ କାର୍ଯ୍ୟ ତଦାରଖ କରୁଥିବା ଜଣେ ପୋଲିସ ଅଫିସରଙ୍କୁ ମଙ୍ଗଳବାର ସକାଳେ ଉଗ୍ରପନ୍ଥୀ ସ୍ନାଇପର ରାଇଫଲ୍‌ରୁ ଗୁଳିକରି ହତ୍ୟା କରିଛନ୍ତି। ଗୁଳିମାଡ଼ର ଶିକାର ହୋଇଥିବା ସବ୍-ଡିଭିଜନାଲ ପୋଲିସ ଅଫିସର (ଏସ୍‌ଡିପିଓ) ଚିଙ୍ଗଥାମ୍ ଆନନ୍ଦଙ୍କୁ ସ୍ଥାନୀୟ ଏକ କ୍ଲିନିକ୍‌କୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ରାଜ୍ୟ ସରକାର କ୍ୟାବିନେଟ୍‌ର ଜରୁରୀ ବୈଠକ ଶେଷରେ ଏହି ସୂଚନା ଦେଇଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇ ଉଗ୍ରପନ୍ଥୀଙ୍କୁ ନିପାତ କରିବା ଲାଗି ତଲାସି ଜୋର୍‌ଦାର କରାଯାଇଛି। ପ୍ରକାଶ ଯେ, ଗତ ମେ' ୩ରୁ ମଣିପୁରର ମେଇତି ଓ କୁକି ସମ୍ପ୍ରଦାୟ ମଧ୍ୟରେ ଜାତିଆଣ ହିଂସା ଲାଗିରହିଥିବାବେଳେ ଏହାର ସୁଯୋଗ ନେଇ ଉଗ୍ରପନ୍ଥୀମାନେ ଅନେକ ଅପରାଧ ଘଟାଉଛନ୍ତି। ଏଭଳି ସମୟରେ ରାଜ୍ୟ ସରକାର ଓ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ମିଳିତ ଉଦ୍ୟମରେ ରାଜଧାନୀ ଇମ୍ଫାଲରୁ ମୋରେହ ପର୍ଯ୍ୟନ୍ତ ହେଲିକପ୍ଟର ଯୋଗେ ପରିବହନ ପାଇଁ ହେଲିପ୍ୟାଡ୍ ନିର୍ମାଣ ବେଳେ ସେମାନେ ଏହାକୁ ବିରୋଧ କରି ଏହି କାଣ୍ଡ ଭିଆଇଛନ୍ତି। ଏସ୍‌ଡିପିଓଙ୍କ ପରିବାରକୁ ରାଜ୍ୟ ସରକାର ୫୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ ଘୋଷଣା କରିଛନ୍ତି। ଏଥିସହ ପରିବାରର ଜଣଙ୍କୁ ସରକାରୀ ଚାକିରି ମଧ୍ୟ ଦିଆଯିବ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com



ଜର୍ମାନୀ ଚାନ୍‌ସେଲର ଓଲାଫ୍ ସ୍କୋଲ୍‌ଜଙ୍କ ବିରୋଧରେ ବର୍ଲିନ୍‌ସ୍ଥିତ ତାଙ୍କ ସରକାରୀ ବାସଭବନ ସମ୍ମୁଖରେ ବିକ୍ଷୋଭ କରୁଥିବା ଜଣେ ଆକ୍ଟିଭିଷ୍ଟଙ୍କୁ ପୋଲିସ ଉଠାଇ ନେଉଛି।

## ବିନା ଭିଜାରେ ଥାଇଲାଣ୍ଡରେ ମାସେ ରହିପାରିବେ ଭାରତୀୟ

**ଥାଇଲାଣ୍ଡ, ୩୧।୧୦**

ଥାଇଲାଣ୍ଡ ଯିବାକୁ ହେଲେ ଭାରତୀୟମାନଙ୍କୁ ଆଉ ଭିଜା ଆବଶ୍ୟକ ହେବ ନାହିଁ। ବିନା ଭିଜାରେ ସେଠାରେ ଭାରତୀୟମାନେ ମାସେ ପର୍ଯ୍ୟନ୍ତ ରହିପାରିବେ। ୨୦୨୪ ମେ'ରୁ ଏହି ସୁବିଧା ପ୍ରଦାନ କରାଯିବ ବୋଲି ବ୍ୟାଙ୍କକ୍ ପକ୍ଷରୁ କୁହାଯାଇଛି। ଥାଇଲାଣ୍ଡ ପର୍ଯ୍ୟଟନ ବଜାରର ଚତୁର୍ଥ ଉତ୍ସ ହେଉଛି ଭାରତ। ମାଲେସିଆ, ଚାଇନା ଓ ଦକ୍ଷିଣ କୋରିଆରୁ ସର୍ବାଧିକ ପର୍ଯ୍ୟଟକ ଥାଇଲାଣ୍ଡ ଯାଇଥାଆନ୍ତି। ପ୍ରତିବର୍ଷ ୧.୨ ନିୟୁତ ଭାରତୀୟ ଥାଇଲାଣ୍ଡ ଗସ୍ତ କରିଥାଆନ୍ତି। ଭାରତୀୟ ପର୍ଯ୍ୟଟକଙ୍କୁ ନିଜ ଦେଶକୁ ଆକର୍ଷିତ କରି ସେମାନଙ୍କ ସଂଖ୍ୟା ବୃଦ୍ଧି ପାଇଁ ଥାଇଲାଣ୍ଡର ନୂଆ ସରକାର ଏପରି ନିଷ୍ପତ୍ତି ନେଇଛନ୍ତି। ଦେଶର ଅର୍ଥନୀତିକୁ ସୁଦୃଢ଼ କରିବା ସକାଶେ ବାର୍ଷିକ ୨୮ ନିୟୁତ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ଯୋଜନା ରହିଛି। ଏଥିସକାଶେ ସରକାର ଅଧିକ ସଂଖ୍ୟକ ଏୟାରଲାଇନ୍ସ, ହସ୍ପିଟାଲିଟି ଚେନ୍ସ, ରେଷ୍ଟୁରାଣ୍ଟ ନିର୍ମାଣ କରୁଛନ୍ତି। ସରକାରୀ ତଥ୍ୟାନୁସାରେ ଗତ ଜାନୁୟାରୀରୁ ଅକ୍ଟୋବର ୨୯ ମଧ୍ୟରେ ଥାଇଲାଣ୍ଡକୁ ୨୨ ନିୟୁତ ପର୍ଯ୍ୟଟକ ଯାଇଥିଲେ। ସେମାନଙ୍କ ଯୋଗୁ ଦେଶରେ ୨୫.୬୭ ବିଲିୟନ୍ ଡଲାର ରାଜସ୍ୱ ଆୟ ହୋଇଥିଲା।

URGENT REQUIREMENT
Required Field Sales Representative having experience in Solar System Sales & Market mode in each district of Odisha.
Immediate Joining
Address
SRL & CO., BHUBANESWAR
Phone:0674-2432243, 8984693424

WANTED
Accountant, Survey Assistant, Data Entry Operator for an Engineering Consultancy Firm. Salary Negotiable. Fresher/10th Pass.
Email:picspltd@gmail.com
CALL 8895968943, 9938879043

APPOINTMENT
FULL TIME
CLINIC ASSISTANCE BOY
(Age 18 to 22)
LADY COOK
Jayadev Vihar, Bhubaneswar
Contact : 9337505234

ଭୁବନେଶ୍ୱରରେ ରୋଗୀସେବା ଓ ଗୃହକାମ ପାଇଁ ମହିଳା କର୍ମୀ ଆବଶ୍ୟକ। ଖାଇବା ଓ ରହିବା ସହ ଉତ୍ତମ ଦରମା।
ଯୋଗାଯୋଗ:
9836757795
9742874442

See Career Appointment on every Wednesday & Saturday

ଲଣ୍ଡ୍ରି କମ୍ପାନୀ ପାଇଁ ଆବଶ୍ୟକ
୧-ଆଇରନ କାରିଗର
୨-ଡେଲିଭେରୀ ବୟ
୩-ଟାଟା ଏ ସି ଡ୍ରାଇଭର
8280082800, 9078000108



## କାର୍ତ୍ତିକ ଟ୍ରୋଲିଂର ଶିକାର



**ମୁମ୍ବାଇ:** ଏକ ଭିଡିଓକୁ ନେଇ ବଲିଉଡ୍ ଅଭିନେତା କାର୍ତ୍ତିକ ଆର୍ଯ୍ୟନ ବିବାଦରେ ଛନ୍ଦି ହୋଇ ପଡ଼ିଥିଲେ। ପ୍ରସଙ୍ଗଟି ରାଜନୈତିକ ହୋଇଥିବାରୁ ସୋସିଆଲ ମିଡିଆରେ ତାଙ୍କୁ ଟ୍ରୋଲିଂର ଶିକାର ହେବାକୁ ପଡ଼ିଥିଲା। ହେଲେ ଏବେ ସେ ସାମ୍ନାକୁ ଆସି ଏନେଇ ସଫେଇ ଦେଇ ଉକ୍ତ ଭିଡିଓଟି ମିଥ୍ୟା ବୋଲି ସେ ସ୍ପଷ୍ଟ କରିଛନ୍ତି। ଭାଇରାଲ ଭିଡିଓରେ କାର୍ତ୍ତିକ କଂଗ୍ରେସ ନେତା କମଲ ନାଥଙ୍କୁ ସମର୍ଥନ କରୁଥିବା ଦେଖାଯାଇଥିଲା। ସେ ନିଜକୁ 'ମୁଁ ମଧ୍ୟ ଜଣେ କଂଗ୍ରେସ କର୍ମୀ' ବୋଲି କହିଥିଲେ। ଏନେଇ ଅଭିନେତାଙ୍କୁ ଟ୍ରୋଲ କରାଯାଇଥିଲା। ମଙ୍ଗଳବାର ରାତିରେ କାର୍ତ୍ତିକ ଏକ୍ସ'ରେ ଭାଇରାଲ ଭିଡିଓଟି ଏଡିଟ୍ ହୋଇଥିବା କହିଛନ୍ତି। ଏଥିସହ କ୍ୟାପଶନରେ ଲେଖିଛନ୍ତି, 'ଏହା ଅସଲି ବିଜ୍ଞାପନ, ବାକି ସବୁ ମିଥ୍ୟା'। ଫଳରେ କେହି ତାଙ୍କ ସ୍ୱର ସହ ଦୃଶ୍ୟକୁ ଏଡିଟ କରିଥିବା ସ୍ପଷ୍ଟ ହୋଇଛି। ଏଥିସହ କାର୍ତ୍ତିକ କୌଣସି ଦଳ ସହ ଯୋଡ଼ି ହୋଇ ନ ଥିବା ଜଣାପଡ଼ିଛି। ମୁଖ୍ୟ ଭିଡିଓରେ ଡିଜ୍‌ନୀ ପ୍ଲସ ହଟଷ୍ଟାରକୁ ପ୍ରମୋଟ କରାଯାଉଛି। ଭିଡିଓଟି ଅକ୍ଟୋବର ୨୩ରେ ଜାରି କରାଯାଇଥିଲା। ଏହାର ସପ୍ତାହେ ପରେ ଭିଡିଓର ଫେକ୍ ଭର୍ସନ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।

## ୬୦ ବର୍ଷ ବୟସରୁ ଫିଟ୍‌ନେସ୍ ଆରମ୍ଭ



**ବେଜିଂ**

ଦୁନିଆରେ ବହୁତ ଲୋକ ଅଛନ୍ତି, ଯେଉଁମାନେ ତାଙ୍କ ବୟସ ଅନୁସାରେ ନିଜର ଧ୍ୟାନ ରଖିପାରନ୍ତିନି। ଆଉ ଏପରି କିଛି ମଣିଷ ଅଛନ୍ତି, ଯେଉଁମାନଙ୍କୁ ଦେଖିଲେ ତାଙ୍କ ବୟସ ବାବଦରେ ଜାଣିହେବନି। ପଡ଼ୋଶୀ ଦେଶ ଚାଇନାରେ ଏପରି ଜଣେ ମହିଳା ଅଛନ୍ତି। ରିପୋର୍ଟ ମୁତାବକ, ବାଇ ଜିନକ୍ୱିନ୍ ନାମ୍ନୀ ଜଣେ ମହିଳାଙ୍କ ବୟସ ୭୮ ବର୍ଷ ହୋଇଥିବାବେଳେ ତାଙ୍କୁ ଦେଖିଲେ କେହି ଏହା କହିବେନି। ତେବେ ନିଜକୁ ଫିଟ୍ ରଖିବାକୁ କୌଣସି ବୟସ ନ ଥାଏ। ଜଣେ ବ୍ୟକ୍ତି ଚାହିଁଲେ ୬୦ ବର୍ଷ ପରେ ବି ନିଜକୁ ଫିଟ୍ ରଖିପାରିବେ, ଯାହା ଉକ୍ତ ମହିଳାଙ୍କ ଫିଟ୍‌ନେସ୍ କହୁଛି। ଉତ୍ତର-ପୂର୍ବ ଚାଇନାର ଟିଆନଜିନ୍‌ରେ ରହୁଥିବା ଏହି ମହିଳା ତାଙ୍କ ଅଞ୍ଚଳରେ ସବୁଠୁ ସୁନ୍ଦର ଯୋଗ ଜେଜେମା' ଭାବେ ପରିଚିତ। ତାଙ୍କ ଜିମ୍ କରିବା ଭିଡିଓ ଯେ କେହି ଦେଖିଲେ ମଧ୍ୟ ଏହା କହିବ। ତାଙ୍କର ଏହି ଫିଟ୍‌ନେସ୍ ବହୁ ବର୍ଷର ନୁହେଁ। ସେ କେବଳ ୧୮ ବର୍ଷର ପରିଶ୍ରମରେ ହିଁ ନିଜକୁ ଫିଟ୍ ରଖିପାରିଛନ୍ତି। ତାଙ୍କୁ କେହି ବି ଦେଖିଲେ ପ୍ରେରିତ ହୋଇଯିବ। ତେବେ ମହିଳା ଜଣକ କମ୍ ବୟସରୁ ତାଙ୍କର ସବୁ ଶ୍ରମ କାମରେ ଲଗାଇଥିବାରୁ ନିଜ ସ୍ୱାସ୍ଥ୍ୟର ଧ୍ୟାନ ରଖିପାରି ନ ଥିଲେ। ଫଳରେ ତାଙ୍କୁ କ୍ୟାନ୍ସର, ଡାଇବେଟିସ୍ ଭଳି ରୋଗ ଏବଂ ୩ଟି ଅପରେଶନ କରିବାକୁ ପଡ଼ିଥିଲା। ଏତେ ସବୁ ପରେ ତାଙ୍କ ଜୀବନ ବଞ୍ଚିଯିବାରୁ ସେ ୬୦ ବର୍ଷ ବୟସରେ ନିଜକୁ ଫିଟ୍ ରଖିବାକୁ ଆରମ୍ଭ କଲେ। ଏବେ ସେ ପୂରା ଫିଟ୍ ଅଛନ୍ତି।

JOB VACANCY
PARIVARTTAN a leading NGO invites application from interested candidates for in the following posts.

| Sl. No. | Post | Qualification | Remuneration |
|---|---|---|---|
| 1 | Livelihood Coordinator | Master in Social Work / Rural Development / MBA in livelihood with one year experience or Graduate with three years' Livelihood experience. | Negotiable |
| 2 | Counsellor (Female) | Post Graduate/Graduate in Social Science / LLB with Two year's similar experience | -Do- |
| 3 | Accountant | M.Com./B.Com. and one year experience with Tally | -Do- |

N.B.:- Only shortlisted candidate call for interview and age limit- 21 to 45.
Apply within Seven days from the date of advertisement by E-mail.
E-Mail: parivartan1994@gmail.com
Secretary, PARIVARTTAN, Ph.No.- 09777519905

REQUIRED
A Leading Infra Pvt. Ltd. Company requires suitable / experienced candidates for filling up the following positions.
1) ACCOUNTANT-CUM-OFFICE MANAGER : 01 No. (Adequate knowledge in accounts and having capacity to handle office). SALARY : 10 K - 15 K.
2) D.T.P. OPERATOR : 02 Nos. (Proficiency in Odiya, Hindi & English) having good knowledge in English), SALARY : 10 K - 12 K.
3) D.T.P.-CUM-MAP DEVELOPER - 02 Nos. : (Proficiency in Odiya, Hindi & English) having good knowledge in English, SALARY : 10 K - 15 K.
TARASHREE INFRA PVT. LTD.
At : Talamali Sahi, Near Dewan Bagicha, Puri
Mob. : 7978762715, 7327859162

## ସ୍ୱପ୍ନ ଦେଖି ଅପରାଧୀଙ୍କ କବର ଖୋଳିଲେ ନାବାଳିକା



**ବ୍ରାସିଲିଆ**

ଜଣେ ୧୫ ବର୍ଷୀୟା ନାବାଳିକା ରାତିଅଧରେ ଯାହା କରିଛନ୍ତି, ଶୁଣିଲେ ଆଶ୍ଚର୍ଯ୍ୟ ଲାଗିବ। ସେ ଏପରି ଜଣେ ବ୍ୟକ୍ତିଙ୍କ କବରକୁ ଲୁଟିଛନ୍ତି, ଯିଏ ହତ୍ୟା ଏବଂ ବଳାତ୍କାର ଭଳି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ନାବାଳିକାଙ୍କୁ ଯେତେବେଳେ ଏ ବାବଦରେ ପଚରାଗଲା, ସେ ଏକ ସ୍ୱପ୍ନ ଦେଖିଥିବା କହିଥିଲେ। ଯେଉଁଥିରେ ଜଣେ ବ୍ୟକ୍ତିଙ୍କୁ ଜୀବନ୍ତ କବର ଦିଆଯାଇଥିଲା। ସେ ତାଙ୍କ ୨୧ ବର୍ଷୀୟ ବୟଫ୍ରେଣ୍ଡ ସହିତ ମିଶି ଉକ୍ତ ବ୍ୟକ୍ତିଙ୍କ କବର ଖୋଳିଥିବା କହିଥିଲେ। ଏପରି ଘଟଣା ବ୍ରାଜିଲ୍‌ରେ ଦେଖିବାକୁ ମିଳିଛି। ଯେଉଁ ବ୍ୟକ୍ତିଙ୍କ କବର ଖୋଳାଯାଇଛି, ସେ ହେଲେ ୩୨ ବର୍ଷୀୟ ଲାଜାରୋ ବାରବୋସା ଡି ସୌସା। ରିପୋର୍ଟ ମୁତାବକ, ଲାଜାରୋ ୨ ବର୍ଷ ପୂର୍ବେ ୬ ଜଣଙ୍କୁ ହତ୍ୟା କରିଥିଲେ। ଗୋଟିଏ ପରିବାରର ସେ ୪ ଜଣଙ୍କୁ ହତ୍ୟା କରିଥିଲେ। ସେ ଏକ ଘର ଏବଂ କେତେକ ଗାଡ଼ିରେ ନିଆଁ ବି ଲଗାଇ ଦେଇଥିଲେ। ଏଥିସହ ୨ ପୋଲିସ ଅଫିସରଙ୍କୁ ମଧ୍ୟ ଜୀବନରୁ ମାରିଥିଲେ। ୨୦୨୧ ଜୁଲାଇ ୯ରେ ଲାଜାରୋଙ୍କ ଘର ସାମ୍ନାରୁ ପୋଲିସ ତାଙ୍କୁ ଗୁଳି କରିଥିଲା। ଏହାପରେ ତାଙ୍କ ପରିବାର ତାଙ୍କୁ ପୋତି ଦେଇଥିଲେ। ଯାଞ୍ଚକର୍ତ୍ତାଙ୍କ କହିବା ମୁତାବକ, ୧୫ ବର୍ଷୀୟାଙ୍କୁ ସେଠାରେ ଥିବା ଏକ ସିସିଟିଭି ଫୁଟେଜ୍ ସାହାଯ୍ୟରେ କାବୁ କରାଯାଇଛି। ନାବାଳିକା ଜଣକ ଲାଜାରୋଙ୍କ କବରରୁ ତାଙ୍କ ମୁଣ୍ଡ ଚୋରି କରିନେଇଛନ୍ତି। ନାବାଳିକା ଜଣକ ଉକ୍ତ ବ୍ୟକ୍ତିଙ୍କ କବର ଲୁଟିଥିବା ସ୍ପଷ୍ଟ ହୋଇଛି। ତେବେ ଯୁବତୀ ଜଣକ ତାଙ୍କ ଦୋଷ ସ୍ୱୀକାର କରିଛନ୍ତି। ନାବାଳିକା କହିଛନ୍ତି, ତାଙ୍କୁ ଏକ ସ୍ୱପ୍ନ ଆସିଥିଲା। ଯେଉଁଥିରେ ଲାଜାରୋ ତାଙ୍କୁ କବରରୁ ବାହାର କରିବାରେ ସାହାଯ୍ୟ କରିବାକୁ କହିଥିଲେ। ନାବାଳିକାଙ୍କ ବୟଫ୍ରେଣ୍ଡ ତାଙ୍କୁ ଏନେଇ ବହୁବାର ଚେତାବନୀ ଦେଇଥିଲେ ମଧ୍ୟ ସେ ତାଙ୍କ କଥା ଶୁଣି ନ ଥିଲେ।

## ପାଣି ଭିତରେ ଷ୍ଟଣ୍ଟ୍



**ନୂଆଦିଲ୍ଲୀ**

ବର୍ତ୍ତମାନ ସମୟରେ ସୋସିଆଲ ମିଡିଆ ଅନେକଙ୍କ ଟ୍ୟାଲେଣ୍ଟ ଦର୍ଶାଇବାର ମାର୍ଗ ସାଜିଛି। ତେବେ ନିକଟରେ ଜଣେ ମହିଳା ତାଙ୍କ ସୁଇମିଂ ଟ୍ୟାଲେଣ୍ଟ ଦେଖାଇଛନ୍ତି। ଯାହା ଦେଖି ଲୋକେ ଆଶ୍ଚର୍ଯ୍ୟ ହେଉଛନ୍ତି। ଭାଇରାଲ ଭିଡିଓରେ ମହିଳା ଜଣକ ପାଣି ଭିତରେ ଷ୍ଟଣ୍ଟ୍ କରୁଥିବା ଦେଖିବାକୁ ମିଳିଛି, ଯାହା ଅତି କଷ୍ଟକର। ଭିଡିଓରେ ଦେଖିବାକୁ ମିଳିଛି, ମହିଳା ଜଣକ ଏକ ସୁଇମିଂ ପୁଲ୍ ଭିତରକୁ ଯାଉଛନ୍ତି। ତା' ଭିତରେ ସେ ଓଜନଦାର ଡମ୍ବଲକୁ ଉଠାଇଥିବା ଦେଖିବାକୁ ମିଳିଛି। ଏହା ମଧ୍ୟରେ ମହିଳା ଜଣକ ଡମ୍ବଲକୁ ନେଇ ପାଣି ଭିତରେ ଦୌଡୁଥିବା ମଧ୍ୟ ଦେଖିବାକୁ ଲାଗିଛି। ସେ ସମସ୍ତ କାର୍ଯ୍ୟ ପାଣି ଭିତରେ ରହି କରୁଛନ୍ତି। ଏଥିପାଇଁ ସେ ଅମ୍ଳଜାନ ପାଇପ ମଧ୍ୟ ବ୍ୟବହାର କରି ନାହାନ୍ତି। ୧ ମିନିଟ୍ ୧୭ ସେକେଣ୍ଡର ଏହି ଭିଡିଓ ଦେଖିବାକୁ ମିଳିଛି। ପାଣି ଭିତରେ ତାଙ୍କ ଏପରି ଷ୍ଟଣ୍ଟ ଲୋକଙ୍କୁ ବେଶ୍ ଆଶ୍ଚର୍ଯ୍ୟ କରିଛି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଇମେଲ୍ : crpd@sbi.co.in
ଆବେଦନ କରିବା ପାଇଁ ସ୍କାନ୍ କରନ୍ତୁ
ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ
ଚୁକ୍ତି ଭିତ୍ତିରେ ନିମ୍ନୋକ୍ତ ସ୍ପେଶିଆଲିଷ୍ଟ କ୍ୟାଡର ପଦ ଗୁଡିକ ପାଇଁ ଭାରତୀୟ ନାଗରିକଙ୍କ ଠାରୁ ଆବେଦନ ଆମନ୍ତ୍ରଣ କରାଯାଉଛି।

| ବିଜ୍ଞାପନ ସଂ. | ପୋଷ୍ଟ ନାମ | ଖାଲି ପଦବୀ | ଗ୍ରେଡ୍ / ସମକକ୍ଷ ଗ୍ରେଡ୍ |
|---|---|---|---|
| CRPD/SCO/2023-24/23 | ସର୍କଲ ଡିଫେନ୍ସ ବ୍ୟାଙ୍କିଙ୍ଗ ଆଡଭାଇଜର (ସିଡିବିଏ) | 1 | - |
| CRPD/SCO/2023-24/24 | ବିଜନେସ୍ ଆନାଲିଷ୍ଟ | 1 | ଏମ୍ଏମ୍‌ଜିଏସ୍-II |

ଆବେଦନ ଏବଂ ଫିସ୍ ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ସୁନିଶ୍ଚିତ କରିବା ପାଇଁ ବ୍ୟାଙ୍କର କ୍ୟାରିୟର ୱେବସାଇଟ୍‌ରେ ଥିବା ବିସ୍ତୃତ ବିଜ୍ଞାପନ ଗୁଡିକ ଅନୁସରଣ କରନ୍ତୁ। ଆବେଦନ କରିବା ପାଇଁ, ଆମର କ୍ୟାରିୟର ପେଜ୍ ଭିଜିଟ୍ କରନ୍ତୁ (https://bank.sbi/careers/current-openings)।
• ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 21.10.2023 ରୁ 10.11.2023 ପର୍ଯ୍ୟନ୍ତ।
ସ୍ଥାନ: ମୁମ୍ବାଇ
ତାରିଖ: 21.10.2023
ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ନଭେମ୍ବର ୧/୨୦୨୩ | Bhubaneswar, Wednesday, November 1/2023





**ଆଜିର ମନ୍ତବ୍ୟ**

“ଆଜାଦୀ କା ଅମୃତ ମହୋତ୍ସବ ଭାରତରେ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତି ପାଲଟିବାଠୁ ନେଇ ମହିଳା ସଂରକ୍ଷଣ ଆଇନ ଆଣିବା ବିକାଶର ଗୋଟିଏ ଗୋଟିଏ ମାଇଲଖୁଣ୍ଟ। **-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟାହିଟାପରା;**
**ସହି ନ ପାରିଲେ ମୋ' ଘରୁ ପଳା।**

ଟାହିଟାପରାକୁ ଅନେକେ ସହିପାରି ନ ଥା'ନ୍ତି। ଦେହକୁ ନେଇ ମନ ଊଣା କରିବସିଥାନ୍ତି। ତେବେ ପରସ୍ପର ମଧ୍ୟରେ ଏପରି ଚାଲୁଥିବା କିଛି ଥଟ୍ଟା ମଜା କଥାକୁ ନେଇ ମନ ଖରାପ କରିବସିବା ସଂକୀର୍ଣ୍ଣ ମନୋବୃତ୍ତିର ପରିଚୟ ହୋଇଥିବା ବେଳେ ଏଭଳି ବ୍ୟକ୍ତିଙ୍କ ପ୍ରତି ଜାତ ହେଉଥିବା ଅସନ୍ତୋଷ ଭାବକୁ ନେଇ ଏପରି ଉକ୍ତି ଉଲ୍ଲେଖ କରାଯାଇଛି।

**ଟାଣ କରୁଥାଏ ମାଇପ ଆଗେ,**
**ଲାଲ ପାଗ ଦେଖି ଘରକୁ ଭାଗେ।**

କେତେକ ବ୍ୟକ୍ତି ନିଜ ସ୍ତ୍ରୀ ଉପରେ ଅଯଥା ଟାଣପଣ ଦେଖେଇ ହୋଇଥା'ନ୍ତି, ବାହାଦୁରି ଦେଖାଇ ବଡ଼ ବଡ଼ କଥା କହିଥା'ନ୍ତି। ପରନ୍ତୁ ଅନ୍ୟ ଆଗରେ ଟାଣ କରି କଥା କହିବାକୁ ସାହସ ଜୁଟାଇ ପାରିନଥାନ୍ତି। ଅନ୍ୟ ସାମ୍ନାରେ ଭୀରୁତା ପ୍ରଦର୍ଶନ କରୁଥିବା କାପୁରୁଷ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ୪ ଭାଲୁ ସହ ଘଣ୍ଟାଏ ଲଢେଇ


ସ୍ତ୍ରୀଙ୍କ ସହ ଆହତ ସୁଦର୍ଶନ।

**ପାଟଣା,୩୧।୧୦ (ବୀର କିଶୋର ଦାଶ)**

ଜୀବନ ବଞ୍ଚାଇବାକୁ ଯାଇ ସୁଦର୍ଶନ ନାୟକ(୫୩) ନାମକ ଜଣେ ବ୍ୟକ୍ତି ୪ ଭାଲୁ ସହ ଘଣ୍ଟାଏ ଧରି ଲଢେଇ କରି ଶେଷରେ ରକ୍ଷା ପାଇଯାଇଛନ୍ତି। ଏଭଳି ଘଟଣା ଘଟିଛି କେନ୍ଦୁଝର ଜିଲା ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ କାଳିଘାଇ ଗ୍ରାମରେ। ସୁଦର୍ଶନ ମଙ୍ଗଳବାର ଅପରାହ୍ନରେ ଘର ପାଖ ପୋଖରୀକୁ ଶୌଚ ପାଇଁ ଯାଉଥିବା ସମୟରେ ଜଙ୍ଗଲରୁ ପାଣି ପିଇବାକୁ ଆସିଥିବା ୪ ଭାଲୁଙ୍କ ହାବୁଡ଼ରେ ପଡ଼ିଥିଲେ। ନିଜକୁ ବଞ୍ଚାଇବା ପାଇଁ ହାତରେ ଧରିଥିବା ଟାଙ୍ଗିଆରେ ଭାଲୁଙ୍କୁ ଘଉଡାଇବା ପାଇଁ ସେ ପ୍ରାୟ ୧ ଘଣ୍ଟା ଧରି ଲଢ଼େଇ କରିଥିଲେ। ହେଲେ ଭାଲୁ ୪ଟି ତାଙ୍କୁ ଆକ୍ରମଣ କରି କ୍ଷତବିକ୍ଷତ କରି ପକାଇଥିଲେ। ସୁଦର୍ଶନଙ୍କ ପାଟିଶୁଣି ଗାଁଲୋକ ଠେଙ୍ଗାବାଡ଼ି ଧରି ଆସିବାରୁ ଭାଲୁ ଜଙ୍ଗଲକୁ ଚାଲି ଯାଇଥିଲେ। ଭାଲୁ ଆକ୍ରମଣରେ ସୁଦର୍ଶନଙ୍କ ବାମ ହାତ ବୁଢ଼ା ଆଙ୍ଗୁଠି ଛିଣ୍ଡିଯିବା ସହ, ଡାହାଣ ଆଖି ଓ ବାମଗୋଡ଼ରେ ଗଭୀର କ୍ଷତ ହୋଇଛି। ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ପାଟଣା ବନପାଳ ପିଅନ ନାଏକ କହିଛନ୍ତି।

# ନବଜାତ ଶିଶୁପୁତ୍ର ବିକ୍ରି ଚର୍ଚ୍ଚା

**କାମାକ୍ଷାନଗର, ୩୧।୧୦ (ଅମଜାଦ ଖାନ)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳରେ ଏକ ନବଜାତ ଶିଶୁପୁତ୍ରକୁ ତାର ମା' ବିକ୍ରି କରି ଦେଇଥିବା ଚର୍ଚ୍ଚା ହେଉଛି। ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ କିଛିଦିନ ତଳେ ଏକ ମାମଲାରେ ଜେଲ ଯାଇଛନ୍ତି। ସ୍ୱାମୀ ଜେଲ ଯିବା ପରେ ୨ ଛୁଆଙ୍କୁ ନେଇ ମହିଳା ଜଣକ କାମାକ୍ଷାନଗର ସହରକୁ ପଳାଇ ଆସିଥିଲେ। ସେ ଗର୍ଭବତୀ ଥିବାବେଳେ ଗତ ୧୩ ତାରିଖରେ ଗର୍ଭଯନ୍ତ୍ରଣା ହୋଇଥିଲା। କାମାକ୍ଷାନଗର ୨ ନଂ ୱାର୍ଡର ଏକ ଅର୍ଦ୍ଧନିର୍ମିତ ଘରେ ସେ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ତେବେ ପୂର୍ବରୁ ୨ଟି ସନ୍ତାନ ଥିବା ଓ ସ୍ୱାମୀ ଜେଲ୍‌ରେ ଥିବାରୁ ନବଜାତ ଶିଶୁଟିର କିପରି ଭରଣପୋଷଣ କରିବେ ସେ ନେଇ ମହିଳା ଜଣକ ଚିନ୍ତିତ ହୋଇପଡ଼ିଥିଲେ। ପରେ ସେ ନବଜାତ ଶିଶୁପୁତ୍ରଟିକୁ ବିକ୍ରି କରି ଦେଇଥିବା ଚର୍ଚ୍ଚା ହେଉଛି।

# ଏଟିଏମ୍‌ରେ ଭର୍ତ୍ତି କରିବାକୁ ନେଇଥିବା ୪୫ ଲକ୍ଷ ଗାଏବ୍

**କ୍ୟାଶ୍ ଡିପୋଜିଟର ଗିରଫ**

**ବ୍ରହ୍ମପୁର,୩୧।୧୦ (ସୁବାସ ଚନ୍ଦ୍ର ପାଢ଼ୀ)**

ଏଟିଏମ୍‌ରେ ଟଙ୍କା ଭର୍ତ୍ତି କରିବାକୁ ନେଇଥିବା ୪୫ ଲକ୍ଷ ଗାଏବ୍ କରିଛନ୍ତି ଜଣେ କ୍ୟାସ୍ ଡିପୋଜିଟର। ଏ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ପରେ ପୋଲିସ ସଂପୃକ୍ତ କ୍ୟାସ୍ ଡିପୋଜିଟର ଗୋପାଳପୁର ଥାନା ଅନ୍ତର୍ଗତ ମାଣ୍ଡିଆପଲ୍ଲୀ ଗ୍ରାମର ଦୀପକ କୁମାର ପାଢ଼ୀଙ୍କୁ ଗିରଫ କରିଛି। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ୍ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ବ୍ରହ୍ମପୁର ସହରରେ ଥିବା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ବିଭିନ୍ନ ଏଟିଏମ୍‌ରେ ସିଏମ୍‌ଏସ୍ ଇନ୍ଫୋସିଷ୍ଟମ୍ ନାମକ ଏକ ସଂସ୍ଥା ଟଙ୍କା ଜମା କରିଥାଏ। ଏହି ସଂସ୍ଥାରେ ଦୀପକ କ୍ୟାସ୍ ଡିପୋଜିଟର ଭାବେ କାମ କରୁଥିଲେ। ଗତବର୍ଷ ସେ ବିଭିନ୍ନ ଏଟିଏମ୍ କାଉଣ୍ଟରରେ ୪୫ ଲକ୍ଷ ଟଙ୍କା ଜମା କରିବାକୁ ନେଇଥିଲେ। ହେଲେ ସଂସ୍ଥାର ଅଡ଼ିଟ୍ ବେଳେ ଉକ୍ତ ଟଙ୍କାର ହିସାବ ମିଳି ନ ଥିଲା। ତେଣୁ ସଂସ୍ଥା ଦୀପକଙ୍କୁ ଉକ୍ତ ଟଙ୍କାର ହିସାବ ମାଗିଥିଲା। ଦୀପକ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରିନଥିଲେ। ତେଣୁ ସିଏମ୍‌ଏସ୍ ଇନ୍ଫୋସିଷ୍ଟମ୍ ମ୍ୟାନେଜର ବିଶ୍ୱବାଣୀ ପ୍ରସାଦ ସାମନ୍ତ ବୈଦ୍ୟନାଥପୁର ଥାନାରେ ଏତଲା ଦେଇଥିଲେ। ଅଭିଯୋଗକୁ ଆଧାର କରି ପୋଲିସ ନଂ.୫୫୮/୨୦୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ଦୀପକଙ୍କୁ ଗିରଫ କରିଛି। ତାଙ୍କୁ ଜେରା ସମୟରେ ସେ ୪୫ଲକ୍ଷ ଟଙ୍କା ଆତ୍ମସାତ କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିବା ବ୍ରହ୍ମପୁର ଏସପି ଡା.ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୧୮ରେ ମଧ୍ୟ ଏଭଳି ଦୁଇଟି ଠକେଇ ହୋଇଥିଲା। ୪୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଗାଏବ୍ ହୋଇଥିବା ଅଭିଯୋଗ ହୋଇଥିଲା। ଟାଉନ୍ ଥାନା ପୋଲିସ ଉକ୍ତ ମାମଲାରେ ୨ଜଣଙ୍କୁ ଗିରଫ କରିଥିଲା ।


ଗିରଫ ଅଭିଯୁକ୍ତ ଦୀପକ କୁମାର ପାଢ଼ୀ।

# ୨ ହଜାର ୮୦୦ କୋଟିର ୧୨ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ

- **ସୃଷ୍ଟି ହେବ ୪,୭୧୫ ନିଯୁକ୍ତି ସୁଯୋଗ**
- **ସମ୍ବଲପୁରରେ ହିଣ୍ଡାଲ୍‌କୋ ୮୩୪ କୋଟି ପୁଞ୍ଜିନିବେଶ କରିବ**
- **ପାରାଦୀପରେ ଉତ୍କଳ ଫସ୍‌ଫେଟ କରିବ ସାର କାରଖାନା**

**ଭୁବନେଶ୍ୱର,୩୧।୧୦ (ଅନିଲ ଦାସ)**

ରାଜ୍ୟରେ ଶିଳ୍ପ କ୍ଷେତ୍ରରେ ଆଉ ଏକ ଅଧ୍ୟାୟ ଯୋଡ଼ିହୋଇଛି। ରାଜ୍ୟ ସରକାର ୨,୭୯୪.୪୭ କୋଟିର ୧୨ଟି ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି। ଏଥିରେ ୪,୭୧୫ ଜଣଙ୍କୁ ନିଯୁକ୍ତି ମିଳିବ। ମଙ୍ଗଳବାର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସିଙ୍ଗଲ୍‌ୱିଣ୍ଡୋ କ୍ଲିୟରାନ୍ସ କମିଟି (ଏସ୍‌ଏଲ୍‌ଏଡବ୍ଲୁସିଏସ୍) ବୈଠକରେ ଉକ୍ତ ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରାଯାଇଛି। ଷ୍ଟିଲ୍, ଆଲୁମିନିୟମ, ପର୍ଯ୍ୟଟନ, ଜେମଷ୍ଟୋନ,ଖାଦ୍ୟ ପ୍ରକ୍ରିୟାକରଣ ଆଦି କ୍ଷେତ୍ରରେ ୭ଟି ଜିଲାରେ ଏହି ଶିଳ୍ପ ପ୍ରକଳ୍ପଗୁଡ଼ିକ ସ୍ଥାପନ ହେବ । ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ଆର୍‌ଆଇଆର୍ ଇଲେକ୍ଟ୍ରୋନିକ୍ସ ଲିମିଟେଡ୍ ଖୋର୍ଦ୍ଧା ଜିଲାର ଇନ୍‌ଫୋଭ୍ୟାଲିଠାରେ ୫୧୦.୮୦ କୋଟି ଟଙ୍କା ବ୍ୟୟରେ ସିଲିକନ କାର୍ବାଇଡ ଡିଭାଇସ ଉତ୍ପାଦନ କରିବ। ଏଥିରେ ୨୦୬ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ଖୋର୍ଦ୍ଧାଠାରେ ନୁଭୋ ଆୟେନ ଡାଇମଣ୍ଡ ଆଣ୍ଡ ଜୁଏଲେରି ୨୫୬.୫୦ କୋଟି ଟଙ୍କା ବ୍ୟୟରେ ଡାଇମଣ୍ଡ ଓ ଜୁଏଲେରି ଫ୍ୟାକ୍ଟ୍ରି ସ୍ଥାପନ କରିବ। ଏହି ପ୍ରକଳ୍ପରେ ୩୦୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ସମ୍ବଲପୁରର ରେଙ୍ଗାଲି ଠାରେ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ୮୩୪ କୋଟି ଟଙ୍କା ବ୍ୟୟରେ ଆଲୁମିନିୟମ ଡାଉନଷ୍ଟ୍ରିମ ପ୍ରକଳ୍ପ ସ୍ଥାପନ କରାଯିବ। ଏଥିରେ ୧୦୩୮ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଫୋର ଷ୍ଟାର ମେଟାଲିକ୍ସ ପକ୍ଷରୁ ସୁନ୍ଦରଗଡ ଜିଲାରେ ୬୩.୦୫ କୋଟି ଟଙ୍କା ପୁଞ୍ଜିନିବେଶରେ ଷ୍ଟିଲ୍ ଡାଉନଷ୍ଟ୍ରିମ ପ୍ରକଳ୍ପ କରାଯିବ। ଏଥିରେ ୨୦୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଉତ୍କଳ ଫସ୍‌ଫେଟ ଲିମିଟେଡ ପକ୍ଷରୁ ଜଗତ୍‌ସିଂହପୁର ଜିଲାର ପାରାଦୀପଠାରେ ୬୨ କୋଟି ଟଙ୍କା ବ୍ୟୟରେ ଏକ ସାର କାରଖାନା ସ୍ଥାପନ କରାଯିବ। ଏଥିରେ ୧୧୦ ଜଣଙ୍କୁ ନିଯୁକ୍ତି ମିଳିବ।

ସେହିପରି ଖେଦାରିଆ ଇସ୍ପାତ ଲିମିଟେଡ ପକ୍ଷରୁ ସୁନ୍ଦରଗଡ଼ ଜିଲାରେ ୫୬ କୋଟି ଟଙ୍କା ବ୍ୟୟରେ ଷ୍ଟିଲ୍ ଡାଉନଷ୍ଟ୍ରିମ ଇଣ୍ଡଷ୍ଟ୍ରି ସ୍ଥାପନ କରାଯିବ। ଏଥିରେ ୬୦ ଜଣଙ୍କୁ, ଖୋର୍ଦ୍ଧା ଠାରେ ମା' ତାରିଣୀ ରୋଲର ମିଲ୍ସ ୫୮.୩୦ କୋଟି ଟଙ୍କା ବ୍ୟୟରେ ଏକ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ ସ୍ଥାପନ କରିବ, ଏଥିରେ ୭୫ ଜଣଙ୍କୁ ନିଯୁକ୍ତି ମିଳିପାରିବ। ସେହିପରି ପୁରୀ ଜିଲାର ଗୋପଠାରେ ମିଲ୍କ ମନ୍ତ୍ରା ଡାଇରି ପ୍ରାଇଭେଟ ଲିମିଟେଡ ପକ୍ଷରୁ ୫୧.୧୦ କୋଟି ଟଙ୍କା ବ୍ୟୟରେ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ ସ୍ଥାପନ କରାଯିବ । ଏଥିରେ ୧୦୬୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ଖୋର୍ଦ୍ଧାଠାରେ ନାରାୟଣୀ ଗ୍ରୀନ୍ ପ୍ୟାକ ପକ୍ଷରୁ ୫୦.୮୪ କୋଟି ଟଙ୍କା ପୁଞ୍ଜିବିନିଯୋଗରେ ପ୍ୟାକେଜିଂ ଶିଳ୍ପ ସ୍ଥାପନ କରାଯିବ। ଏଥିରେ ୧୨୦ ଜଣଙ୍କୁ ନିଯୁକ୍ତି ମିଳିବ। ଝାରସୁଗୁଡାଠାରେ ମେ'ଫେୟାର ହୋଟେଲ ଆଣ୍ଡ୍ ରିସର୍ଚ୍ଚ ଲିମିଟେଡ ପକ୍ଷରୁ ୭୩ କୋଟି ଟଙ୍କା ବ୍ୟୟରେ ହୋଟେଲ ଓ ରିସର୍ଟ ନିର୍ମାଣ କରାଯିବ। ଏଥିରେ ୧୫୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବାକୁ ଥିବାବେଳେ ନିୟୁ ଲକ୍ଷ୍ମୀ ଷ୍ଟିଲ୍ ଆଣ୍ଡ ପାୱାର ପକ୍ଷରୁ ୫୪୭ କୋଟି ଟଙ୍କା ପୁଞ୍ଜିବିନିଯୋଗରେ ଯାଜପୁରର କଳିଙ୍ଗ ନଗରଠାରେ ଏକ ଇସ୍ପାତ ଶିଳ୍ପ ସ୍ଥାପନ କରାଯିବ। ଏଥିରେ ୧,୧୮୬ ଜଣଙ୍କୁ ନିଯୁକ୍ତି ମିଳିପାରିବ। ସେହିପରି ଅଭିରଭ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ସୁନ୍ଦରଗଡ ଜିଲାରେ ଏକ ଇସ୍ପାତ ଶିଳ୍ପ ସ୍ଥାପନ କରାଯିବ। ଏଥିରେ କମ୍ପାନୀ ପକ୍ଷରୁ ୨୩୧.୮୧ କୋଟି ଟଙ୍କାର ପୁଞ୍ଜିବିନିଯୋଗ କରାଯିବାକୁ ଥିବା ବେଳେ ୨୫୦ ଜଣଙ୍କୁ ନିଯୁକ୍ତି ମିଳିପାରିବ ବୋଲି ବୈଠକରେ ସୂଚନା ଦିଆଯାଇଛି।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ବିଜେଡିର ମିଶ୍ରଣ ପର୍ବ

**ଭବାନୀପାଟଣା,୩୧।୧୦(ଉତ୍ତମ କୁମାର ଦାଶ)**

ଆଜି (ବୁଧବାର) କଳାହାଣ୍ଡି ଗସ୍ତରେ ଆସିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଜିଲା ଗଠନ ଦିବସରେ ମୁଖ୍ୟମନ୍ତ୍ରୀ ଜିଲାବାସୀଙ୍କୁ ଭେଟିଦେବେ ୧୨ଶହ କୋଟି ଟଙ୍କାର ପ୍ରକଳ୍ପ। ଏଥିରେ ଜିଲାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବା ସହ ଅନେକ ପ୍ରକଳ୍ପର ଲୋକାର୍ପଣ କରିବେ। ବହୁ ପ୍ରତୀକ୍ଷିତ ଭବାନୀପାଟଣା ଭଙ୍ଗାବାରୀସ୍ଥିତ ଶହୀଦ ରେଣ୍ଡୋମାଝି ମେଡିକାଲ କଲେଜ ସମେତ ଭବାନୀପାଟଣା ଆଦର୍ଶ ବସ୍ ଟର୍ମିନାଲ ଓ ଜିଲାରେ ଗଡିବାକୁ ଥିବା ୬୩ଟି ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିବେ। ଏହାକୁ ନେଇ ଜିଲାବାସୀଙ୍କ ସମେତ ବିଜେଡି କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷିରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ମଙ୍ଗଳବାର ଭବାନୀପାଟଣା ବିଜୁ କଲ୍ୟାଣ ମଣ୍ଡପଠାରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଜୁନାଗଡ ବିଧାୟକ ଦିବ୍ୟଶଙ୍କର ମିଶ୍ରଙ୍କ ଆହ୍ୱାନକ୍ରମେ ଜିଲାର ଜୁନାଗଡ ଓ ଗୋଲାମୁଣ୍ଡା ବ୍ଲକର ୩ଶହରୁ ଊର୍ଦ୍ଧ୍ୱ ଭାଜପା ଓ କଂଗ୍ରେସର କାର୍ଯ୍ୟକର୍ତ୍ତା ବିଜେଡିରେ ସାମିଲ ହୋଇଥିଲେ। ତନ୍ମଧ୍ୟରେ ଗୋଲାମୁଣ୍ଡା ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରଥ ସାହୁ ଓ ପୂର୍ବତନ ବ୍ଲକ ଭାଜପା ସଭାପତି ଜୟରାମ ସାହୁ ପ୍ରମୁଖ। ମିଶ୍ରଣ ପର୍ବରେ ବିଜେଡିର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, କଳାହାଣ୍ଡି ପର୍ଯ୍ୟବେକ୍ଷକ ପ୍ରଣବ ବଳବନ୍ତରାୟ, ଜୁନାଗଡ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଉପସ୍ଥିତ ରହି ସେମାନଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଯୁବ ସଭାପତି ଆଦିତ୍ୟ ନନ୍ଦ, ଜୁନାଗଡ ନିର୍ବାଚନ ମଣ୍ଡଳୀ ସଭାପତି ଦିନେଶ ବଗର୍ତ୍ତୀ, ଜିଲା ସାଧାରଣ ସମ୍ପାଦକ ମହେଶ ସାହୁ, ଜିଲା ସମ୍ପାଦକ ଦିନେଶ ରାଉତ ପ୍ରମୁଖ ପରିଚାଳନା କରିଥିଲେ।


ଭବାନୀପାଟଣାରେ ଅନୁଷ୍ଠିତ ବିଜେଡିର ମିଶ୍ରଣ ପର୍ବ।

**ଭାଜପା, କଂଗ୍ରେସର ୩ଶହରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ସାମିଲ**

# ବିଶ୍ୱସ୍ତରୀୟ ହେବ କିଟ୍ ପଲିଟେକ୍ନିକ୍

**ସିଙ୍ଗାପୁର ଗଲା ୪୦ଜଣିଆ ପ୍ରତିନିଧି ଦଳ**

**ଭୁବନେଶ୍ୱର, ୩୧।୧୦ (ଅସମାପିକା ସାହୁ)**

ବିଶ୍ୱସ୍ତରୀୟ ହେବ କିଟ୍ ପଲିଟେକ୍ନିକ୍। ଖୁବ୍‌ଶୀଘ୍ର ଏହା ସିଙ୍ଗାପୁରର ନନ୍ୟାଙ୍ଗ ପଲିଟେକ୍ନିକ ଢାଞ୍ଚାର ରୂପ ନେବ। ଏହି ପରିପ୍ରେକ୍ଷୀରେ କିଟ୍ ପଲିଟେକ୍ନିକର ଅଧ୍ୟାପକ ଓ କର୍ମଚାରୀଙ୍କୁ ନେଇ ୪୦ଜଣିଆ ପ୍ରତିନିଧି ଦଳ ମଙ୍ଗଳବାର ସିଙ୍ଗାପୁରକୁ ସପ୍ତାହ ବ୍ୟାପୀ 'ଏକ୍ସପୋଜର ଭିଜିଟ୍'ରେ ଯାଇଛନ୍ତି। ଏହି ପ୍ରତିନିଧି ଦଳ ସିଙ୍ଗାପୁର ନନ୍ୟାଙ୍ଗ ପଲିଟେକ୍ନିକ ପରିଦର୍ଶନ କରିବା ସହ ସେଠାରେ ଅତ୍ୟାଧୁନିକ ଜ୍ଞାନ କୌଶଳ ଆହରଣ କରିବେ। କିଟ୍ ପଲିଟେକ୍ନିକକୁ ନନ୍ୟାଙ୍ଗ ପଲିଟେକ୍ନିକ ଭଳି ବିଶ୍ୱସ୍ତରୀୟ କରାଯିବା ନେଇ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରୟାସ କରିଆସୁଛନ୍ତି। ସେଠାରେ ଭିତ୍ତିଭୂମି, ଶିକ୍ଷାଦାନ ପଦ୍ଧତି, ଅତ୍ୟାଧୁନିକ ଜ୍ଞାନ କୌଶଳର ଉପଯୋଗ ଆଦି ସଂକ୍ରାନ୍ତରେ ଏହି ପ୍ରତିନିଧି ଦଳ ନନ୍ୟାଙ୍ଗ ପଲିଟେକ୍ନିକ୍‌ର ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ମଙ୍ଗଳବାର ଡ. ସାମନ୍ତଙ୍କ ସହିତ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିଟ୍ ପଲିଟେକ୍ନିକର ଅଧ୍ୟାପକ ଓ କର୍ମଚାରୀମାନେ ପ୍ରତିନିଧି ଦଳକୁ ଶୁଭେଚ୍ଛା ଜଣାଇଥିଲେ। ସୂଚନାଯୋଗ୍ୟ, ଗୁଣାତ୍ମକ ଶିକ୍ଷାଦାନ ପାଇଁ କ୍ୱାଲିଟି କାଉନ୍‌ସିଲ୍ ଅଫ୍ ଇଣ୍ଡିଆ(କ୍ୟୁସିଆଇ)ର ନ୍ୟାଶନାଲ୍ ଆକ୍ରିଡିଟେଶନ୍ ବୋର୍ଡ ଫର୍ ଏଜୁକେସନ୍ ଆଣ୍ଡ୍ ଟ୍ରେନିଂ(ନାବେଟ୍) କ୍ୟୁସିଆଇ ର୍ୟାଙ୍କିଙ୍ଗ ୨୦୨୩ରେ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ କିଟ୍ ପଲିଟେକନିକ୍ ଲଗାତର ଦ୍ୱିତୀୟ ବର୍ଷ ପାଇଁ ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଛି।



## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଉଚ୍ଚ ରାଶିରେ ଚନ୍ଦ୍ର ଥିବାରୁ ପରିବାର ଲୋକଙ୍କ ସହ ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ସଭାସମିତିରେ ନିଜର ସୀମା ଭିତରେ ନ ରହିଲେ ସାଧାରଣ କଥାରେ ସମସ୍ୟା ଆସିପାରେ। ସହକର୍ମୀଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ। ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ।

**ବୃଷ** – କେନ୍ଦ୍ରସ୍ଥ ଶୁକ୍ରଜନିତ ବିଭିନ୍ନ ଦିଗରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। କର୍ମକ୍ଷେତ୍ର କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ମଧ୍ୟାହ୍ନରେ ଟେନସନ୍ ଦୂର ହେବ। କଚେରି ମାମଲାର ଶୁଣାଣିରେ ବିଳମ୍ବ ଜନିତ କ୍ଷୋଭ ପ୍ରକାଶ କରିପାରନ୍ତି। କଳା, ସାହିତ୍ୟ, କ୍ରୀଡ଼ା ଓ ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।

**ମିଥୁନ** – ପାପଯୁକ୍ତ ବୁଧ ହେତୁ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। କେତେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ସରକାରୀ କ୍ଷେତ୍ରରୁ ଋଣସୂତ୍ରରେ ଅର୍ଥଲାଭର ଆଶା ରହିଛି।

**କର୍କଟ** – ଭାବପ୍ରବଣତାରେ ଭାସିଯାଇ ଗୁରୁତ୍ୱପୂର୍ଣ୍ଣ କଥାଟିକୁ ପାସୋରି ଦେଇପାରନ୍ତି। କେନ୍ଦ୍ରସ୍ଥ ରାଜଯୋଗ ହେତୁ ନିର୍ମାଣ, ଯୋଗାଯୋଗ, ପ୍ରେସ୍, ପବ୍ଲିକେଶନ, ଆଲୋଚନା ଓ ସଭାସମିତିରେ କାମ ସୁରୁଖୁରୁରେ ସମ୍ପନ୍ନ ହେବ। ସାହିତ୍ୟ, କଳା, ବିଜ୍ଞାନ ଓ ସଭାସମିତିରେ ସଫଳତା ହାସଲ କରିବେ।

**ସିଂହ** – ଆଜି ଶୁଭ ଚନ୍ଦ୍ର ପ୍ରଭାବରୁ ହଠାତ୍ କୌଣସି ଯୋଜନା ଆରମ୍ଭ କରିପାରନ୍ତି। ସନ୍ତାନଙ୍କ ସମସ୍ୟା ବିଷୟ ଚିନ୍ତାକରି ମାନସିକ ଶାନ୍ତି ବ୍ୟାହତ ହୋଇପାରେ। କେତେକ କ୍ଷେତ୍ରରେ ନୀରବ ରହିବାକୁ ବାଧ୍ୟ ହେବେ। ପରୋକ୍ଷ ଶତ୍ରୁତା କାରଣରୁ ସୁଯୋଗ ହାତଛଡା ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ଅସୁବିଧାରେ ପଡ଼ିବେ।

**କନ୍ୟା** – ବିଭିନ୍ନ ସମସ୍ୟାରେ ବ୍ୟତିବ୍ୟସ୍ତ ହୋଇ ଆପଣ ଅଧିକାଂଶ ସମୟ ଅନ୍ୟମନସ୍କ ରହିପାରନ୍ତି। ଧନସ୍ଥ ଗ୍ରହ ଯୋଗୁ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟରୁ ଅର୍ଥ ଲାଭ କରିପାରନ୍ତି। ପରିବାରର ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିବେ। ଅସୁବିଧାରେ ପଡ଼ିଥିବା ଭାଇଙ୍କ ପାଇଁ ଚିନ୍ତା କରିପାରନ୍ତି।

**ତୁଳା** – ଦୀର୍ଘଦିନର କେତେକ ଅପୂରଣୀୟ ଆଶା ମନରେ ଆଲୋଡ଼ନ ସୃଷ୍ଟି କରିବ। ସପ୍ତମସ୍ଥ ପାପଗ୍ରହ ଯୋଗୁ ଆଜି ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ଅଫିସରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବେ କିନ୍ତୁ ଏଥିପାଇଁ ବହୁତ ପରିଶ୍ରମ କରିବାକୁ ପଡ଼ିବ। କଳା, ସାହିତ୍ୟ, ସାମ୍ବାଦିକତା, ରାଜନୀତି ଓ ଅର୍ଥନୀତି କ୍ଷେତ୍ରରେ ସଫଳତା ହାସଲ କରିବେ।

**ବିଛା** – ଆଜି ଶୁକ୍ର ପ୍ରଭାବରୁ ଯାତ୍ରା, ଚେଷ୍ଟା କରୁଥିବା କାମ, ଲକ୍ଷ୍ୟ ପ୍ରାପ୍ତିର ଆଶା ନିରର୍ଥକ ହେବ ନାହିଁ। ଯାହାକୁ ନିଜର ମନେ କରୁଛନ୍ତି, ସେହିମାନେ ହିଁ ପ୍ରଶଂସା ଓ ପ୍ରତିଷ୍ଠା ପ୍ରତି ଈର୍ଷାନ୍ୱିତ ହେବେ। ଆପୋସ ଆଲୋଚନା ଦ୍ୱାରା ଘରୋଇ ସମସ୍ୟାର ସରଳ ସମାଧାନ ହୋଇଯିବ। କଳା, ସାହିତ୍ୟ, ସାମ୍ବାଦିକତାରେ ଉଚ୍ଚ ପ୍ରଶଂସା ପାଇବେ।

**ଧନୁ** – ଯେତେ ସମସ୍ୟା ଆସିଲେ ମଧ୍ୟ ତାହାର ଠିକ୍ ସାମ୍ନା କରିବାରେ ସଫଳତା ପାଇବେ। ବ୍ୟବସାୟ, ପରିବହନ, ପ୍ରକାଶ, ନିର୍ମାଣ, ସଭାସମିତି ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ସପ୍ତମାଧିପତିଙ୍କ ଦୋଷରୁ ସାଧାରଣ କଥାକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେଇପାରେ।

**ମକର** – ଚନ୍ଦ୍ରଙ୍କ ଶୁଭତ୍ୱ କାରଣରୁ ବିଶେଷ ସୂତ୍ରରୁ କୌଣସି ଖବର ପାଇ ଖୁସି ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ସାମାଜିକ ସ୍ତରରେ ନୀରବଦ୍ରଷ୍ଟା ଭଳି କାମ କରିବା ସକାଶେ ବାଧ୍ୟ ହେବେ। ନିଜର ପ୍ରତିବେଶୀଙ୍କ ସହ ସମ୍ପର୍କ ଯୋଡ଼ିବା ସକାଶେ ଆପ୍ରାଣ ଚେଷ୍ଟା କରିବେ, କିନ୍ତୁ ପାରିବେ ନାହିଁ।

**କୁମ୍ଭ** – କର୍ମକ୍ଷେତ୍ରରେ ଅଟକି ରହିଥିବା କାମଗୁଡ଼ିକୁ ତ୍ୱରାନ୍ୱିତ କରିବା ସକାଶେ ଚେଷ୍ଟିତ ହେବେ। ଶନିଙ୍କ ଯୋଗୁ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଉଥିବାରୁ ମନରେ ସରସତା ରହିବ ନାହିଁ। ଦୀର୍ଘ ଦିନରୁ ଶତ୍ରୁତା କରୁଥିବା ବ୍ୟକ୍ତିମାନଙ୍କ ମନଗଢ଼ା କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ରାଜନୀତି, ନିର୍ମାଣ, ବାଣିଜ୍ୟ କ୍ଷେତ୍ରରେ ବନ୍ଧୁ ଅସୁବିଧାରେ ପକାଇପାରନ୍ତି।

**ମୀନ** – ପାପଯୁକ୍ତ ବୃହସ୍ପତି ହେତୁ କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ବନ୍ଧୁଙ୍କ ଖାପଛଡ଼ା କଥା ଓ ବେଖାତିର ମନୋଭାବ ଯୋଗୁ ଚିନ୍ତାପ୍ରକଟ କରିବେ। କେତେକ ସ୍ଥାନରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ନିଜର କାର୍ଯ୍ୟଦକ୍ଷତା ହେତୁ ବନ୍ଧୁମାନଙ୍କ ଗହଣରେ ପ୍ରଶଂସିତ ହେବେ।

ଆଜି କାର୍ତ୍ତିକ କୃଷ୍ଣ ଚତୁର୍ଥୀ ବୁଧବାର, ନଭେମ୍ବର ୧ ତାରିଖ, ବିଶ୍ୱ ଶୁଦ୍ଧ ଶାକାହାରୀ ଦିବସ, ରାଶି ନକ୍ଷତ୍ର-ମୃଗଶିରା/ବୃଷ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୫୧ ଗତେ ଘ.୦୮।୦୬ ମଧ୍ୟେ, ଘ.୧୦।୨୨ ଗତେ ଘ.୧୧।୩୦ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୧୧।୩୦ ଗତେ ଘ.୧୨।୫୪ ମଧ୍ୟେ ରାହୁକାଳ ॥

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ନଭେମ୍ବର ୧/୨୦୨୩ | Bhubaneswar, Wednesday, November 1/2023 | ପୃଷ୍ଠା-୧




**ଫଖର ଜମାନ ପ୍ଲେୟର୍ ଅଫ୍ ଦି ମ୍ୟାଚ୍**

ବାଂଲାଦେଶ ବିପକ୍ଷ ଦିନିକିଆ କ୍ରିକେଟ ବିଶ୍ୱକପ୍ ମ୍ୟାଚ୍‌ରେ ପାକିସ୍ତାନର ଫଖର ଜମାନ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୦

୧୧

**ଉର୍ଫୀଙ୍କୁ ହତ୍ୟା ଧମକ**

ବଲିଉଡ୍ ଅଭିନେତ୍ରୀ ଉର୍ଫୀ ଜାଭେଦ୍‌ଙ୍କୁ ଏକ ଫିଲ୍ମର ଛୋଟା ପଣ୍ଡିତ ବେଶ ଧାରଣ ପାଇଁ ହତ୍ୟା ଧମକ ମିଳିଛି।



# ‘ବିରୋଧୀଙ୍କ ଫୋନ୍‌ରେ ସରକାରୀ ଗୁପ୍ତଚର’

**ବିରୋଧୀ ଦଳ ନେତାମାନଙ୍କ ଆଇଫୋନ୍‌କୁ ‘ସରକାର ପ୍ରାୟୋଜିତ ଆକ୍ରମଣକାରୀଙ୍କ’ ଜରିଆରେ ହ୍ୟାକ୍ କରିବାକୁ ଉଦ୍ୟମ ହୋଇଛି। ଏନେଇ ସେମାନେ ଆଇଫୋନ୍ ନିର୍ମାଣକାରୀ କମ୍ପାନୀ ଆପଲ୍‌ରୁ ୱାର୍ନିଂ ଆଲର୍ଟ ରିସିଭ୍ କରିଥିବା ଦାବି କରିଛନ୍ତି। ଏହି ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ସରକାରଙ୍କୁ ଘେରିଛନ୍ତି। ଅନ୍ୟପକ୍ଷେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଅଭିଯୋଗକୁ ଖଣ୍ଡନ କରିବା ସହ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବା ନେଇ ଆଶ୍ୱାସନା ଦେଇଛନ୍ତି।**

- **ଆପଲ୍‌ରୁ ଆସିଛି ୱାର୍ନିଂ ଆଲର୍ଟ**
- **କେନ୍ଦ୍ରକୁ ଘେରିଲେ ବିରୋଧୀ**
- **ତଦନ୍ତ ଆଶ୍ୱାସନା ଦେଲେ ଅଶ୍ୱିନୀ**

**ନୂଆଦିଲ୍ଲୀ,୩୧।୧୦**

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ଦଳୀୟ ନେତା ଶଶୀ ଥରୁର, ପବନ ଖେରା, ସୁପ୍ରିୟା ଶ୍ରୀନେତ ଏବଂ କେ.ସି. ବେଣୁଗୋପାଳ, ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ର, ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ, ଶିବସେନା (ୟୁବିଟି) ଏମ୍‌ପି ପ୍ରିୟଙ୍କା ଚତୁର୍ବେଦୀ, ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ରାଘବ ଚଢ଼ା, ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ ଏବଂ ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି ପ୍ରମୁଖ ଆପଲ୍‌ଠାରୁ ୱାର୍ନିଂ ମେସେଜ୍ ପାଇଥିବା ପ୍ରକାଶ କରିଛନ୍ତି। ଏହି ନେତାମାନେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ’ରେ ଉକ୍ତ ମେସେଜ୍‌ଗୁଡ଼ିକୁ ଶେୟାର କରିବା ସହ ସରକାର ସେମାନଙ୍କ ବିରୋଧରେ ଗୁପ୍ତଚରଗିରି କରାଉଥିବା ଅଭିଯୋଗ ଆଣିଛନ୍ତି। ସର୍ବପ୍ରଥମେ ଏହି ପ୍ରସଙ୍ଗ ଉଠାଇଥିବା ଦୁଇ ନେତ୍ରୀ ହେଲେ ପ୍ରିୟଙ୍କା ଚତୁର୍ବେଦୀ ଓ ମହୁଆ ମୋଇତ୍ର। ମହୁଆ ଏକ୍ସ’ରେ କହିଛନ୍ତି, ଆମ ଫୋନ୍‌ଗୁଡ଼ିକୁ ହ୍ୟାକ୍ କରାଯାଉଛି। ସ୍ୱାଧିକାର କମିଟି ଏହା ଉପରେ ଅନୁଧ୍ୟାନ କରୁ। ଏହା ହେଉଛି ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ତାଙ୍କର ଆନୁଷ୍ଠାନିକ ପତ୍ର। ବାଚସ୍ପତି ରାଜଧର୍ମ ପାଳନ କରି ବିରୋଧୀ ଏମ୍‌ପିମାନଙ୍କୁ ସୁରକ୍ଷା ଦିଅନ୍ତୁ। ଏଥିସହ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧିକାରୀମାନଙ୍କୁ ସମନ କରାଯାଉ। ଅଶ୍ୱିନୀ ବୈଷ୍ଣବ, ଏହା ହେଉଛି ପ୍ରକୃତ ବ୍ରିଚ୍, ଯାହାକୁ ନେଇ ଆପଣ ଚିନ୍ତିତ ହେବା ଆବଶ୍ୟକ।

ୱାୟନାଡ୍ ଏମ୍‌ପି ରାହୁଲ ଏକ ଖବରଦାତା ସମ୍ମିଳନୀରେ ଏହି ପ୍ରସଙ୍ଗ ଉଠାଇ ମୋଦି ସରକାରଙ୍କୁ ଟାର୍ଗେଟ କରିଛନ୍ତି। ରାହୁଲ କହିଛନ୍ତି, ଅମେ ଭୟଭୀତ ହୋଇନାହୁଁ। ସରକାର ଯେତେ ପାରୁଛନ୍ତି ସେତେ ଫୋନ୍ ଟ୍ୟାପିଂ କରାନ୍ତୁ। ଆଇ ଡୋଣ୍ଟ କେୟାର। ସରକାର ଚାହିଁଲେ ମୋ ଫୋନ୍ ନେଇପାରିବେ। ମୁଁ ଦେଇଦେବି। ଦେଶରେ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ଅନୁକ୍ରମକୁ ଦେଖିଲେ ସବା ଆଗରେ ଶିଳ୍ପପତି ଗୌତମ ଆଦାନୀ ରହିଥିବାବେଳେ ୨ ନମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ୩ ନମ୍ବରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ରହିଛନ୍ତି। ମୋଦିଙ୍କ ଆତ୍ମା ଆଦାନୀଙ୍କ ପାଖରେ ରହିଛି। ସତ ହେଉଛି ସେହି କ୍ଷମତା ଅନ୍ୟ ଜଣଙ୍କ ହାତରେ ରହିଛି। ଆଦାନୀଙ୍କୁ କେହି ସ୍ପର୍ଶ କରିବା ମାତ୍ରେ ଗୋଇନ୍ଦା ଏଜେନ୍ସିଗୁଡ଼ିକୁ ଲଗାଇ ଦିଆଯାଉଛି ☞ପୃଷ୍ଠା–୯

## ୮୧ କୋଟି ଭାରତୀୟଙ୍କ ଆଧାର ତଥ୍ୟ ଲିକ୍

**ଆମେରିକୀୟ କମ୍ପାନୀ ‘ରିସିକ୍ୟୁରିଟି’ର ଚାଞ୍ଚଲ୍ୟକର ରିପୋର୍ଟ**

**ନୂଆଦିଲ୍ଲୀ, ୩୧।୧୦**

ଭାରତର ୮୧ କୋଟି ୫୦ ଲକ୍ଷ ନାଗରିକଙ୍କର ଆଧାର ଓ ପାସ୍‌ପୋର୍ଟ ତଥ୍ୟ ଡାର୍କ ୱେବ୍‌ରେ ଲିକ୍ ହୋଇଛି। ଆମେରିକାର ସାଇବରସିକ୍ୟୁରିଟି ଫାର୍ମ ‘ରିସିକ୍ୟୁରିଟି’ ପକ୍ଷରୁ ଏଭଳି ଗମ୍ଭୀର ରିପୋର୍ଟ ପ୍ରକାଶ ପାଇବା ପରେ ଭାରତରେ ହଇଚଇ ସୃଷ୍ଟି ହୋଇଛି। ନାଗରିକଙ୍କ ଆଧାର, ପାସ୍‌ପୋର୍ଟ ନମ୍ବର, ନାମ, ଫୋନ୍ ନମ୍ବର ଓ ଠିକଣା ଆଦି ସବିସ୍ତୃତ ତଥ୍ୟ ଅନ୍‌ଲାଇନରେ ବିକ୍ରି ପାଇଁ ଡାର୍କ ୱେବ୍‌ରେ ଉପଲବ୍ଧ ଥିବା ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍)ର ତଥ୍ୟାବଳୀ ସହିତ ସାଲିସ କରାଯାଇଥିବା ଜଣାପଡ଼ିଛି। ଏହାର ତଥ୍ୟ ଅତ୍ୟନ୍ତ ସମ୍ବେଦନଶୀଳ ଥିବାରୁ ତାହାକୁ ହ୍ୟାକରମାନେ ସହଜରେ ହାତେଇ ନେଇଛନ୍ତି। ୮୧ କୋଟି ୫୦ ଲକ୍ଷ ଲୋକଙ୍କ ବ୍ୟକ୍ତିଗତ ତଥ୍ୟ କମ୍ପାନୀଗୁଡ଼ିକ ହାସଲ କରି ଫାଇଦା ନେବାରେ ବ୍ୟସ୍ତ ଅଛନ୍ତି ବୋଲି ନେଟ୍ରିକା କନ୍‌ସଲ୍ଟିଂର ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୌଶିକ କହିଛନ୍ତି। ରିସିକ୍ୟୁରିଟି ୱେବ୍‌ସାଇଟ୍‌ର ସୂଚନା ଅନୁଯାୟୀ, ଅକ୍ଟୋବର ୯ରେ ଜଣେ ବ୍ୟକ୍ତି ‘ପିଡବ୍ଲ୍ୟୁଏନ୍୦୦୦୧’ ଛଦ୍ମନାମରେ ବ୍ରିଚ୍‌ଫୋରମ୍ (ଏକ ଡାର୍କନେଟ୍ ଆପରାଧିକ ମଞ୍ଚ)ରେ ୮୧ କୋଟି ୫୦ ଲକ୍ଷ ଭାରତୀୟଙ୍କ ଆଧାର ଓ ପାସ୍‌ପୋର୍ଟ ସଂକ୍ରାନ୍ତ ସବିଶେଷ ତଥ୍ୟ ପୋଷ୍ଟ କରିଥିଲେ। ରିସିକ୍ୟୁରିଟି ଏ ବିଷୟରେ ଜାଣିବା ପରେ ଉକ୍ତ ହ୍ୟାକରଙ୍କ ସହ ଯୋଗାଯୋଗ ☞ପୃଷ୍ଠା–୯

## ଶପଥ ନେଲେ ରାଜ୍ୟପାଳ ରଘୁବର ଦାସ




ରାଜଭବନର ନୂଆ ଅଭିଷେକ ହଲ୍‌ରେ ନବନିଯୁକ୍ତ ରାଜ୍ୟପାଳ ରଘୁବର ଦାସଙ୍କୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ବିଦ୍ୟୁତ୍‌ରଞ୍ଜନ ଷଡ଼ଙ୍ଗୀ ଶପଥ ପାଠ କରାଉଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର, ୩୧।୧୦ (ଅସମାପିକା ସାହୁ)**

ଓଡ଼ିଶାର ୨୬ତମ ରାଜ୍ୟପାଳ ଭାବେ ରଘୁବର ଦାସ ଶପଥ ଗ୍ରହଣ କରିଛନ୍ତି। ରାଜଭବନର ନୂଆ ଅଭିଷେକ ହଲ୍‌ରେ ମଙ୍ଗଳବାର ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ବିଦ୍ୟୁତ୍‌ରଞ୍ଜନ ଷଡ଼ଙ୍ଗୀ ନୂଆ ରାଜ୍ୟପାଳଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବାଚସ୍ପତି ପ୍ରମିଳା ମଲ୍ଲିକ, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ମନ୍ତ୍ରିମଣ୍ଡଳର କେତେଜଣ ସଦସ୍ୟ, ବିଧାୟକ ଓ ବିଚାରପତି ଉପସ୍ଥିତ ଥିଲେ। ଏହାପରେ ରାଜ୍ୟପାଳ ରଘୁବର ଦାସଙ୍କୁ ରାଜଭବନ ପରିସରରେ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା।

ଶପଥ ଗ୍ରହଣ ପୂର୍ବରୁ ସକାଳେ ରାଜ୍ୟପାଳ ଦାସ ଲିଙ୍ଗରାଜ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ସହ ପ୍ରଭୁଙ୍କ ଆଶୀର୍ବାଦ ନେଇ ରାଜଭବନ ଅଭିମୁଖେ ଫେରିଥିଲେ। ଏହି ସମୟରେ ସେ ଦେଶ ଏବଂ ଓଡ଼ିଶାବାସୀଙ୍କ ବିକାଶ ଓ ସମୃଦ୍ଧି ଲାଗି ଲିଙ୍ଗରାଜଙ୍କ ନିକଟରେ ପ୍ରାର୍ଥନା କରିଥିବା କହିଥିଲେ। ମନ୍ଦିର ନିକଟରେ ରାଜ୍ୟପାଳଙ୍କୁ ଭାଜପାର ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂ, ବରିଷ୍ଠ ନେତା ଦିଲୀପ ମଲ୍ଲିକଙ୍କ ସମେତ କେତେଜଣ ନେତା ସ୍ୱାଗତ ଜଣାଇଥିଲେ। ରାଜ୍ୟପାଳଙ୍କ ଏହି ପରିଦର୍ଶନ ଲାଗି ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

ସୂଚନାଯୋଗ୍ୟ, ନବନିଯୁକ୍ତ ରାଜ୍ୟପାଳ ରଘୁବର ଦାସ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଥିଲେ। ସେ ପାଞ୍ଚଥର ଝାଡ଼ଖଣ୍ଡ ବିଧାନସଭାରୁ ନିର୍ବାଚିତ ହୋଇଥିଲେ। ଅକ୍ଟୋବର ୧୮ରେ ରାଷ୍ଟ୍ରପତି ଭବନ ପକ୍ଷରୁ ତାଙ୍କୁ ଓଡ଼ିଶାର ନୂଆ ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଥିବା ନେଇ ସୂଚନା ଦିଆଯାଇଥିଲା। ତେବେ ରବିବାର ସେ ଝାଡ଼ଖଣ୍ଡରୁ ଟ୍ରେନ୍ ଯୋଗେ ସିଧା ପୁରୀରେ ପହଞ୍ଚିଥିଲେ। ସୋମବାର ସକାଳେ ମହୋଦଧିରେ ସୂର୍ଯ୍ୟୋଦୟ ଦେଖିବା ସହ ଶ୍ରୀମନ୍ଦିର ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଥିଲେ। ପୁରୀ ରାଜଭବନରେ କିଛି ସମୟ ରହଣି ପରେ ସେଠାରୁ ରାଜ୍ୟପାଳ ଭୁବନେଶ୍ୱର ରାଜଭବନ ଆସିଥିଲେ।






## ବସ୍ ଧର୍ମଘଟ ପ୍ରତ୍ୟାହୃତ

**ଭୁବନେଶ୍ୱର,୩୧।୧୦(ଅନିଲ ଦାସ)**

ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ସ୍ଥଗିତ ରଖାଯାଇଥିବା ବସ୍ ଧର୍ମଘଟକୁ ମଙ୍ଗଳବାର ପ୍ରତ୍ୟାହାର କରାଯାଇଛି। ବ୍ଲକରୁ ଜିଲା ମୁଖ୍ୟାଳୟକୁ ‘ଲକ୍ଷ୍ମୀ’ ଯୋଜନାରେ ବସ୍ ଚଳାଚଳ ନ କରିବାକୁ ପ୍ରତିଶ୍ରୁତି ମିଳିବା ପରେ ବସ୍ ଧର୍ମଘଟ ପ୍ରତ୍ୟାହାର ହୋଇଛି ବୋଲି ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି। ଲକ୍ଷ୍ମୀ ଯୋଜନାରେ ବ୍ଲକରୁ ଜିଲା ମୁଖ୍ୟାଳୟକୁ ବସ୍ ଚଳାଚଳକୁ ବିରୋଧ ସହ ଅନ୍ୟାନ୍ୟ ଦାବି ନେଇ ସଂଘ ପକ୍ଷରୁ ଅକ୍ଟୋବର ୨୦ ତାରିଖରେ ବସ୍ ଧର୍ମଘଟ କରାଯାଇଥିଲା। ଧର୍ମଘଟ ଯୋଗୁ ଯାତ୍ରୀ ପରିବହନ ସେବା ବାଧାପ୍ରାପ୍ତ ହୋଇଥିଲା। ପାର୍ବଣ ଥିବାରୁ ଯାତ୍ରୀମାନେ ନିଜ ଗନ୍ତବ୍ୟ ସ୍ଥଳକୁ ଯାଇପାରି ନ ଥିଲେ। ☞ପୃଷ୍ଠା–୯






### ଅରୁଣ ରାୟ ପ୍ରିଣ୍ଟିଂ ପ୍ରେସ୍ ନିର୍ଦ୍ଦେଶକ, ବ୍ରିଜେଶ ରାଏ ଅତିରିକ୍ତ ପୋଲିସ କମିଶନର

**ଭୁବନେଶ୍ୱର,୩୧।୧୦ (ଅନିଲ ଦାସ)**

ରାଜ୍ୟ ସରକାର ଆଇପିଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ଏ ନେଇ ମଙ୍ଗଳବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଗୃହ ବିଭାଗର ଓଏସ୍‌ଡି ତଥା ୧୯୮୮ ବ୍ୟାଚ୍ ଆଇପିଏସ୍ ଅଫିସର ଅରୁଣ କୁମାର ରାୟଙ୍କୁ ପ୍ରିଣ୍ଟିଂ, ଷ୍ଟେସନେରି ଓ ପବ୍ଲିକେଶନ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ସେହିପରି ମାନବ ଅଧିକାର ସୁରକ୍ଷା ସେଲ୍(ଏଚ୍‌ଆର୍‌ପିସି) ସ୍ୱତନ୍ତ୍ର ଡିଜି ୧୯୮୯ ବ୍ୟାଚ୍ ଆଇପିଏସ୍ ଅଫିସର ଏ.ଏମ୍. ପ୍ରସାଦଙ୍କୁ ଜେଲ୍ ଡିଜି ଓ ସୁଧାର ସେବା ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ପ୍ରିଣ୍ଟିଂ ପ୍ରେସ୍ ନିର୍ଦ୍ଦେଶକ ଦାୟିତ୍ୱରେ ଥିବା ୧୯୯୨ ବ୍ୟାଚ୍ ଆଇପିଏସ୍ ଅଫିସର ଲଳିତ ଦାସଙ୍କୁ ଏଚ୍‌ଆରପିସି ଅତିରିକ୍ତ ଡିଜିପି ☞ପୃଷ୍ଠା–୯

**ଆଜିର ସମ୍ପାଦକୀୟ**

**ସେପଟେ ମେଳା, ଏପଟେ ବନ୍ଦ**




> ଅନ୍ତରାତ୍ମାରେ ଯଦି ବିକୃତି ଥାଏ– ତେବେ ଶରୀରରେ ନିଶ୍ଚୟ ବ୍ୟାଧି ଦେଖାଯିବ। କାରଣ– ମନର ପାପ ହେଲା ଦୈହିକ ପାପର ପ୍ରଚ୍ଛନ୍ନ କାରଣ। ସେହିପରି–ମଣିଷର ସାମାଜିକ ଜୀବନରେ ଦାରିଦ୍ର୍ୟ ଓ ଦୁର୍ଭୋଗ ବାରମ୍ବାର ଫେରି ଆସୁଥିବ –ଯେତେଦିନ ପର୍ଯ୍ୟନ୍ତ ଗୋଟାଏ ଜାତିର ମନ ଅହଂକାରର ଅଧୀନସ୍ଥ ହୋଇ ରହିଥିବ। –ଶ୍ରୀଅରବିନ୍ଦ



# ସେପଟେ ମେଲା, ଏପଟେ ବନ୍ଦ

୨୦୦୫ରେ ସୂଚନା ଅଧିକାର (ଆର୍‌ଟିଆଇ)ଆଇନ କେନ୍ଦ୍ର ସରକାରଙ୍କ ଦ୍ୱାରା ଲାଗୁ ହେଲା। ଭାରତ ଭଳି ଏକ ବିରାଟ ଗଣତାନ୍ତ୍ରିକ ଦେଶ ପାଇଁ ଏହା ଏକ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସବୁ ଶ୍ରେଣୀରେ ସ୍ୱୀକାର କରାଗଲା। ଏହି ଆଇନ ବଳରେ ସାଧାରଣ ନାଗରିକ ତାଙ୍କର ବିଭିନ୍ନ ସମସ୍ୟାର ସମାଧାନ ନିଜେ ସହଜରେ ଖୋଜି ବାହାର କରିବାରେ ସୁଯୋଗ ପାଇଲେ। ଯଦି କୌଣସି ସରକାରୀ କର୍ମଚାରୀ କିମ୍ବା ସରକାରଙ୍କ ସହିତ ସମ୍ପୃକ୍ତ ସଂସ୍ଥା ତାଙ୍କର ସ୍ୱାଭାବିକ କାର୍ଯ୍ୟକୁ ଅତିମାତ୍ରାରେ ବିଳମ୍ବିତ କଲେ କିମ୍ବା ନିଷ୍ପତ୍ତି ବା ଫଳାଫଳ ଜଣାଇଲେ ନାହିଁ, ତେବେ ଯେକୌଣସି ନାଗରିକ ଏହି ଆଇନ ମାଧ୍ୟମରେ ବିଳମ୍ବ କିମ୍ବା ହେଳାର କାରଣ ବୁଝିବାରେ ସକ୍ଷମ ହେଲେ। ଦେଖିବାକୁ ଗଲେ ୨୦୦୫ ମସିହାଠାରୁ ଆଜି ପର୍ଯ୍ୟନ୍ତ ଭାରତରେ ଯେତେ ଆଇନ ସୃଷ୍ଟି କରାଯାଇଛି ତନ୍ମଧ୍ୟରୁ ସୂଚନା ଅଧିକାର ବା ରାଇଟ ଟୁ ଇନ୍‌ଫରମେଶନ(ଆରଟିଆଇ) ଆଇନ ସାଧାରଣ ଭାରତୀୟଙ୍କ ଜୀବନରେ ସୁବଠାରୁ ବଡ଼ ପରିବର୍ତ୍ତନ ଆଣିପାରିଛି।

ଅବଶ୍ୟ ସ୍ୱୀକାର କରିବାକୁ ପଡ଼ିବ ଯେ, ଏହି ଆଇନର ଅପବ୍ୟବହାର କରିବା ପାଇଁ ତଥାକଥିତ 'ସୂଚନା ଅଧିକାର କର୍ମୀ' କୁଆଡ଼ୁ କେଜାଣି ଦେଶସାରା ଜନ୍ମ ନେଲେ। ଏହି ଆଇନର ଅପବ୍ୟବହାର କରି ବିଭିନ୍ନ ତଥ୍ୟ ପଚାରିବା ଫଳରେ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହେଲା। ଅନ୍ୟପଟେ ମନଇଚ୍ଛା ପ୍ରଶ୍ନ ପଚାରି ଏହି ଆଇନକୁ ଅପବ୍ୟବହାର କରୁଥିବା ବ୍ୟକ୍ତିମାନେ ପାଇଥିବା ତଥ୍ୟ ସାଧାରଣରେ ପ୍ରଚାର କରାଇଲେ ନାହିଁ। ଏହା ଫଳରେ ଅନେକଙ୍କ ମନରେ ପ୍ରଶ୍ନ ଉପୁଜିଲା ଯେ, ଏଭଳି ତଥ୍ୟ ଏକାଠି କରି କେତେକ ବ୍ୟକ୍ତି ଅଧିକାରୀମାନଙ୍କୁ ଭୟଭୀତ ଏବଂ ବ୍ଲାକ୍‌ମେଲ କରାଇପାରୁଛନ୍ତି। ଏହି ଧାରଣା କ୍ରମଶଃ ବୃଦ୍ଧି ପାଇବା ଫଳରେ ସରକାରୀ ବ୍ୟବସ୍ଥା ଭିତରେ ସୂଚନା ଅଧିକାର ଆଇନ ପ୍ରତି ବିରୋଧ ବଢ଼ିବାରେ ଲାଗିଲା। ମୁଖ୍ୟତଃ କେନ୍ଦ୍ର ଓ ରାଜ୍ୟ ସୂଚନା କମିଶନଗୁଡ଼ିକରେ ଅଧିକାରୀ ନିଯୁକ୍ତିରେ ଅବହେଳା ଯୋଗୁ ଲୋକମାନେ ଆବଶ୍ୟକ ତଥ୍ୟ ପାଇପାରୁନାହାନ୍ତି। ଏବେ ସୁପ୍ରିମକୋର୍ଟଙ୍କ ଆର୍‌ଟିଆଇ ସମ୍ପର୍କିତ କଥା ଆଲୋଚନାର ବିଷୟ ପାଲଟିଛି। ୩୦ ଅକ୍ଟୋବରରେ ଆର୍‌ଟିଆଇ କର୍ମୀ ଅଞ୍ଜଳି ଭରଦ୍ୱାଜଙ୍କ ପିଟିଶନର ଶୁଣାଣି କରି ସୁପ୍ରିମକୋର୍ଟ କେନ୍ଦ୍ରୀୟ ସୂଚନା କମିଶନ(ସିଆଇସି) ଓ ରାଜ୍ୟ ସୂଚନା କମିଶନ(ଏସ୍‌ଆଇସି)ଗୁଡ଼ିକରେ ଖାଲିଥିବା ପଦବୀ ପୂରଣ କରିବା ଲାଗି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ କଥା ମଧ୍ୟ ସତର୍କ କରିଦେଇଛନ୍ତି ଯେ, ଏଭଳି ଅବ୍ୟବସ୍ଥା ଲାଗି ରହିଲେ ଆର୍‌ଟିଆଇ ଏକ 'ମୃତପତ୍ର ଆଇନ' ପାଲଟିଯିବ। କେବଳ ଏତିକି ନୁହେଁ, ଖାଲିଥିବା ମୋଟ ପଦବୀ ସଂଖ୍ୟା ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିରୁ ସ୍ପଷ୍ଟ ଯେ, ଆରଟିଆଇକୁ ସୁଚାରୁ ରୂପେ କାର୍ଯ୍ୟକ୍ଷମ କରାଇବାରେ ସରକାର ଇଚ୍ଛୁକ ନୁହନ୍ତି। ଭାରତରେ ୨୦୦୫ରୁ ଏପର୍ଯ୍ୟନ୍ତ ୧୦୦ରୁ ଊର୍ଦ୍ଧ୍ୱ ଆର୍‌ଟିଆଇ କର୍ମୀଙ୍କୁ ହତ୍ୟା କରାଯିବା ସହ ୧୮୨ ଜଣଙ୍କୁ ଆକ୍ରମଣ କରାଯାଇଛି ଏବଂ ୧୮୮ଙ୍କୁ ନିର୍ଯାତନା କିମ୍ବା ଧମକ ଦିଆଯାଇଛି। ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ଏବେ ସୁଦ୍ଧା ଦେଶରେ ସମସ୍ତ କମିଶନରେ ମୋଟ ୩.୨ ଲକ୍ଷ ଆବେଦନ ଓ ଅଭିଯୋଗ ପଡ଼ିରହିଛି। କମିଶନର ନିଯୁକ୍ତ ହୋଇ ନ ଥିବାରୁ ଝାଡ଼ଖଣ୍ଡ, ତେଲଙ୍ଗାନା, ମିଜୋରାମ ଏବଂ ତ୍ରିପୁରାର ଚାରିଟି କମିଶନ କାର୍ଯ୍ୟକ୍ଷମ ହୋଇପାରିନାହିଁ। ମଣିପୁର, ଛତିଶଗଡ, ମହାରାଷ୍ଟ୍ର, ବିହାରର ରାଜ୍ୟ କମିଶନର କେହି ନାହାନ୍ତି। କେନ୍ଦ୍ରରେ ଭାଜପା ସରକାର ୨୦୧୯ରେ ଏହି ଆଇନରେ ଅନେକ ସଂଶୋଧନ କରି ଏହାକୁ ଏକ ପ୍ରକାର ଦୁର୍ବଳ କରିଦେଇଛନ୍ତି।

ସରକାରଙ୍କ ଆଭିମୁଖ୍ୟ ଅତ୍ୟନ୍ତ ନାଗରିକ ବିରୋଧୀ ପାଲଟିଛି। ଉଦାହରଣ ସ୍ୱରୂପ, ଅକ୍ଟୋବର ୩୦ରେ ମଧ୍ୟ ସୁପ୍ରିମକୋର୍ଟରେ କେନ୍ଦ୍ର ତରଫରୁ ଆର୍ଟର୍ନି ଜେନେରାଲ ଏକ ମାମଲାରେ ଯୁକ୍ତି ବାଢ଼ି କହିଛନ୍ତି ଯେ, ସାଧାରଣ ନାଗରିକଙ୍କୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେବାର ଆବଶ୍ୟକତା ନାହିଁ। ମାମଲାଟି ଥିଲା ରାଜନୈତିକ ଦଳମାନଙ୍କୁ ଲୁକ୍କାୟିତ ଭାବେ ମିଳୁଥିବା ପ୍ରବଳ ମାତ୍ରାର ଅଙ୍କ, ଯାହାକି 'ଇଲେକ୍ଟୋରାଲ ବଣ୍ଡ' ମୁଖାପିନ୍ଧି ଏପାଖ ସେପାଖ ହେଉଛି। ସମ୍ବିଧାନର ୧୯–୧(ଏ) ଧାରାକୁ ଦର୍ଶାଇ ଆର୍ଟର୍ନି ଜେନେରାଲ ଏଭଳି କହିଛନ୍ତି। ୨୦୧୮ରେ ଲାଗୁ କରାଯାଇଥିବା ନିର୍ବାଚନ ବଣ୍ଡ ଗୁପ୍ତରେ ରାଜନୈତିକ ଦଳଗୁଡ଼ିକୁ ପର୍ଯ୍ୟାପ୍ତ ପାଣ୍ଠି ଯୋଗାଡ଼ କରିବାକୁ ଅନୁମତି ଦେଇଛି। ବଣ୍ଡକୁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଓ ନିର୍ବାଚନ କମିଶନ ବିରୋଧ କରିଥିଲେ ମଧ୍ୟ ମୋଦି ସରକାର ତାହାକୁ ଗ୍ରହଣ କରି ନ ଥିଲେ। ବଣ୍ଡକୁ ଆର୍‌ବିଆଇର ବିରୋଧ ଏବଂ ଏହାର ଗଣତାନ୍ତ୍ରିକ ସ୍ୱଚ୍ଛତା ଉପରେ ଗମ୍ଭୀର ସମସ୍ୟାଭିତ୍ତିକ ପ୍ରଶ୍ନ ଉଠିବା ପରେ ୨୦୧୭ରେ ଏହା ବିରୋଧରେ ଦାଏର ପିଟିଶନ ଉପରେ ସାମ୍ବିଧାନିକ ଖଣ୍ଡପୀଠ ବିଚାର ଆରମ୍ଭ କରିଛନ୍ତି। ଏଠାରେ ଅନ୍ୟ ଗଣତାନ୍ତ୍ରିକ ଦେଶର ଉଦାହରଣ ଦେଖିବାକୁ ଗଲେ ଆମେରିକାର ରାଜନୈତିକ ଦଳମାନଙ୍କୁ ମିଳୁଥିବା ପ୍ରତ୍ୟେକ ଡଲାରର ହିସାବ ସାଧାରଣରେ ଜଣାଇବା ବାଧ୍ୟବାଧକତାମୂଳକ।

ଅନ୍ୟପକ୍ଷରେ କୌତୂହଳର ବିଷୟ ହେଉଛି ଯେ, ଭାରତ ସରକାରଙ୍କ ତରଫରୁ ନିଜ ଦେଶର ନାଗରିକଙ୍କ ପାଇଁ ସ୍ୱଚ୍ଛତା ଅବଲମ୍ବନ କରିବାକୁ କୌଣସି ଇଚ୍ଛା ନ ଥିବାବେଳେ ଇଣ୍ଟରନେଟରେ ଡାର୍କ ୱେବ୍‌ରେ ପିଡବ୍ଲୁଏନ୍‌୦୦୦୧ ଛଦ୍ମ ନାମରେ ପରିଚିତ ବ୍ୟକ୍ତି ବା ସଂସ୍ଥା ଘୋଷଣା କରିଛି ଯେ, ତାହା ପାଖରେ ୮୧୫ ନିୟୁତ ଭାରତୀୟଙ୍କ ଆଧାର ଏବଂ ପାସ୍‌ପୋର୍ଟ ତଥ୍ୟ ମହଜୁଦ ଅଛି। ଏହି ବରାଟକାୟ ସଂଖ୍ୟା ନାଗରିକଙ୍କର ସବୁ ଅନ୍ତରଙ୍ଗ ତଥ୍ୟ ବିକିବା ପାଇଁ ମାତ୍ର ୮୦,୦୦୦ ଆମେରିକୀୟ ଡଲାର ମୂଲ୍ୟ ଏହି ପିଡବ୍ଲୁଏନ୍‌୦୦୦୧ ଘୋଷଣା କରିଛି। ଏଥିରୁ ବୁଝିବାକୁ ହେବ ଯେ, ଆଧାର ତଥ୍ୟକୁ ସୁରକ୍ଷିତ ରଖିବାରେ ବିଫଳ କେନ୍ଦ୍ର ସରକାର ନିଜର ନାଗରିକଙ୍କ ସୁରକ୍ଷା କରିପାରୁନାହିଁ। କିନ୍ତୁ ରାଜନୈତିକ ଅର୍ଥ ନେଣଦେଣକୁ ଗୋପନୀୟ ରଖି ନେତାମାନେ କଳାଧନର ପ୍ରାୟୋଜକ ଏବଂ ସୃଷ୍ଟିକର୍ତ୍ତାଙ୍କୁ ସୁରକ୍ଷିତ ରଖିବା ସହିତ ନିଜର ବେଆଇନ ସମ୍ପତ୍ତି ସମ୍ପର୍କରେ ଦେଶବାସୀଙ୍କୁ ଅନ୍ଧାରରେ ରଖିପାରୁଛନ୍ତି। ସେପଟେ ଦୁଆର ମେଲା, ଏପଟେ ବନ୍ଦ।

# ସୀମାହୀନ ଯୋଜନା, ଲକ୍ଷ୍ୟଭ୍ରଷ୍ଟ ପରିଣତି



ହରିଶଙ୍କର ମିଶ୍ର

ଆମ ରାଜ୍ୟରେ ଥିବା ପ୍ରତ୍ୟେକ ବ୍ଲକର ୧୯୮୦ ମସିହା ପୂର୍ବର ହିସାବ ଦେଖିଲେ ଜଣାଯିବ ଯେ ସମସ୍ତ ବ୍ଲକରେ ଗ୍ରାମୀଣ ଗୃହ ଯୋଜନାରେ କିଛି ବ୍ୟକ୍ତିଙ୍କୁ ଋଣ ଦିଆଯାଉଥିଲା। ଋଣ ଗ୍ରହୀତାମାନେ ଘର ତିଆରି କରି ମୂଳ ସହ ସୁଧ ବି ପଇଠ କରୁଥିଲେ। ୧୯୮୦ ମସିହାରେ ଇନ୍ଦିରା ଗାନ୍ଧୀ ପୁନଃ ଭାରତର ପ୍ରଧାନମନ୍ତ୍ରୀ ହେବା ପରେ ଗୃହହୀନ ପରିବାର ପାଇଁ ସମନ୍ୱିତ ଗୃହନିର୍ମାଣ ଯୋଜନା ଆରମ୍ଭ କରିଥିଲେ। ପ୍ରତ୍ୟେକ ଜିଲାରେ ବାସହୀନ ପରିବାର ପାଇଁ ଏହି ଯୋଜନାରେ ପ୍ରଥମେ ଏକଶହ ଆଦର୍ଶ ଗୃହ ନିର୍ମାଣ କରାଯାଇ ଆବଣ୍ଟିତ କରାଗଲା। କିନ୍ତୁ ଆନୁଷଙ୍ଗିକ ବ୍ୟବସ୍ଥା ନ ଥାଇ ଜନବସତିଠାରୁ ଦୂରରେ ନିର୍ମିତ ଘରେ ଚିହ୍ନଟ ହୋଇଥିବା ଉପଭୋକ୍ତାମାନେ ରହିବା ପରିବର୍ତ୍ତେ ଗୃହରେ ବ୍ୟବହୃତ ଉପକରଣକୁ ବିକ୍ରି ବା ସ୍ଥାନାନ୍ତର କରିଦେଲେ। ତା'ପରେ କେବଳ ଘରବାଡ଼ି ଜାଗା ଥାଇ ଘର ନ ଥିବା ଗରିବଙ୍କ ପାଇଁ ବ୍ୟକ୍ତିଗତ ଗୃହ ନିର୍ମାଣ କରାଗଲା। ଶାସନ ପରିବର୍ତ୍ତନରେ ଯୋଜନାର ନାମ ବଦଳାଯାଇ ଇନ୍ଦିରା ଆବାସ ଯୋଜନାରୁ ରାଜୀବ ଆବାସ ଯୋଜନା, ଏବେ ବିଜୁ ପକ୍କାଘର ଯୋଜନା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ ହେଉଛି। ପ୍ରଥମେ ପ୍ରତ୍ୟେକ ଘର ପ୍ରତି ତତ୍କାଳୀନ ମୂଲ୍ୟ ସୂଚୀ ଅନୁଯାୟୀ ଅନୁଦାନ ଛଅ ହଜାରରୁ ଏବେ ଦୁଇ ଲକ୍ଷ ପଚାଶ ହଜାରକୁ ବୃଦ୍ଧି ହୋଇଛି। ଯୋଜନାରେ ବି ଅନେକ ପରିବର୍ତ୍ତନ ହୋଇ ପୂର୍ବରୁ ଆଜବେଷ୍ଟସ ଘର ପରିବର୍ତ୍ତେ ଏବେ କୋଠାଘର ପାଇଁ ଅର୍ଥ ମଞ୍ଜୁର ହେଉଛି। ଭୂମିହୀନ ଲୋକଙ୍କୁ ସରକାରୀ ଜାଗା ଦିଆଯାଇ ଘର ତିଆରି ପାଇଁ ଅର୍ଥ ଦିଆଯାଉଛି। କିନ୍ତୁ ଆଶାୟୀଙ୍କ ସଂଖ୍ୟା ବଢୁଛି। ଏହି ଯୋଜନା ନିକଟ ଭବିଷ୍ୟତରେ ଶେଷ ନ ହୋଇ ଦୀର୍ଘକାଳ ପର୍ଯ୍ୟନ୍ତ ଚାଲୁ ରହିବା ରାଜନୈତିକ ଓ ପ୍ରଶାସନିକ ଆଭିମୁଖ୍ୟରୁ ସ୍ପଷ୍ଟ ହେଉଛି।

ଏହା ସତ୍ୟ ଯେ ଯେଉଁମାନେ ପ୍ରଥମ ପର୍ଯ୍ୟାୟରେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲେ ଦ୍ୱିତୀୟ ପର୍ଯ୍ୟାୟରେ ତାଙ୍କ ଉତ୍ତରାଧିକାରୀ(ପୁଅ) ଓ ଏବେ ତାଙ୍କର ତୃତୀୟ ପୁରୁଷ (ନାତି) ଏହି ଯୋଜନାର ହିତାଧିକାରୀ ହେଉଛନ୍ତି। ଯୋଜନାରେ କିଛି ଅର୍ଥ ହାତେଇବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ଦଲାଲ ସୃଷ୍ଟି ହେବା ଯୋଗୁ ସ୍ୱଚ୍ଛତା ପାଇଁ ଯେତେ ନିୟମ କରାଗଲେ ବି ରାଜନୈତିକ ଅଭିସନ୍ଧି ଏବଂ ପ୍ରଶାସନିକ ଦୁର୍ନୀତିରେ ସବୁକିଛି କେବଳ କାଗଜପତ୍ର ଓ ପରିସଂଖ୍ୟାନରେ ସୀମିତ ରହିବାରୁ ଯୋଜନାର ବାସ୍ତବତା ବାଟବଣା ହୋଇଯାଉଛି। ଯୋଜନାରେ ସ୍ୱଚ୍ଛତା ପାଇଁ ଗ୍ରାମସଭାରେ ହିତାଧିକାରୀ ଚୟନ ବ୍ୟବସ୍ଥା ଥିଲେ ମଧ୍ୟ ରାଜନୈତିକ ଚାପରେ ତାହା ପରିଚାଳିତ ହେଉଛି। ୨୦୧୧ ମସିହା ଜନଗଣନାରେ ଏକାନ୍ନ ପରିବାର ଭାବେ ସ୍ୱୀକୃତ ଗୃହର ମୁଖ୍ୟ ଏହି ଯୋଜନାରେ ଘର ପାଇବା ପରେ ବାପାଠାରୁ ପୁଅ ବା ରୋଜଗାରକ୍ଷମ ଭାଇଠାରୁ ଅନ୍ୟ ଭାଇମାନେ



ପୃଥକ୍ ଦର୍ଶାଇ ଗୋଟିଏ ପରିବାରରେ ତିନି ଚାରି ଜଣ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଦ୍ୱିତଳ ବା ତ୍ରିତଳ କୋଠାଘର କରିଥିବା ଉଦାହରଣର ଅଭାବ ନାହିଁ। ଏହି ଯୋଜନା କେବଳ ରାଜନୈତିକ ଦଳକୁ ବା ଦଲାଲଙ୍କୁ ଫାଇଦା ଦେଇନାହିଁ ବରଂ ଉପରୁ ତଳ ସ୍ତର ପର୍ଯ୍ୟନ୍ତ ସମ୍ପୃକ୍ତ ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀମାନେ ଯଥେଷ୍ଟ ଆର୍ଥିକ ଲାଭ ପାଇଛନ୍ତି। ଯୋଜନା ଆରମ୍ଭ ହେବାର କିଛି ବର୍ଷ ପରେ ନିଷ୍ପତ୍ତି ଅନୁଯାୟୀ ବ୍ଲକ ମାଧ୍ୟମରେ ହିତାଧିକାରୀମାନଙ୍କୁ ଅଗ୍ରିମ ସିମେଣ୍ଟ, ଆଜବେଷ୍ଟସ ଦେବା ପାଇଁ ସମ୍ପୃକ୍ତ କମ୍ପାନୀ ସହ ଚୁକ୍ତି କରାଗଲା। ହିତାଧିକାରୀମାନଙ୍କୁ ସେଇ ସିମେଣ୍ଟ ଓ ଆଜବେଷ୍ଟସ ସହ ଅର୍ଥ ଏବଂ ଅନ୍ୟ କିଛି ବ୍ଲକରେ ଲୁହାବରଗା ଅଗ୍ରିମ ଦିଆଗଲା। ମାତ୍ର ଉପର ସ୍ତରରେ ଦର ନିର୍ଦ୍ଧାରଣ ଯୋଗୁ ଏହି ସିମେଣ୍ଟ ଓ ଆଜବେଷ୍ଟସର ମାନ କମ୍ ରହିଲା । ବ୍ଲକମାନଙ୍କରେ ଗୋଦାମ ଘରର ଅଭାବ ସତ୍ତ୍ୱେ ଯଥେଷ୍ଟ ସିମେଣ୍ଟ ଓ ଆଜ୍‌ବେଷ୍ଟସ ପଠାଗଲା। ଆଜିର ତାରିଖରେ ମଧ୍ୟ ୩୦ ବର୍ଷ ପୂର୍ବର ଅଗ୍ରିମ ଭାବେ ଦିଆଯାଇଥିବା ସିମେଣ୍ଟ, ଆଜବେଷ୍ଟସ ଓ ଅର୍ଥ ମଜୁରା ହୋଇ ନ ଥିବା ବେଳେ ହଜାର ହଜାର ବସ୍ତା ସିମେଣ୍ଟ ମଧ୍ୟ ଆତ୍ମସାତ ବା ପଥର ହୋଇଥିବା ତଥ୍ୟ ଅଡିଟ୍ ଦ୍ୱାରା ସରକାରଙ୍କ ଦୃଷ୍ଟିକୁ ଆସିବାରୁ ସେଇ ବ୍ୟବସ୍ଥା ବନ୍ଦ ହୋଇଗଲା। କିନ୍ତୁ ଏଥିପାଇଁ ଦାୟୀ ଅଧିକାରୀ ଓ କର୍ମଚାରୀମାନେ ଚାକିରି କାଳ ଶେଷ କରି ପେନ୍‌ସନ ଭୋଗ କରୁଛନ୍ତି। ଅଗ୍ରିମ ସିମେଣ୍ଟ ଏବଂ ଆଜ୍‌ବେଷ୍ଟସ ପାଇ ଘର କରି ନ ଥିବା ବ୍ୟକ୍ତି ବା ତାଙ୍କ ପୁଅ ହିତାଧିକାରୀ ଭାବେ ପୁନଶ୍ଚ ଘର ପାଇବାକୁ ଯୋଗ୍ୟ ହୋଇ ସାରିଛନ୍ତି। ୧୯୯୯ ମସିହାରେ ଓଡ଼ିଶାରେ ମହାବାତ୍ୟା ସଂଗଠିତ ହୋଇଥିଲା। କେନ୍ଦ୍ର ସରକାରଙ୍କ ଦ୍ୱାରା ଓ ବିଭିନ୍ନ ରାଜ୍ୟର ଅନେକ ଲୋକ ସଭା ସଦସ୍ୟଙ୍କଠାରୁ ପ୍ରାପ୍ତ ଅନୁଦାନରେ ରାଜ୍ୟର ଉପକୂଳବର୍ତ୍ତୀ ଜିଲାମାନଙ୍କରେ ବାର ଲକ୍ଷରୁ ଅଧିକ କୋଠାଘର ନିର୍ମିତ ହୋଇଥିଲା ବେଳେ ପୂର୍ବରୁ ହିତାଧିକାରୀ ହୋଇ ଘର ପାଇଥିବା ବ୍ୟକ୍ତି ମଧ୍ୟ ଆଉଥରେ ସେହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଗଲେ।

୨୦୧୩–୧୪ ମସିହାରୁ ୩ବର୍ଷ ରାଜ୍ୟର ପ୍ରିନ୍ସିପାଲ ଏଜିଙ୍କ ନିର୍ଦ୍ଦେଶ ମତେ ପ୍ରତ୍ୟେକ କେନ୍ଦ୍ର ଯୋଜନାର ଥେମାଟିକ ଅଡିଟ ହୋଇଥିଲା। ଏଥିରେ କିଛି ହିତାଧିକାରୀଙ୍କ ଘର ବାତାନୁକୂଳିତ ହୋଇଥିବା ବେଳେ ଅନେକ ହିତାଧିକାରୀଙ୍କ ଘରର ଚଟାଣ ମାର୍ବଲ ପ୍ଲେଟ୍‌ରେ ନିର୍ମିତ ହୋଇଥିବା ଜଣାପଡିଥିଲା। କିନ୍ତୁ ଯୋଜନାରୁ ବଞ୍ଚିତ କିଛି ବ୍ୟକ୍ତିଙ୍କର ଛପର ହୋଇ ନ ଥିବା କଳା ପଲିଥିନ ଦ୍ୱାରା ଆବୃତ ଏକ ବଖରିଆ ଚାଳଘର ବିଦ୍ୟମାନ ରହିଥିଲା। ଆଶ୍ଚର୍ଯ୍ୟର କଥା ହେଉଛି ଉଭୟ ପ୍ରକାର ଘରର ଫଟୋ ଥାଇ ବାର୍ଷିକ ରିପୋର୍ଟ ପ୍ରକାଶିତ ହୋଇଥିବା ସତ୍ତ୍ୱେ କାହାକୁ ଉତ୍ତରଦାୟୀ କରାଯାଇ ନ ଥିଲା। ଅପରପକ୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରଥମେ ଯୋଗ୍ୟ ହିତାଧିକାରୀମାନଙ୍କୁ ଚିହ୍ନଟ କରି ଆବଶ୍ୟକ ଅନୁଯାୟୀ କେନ୍ଦ୍ର ସରକାର ଅର୍ଥ ମଞ୍ଜୁର କରି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଲକ୍ଷ୍ୟ ପୂରଣ କରିବାକୁ ନିର୍ଦ୍ଦେଶ ଦେବା ଦ୍ୱାରା ଅନିୟମିତତା ସୃଷ୍ଟି ହେଉଛି। ନିକଟରେ ପ୍ରକାଶିତ ଏଜିଙ୍କ ଅଡିଟ୍ ରିପୋର୍ଟରେ ୨୦୧୬–୧୭ରୁ ୨୦୨୦–୨୧ ମସିହା ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ସହ ଅର୍ଥ ବିନିଯୋଗ ହୋଇ ନ ପାରିବା ବା ଗ୍ରାମସଭାରେ ଯୋଗ୍ୟ ବିବେଚିତ ବ୍ୟକ୍ତିଙ୍କୁ ବାଦ୍ ଦେବା ରିପୋର୍ଟ ମୂଳରେ ରାଜନୈତିକ ଅଭିସନ୍ଧି ଓ କାଦୁଅଫିଙ୍ଗା ରାଜନୀତି ରହିଥିବାରୁ ପ୍ରକୃତ ହିତାଧିକାରୀ ଯେ ଘର ପାଇବାରୁ ବଞ୍ଚିତ ହେଉଛନ୍ତି ତାହା ସ୍ପଷ୍ଟ ହେଉଛି। ଏହାର ନିରପେକ୍ଷ ତର୍ଜମା ଓ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ଏହା ସୁସ୍ପଷ୍ଟ।

ଏବେ ସହରାଞ୍ଚଳ ଜାଗା ମିଶନ ଦ୍ୱାରା ସରକାରୀ ଜମି ଏବଂ ଘର ତିଆରି ପାଇଁ ଅର୍ଥ ଦିଆଯାଉଛି। ଏହା ଶତ ପ୍ରତିଶତ ସତ୍ୟ ଯେ ସହରର ସରକାରୀ ଜାଗାରେ ଝୁମ୍ପୁଡି ଘର ତିଆରି କରି ସରକାରୀ ଜମି ଜବରଦଖଲ କରିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କର ନିଜ ଗ୍ରାମରେ ଘର ରହିଥିବା ଲେ ପୁରୀ, ଜଗତ୍‌ସିଂହପୁର, ଭଦ୍ରକ ଓ ବାଲେଶ୍ୱରରେ ରହୁଥିବା ଅନେକ ମତ୍ସ୍ୟଜୀବୀ ପଡ଼ୋଶୀ ରାଜ୍ୟରୁ ଆସି ରହୁଛନ୍ତି। କିଛି ବାଂଲାଦେଶୀ ମଧ୍ୟ ଏଭଳି ଜବରଦଖଲ କରି ଭୋଟ ଅଧିକାର ପାଇଛନ୍ତି। ଆଧାର କାର୍ଡରେ ଠିକଣା ବଦଳାଇ ଏହି ଯୋଜନାରେ ଜାଗା ଓ ଘର ପାଇଥିବା ବା ଆଶାୟୀଙ୍କୁ ଚିହ୍ନଟ କରାଗଲେ ଅର୍ଦ୍ଧାଧିକ ବ୍ୟକ୍ତି ଯେ ଅଯୋଗ୍ୟ ବିବେଚିତ ହେବେ ଏଥିରେ ସନ୍ଦେହ ନାହିଁ। ଏହି ଯୋଜନାରେ ତିଆରି ଘର ବାତାନୁକୂଳିତ ହୋଇଥିବା କିମ୍ବା ଦୁଇ ବା ଚାରିଚକିଆ ଗାଡ଼ିର ମାଲିକ ହୋଇ ହିତାଧିକାରୀ ହେବା କେବଳ ରାଜନୈତିକ ପ୍ରଭାବରୁ ସମ୍ଭବ ହୋଇଛି। ରାଜନୈତିକ ଇଚ୍ଛାଶକ୍ତି ଏବଂ ପ୍ରଶାସନିକ ସ୍ୱଚ୍ଛତା ନ ରହିଲେ ଏହି ଯୋଜନା ଅନନ୍ତକାଳ ପର୍ଯ୍ୟନ୍ତ ଚାଲିଲେ ସମସ୍ୟାର ସମାଧାନ ପରିବର୍ତ୍ତେ ତେଲିଆ ମୁଣ୍ଡରେ ତେଲ ପରି କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ହିଁ ତା'ର ସୁଯୋଗ ନେଉଥିବେ। ପ୍ରକୃତ ଆଶାୟୀଙ୍କ ଆଶା କେବେ ବି ପୂରଣ ହେବନାହିଁ।

୧୧୩– ଗୁଣ୍ଡିଚା ବିହାର ପୁରୀ
ମୋ: ୭୯୭୮୭୮୫୪୭୮

# ମା' ମୋ ହାତ ଛାଡ଼



ଚିନ୍ମୟୀ ପଣ୍ଡା

ଅନୁ ଆଜି ଘରେ ମୁହଁ ଫୁଲେଇ ବସିଚି। ସହରର ଗୋଟିଏ ବଡ଼ ସ୍କୁଲରେ ଦଶମ ଶ୍ରେଣୀର ଛାତ୍ରୀ ଅନୁଭା। ବାପା ସଫ୍ଟୱେର ଇଞ୍ଜିନିୟର। ମା' ଉଚ୍ଚ ଶିକ୍ଷିତା ଓ ଜଣେ ଭଲ ମଣିଷ ଏବଂ ବହୁତ ଭଲ ମା'। ଦିହିଁଙ୍କ ଗେହ୍ଲା ଝିଅ ଅନୁ। ବହୁତ ଭଲ ପାଠ ପଢ଼େ। କହିବାକୁ ଗଲେ ସେ ପାଠ ଛଡ଼ା ଅନ୍ୟ କିଛି ଜାଣେନା। ନିଜ ଗାଡ଼ିରେ ସ୍କୁଲ, ଟ୍ୟୁଶନ ଯାଏ। ପ୍ରାୟ ମା' ବି ଥାଆନ୍ତି ଗାଡ଼ିରେ। ଅନୁ, ମାର୍କେଟ ବା ପାର୍ଲର ଯେଉଁଠିକି ଯାଉ ନା କାହିଁକି, ସାଥିରେ ମା' ଥାଆନ୍ତି। ଏମିତି କି ଅନୁ ନିଜ ଦରକାର କଥା ବି ବଡ଼ ପାଟିରେ କାହାକୁ କହିବା ଦରକାର ହୁଏନି। ମା' ସବୁଠି ସବୁକିଛି କରନ୍ତି ଓ କହନ୍ତି ଅନୁ ପାଇଁ। କିନ୍ତୁ ଆଜି କ'ଣ ହେଇଛି ? କାହିଁକି ଅନୁ ମୁହଁ ଫୁଲେଇଚି ? କଥା ହେଉଚି କିଛି ପ୍ରବେଶିକା ପରୀକ୍ଷା ଦେବାପାଇଁ ଅନୁକୁ ତା' ସାଙ୍ଗମାନଙ୍କ ସହ ଅନ୍ୟ ସହରକୁ ଯିବାକୁ ହେବ। କାହାର ଅଭିଭାବକ ଯିବା ଦରକାର ପଡୁନି। କିନ୍ତୁ ଅନୁର ମା' ବାହାରିଛନ୍ତି ଝିଅ ସହିତ, ଯାହା ତା'ର ପସନ୍ଦ ନୁହଁ।

ଦିବ୍ୟ ଜଣେ ପାଞ୍ଚ ବର୍ଷର ପୁଅପିଲା। ଦି' ବର୍ଷ ହେଲା ସ୍କୁଲ ଗଲାଣି। ନର୍ସରି କ୍ଲାସର ଛୁଆ। ପାଠ ପାଇଁ ଆଗ୍ରହ ଆଣିବା ଓ ଏକାଗ୍ରତା ବଢ଼ାଇବା ଇତ୍ୟାଦି କାରଣରୁ ସ୍କୁଲରେ ଅନେକ ଛୋଟ ଛୋଟ ପ୍ରତିଯୋଗିତା କରାଯାଇଥାଏ। ଦିବ୍ୟ ସବୁଠି ଭଲ କରେ। ପ୍ରଥମ ହୁଏ। ତା' ମାମା ସେ ସକାଳୁ ଉଠିବାଠାରୁ ପୁଣି ଶୋଇବାଯାଏ ତା' ଦେଖାଶୁଣା କରନ୍ତି। ସେ ପାର୍କରେ ଖେଳିବା ବେଳେ ବି ମାମା ବସିଥାଆନ୍ତି ତା' ପାଖେ। ଦିବ୍ୟ ଟିକେ ଦୂରକୁ ଦଉଡ଼ିଗଲେ ମାମା ବାରଣ କରନ୍ତି। ପାଠ ପଢ଼ିବା ବେଳେ ବି ମାମା କଡା ତାଗିଦା କରନ୍ତି ଯେମିତି କିଛି ଭୁଲ ନ ହୁଏ। ଦିବ୍ୟ ରାଗରେ ଲେଖେନି ବେଳେବେଳେ। କଲର୍ କରିବା ବେଳେ ବି ମାମା ଥାଆନ୍ତି। ଆର୍ଟ କ୍ଲାସ, ଡ୍ୟାନ୍ସ କ୍ଲାସ ଯାହା ବି ଯାଏ ଦିବ୍ୟ, ମାମା ସବୁଠି କ୍ଲାସ ବାହାରେ ବସିଥାଆନ୍ତି। ଦିବ୍ୟକୁ ବହୁତ ଇଚ୍ଛାହୁଏ ସେ ତା' ଇଚ୍ଛାଯାଏ ଖେଳିବ। ସମସ୍ତଙ୍କ ସାଥିରେ କଥାହେବ। ଅନ୍ୟ ପିଲାଙ୍କ ଭଳି ବାଲି, ମାଟିରେ ଗଡ଼ିବ। ହେଲେ ମାମାଙ୍କ ନାଲି ଆଖି ମନେପଡ଼େ ଓ ସେ ଗୁମ୍‌ସୁମ ହେଇଯାଏ।



ଆମ ସମାଜର କିଛିଟା ଦୃଶ୍ୟ କେବଳ ଦୃଷ୍ଟାନ୍ତ ଦେଲି। ଆମ ଅଲକ୍ଷ୍ୟରେ ଆମେ ଏମିତି କାମସବୁ କରୁନାହେଁ କି ? ଆମେ ନିଜକୁ ପିଲାଙ୍କ ଉପରେ ଥୋପି ଚାଲିଚେ। ସେ କ'ଣ ଖାଇବ, କେତେ ଶୋଇବ, କାହା ସାଥିରେ ସାଙ୍ଗ ହେବ, କେମିତି କଥା ହେବ, କେତେ କଥା ହେବ ଇତ୍ୟାଦି। ଆମେ ଶିକ୍ଷା ଦେବା। କିନ୍ତୁ ଆମେ ନିଜସ୍ୱ ଦାୟିତ୍ୱ ପିଲାଙ୍କ ଉପରେ ଲଦିଦେବା ଦ୍ୱାରା ପିଲେ ବୋଝରେ ଆକ୍ରାମାକ୍ରା ହୋଇ ସବୁବେଳେ ସେଇ ଚେଷ୍ଟାରେ ରୁହନ୍ତି, କେମିତି ଏହି ବୋଝଠାରୁ ଦୂରେଇ ରହିବେ। ଆଜିକାଲି ''ପେରେଣ୍ଟାଲ ପ୍ରେସର୍'' ଏକ ପ୍ରସଙ୍ଗ ହେଇଗଲାଣି ମୁଖ୍ୟତଃ ଭାରତରେ।

ଅପରପକ୍ଷରେ ଅଭିଭାବକମାନେ ମଧ୍ୟ ଏତେ ପରିମାଣରେ ପିଲାଙ୍କ ସହିତ ସଂଶ୍ଳିଷ୍ଟ ରହିବା ଦ୍ୱାରା ସେମାନେ ନିଜକୁ ସମୟ ଦେଇପାରନ୍ତି ନାହିଁ। ନିଜ ମନ ଓ ମସ୍ତିଷ୍କର ମଧ୍ୟ କିଛି ଆବଶ୍ୟକତା ରହିଛି। ସେତିକି ନ ମିଳିବା ଦ୍ୱାରା ମାନସିକ ଶାନ୍ତି ବାଧାପ୍ରାପ୍ତ ହୁଏ। ଅଧିକାଂଶ କ୍ଷେତ୍ରରେ ଗୃହିଣୀମାନେ ଏହିଭଳି ପରିସ୍ଥିତିର ସମ୍ମୁଖୀନ ହୋଇଥାଆନ୍ତି। ତା' ଦ୍ୱାରା ପରିବାରରେ ଶାନ୍ତି ବ୍ୟାହତ ହୁଏ। ମାନସିକ ସନ୍ତୁଳନ ବଜାୟ ରଖିବା କଷ୍ଟସାଧ ହୋଇଯାଏ।

ଅନ୍ୟ ଏକ କାରଣର ସୂତ୍ରପାତ ଏହିଠାରୁ ହେଇଥାଏ ଯେ, ପିଲାମାନେ ସ୍ୱୟଂସମ୍ପୂର୍ଣ୍ଣ ହେବାପରେ ପରିବାରଠାରୁ ଦୂରେଇ ରହିବା ପସନ୍ଦ କରିଥାଆନ୍ତି। କିଛି କ୍ଷେତ୍ରରେ ଏହା ମଧ୍ୟ ଦେଖାଯାଏ, ଅତ୍ୟନ୍ତ ଚାପଗ୍ରସ୍ତ ହୋଇ ପିଲାମାନେ କିଏ ନିଶା ଇତ୍ୟାଦି ନାନା ପ୍ରକାରର ଖରାପ ଅଭ୍ୟାସରେ ଲିପ୍ତ ହେଲାଣି ତ କେହି ପ୍ରେମଜନିତ କିଛି ବ୍ୟାପାରରେ ବୁଡ଼ି ନିଜ ଭବିଷ୍ୟତକୁ ଜଳାଞ୍ଜଳି ଦେଲାଣି। ପ୍ରତ୍ୟେକ ଜୀବନ ସ୍ୱାଧୀନତା ଚାହେଁ। ଆମ ପିଲାମାନଙ୍କର ବି ବ୍ୟକ୍ତିତ୍ୱ ରହିଛି। ସେହି ବ୍ୟକ୍ତିତ୍ୱର ବିକାଶ ପାଇଁ ଆମେ ସେମାନଙ୍କୁ ସ୍ୱତନ୍ତ୍ର କରାଇବା ଆବଶ୍ୟକ। ସେମାନଙ୍କୁ ନିଜ ମତ ବ୍ୟକ୍ତ କରିବା, ଭାବିବା ଇତ୍ୟାଦି ପାଇଁ ଆମ ଭଳି ସମାନ ଅଧିକାର ଯଦି ଦିଆଯାଏ, ତା'ହେଲେ ପିଲାମାନଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ଅଭିବୃଦ୍ଧିରେ ସହାୟକ ହୋଇପାରିବ।

ମୋ:୯୮୬୧୧୯୧୯୬୯

## ଏଇ ଭାରତରେ

ଜୀବନର ଅପରାହ୍ନରେ ଥିବା ବୃଦ୍ଧାବୃଦ୍ଧଙ୍କ ସେବାରେ ଲାଗିପଡ଼ିଛନ୍ତି ଗୁଜରାଟର ରାକେଶ ପାଞ୍ଚାଲ। ସେ ଖେଡ଼ା ସହରରେ ୫୦୦ ଅସହାୟ ବୃଦ୍ଧାବୃଦ୍ଧଙ୍କୁ ନିୟମିତ ଭାବେ ଟିଫିନ୍ ସର୍ଭିସ୍ ଯୋଗାଇଆସୁଛନ୍ତି। ଅର୍ଥାତ୍ ସେ ଦିନକୁ ଦୁଇବେଳା ଟିଫିନ୍‌ରେ ଖାଦ୍ୟ ନେଇ ସେମାନଙ୍କ ଘରେ ପହଞ୍ଚାଇ ଦେଉଛନ୍ତି। ରାକେଶ ପ୍ରଥମେ ମୁମ୍ବାଇରେ ଚାକିରି କରିଥିଲେ। ତାଙ୍କ ପିତାଙ୍କ ଦେହାନ୍ତ ପରେ ସେ ଖେଡ଼ା ଫେରିଆସି ବିଜ୍‌ନେସ ସମ୍ଭାଳିବା ସହ ଏହି ସେବା ଜାରି ରଖିଛନ୍ତି। ପ୍ରଥମେ ସେ ହସ୍ପିଟାଲ ନିକଟରେ ଅସହାୟ ଲୋକଙ୍କୁ ଖାଇବାକୁ ଦେବା ଆରମ୍ଭ କରିଥିଲେ। କୋଭିଡ୍ ମହାମାରୀ ବେଳେ ତାହା ବନ୍ଦ ହୋଇଯିବା ପରେ ସେ ଟିଫିନ୍‌ରେ ଅସହାୟ ବୃଦ୍ଧାବୃଦ୍ଧଙ୍କ ଘରେ ଖାଦ୍ୟ ପହଞ୍ଚାଇଲେ, ଯାହା ଏଯାବତ୍ ଚାଲିଛି। ରାକେଶ ଏହି ଟିଫିନ୍ ସେବାର ନାମ ଦେଇଛନ୍ତି 'ବିସାନୋ ପରିବାର।' ସକାଳୁ ଉଠି ପୂରା ପରିବାର ଖାଦ୍ୟ ପ୍ରସ୍ତୁତିରେ ଲାଗିପଡ଼ନ୍ତି। ସେମାନଙ୍କୁ ସହଯୋଗ କରିବାକୁ ଏକ ଟିମ୍ ବି ଅଛି। ଖାଦ୍ୟ ପ୍ରସ୍ତୁତ ହେବା ପରେ ଟିମ୍ ଠିକ୍ ସମୟରେ ତାହାକୁ ନେଇ ବୃଦ୍ଧାବୃଦ୍ଧଙ୍କ ପାଖରେ ପହଞ୍ଚାଇ ଦେଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୧ ନଭେମ୍ବର ୧୯୯୮

- ସ୍ୱତନ୍ତ୍ର ସଦର ପାର୍ବତ୍ୟାଞ୍ଚଳ ଜିଲାଗଠନ ପାଇଁ ବହୁଦିନରୁ ହୋଇଆସୁଥିବା ଦାବିକୁ ସରକାର ଉପେକ୍ଷା କରିବା ପ୍ରତିବାଦରେ ମଣିପୁର ନିପାମାଚା ମନ୍ତ୍ରିମଣ୍ଡଳରୁ ୩ ମନ୍ତ୍ରୀ ଏବଂ ଉପବାଚସ୍ପତିଙ୍କ ନିଜ ନିଜ ପଦରୁ ଇସ୍ତଫା ପ୍ରଦାନ।
- କ୍ରିକେଟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୂର୍ବତନ ଅଧିନାୟକ ତଥା ବିଶ୍ୱ ରେକର୍ଡଧାରୀ କପିଳ ଦେବ ପ୍ରଥମ କ୍ରୀଡ଼ାବିତ୍ ଭାବେ ମର୍ଯ୍ୟାଦାଜନକ ଗୁପ୍ତା ପୁରସ୍କାର ପାଇଁ ମନୋନୀତ।

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | 3 | | 2 | 4 | | | | |
| | | | | | 7 | 2 | | |
| 9 | | | | 5 | | | 6 | |
| | | 8 | | 2 | | | | |
| 4 | 2 | | | 8 | | | | |
| | 1 | | 5 | | | | | |
| | | | | | | 3 | 1 | |
| 8 | 5 | | 6 | | | | 2 | |
| | 6 | 1 | 9 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 6 | 7 | 5 | 8 | 2 | 1 | 4 |
| 4 | 7 | 2 | 1 | 9 | 6 | 5 | 3 | 8 |
| 1 | 5 | 8 | 2 | 3 | 4 | 7 | 9 | 6 |
| 7 | 8 | 3 | 4 | 2 | 1 | 6 | 5 | 9 |
| 2 | 1 | 9 | 5 | 6 | 7 | 4 | 8 | 3 |
| 6 | 4 | 5 | 9 | 8 | 3 | 1 | 7 | 2 |
| 8 | 9 | 1 | 6 | 4 | 5 | 3 | 2 | 7 |
| 5 | 2 | 4 | 3 | 7 | 9 | 8 | 6 | 1 |
| 3 | 6 | 7 | 8 | 1 | 2 | 9 | 4 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଶାସକ ଠିକ ଓଡ଼ିଆ କୁହନ୍ତୁ

ମହାଶୟ,

ସମସ୍ତ ଯୁବାଙ୍କ ଅଭିଳାସ ଥାଏ ପ୍ରଶାସନିକ ଅଧିକାରୀ ହେବା। ଭାରତୀୟ ଆଧ୍ୟାତ୍ମ ସଂସ୍କୃତିରେ ବିବେକାନନ୍ଦଙ୍କୁ ଆଦର୍ଶ କରିବା ଭଳି ନିକଟ ସମ୍ପର୍କ ଅବା ପରିଚିତିରେ ଥିବା ଭାରତୀୟ ଏବଂ ଓଡ଼ିଶା ପ୍ରଶାସନିକ ଅଧିକାରୀଙ୍କୁ ଅନେକ ଯୁବା ରୋଲ ମୋଡେଲ ଭାବେ ଗ୍ରହଣ କରନ୍ତି । ଯେହେତୁ ଭରତୀୟ ପ୍ରଶାସନିକ ସେବା (ଭା.ପ୍ର.ସେ) ରୁ ସର୍ବଭାରତୀୟ ଅଧିକାରୀ ଆସନ୍ତି, ସେମାନେ ଖଣ୍ଡି ଓଡ଼ିଆ କୁହନ୍ତି । କିନ୍ତୁ ତାହାକୁ ଅନୁସରଣ କରି ଓଡ଼ିଆ ଭା.ପ୍ର.ସେ ତଥା ଓଡ଼ିଶା ପ୍ରଶାସନିକ ସେବା (ଓ.ପ୍ର.ସେ) ଅଧିକାରୀମାନେ ସେହିଭଳି ଓଡ଼ିଆ କହୁଛନ୍ତି ଯାହା କ୍ଷତି ପହଞ୍ଚାଉଅଛି । ଏହି ଦିଗରେ ରାଜ୍ୟ ସଂସ୍କୃତି ବିଭାଗ ତଥା ଗୃହ ବିଭାଗ ଉପଯୁକ୍ତ ଚିଠା ଆଣନ୍ତୁ । ପ୍ରୟାସ ଅଭ୍ୟାସରେ ପରିଣତ ହେଇଗଲେ ସଫଳତା ନିହାତି ମିଳିବା ଭଳି ଏହିଭଳି ବିକୃତ ଓଡ଼ିଆ କିଛିକାଂଶରେ ଭାଷାକୁ ଅପଭ୍ରଂଶ କରିବାର ସମ୍ଭାବନା ଉପୁଯାଉଛି । ନିଜ ଭାଷା ପ୍ରତି ଏତାଦୃଶ ବ୍ୟଙ୍ଗରୁ ବିରତ ରହିବା ସମସ୍ତଙ୍କ ଧ୍ୟେୟ ହେବା ଉଚିତ ।

–ଅରୁଣ କୁମାର ତ୍ରିପାଠୀ, ଜୟପୁର

### ଅଯଥାରେ ଗଛ କଟା ନ ଯାଉ

ରାଜ୍ୟରେ ଦିନକୁ ଦିନ ଗଛକଟା ବୃଦ୍ଧି ପାଇବାରେ ଲାଗିଛି । ରାସ୍ତା ପ୍ରଶସ୍ତୀକରଣ ପାଇଁ ହେଉ କିମ୍ବା ଅଟ୍ଟାଳିକା ନିର୍ମାଣ ଲାଗି ଜୀବନଦାୟକ ବୃକ୍ଷରାଜି ବଳିପଡୁଛନ୍ତି । ଏହାଦ୍ୱାରା ତାପମାତ୍ରା ବୃଦ୍ଧି ପାଇବା ସାଙ୍ଗକୁ ପରିବେଶରେ ଅସନ୍ତୁଳିତ ଅବସ୍ଥା ସୃଷ୍ଟି ହେଉଛି । ପାଣିପାଗ ବିଗିଡ଼ିବା ସହ ପ୍ରାକୃତିକ ବିପର୍ଯ୍ୟୟ ବୃଦ୍ଧିପାଉଛି । ବର୍ଷାର ପରିମାଣ କମିବା ସାଙ୍ଗକୁ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ମାନବ ଜାତିକୁ ବିପଦରେ ପକାଇଛି । 'ବୃକ୍ଷ ହିଁ ଜୀବନ' । ଆଗକୁ ସ୍ଥିତି ବିଗିଡ଼ିବା ପୂର୍ବରୁ ବୃକ୍ଷର ସୁରକ୍ଷା ଏକାନ୍ତ ଆବଶ୍ୟକ । ନ ହେଲେ ଆମେ ସମସ୍ତେ ପୋକ ମାଛି ପରି ମରିବା, ଏଥିରେ ସନ୍ଦେହ ନାହିଁ ।

–ସତ୍ୟସିଂହ ଶତପଥୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର–୧୬

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସିକ୍ତ ଅଧର ମମ
ସିକ୍ତ ମୋ ଲପନ
ସିକ୍ତ ଏ ଦେହ ମନ ଜୀବନ
ଅନ୍ତରେ ଅନ୍ତରେ
ସେ ପରଶ ସଞ୍ଚରେ
ପୂରିଉଠେ ଜାଗରଣ ସପନ
ସିକ୍ତ ଏ ଦେହ ମନ ଜୀବନ !

–(ଶିଶିର–ହାସ୍ୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ମହିଳା କିକ୍‌ବକ୍ସିଂ: ଟିଟିଲାଗଡ଼ର ୬ ଖେଳାଳିଙ୍କୁ ୧୨ ପଦକ**

ଟିଟିଲାଗଡ଼(ଶରତ ମିଶ୍ର): ରାଉରକେଲାଠାରେ ଅକ୍ଟୋବର ୨୮ ଓ ୨୯ରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ କିକ୍‌ବକ୍ସିଂ ପ୍ରତିଯୋଗିତାରେ ଟିଟିଲାଗଡର ୬ ଜଣ ଖେଳାଳି ଅଂଶଗ୍ରହଣ କରି ନିଜ ୧୨ଟି ପଦକ ହାସଲ କରିଛନ୍ତି। ସେମାନେ ହେଲେ ପଞ୍ଚମୀ ମାଝି, ସାରଳା ସାହୁ, ଅଖିଆ ରାଜପୁତ, ବୀଣାପାଣି ସାହୁ, ପ୍ରୀତି କଟା ଓ ପୁନମ କବାଟ। ଏଥିରେ ଅଫିସିଆଲ ଭଗବାନ କୁମାର ଏବଂ କୋଚ ଭାବେ ଜିତୁ ପୃଷ୍ଟି ଓ ମଳୟ କୁମାର ଦାୟିତ୍ୱ ତୁଲାଇଥିଲେ। ସାରା ରାଜ୍ୟରୁ ୩୯୪ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ବଜ୍ରକାପ୍ତା ଉଦ୍ଧାର, ଜଣେ ଗିରଫ



ଖଡ଼ିଆଳ,୩୧।୧୦(ସୁଜିତ୍ କୁମାର ପ୍ରଧାନ)

ଜୀବନ୍ତ ବଜ୍ରକାପ୍ତା ଚାଲାଣ କରିବା ଉଦ୍ଦେଶ୍ୟରେ ରଖାଯାଇଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏସ୍‌ଟିଏଫ୍ ଟିମ୍ ମଙ୍ଗଳବାର ନୂଆପଡ଼ା ଜିଲା ଖରିଆର ଥାନା ଅଧୀନ ବାଙ୍କାପୁର ଛକରେ ଚଢ଼ାଉ କରି ଜଣଙ୍କୁ ଗିରଫ କରିଛି। ଏଥିସହ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର କରିବା ସହ ଅଭିଯୁକ୍ତ କଳାହାଣ୍ଡି ଜିଲା କେଗାଁ ଥାନା ଅଧୀନ କଣ୍ଟାମାଳ ଗାଁର ରଞ୍ଜନ କୁମାର ସାହୁଙ୍କୁ ଗିରଫ କରିଛି। ଏସ୍‌ଟିଏଫ୍ ଏ ନେଇ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତଙ୍କୁ ଖଡିଆଳ ଏସ୍‌ଡିଜେଏମ୍ କୋର୍ଟରେ ଚାଲାଣ କରାଯାଇଛି। ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ଜୀବନ୍ତ ବଜ୍ରକାପ୍ତା ଖରିଆର ଡିଏଫ୍‌ଓଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଓଡ଼ିଶା ଷ୍ଟାକ୍ସ ଫୋର୍ସ ପକ୍ଷରୁ କେଶ ନମ୍ବର ୨୫/୨୩ ମାମଲା ରୁଜୁ ହୋଇଛି। ଭାରତୀୟ ଦଣ୍ଡ ସଂହିତା ମୁତାବକ ଧାରା ୩୭୯/୪୨୨/୧୨୦ (ବି) ରେ ରୁଜୁ ହୋଇଛି। ୫୧ ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ ରୁଜୁ ହୋଇଛି। ଜୀବିତ ସଲକତି ବନ୍ୟ ପ୍ରାଣୀକୁ ଖଡିଆଳ ଡିଏଫଓଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି।

### ସିବିଏସଇ ଭଲିବଲ କ୍ଲଷ୍ଟର ଦ୍ୱିତୀୟ ପର୍ଯ୍ୟାୟ ପ୍ରତିଯୋଗିତା

ଟିଟିଲାଗଡ, ୩୧।୧୦(ଶରତ ମିଶ୍ର)

ଓଡ଼ିଶା, ଛତିଶଗଡ ଓ ପଶ୍ଚିମବଙ୍ଗ ରାଜ୍ୟର ଭଲିବଲ ଖେଳାଳିଙ୍କୁ ନେଇ ସିବିଏସଇ ଦ୍ୱିତୀୟ କ୍ଲଷ୍ଟରସ୍ତରୀୟ ଭଲିଭଲ ପ୍ରତିଯୋଗିତା ଟିଟିଲାଗଡ ଓମଭ୍ୟାଲି ସ୍କୁଲରେଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାକୁ ମୁଖ୍ୟ ଅତିଥିଭାବେ ଉପଜିଲାପାଳ ଦୟାମୟ ପାଢ଼ି, ସ୍କୁଲ ଅଧ୍ୟକ୍ଷ ମହେଶ୍ୱର ପ୍ରସାଦ ମିଶ୍ର, ଏମଡି ବିଭାରାଜ ଗୁପ୍ତା ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। ତିନ ରାଜ୍ୟରୁ ୩୨ବାଳକ ଟିମ ଓ ୧୧ବାଳିକା ଟିମ ପ୍ରତିଯୋଗିତାରେ ଟିମ ଅଂଶଗ୍ରହଣ କରିଛନ୍ତି। ତିନିଦିନ ଧରି ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଖେଳ ପରିଚାଳନା ପାଇଁ ଜାତୀୟ ଓ ଅର୍ନ୍ତଜାତୀୟସ୍ତରର ରେଫରି ଆସିଥିବା ସ୍କୁଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତାର ଶ୍ରେଷ୍ଠଟିମ ଜାତୀୟସ୍ତର ପ୍ରତିଯୋଗିତାରେ ଭାଗ ନେବେ।

### ଖବରଦାତା ସମ୍ମିଳନୀରେ ବର୍ଷିଲା କଂଗ୍ରେସ

ବଲାଙ୍ଗୀର,୩୧।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନଙ୍କ ଚାକିରିରୁ ଇସ୍ତଫା ପଛରେ ଭାଜପା ଓ ବିଜେଡି ସରକାରର ଷଡଯନ୍ତ୍ର ରହିଛି। ମଙ୍ଗଳବାର ବଲାଙ୍ଗୀର ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହିପରି ଅଭିଯୋଗ କରାଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ଦିଲୀପ ବେହେରା ଓ କେତେକ ଦଳୀୟ ପଦାଧିକାରୀ କହିଥିଲେ ଯେ, ପାଣ୍ଡିଆନ୍ ଗତ ଅକ୍ଟୋବର ୨୦ରେ ଚାକିରିରୁ ସ୍ୱେଚ୍ଛାକୃତ ଅବସର ପାଇଁ ରାଜ୍ୟ ସରକାରଙ୍କୁ ଆବେଦନ କରିଥିଲେ। ଏହି ଆବେଦନକୁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ କାର୍ମିକ୍ ମନ୍ତ୍ରଣାଳୟକୁ ପଠାଇଥିଲେ। ତିନିଦିନ ପରେ ଅର୍ଥାତ ୨୩ ତାରିଖରେ ଆବେଦନକୁ କେନ୍ଦ୍ର ସରକାର ଗ୍ରହଣ କରି କରି ସ୍ୱେଚ୍ଛାକୃତ ଅବସର ଅନୁମତି ଦେଲେ। ଅନ୍ୟପଟେ ପାଣ୍ଡିଆନଙ୍କୁ ତରବରିଆ ଅବସର ଦିଆଯାଇ ୫-ଟି ଏବଂ ଆମ ଓଡ଼ିଶା ନବୀନ ଓଡ଼ିଶା ଅଧ୍ୟକ୍ଷ କରାଯାଇ କ୍ୟାବିନେଟ ମନ୍ତ୍ରୀ ପାହ୍ୟା ଦିଆଯାଇଛି। ଏଥିରୁ ଭାଜପା-ବିଜେଡି ଭିତିରି ସମ୍ପର୍କ ଜଣାପଡୁଛି ବୋଲି କଂଗ୍ରେସ ପକ୍ଷରୁ ପ୍ରଶ୍ନ କରାଯାଇଛି। ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ଅଜୟ ବାଲି, ଉପସଭାପତି ମନୀଷ ମିଶ୍ର, ସନ୍ତକ ବହିଦାର, ନଗର ସଭାପତି ବୁଲୁ ଦାନୀ, ଛାତ୍ର ନେତା ଅଙ୍କିତ ସାହୁ ଉପସ୍ଥିତ ଥିଲେ।

# ନିଃସର୍ତ୍ତ ବାସନ୍ଦ ପ୍ରତ୍ୟାହାର କର

ବଲାଙ୍ଗୀର,୩୧।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ଅଭିନେତା ମନୋଜ ମିଶ୍ରଙ୍କୁ ଓଡ଼ିଶା ପ୍ରଯୋଜକ ସଂଘର ଦୁଇବର୍ଷିୟା ବାସନ୍ଦ ଘଟଣାକୁ ମଙ୍ଗଳବାର କଡା ପ୍ରତିବାଦ କରିଛି ପଶ୍ଚିମ ଓଡ଼ିଶା ପ୍ରଯୋଜକ ସଂଘ(ପୋପା)। ସ୍ଥାନୀୟ ଯାଦବ ଭବନଠାରେ ସଂଘ କାର୍ଯ୍ୟକାରୀ ସଭାପତି ଶରତ ମହାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜରୁରୀ ବୈଠକରେ ମନୋଜ ମିଶ୍ରଙ୍କୁ ବାସନ୍ଦ ଘଟଣାର ଦୃଢ଼ ନିନ୍ଦା କରିଛନ୍ତି ପୋପା ସଦସ୍ୟ। କୌଣସି ବ୍ୟକ୍ତିଗତ ମତାମତକୁ କେନ୍ଦ୍ର କରି ଜଣେ କଳାକାରଙ୍କୁ ଏଭଳି ବାସନ୍ଦ କରାଯିବା ଘୋର ଅନ୍ୟାୟ ଓ ଏହା ପଶ୍ଚିମ ଓଡ଼ିଶାର ସମସ୍ତ କଳାକାରଙ୍କ ଭାବାବେଗକୁ ଆଘାତ ଦେଇଛି ବୋଲି ସଂଘ ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ବୈଠକରେ ବରିଷ୍ଠ କଳାକାର ମୁରଲୀଧରୀ ପତି, କପିଳେଶ୍ୱର ଖମାରୀ, ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ, ସଙ୍ଗଠନ ସମ୍ପାଦକ ମାଧବ ବାରିକ, କେଦାର ଥନାପତି ବକ୍ତବ୍ୟ ରଖି ପୂର୍ବ ଓଡ଼ିଶାର ପ୍ରଯୋଜକ,




ବୈଠକରେ ଉପସ୍ଥିତ ପଶ୍ଚିମ ଓଡ଼ିଶା ପ୍ରଯୋଜକ ସଂଘ ସଦସ୍ୟମାନେ।

**ମନୋଜ ମିଶ୍ରଙ୍କ ସପକ୍ଷରେ ପଶ୍ଚିମ ଓଡ଼ିଶା ପ୍ରଯୋଜକ ସଂଘ**

କଳାକାରମାନେ ସୋସିଆଲ ମିଡ଼ିଆରେ ଉକ୍ତ ଘଟଣାକୁ ନେଇ ନାନା ପ୍ରକାର ଅଶାଳୀନ ମନ୍ତବ୍ୟ ଦେଉଛନ୍ତି। ଏହା ସାମାଜିକ ଗଣମାଧ୍ୟମରେ ଭାଇରାଲ କରୁଛନ୍ତି। ଓଡ଼ିଶା ସିନେ ପ୍ରଯୋଜକ ସଂଘ ନିସର୍ତ୍ତ ଅଭିନେତା ମନୋଜ ମିଶ୍ରଙ୍କ ଉପରୁ ବାସନ୍ଦ ପ୍ରତ୍ୟାହାର କରନ୍ତୁ ବୋଲି ପୋପା ପକ୍ଷରୁ କୁହାଯାଇଛି। ବୈଠକରେ ଏହି ଅଞ୍ଚଳରେ ଏକ ଫ୍ଲିମ ସିଟି ନିର୍ମାଣ ଦାବି କରାଯିବ ବୋଲି ମତପ୍ରକାଶ ପାଇଛି। ବୈଠକରେ କଳାକାର ଉଗ୍ରସେନ ଷଡଙ୍ଗୀ, ବ୍ରହ୍ମାନନ୍ଦ ବନଛୋର, ନିସାର ମହମ୍ମଦ ନିସାର, ଦିଲ୍ଲୀପ ଦୀପ, ପ୍ରକାଶ ଷଡଙ୍ଗୀ, ଅଶୋକ ଦୀପ, ଅନିତା ତ୍ରିପାଠୀ, ନବୀନ ବେହେରା, ରାଜ ସେନ୍ଦ୍ରିଆ, ତ୍ରିନାଥ ନନ୍ଦ, ଅର୍ଜୁନ ବିଭାର, ରୋଜିସ୍ମିତା ହୋତା, ସୁରେଶ୍ ରଥ, ମହେଶ ମେହେର, କୁମୁଦିନୀ ପୃଷ୍ଟି, ସୁଶାନ୍ତ ନନ୍ଦ, ଅର୍ଜୁନ ସାହୁ, ପ୍ରକାଶ ଥନାପତି, ସମୀର, ରାମ ଦାସ, ସଙ୍ଗୀତା ଦାସ, ସନ୍ତୋଷ ହୋତା ଉପସ୍ଥିତ ରହି ମତାମତ ଦେଇଥିଲେ। ଶେଷରେ ସଂଘ ସଙ୍ଗଠନ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।

## 'ରାମ୍' ଫିଲ୍ମ ଚଲାଇ ନ ଦେବାରେ ମନୋଜଙ୍କ ସମ୍ପୃକ୍ତି ଥାଇପାରେ

ଭୁବନେଶ୍ୱର,୩୧।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଓଲିଉଡ୍‌ରେ ଚାଲିଥିବା କଳି ଭିତରେ ଅଭିନେତା ମନୋଜ ମିଶ୍ରଙ୍କ ସ୍ତ୍ରୀ ମାନା ମିଶ୍ରଙ୍କ ସୋଶାଲ ମିଡିଆ ପୋଷ୍ଟ ଏବେ ଚର୍ଚ୍ଚାର ପରିସରକୁ ଆସିଛି। କଳିର ସମାଧାନ କରି ଶାନ୍ତିରେ କାମ କରିବାକୁ ପରାମର୍ଶ ଦେଇଛନ୍ତି ମାନା। ଏମିତିକି ଯେଉଁମାନେ ସାମାନ୍ୟ କଳିକୁ ନେଇ ଓଡିଶାକୁ ଭାଗ ଭାଗ କରିବାକୁ ଚାହୁଁଛନ୍ତି ସେମାନଙ୍କୁ ମନ୍ଦ ଉଦ୍ଦେଶ୍ୟର ଲୋକ ବୋଲି କହି ତାଙ୍କୁ ଉଚିତ ଶିକ୍ଷା ମିଳୁ ବୋଲି ସେ କହିଛନ୍ତି। ମନୋଜ ମିଶ୍ରଙ୍କୁ ୟୁସିସିସି ପକ୍ଷରୁ ୨ ବର୍ଷ ବାସନ୍ଦ ପ୍ରସଙ୍ଗରେ ମଙ୍ଗଳବାର ମାନା ଗଣମାଧ୍ୟମକୁ କହିଛନ୍ତି, ବର୍ତ୍ତମାନ ଯାହାସବୁ ହେଉଛି, ତାକୁ ମୁଁ ପସନ୍ଦ କରୁନି। ସମସ୍ତେ ହେଉଛନ୍ତି କଳାକାର। ବ୍ୟାନ୍ ହେବା କଥା ନୁହେଁ। ସେ ମୁମ୍ବାଇରେ କାମ କରୁଥିଲେ। ଏବେ ଏଠାରେ କାମ କରୁଛନ୍ତି। ସେ ଓଡ଼ିଶା ଇଣ୍ଡଷ୍ଟ୍ରୀରେ କାମ କରି ବହୁ ନାଁ କରିଛନ୍ତି। କିଛି ବ୍ୟକ୍ତିଗତ ରାଗ ପାଇଁ ମନୋଜଙ୍କୁ ବ୍ୟାନ୍ କରାଯାଇଛି। ଜିତୁ ମଙ୍ଗରାଜ ହୁଅନ୍ତୁ ବା ଜିତୁ ରାଉତ,

**ସ୍ତ୍ରୀ ମାନା ମିଶ୍ରଙ୍କ ପୋଷ୍ଟ ଚର୍ଚ୍ଚାରେ**

ସେମାନେ ଯାହା କହିଛନ୍ତି, ତାହାର ଉତ୍ତର ମନୋଜ ଦେଇ ପାରିଥାଆନ୍ତେ। ଯଦି ତୁମେ ଭଲ ଲୋକ, ତାହାହେଲେ ସେମାନଙ୍କ ଆରୋପର ଜବାବ ଦେଇଦିଅ। କିନ୍ତୁ ତାହା ନ କରି 'ରାମ' ଫିଲ୍ମକୁ ବ୍ୟାନ୍ ବା ଚଲାଇ ନ ଦେବା ଠିକ୍ କଥା ନୁହେଁ। ଯେଉଁମାନେ ଫିଲ୍ମକୁ ବ୍ୟାନ୍ ପାଇଁ ପୋଷ୍ଟର ଧରିଛନ୍ତି, ସେମାନେ ଚିହ୍ନା ପରିଚିତ। ଏଥିରୁ ଜଣାପଡୁଛି, ଏଥିରେ ମନୋଜଙ୍କ ସମ୍ପୃକ୍ତି ଥାଇପାରେ। ତାହା ନ ହେଲେ ମୋର ଜଣେ କାକା ଶ୍ୱଶୁର (ଭକ୍ତ କାକା) କାହିଁକି ପୋଷ୍ଟର ଧରି ଛିଡ଼ା ହୋଇଛନ୍ତି। ଫିଲ୍ମକୁ ନେଇ ଶତ୍ରୁତା, ଝଗଡ଼ା ଓ ଶୋ'ବାଜି କରିବା ନିହାତି ଖରାପ କଥା ବୋଲି ମାନା କହିଛନ୍ତି। ମନୋଜଙ୍କ ଉଦ୍ଦେଶ୍ୟରେ ମାନା କହିଛନ୍ତି, 'ରାମ୍' ଫିଲ୍ମକୁ ବ୍ୟାନ୍ କରିବାର ଅଧିକାର ତୁମର ନାହିଁ। ତୁମେ ତୁମ 'ମାଇଣ୍ଡ ଗେମ୍' ଫିଲ୍ମକୁ ଆଗକୁ ନେଉନ। ସବୁ ହଲ୍‌ରେ ପକାଇବାକୁ ଚେଷ୍ଟା କର। ସମସ୍ତେ ଟଙ୍କା ଖର୍ଚ୍ଚ କରି ଫିଲ୍ମ କରିଛନ୍ତି।

## ସଦେଇପାଲି-ପୁଇଁତଲା ବ୍ଲକ ସୀମାରାସ୍ତାର ଶିଳାନ୍ୟାସ



ବିଧାୟକ ନରସିଂହ ମିଶ୍ର ସଦାଇପାଲି-ପୁଇଁତଲା ବ୍ଲକ୍ ସୀମା ରାସ୍ତାର ଶିଳାନ୍ୟାସ କରୁଛନ୍ତି।

ବଲାଙ୍ଗୀର,୩୧।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ମଙ୍ଗଳବାର ବଲାଙ୍ଗୀର ସଦର ବ୍ଲକ ସଦାଇପାଲି ପଞ୍ଚାୟତର ସଦାଇପାଲିରୁ ପୁଇଁତଲା ବ୍ଲକ ସୀମା ପର୍ଯ୍ୟନ୍ତ ହେବାକୁ ଥିବା ରାସ୍ତାର ଶିଳାନ୍ୟାସ କରିଛନ୍ତି ବିଧାୟକ ନରସିଂହ ମିଶ୍ର। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏହି ରାସ୍ତା ନିର୍ମାଣ କରାଯିବ। ଏହି ଅବସରରେ ବିଧାୟକ ମିଶ୍ର ଗମନାଗମନ ଯେତେବେଳେ ସହଜ ହୋଇଯାଏ ସେତେବେଳେ ଅଞ୍ଚଳର ବ୍ୟବସାୟିକ ଦିଗ ଗୁରୁତ୍ୱ ପାଇଥାଏ। ଏହା ହେଲେ ଲୋକଙ୍କ ଅର୍ଥନୈତିକ ଅଭିବୃଦ୍ଧିରେ ଅନେକ ଉନ୍ନତି ଆସିଥାଏ। ତେଣୁ ଏହି ରାସ୍ତା ନିଶ୍ଚିତ ଭାବରେ ଲୋକଙ୍କ ଜିବନଧାରାରେ ପରିବର୍ତ୍ତନ ଆଣିବ ବୋଲି କହିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମିତ ହେବାକୁ ଥିବା ଏହି ୨.୭ କି.ମିର ଏହି ରାସ୍ତା ପାଇଁ ୧କୋଟି ୯୭ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ରାସ୍ତା ତିଆରି ସମୟ ଅବଧି ୬ ମାସ ରହିଥିବା ସୂଚନା ଦିଆଯାଇଛି। ଶିଳାନ୍ୟାସ ସମୟରେ ବିଭାଗୀୟ ସହକାରୀ ଯନ୍ତ୍ରୀ ବୁଦ୍ଧେଶ୍ୱର ମହାପାତ୍ରଙ୍କୁ ରାସ୍ତା ଯେପରି ଧାର୍ଯ୍ୟ ସମୟ ଭିତରେ ସମ୍ପୂର୍ଣ୍ଣ ହୋଇପାରିବ ସେ ଦିଗରେ ଯତ୍ନବାନ ହେବାକୁ ବିଧାୟକ ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସଦାଇପାଲି ଗାଁର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜାସ୍ଥଳୀକୁ ଯାଇ ଦେବୀଙ୍କ ଆଶୀର୍ବାଦ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଫକୀର ମୋହନ ଥାଟି, ବିରଞ୍ଚି ନାଏକ, ରମେଶ ନାଏକ, ଡ. ପ୍ରଶାନ୍ତ ପ୍ରଧାନ, ବାସୁଦେବ ମୁଗ୍ରୀ, ବାମଦେବ ମିଶ୍ର, ତ୍ରିଲୋଚନ ମହାପାତ୍ର, ସରୋଜ ରଥ, ବ୍ଲକ ସଭାପତି ରାମପ୍ରସାଦ ମିଶ୍ର, ଜିଲା କଂଗ୍ରେସ ଉପସଭାପତି ମନୀଷ ମିଶ୍ର, ଜୁଲୁ ପଟ୍ଟନାୟକ, ଜୟନାରାୟଣ ବହିଦାରଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଅନ୍ୟତମ ଅଭିଯୁକ୍ତ ଧରାପଡିଥିବା ଚର୍ଚ୍ଚା

**ରୂପକ ହନୁମାନ ହତ୍ୟା ମାମଲା**

ଲୋଇସିଂହା,୩୧।୧୦
(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଜଡ଼ାମୁଣ୍ଡା ବସ୍ତିର ରୂପକ ହନୁମାନ ହତ୍ୟା ମାମଲାର ଫେରାର ଥିବା ଅନ୍ୟତମ ଅଭିଯୁକ୍ତ ସତ୍ୟଜ୍ୟାତି ବାଗ (ଲିଚୁ)ଙ୍କୁ ପୋଲିସ ରାଜ୍ୟ ବାହାରୁ ଗିରଫ କରିଛି। ଗିରଫ କରି ଲୋଇସିଂହା ଅଣା ଯାଉଥିବା ଜଣାଯାଇଛି।

୨୦୨୨ ଏପ୍ରିଲ ୩୦ ରାତିରେ ଲୋଇସିଂହା ବ୍ଲକ ଛକରେ ରୂପକ ହନୁମାନ ଓ ସରୋଜ ବିଶିଙ୍କୁ ଅତର୍କିତ ଆକ୍ରମଣ କରି ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଉଭୟଙ୍କୁ ଉଦ୍ଧାର କରି ବଲାଙ୍ଗୀର ଭୀମ ଭୋଇ ମେଡ଼ିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରୂପକଙ୍କ ମୃତ୍ୟୁ ଘଟିଥିଲା। ସେତେବେଳେ ଦେବାନନ୍ଦ ତାଣ୍ଡିଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ଉଜଳ ଜାଲ ଓ ସୁନ୍ଦରସ୍ୱୋଇଁ ଆତ୍ମସମର୍ପଣ କରିଥିଲେ। ଫେରାର ଥିବା ଚତୁର୍ଥ ଅଭିଯୁକ୍ତ ବଡ଼ ବାରିକଙ୍କୁ ରାଉରକେଲା ସେକ୍ଟର ୩ରୁ ଗିରଫ କରି ଅକ୍ଟୋବର ୧୬ରେ କୋର୍ଟ ଚାଲାଣ କରିଥିଲା ପୋଲିସ। ଶେଷ ଅଭିଯୁକ୍ତ ଲିଚୁଙ୍କୁ ପୋଲିସ ଗିରଫ କରିଛି। ଏ ସମ୍ପର୍କ ଆଇଆଇସି ଯଜ୍ଞସିନୀ ନାଏକଙ୍କୁ ପଚାରିବାର ବୁଧବାର ଏ ନେଇ ଗଣମାଧ୍ୟମକୁ ସବିଶେଷ ତଥ୍ୟ ଦିଆଯିବ ବୋଲି କହିଛନ୍ତି।

## ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ, ୪୦ ହଜାର ଜରିମାନା

ବଲାଙ୍ଗୀର,୩୧।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପୋକ୍‌ସୋ କୋର୍ଟରେ ମଙ୍ଗଳବାର ଜଣେ ଆଦିବାସୀ ନାବାଳିକା ବଳାତ୍କାର ମକଦ୍ଦମାର ରାୟ ପ୍ରକାଶ ପାଇଛି। ଏହି ମାମଲାର ବିଚାର କରି ପୋକ୍‌ସୋ ବିଚାରପତି ଗୋପବନ୍ଧୁ ଗଡନାୟକ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ଜେଲ ସହ ୪୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ଅନାଦାୟ ଆହୁରି ଦୁଇବର୍ଷ ଅଧିକ ଜେଲଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି। ପୁଇଁତଲା ଥାନା ଅଞ୍ଚଳରେ ୨୦୧୭ ମସିହା ମେ ମାସ ୧୭ ତାରିଖରେ ଜଣେ ୧୬ ବର୍ଷୀୟା ଆଦିବାସୀ ନାବାଳିକାଙ୍କୁ ମହାକୁରପାଲି ଗାଁର ସଦାନନ୍ଦ ନାଗ ବଳତ୍କାର କରିଥିବା

**ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ମାମଲା**

ଅଭିଯୋଗ ହୋଇଥିଲା। ଏହାକୁ ନେଇ ଥାନାରେ ଏକ ମାମଲା (୯୪/୧୭) ରୁଜୁ ହୋଇଥିଲା। ପୋଲିସ ଅଭିଯୁକ୍ତ ନାଗଙ୍କୁ ଗିରଫ କରିଥିଲା। ୧୬ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରି ବିଚାରପତି ଗଡନାୟକ ଏହି ରାୟ ଶୁଣାଇଛନ୍ତି। ଏହା ସହିତ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦେବାକୁ ଜିଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ବିଚାରପତି ଗଡନାୟକ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ପୋକ୍‌ସୋ କୋର୍ଟ ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର ପ୍ରିୟରଞ୍ଜନ ବହିହାର ପରିଚାଳନା କରିଥିଲେ।

## ପୁଣି ଏକ ଗାଈକୁ ଖାଇଲା କଲରାପତରିଆ



ଗ୍ରାମବାସୀ ଠେଙ୍ଗା ବାଡି ଧରି ଗାଁ ବାହାରେ ଜଗି ରହିଛନ୍ତି।

ନୂଆପଡ଼ା,୩୧।୧୦(ମକାରୁ ବେମାଲ)

ନୂଆପଡା ଜିଲାରେ ବାଘ ଆତଙ୍କ ଥମିବାର ନାଁ ନେଉନି। ଦିନକୁ ଦିନ ଆତଙ୍କ ଖେଳାଇ ଚାଲିଛି ରକ୍ତମୁଖା କଲରାପତରିଆ ବାଘ। ଗୋଟେ ପରେ ଗୋଟେ ମଣିଷ ହେଉବା ଜନ୍ତୁ ଶିକାର କରି ରକ୍ତ ଶୋଷିବାରେ ଲାଗିଛି। ସୋମବାର ଜଣେ ଶିଶୁକୁ ମାରିବା ପରେ ମଙ୍ଗଳବାର ପୁଣି ଏକ ଗାଈକୁ ମାରି ଖାଇଛି କଲରାପତରିଆ ବାଘ। ଧରମବନ୍ଧା ଥାନା ଭରୁଆମୁଣ୍ଡା ପଞ୍ଚାୟତ କଟିଙ୍ଗପାଣି ଗାଁ ଗୌଧସପଡାର ଅର୍ଜୁନ ଧରୁଆ ନିଜ ଗାଈଗୋରୁ ଜଙ୍ଗଲକୁ ଚରାଇ ଆଣି ସନ୍ଧ୍ୟାରେ ବାନ୍ଧିଥିଲେ। ସକାଳୁ ଉଠି ଦେଖିଲା ବେଳକୁ ଗୁହାଳରେ ଗୋଟେ ଗାଈ ନାହିଁ। ଖୋଜାଖୋଜି ପରେ ଘର ବାଡି ପଟେ ଗାଈର ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ଗାଁରେ ଗୋଟେ ପରେ ଗୋଟେ ଶିକାର ହେଉଥିବାରୁ ଲୋକେ ଆତଙ୍କିତ ହୋଇ ପଡିଲେଣି। ଘର ତାଟି କବାଟ ଦେଇ ଦଳ ଦଳ ହୋଇ ହାତରେ ଠେଙ୍ଗା ବାଡି ଧରି ଜଗି ବସିଛନ୍ତି। ବର୍ତ୍ତମାନ ଧାନ ଅମଳ ସମୟ ଲୋକେ ଚିନ୍ତାରେ ପଡି ଗଲେଣି। ଭୟରେ ଲୋକେ ନିଜ ଜମିକୁ ଯାଉନାହାନ୍ତି। କ୍ଷୟକ୍ଷତି ହୋଇଥିବା ପରିବାରଙ୍କୁ ଶୀଘ୍ର ସହାୟତା ରାଶି ପ୍ରଦାନ କରାଯାଉ ଓ ଯଥାଶୀଘ୍ର ବାଘ ଧରି ଅନ୍ୟତ୍ର ନିଆଯାଉ ନ ହେଲେ ଆମେ ସମସ୍ତେ ବାଘ କବଳରୁ ରକ୍ଷା ପାଇବୁ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି।

## କନିଷ୍ଠ କିରାଣି ଭୋଳାନାଥ ଖମାରୀ ନିର୍ଦ୍ଦୋଷରେ ଖଲାସ

ଭବାନୀପାଟଣା,୩୧।୧୦(ଉତ୍ତମ କୁମାର ଦାଶ)

ନୂଆପଡ଼ା ଜିଲା କୋମନା ବ୍ଲକ ଅଫିସ୍ ପକ୍ଷରୁ ବିଭିନ୍ନ ପ୍ରକଳ୍ପ ନିମନ୍ତେ ସିମେଣ୍ଟ ଯୋଗାଣରେ ଅର୍ଥ ତୋଷାରପାତ ମାମଲାରେ ତତ୍କାଳୀନ ଷ୍ଟୋର ଦାୟିତ୍ୱରେ ଥିବା କନିଷ୍ଠ କିରାଣି ଭୋଳାନାଥ ଖମାରୀଙ୍କୁ ଉପଯୁକ୍ତ ପ୍ରମାଣ ଅଭାବରୁ ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଶ୍ରୀକାନ୍ତ ମିଶ୍ର ମଙ୍ଗଳବାର ନିର୍ଦ୍ଦୋଷରେ ଖଲାସ କରିଛନ୍ତି। କିରାଣି ଖମାରୀଙ୍କୁ ୩୦ ହଜାର ବଣ୍ଡ ଦାଖଲ ଆଦେଶ ସହ ଖଲାସ କରିଛନ୍ତି। ପ୍ରକାଶ ଯେ, କୋମନା

**କୋମନା ସିମେଣ୍ଟ ଦୁର୍ନୀତି ମାମଲା**

ବ୍ଲକ ଅଫିସ୍ ପକ୍ଷରୁ ୨୦୦୭-୦୮ ଓ ୨୦୦୮-୦୯ରେ ୭୪ଟି ଉନ୍ନୟନମୂଳକ ପ୍ରକଳ୍ପ ନିମନ୍ତେ ୧୦ ହଜାର ୮୯୦ ବସ୍ତା ସିମେଣ୍ଟ ଯୋଗାଣ ବାବଦରେ ୨୪ ଲକ୍ଷ ୭ ହଜାର ୩୦୦ଟଙ୍କା ଅର୍ଥ ତୋଷାରପାତ ହୋଇଥିବା ଲୋକାଲ ଫଣ୍ଡ ଅଡିଟ କାର୍ଯ୍ୟାଳୟ ପକ୍ଷରୁ କରାଯାଇଥିବା ସ୍ପେଶାଲ ଅଡିଟ ଦ୍ୱାରା ଜଣାପଡିଥିଲା। ପରେ କୋରାପୁଟ ଭିଜିଲାନ୍ସ ପକ୍ଷରୁ ୮।୩।୨୦୧୩ରେ କୋମନା ବିଡିଓ ଲକ୍ଷ୍ମଣ ଅମାତ, କେସିଅର ସୁରେଶ ଜାଲ, କନିଷ୍ଠ କିରାଣି ତଥା ଷ୍ଟୋର ଇନଚାର୍ଜ ଭୋଳାନାଥ ଖମାରୀ ଓ ଖରିଆର ରୋଡର ଅତୁଲ ଷ୍ଟିଲ ମାଲିକ ଓ ଅମ୍ବି ଏଜେନ୍ସି ବିରୋଧରେ ଏଫ୍‌ଆଇଆର୍ ହୋଇଥିଲା। ଭିଜିଲାନ୍ସ ବିଭାଗ ପକ୍ଷରୁ ତଦନ୍ତ ପରେ ଏହି ମାମଲାରେ କେବଳ କନିଷ୍ଠ କିରାଣି ଖମାରୀଙ୍କ ବିରୋଧରେ କୋର୍ଟରେ ଚାର୍ଜସିଟ ଦାଖଲ କରାଯାଇଥିଲା। କନିଷ୍ଠ କିରାଣି ଭୋଳାନାଥ ଖମାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କ୍ଷୀରୋଦ ପ୍ରସାଦ ନେଗୀ ମାମଲା ପରିଚାଳନା କରିଥିଲେ।

**ଆଜି କଳାହାଣ୍ଡି ଗଠନ ଦିବସ**

## ରାଜୁଡା ଅମଳର କୋଠାରେ ଚାଲିଛି ଅନେକ ସ୍କୁଲ, ଅଫିସ

ଭବାନୀପାଟଣା,୩୧।୧୦(ଉତ୍ତମ କୁମାର ଦାଶ)

ଆଜି (ବୁଧବାର) କଳାହାଣ୍ଡି ଗଠନ ଦିବସ। ନଭେମ୍ବର ୧ ତାରିଖ ୧୯୪୯ରେ କଳାହାଣ୍ଡି ନୂତନ ଜିଲା ଭାବେ ଗଠନ ହୋଇଥିଲା। ଜିଲା ଗଠନର ୭୪ବର୍ଷ ପରେ ମଧ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ଅନେକ ସ୍କୁଲ ଓ ଅଫିସ ରାଜୁଡା ଅମଳର କୋଠାରେ ଚାଲୁଛି। ରାଜନୈତିକ ଇଚ୍ଛା ଶକ୍ତିର ଅଭାବରୁ ନିଜସ୍ୱ କୋଠା ନିର୍ମାଣ ହୋଇ ପାରିନାହିଁ। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ୧୯୪୭ ଡିସେମ୍ବର ୧୫ରେ ଦେଶ ମିଶ୍ରଣ ଗଠନର ପ୍ରସ୍ତାବ ସ୍ୱାକ୍ଷରିତ ହୋଇଥିଲା। ୧୯୪୮ ଜାନୁୟାରୀ ୧ରେ ଓଡିଶା ସହିତ ବିଭିନ୍ନ ଜିଲାର ମିଶ୍ରଣ ପାଇଁ ପ୍ରସ୍ତାବ ସ୍ୱାକ୍ଷରିତ ହୋଇଥିଲା। ସେତେବେଳେ କଳାହାଣ୍ଡି ଜିଲା ବଲାଙ୍ଗୀର ଜିଲା ସହିତ ମିଶି ରହିଥିଲା। ୧୯୪୯ ନଭେମ୍ବର ୧ରେ କଳାହାଣ୍ଡି ଜିଲା ଏକ ନୂତନ ଜିଲା ଭାବେ ଗଠନ ହୋଇଥିଲା। ଗଡଜାତ ଅଞ୍ଚଳ କଳାହାଣ୍ଡି ଷ୍ଟେଟ ରାଜୁଡା ଅମଳ ସମୟରେ ବିଭିନ୍ନ କାର୍ଯ୍ୟାଳୟର କୋଠା ଓ ସ୍କୁଲ



ରାଜୁଡା ଅମଳର ସେକ୍ରେଟାରିଏଟ୍ କୋଠାରେ ଚାଲିଛି ବର୍ତ୍ତମାନ ଜିଲାପାଳଙ୍କ କାର୍ଯ୍ୟାଳୟ।

ନିର୍ମାଣ ହୋଇଥିଲା। ଭବାନୀପାଟଣା ସହରରେ ବର୍ତ୍ତମାନ ଥିବା ଜିଲାପାଳଙ୍କ କାର୍ଯ୍ୟାଳୟ ରାଜୁଡା ଅମଳରେ ଦେୱାନୀଙ୍କ ସେକ୍ରେଟାରିଏଟ୍ ଥିଲା। ଏହି କୋଠା ୧୯୩୦ରେ ନିର୍ମାଣ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି କୋଠାରେ ଜିଲାପାଳ, ଅତିରିକ୍ତ ଜିଲାପାଳ, ବିଚାର ବିଭାଗୀୟ ସିଜେଏମ୍ କୋର୍ଟଙ୍କ କାର୍ଯ୍ୟାଳୟ ଚାଲିଥିଲା। ବର୍ତ୍ତମାନ ବି ଏଠାରେ ତାହା ଚାଲିଛି। ଦୀର୍ଘବର୍ଷ ପରେ ମଧ୍ୟ ଏ ଯାଏଁ ଜିଲାପାଳଙ୍କ କାର୍ଯ୍ୟାଳୟର ନିଜସ୍ୱ କୋଠା ନିର୍ମାଣ ହୋଇନାହିଁ। ଜିଲାପାଳଙ୍କ ସରକାରୀ ବାସ ଭବନରେ ରାଜୁଡା ଅମଳର ଦେୱାନୀଙ୍କ ବାସଭବନ ଥିଲା। ସେହିପରି ୧୯୨୩ରେ ନିର୍ମାଣ ହୋଇଥିବା ହ୍ୱିଲର୍ସ କ୍ଲବଠାରେ ଭବାନୀପାଟଣା ପୌରପାଳିକା କାର୍ଯ୍ୟାଳୟ ଚାଲିଛି। ୧୯୩୫ରେ ନିର୍ମାଣ ହୋଇଥିବା ଡିସପେନସାରିରେ ବର୍ତ୍ତମାନ ସଦର ମୁଖ୍ୟ ଡାକ୍ତରଖାନା ଚାଲିଛି। ୧୯୪୬ରେ ନିର୍ମାଣ ହୋଇଥିବା ଏକ୍ସରେ କୋଠାରେ

**୭୪ ବର୍ଷ ପରେ ବି ଜିଲାପାଳଙ୍କ କାର୍ଯ୍ୟାଳୟର ନିଜସ୍ୱ ଗୃହ ନାହିଁ**

ସିଡିଏମଓଙ୍କ ଅଫିସ ଚାଲିଛି। ରାଜୁଡା କୋଠାରେ ଚାଲିଥିବା ଏଲିମେଣ୍ଟାରୀ ଟ୍ରେନିଂ ସ୍କୁଲରେ ବର୍ତ୍ତମାନ ମାଣିକେଶ୍ୱରୀ ହାଇସ୍କୁଲ ଚାଲିଛି। କଳାହାଣ୍ଡି ବିଶ୍ୱବିଦ୍ୟାଳୟର ୱେଷ୍ଟ ହଷ୍ଟେଲଠାରେ ରାଜୁଡା ସମୟରେ ସେଟେଲମେଣ୍ଟ ଅଫିସ କାର୍ଯ୍ୟକାରୀ ହେଉଥିଲା। ୧୯୧୬ରେ ବ୍ରଜମୋହନ ସ୍କୁଲ ଓ ୧୯୩୬ରେ ବ୍ରଜମୋହନ ହାଇସ୍କୁଲର କୋଠା ନିର୍ମାଣ ହୋଇଥିଲା। ଏହା ୧୯୮୮ରେ ବ୍ରଜମୋହନ ହାଇସ୍କୁଲ ପରିସରରେ ସ୍ପୋର୍ଟ୍ସ ହଷ୍ଟେଲ, ପରେ ସିଆଇ ଅଫିସ, ଇନିସ୍ପେକ୍ଟର ଅଫ ଅଫିସ, ସଂସ୍କୃତି ଭବନ ଓ ମ୍ୟୁଜିୟମ୍ ମଧ୍ୟ ସ୍ଥାପନ ହୋଇଥିଲା। ବର୍ତ୍ତମାନ ଭବାନୀପାଟଣା ସହରରେ ଥିବା ଉପଜିଲାପାଳଙ୍କ କାର୍ଯାଳୟରେ ରାଜୁଡା ସମୟରେ ଲାଇମଷ୍ଟୋନ କ୍ରସିଂ ୟୁନିଟ୍‌ଥିଲା। ସେହିପରି ବର୍ତ୍ତମାନ ଏସ୍‌ପି କାର୍ଯ୍ୟାଳୟର ସାଇବର ଅଫିସରେ ରାଜୁଡା ସମୟରେ ଇଂଲିଶ ଅଫିସ ଚାଲୁଥିଲା। ଭବାନୀପାଟଣା ସହରର ଏଭଳି ବହୁ ପ୍ରମୁଖ କାର୍ଯ୍ୟାଳୟ ଓ ସ୍କୁଲଗୁଡିକ ପୁରୁଣା ରାଜାଅମଳର କୋଠାରେ ବର୍ଷ ବର୍ଷ ଧରି ଚାଲିଥିଲେ ମଧ୍ୟ ନୂଆ କୋଠା ନିର୍ମାଣ ପାଇଁ ରାଜ୍ୟ ସରକାର ଆନ୍ତରିକତା ପ୍ରକାଶ ନ କରିବା ସାଧାରଣରେ ଉଦବେଗ୍ ପ୍ରକାଶ ପାଇଛି। ସେବେଠାରୁ ଏପର୍ଯ୍ୟନ୍ତ ୭୪ ବର୍ଷ ବିତିଯାଇଥିଲେ ମଧ୍ୟ ନୂତନ ଗୃହ ନିର୍ମାଣ ପାଇଁ ସରକାରୀସ୍ତରରେ ଉଦ୍ୟମ ହୋଇନାହିଁ। ଅନ୍ୟପକ୍ଷରେ ୧୯୯୩ ଏପ୍ରିଲ ୧ରେ ନୂଆପଡା ଜିଲା ନୂତନ ଭାବେ ଗଠନ ହୋଇ ବର୍ତ୍ତମାନ ସେଠାରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବିଭିନ୍ନ ଜିଲାସ୍ତରୀୟ କାର୍ଯ୍ୟାଳୟ କୋଠା ନିର୍ମାଣ ହୋଇ କାର୍ଯ୍ୟକ୍ଷମ ହୋଇଥିଲେ ମଧ୍ୟ ପୁରୁଣା ଜିଲା କଳାହାଣ୍ଡି ପାଇଁ ଏହା ସମ୍ଭବ ହୋଇପାରିନାହିଁ। କଳାହାଣ୍ଡି ଗଠନ ଦିବସରେ ଏ ନେଇ ଉଭୟ ରାଜନୈତିକ ଓ ପ୍ରଶାସନିକସ୍ତରରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

**ମହିଳା କ୍ରିକେଟ୍: ଟିଟିଲାଗଡ଼ର ୬ ଖେଳାଳିଙ୍କୁ ୧୨ ପଦକ**

ଟିଟିଲାଗଡ଼(ଶରତ ମିଶ୍ର): ରାଉରକେଲାଠାରେ ଅକ୍ଟୋବର ୨୮ ଓ ୨୯ରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ କ୍ରିକେଟ୍ ପ୍ରତିଯୋଗିତାରେ ଟିଟିଲାଗଡ଼ର ୬ ଜଣ ଖେଳାଳି ଅଂଶଗ୍ରହଣ କରି ନିଜ ୧୨ଟି ପଦକ ହାସଲ କରିଛନ୍ତି। ସେମାନେ ହେଲେ ପ୍ରଜ୍ଞା ମାଝି, ସାଗରିକା ସାହୁ, ଅଖିଆ ରାଜପୁତ, ବାଣୀପାଣି ସାହୁ, ପ୍ରୀତି କଟା ଓ ପୁନମ କବାଟ। ଏଥିରେ ଅଫିସିଆଲ ଭଗବାନ କୁମାର ଏବଂ କୋଚ ଭାବେ ଜିତୁ ପୃଷ୍ଟି ଓ ମଳୟ କୁମାର ଦାୟିତ୍ୱ ତୁଲାଇଥିଲେ। ସାରା ରାଜ୍ୟରୁ ୩୯୪ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ବଜ୍ରକାପ୍ତା ଉଦ୍ଧାର, ଜଣେ ଗିରଫ



ଖଡ଼ିଆଳ,୩୧।୧୦(ସୁଜିତ୍ କୁମାର ପ୍ରଧାନ)

ଜୀବନ୍ତ ବଜ୍ରକାପ୍ତା ଚାଲାଣ କରିବା ଉଦ୍ଦେଶ୍ୟରେ ରଖାଯାଇଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏସ୍‌ଟିଏଫ୍ ଟିମ୍ ମଙ୍ଗଳବାର ନୂଆପଡ଼ା ଜିଲା ଖରିଆର ଥାନା ଅଧୀନ ବାଙ୍କାପୁର ଛକରେ ଚଢ଼ାଉ କରି ଜଣଙ୍କୁ ଗିରଫ କରିଛି। ଏଥିସହ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର କରିବା ସହ ଅଭିଯୁକ୍ତ କଳାହାଣ୍ଡି ଜିଲା କେଗାଁ ଥାନା ଅଧୀନ କଣ୍ଟାମାଳ ଗାଁର ରଞ୍ଜନ କୁମାର ସାହୁଙ୍କୁ ଗିରଫ କରିଛି। ଏସ୍‌ଟିଏଫ୍ ଏ ନେଇ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତଙ୍କୁ ଖଡିଆଳ ଏସ୍‌ଡିଜେଏମ୍ କୋର୍ଟରେ ଚାଲାଣ କରାଯାଇଛି। ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ଜୀବନ୍ତ ବଜ୍ରକାପ୍ତା ଖରିଆର ଡିଏଫ୍‌ଓଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଓଡ଼ିଶା ଷ୍ଟାକ୍ସ ଫୋର୍ସ ପକ୍ଷରୁ କେଶ ନମ୍ବର ୨୫/୨୩ ମାମଲା ରୁଜୁ ହୋଇଛି। ଭାରତୀୟ ଦଣ୍ଡ ସଂହିତା ମୁତାବକ ଧାରା ୩୭୯/୪୨୨/୧୨୦ (ବି) ରେ ରୁଜୁ ହୋଇଛି। ୫୧ ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ ରୁଜୁ ହୋଇଛି। ଜୀବିତ ସଲକତି ବନ୍ୟ ପ୍ରାଣୀକୁ ଖଡିଆଳ ଡିଏଫଓଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି।

### ନୂତନ ଗ୍ରୀଡ଼ ସ୍ଥାପନ ଦାବି ନେଇ ଦାବିପତ୍ର ପ୍ରଦାନ

ଡୁଙ୍ଗୁରିପାଲି,୩୧।୧୦(ଦୀନବନ୍ଧୁ ସୁନା)

ମଙ୍ଗଳବାର ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଚେରୁପାଲି ବିଦ୍ୟୁତ୍ ସେକ୍ସନ ଅଧିକାରୀ ଧରମବୀର ସାହୁଙ୍କୁ ସର୍ଗୁଲ ଫିଡର ଅଧୀନରେ ନୂତନ ଗ୍ରୀଡ ସ୍ଥାପନ ନେଇ ଏକ ଦାବିପତ୍ର ଅଞ୍ଚଳର ଉପଭୋକ୍ତାମାନେ ପ୍ରଦାନ କରିଥିବା ଜଣାପଡିଛି । ସର୍ଗୁଲ ଗ୍ରାମର ପ୍ରଫୁଲ ବାରିକଙ୍କ ନେତୃତ୍ୱରେ ଉପଭୋକ୍ତାମାନେ ଚେରୁପାଲି ସେକ୍ସନ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ଦେଇଥିଲେ। ସର୍ଗୁଲ ଅଧୀନରେ ଥିବା ଉପଭୋକ୍ତାମାନେ ବିଦ୍ୟୁତ୍ ପାଇଁ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏକ ଗ୍ରୀଡ ସ୍ଥାପନ ପାଇଁ ବହୁ ବର୍ଷ ଧରି ଦାବି କରି ଆସୁଥିଲେ ମଧ୍ୟ ଅଦ୍ୟାବଧି କୌଣସି ସୁଫଳ ମିଳିନାହିଁ । ବିଦ୍ୟୁତ୍ ସମସ୍ୟା ଦୂର ପାଇଁ ଯଦି ନୂତନ ଗ୍ରୀଡ ସ୍ଥାପନ କରା ନ ଯାଏ ତେବେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବୁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି । ଦାବିପତ୍ର ପ୍ରଦାନ ସମୟରେ କୁଞ୍ଜ ବାରିକ, ସୁରେଶ ସାହୁ, ବଲରାମ ବେହେରା , ଧନେଶର ବଗର୍ତ୍ତୀ, ମହନ ପାଣ୍ଡେ, ପୁରନ୍ଦର ସାହୁ, ଚୁଡ଼ାମଣି ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

### ଆମ୍ବଗାଁରେ ପୋଷଣ ମାସ ପାଳିତ



ଘଣ୍ଟାପଡ଼ା,୩୧।୧୦(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଆମ୍ବଗାଁ ଗ୍ରାମ ପଞ୍ଚାୟତ ପରିସରରେ ଆମ୍ବଗାଁ ସେକ୍ଟର ଓ ଖୁଣ୍ଟିଗୋରା ସେକ୍ଟରର ଅଙ୍ଗନୱାଡି କର୍ମୀଙ୍କ ପକ୍ଷରୁ ପୋଷଣ ମାସ ପାଳିତ ହୋଇଯାଇଛି। କଣ୍ଟାମାଳ ବ୍ଲକ ଶିଶୁ ବିକାଶ ଅଧିକାରୀ ଜ୍ୟୋତ୍ସ୍ନାରାଣୀ ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ଉପଜିଲାପାଳ ରବୀନ୍ଦ୍ରନାଥ କହଁର, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରବି ନାରାୟଣ ତ୍ରିପାଠୀ, କଣ୍ଟାମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀ, କଣ୍ଟାମାଳ ବିଡ଼ିଓ ଜୟଶ୍ରୀ ରେଞ୍ଜୀଙ୍କ ସମେତ ବିଭିନ୍ନ ସେକ୍ଟରରୁ ଆସିଥିବା ସୁପରଭାଇଜର ଓ ଅଙ୍ଗନୱାଡି କର୍ମୀମାନେ ଯୋଗଦାନ କରିଥିଲେ । ଏହି ଅବସରରେ ଶିଶୁ ଓ ମାଆଙ୍କ ପାଇଁ ଉଦ୍ଦିଷ୍ଟ ପୋଷଣ ଖାଦ୍ୟର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ବିଶେଷ କରି ମାଣ୍ଡିଆ ଦ୍ୱାରା ପ୍ରସ୍ତୁତ ପ୍ରାୟ ୨୦ ପ୍ରକାର ଖାଦ୍ୟ ଯଥା ଖିରି, ପୁରୀ, ଚକୁଳି, ଆରିସା,କାକରା, ବରା,ପକୁଡ଼ି, ଉପମା, ସୁପ ଆଦି ଖାଦ୍ୟର ସ୍ୱାଦ ଓ ମାନ ଅତିଥିମାନେ ପରୀକ୍ଷା କରି ଖୁସିବ୍ୟକ୍ତ କରିଥିଲେ । ସେହିଭଳି ଆମ୍ବଗାଁ ଅଙ୍ଗନୱାଡି କେନ୍ଦ୍ରର ଶିଶୁମାନଙ୍କୁ ଉପଜିଲାପାଳଙ୍କ ଉପସ୍ଥିତିରେ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା ।

# ନିଃସର୍ତ୍ତ ବାସନ୍ଦ ପ୍ରତ୍ୟାହାର କର

ବଲାଙ୍ଗୀର,୩୧।୧୦(ବୀରେନ୍ଦ୍ର କୁମାର ଝାଙ୍କର)




ବୈଠକରେ ଉପସ୍ଥିତ ପଶ୍ଚିମ ଓଡ଼ିଶା ପ୍ରଯୋଜକ ସଂଘ ସଦସ୍ୟମାନେ।

ଅଭିନେତା ମନୋଜ ମିଶ୍ରଙ୍କୁ ଓଡ଼ିଶା ପ୍ରଯୋଜକ ସଂଘର ଦୁଇବର୍ଷୀୟା ବାସନ୍ଦକୁ ମଙ୍ଗଳବାର କଡା ପ୍ରତିବାଦ କରିଛି ପଶ୍ଚିମ ଓଡ଼ିଶା ପ୍ରଯୋଜକ ସଂଘ(ପୋପା)। ସ୍ଥାନୀୟ ଯାଦବ ଭବନଠାରେ ସଂଘ କାର୍ଯ୍ୟକାରୀ ସଭାପତି ଶରତ ମହାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମନୋଜ ମିଶ୍ରଙ୍କୁ ବାସନ୍ଦ ଘଟଣାର ଦୃଢ଼ ନିନ୍ଦା କରିଛନ୍ତି ପୋପା ସଦସ୍ୟ। କୌଣସି ବ୍ୟକ୍ତିଗତ ମତାମତକୁ କେନ୍ଦ୍ର କରି ଜଣେ କଳାକାରଙ୍କୁ ଏଭଳି ବାସନ୍ଦ କରାଯିବା ଘୋର ଅନ୍ୟାୟ ଓ ଏହା ପଶ୍ଚିମ ଓଡ଼ିଶାର କଳାକାରଙ୍କ ଭାବାବେଗକୁ ଆଘାତ ଦେଇଛି ବୋଲି ସଂଘ ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ।

ବୈଠକରେ ବରିଷ୍ଠ କଳାକାର ମୁରଲୀଧର ପତି, କପିଳେଶ୍ୱର ଖମାରୀ, ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ, ସଙ୍ଗଠନ ସମ୍ପାଦକ ମାଧବ ବାରିକ, କେଦାର ଥନାପତି ବକ୍ତବ୍ୟ ରଖି ପୂର୍ବ ଓଡ଼ିଶାର ପ୍ରଯୋଜକ, କଳାକାରମାନେ ସୋସିଆଲ ମିଡିଆରେ ଉକ୍ତ ଘଟଣାକୁ ନେଇ ନାନାପ୍ରକାର ଅଶାଳୀନ ମନ୍ତବ୍ୟ ଦେଉଛନ୍ତି। ଏହା ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି।

**ମନୋଜ ମିଶ୍ରଙ୍କ ସପକ୍ଷରେ ପଶ୍ଚିମ ଓଡ଼ିଶା ପ୍ରଯୋଜକ ସଂଘ**

ଓଡ଼ିଶା ସିନେ ପ୍ରଯୋଜକ ସଂଘ ନିଃସର୍ତ୍ତ ଭାବେ ଅଭିନେତା ମନୋଜ ମିଶ୍ରଙ୍କ ଉପରୁ ବାସନ୍ଦ ପ୍ରତ୍ୟାହାର କରୁ ବୋଲି ପୋପା ପକ୍ଷରୁ କୁହାଯାଇଛି। ବୈଠକରେ ଏହି ଅଞ୍ଚଳରେ ଏକ ଫିଲ୍ମସିଟି ଓ ଷ୍ଟୁଡିଓ ନିର୍ମାଣ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଯିବ ବୋଲି ମତପ୍ରକାଶ ପାଇଛି। ବୈଠକରେ କଳାକାର ଉଗ୍ରସେନ ଷଡଙ୍ଗୀ, ବ୍ରହ୍ମାନନ୍ଦ ବନଛୋର, ନିସାର ମହମ୍ମଦ ନିସାର, ଦିଲ୍ଲୀପ ଦୀପ, ପ୍ରକାଶ ଷଡଙ୍ଗୀ, ଅଶୋକ ଦୀପ, ଅନିତା ତ୍ରିପାଠୀ, ନବୀନ ବେହେରା, ରାଜ ସେନ୍ଦ୍ରିଆ, ତ୍ରିନାଥ ନନ୍ଦ, ଅର୍ଜୁନ ବିଭାର, ରୋଜିସ୍ମିତା ହୋତା, ସୁରେଶ ରଥ, ମହେଶ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ସଂଘ ସଙ୍ଗଠନ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।

# 'ରାମ୍' ଫିଲ୍ମ ଚଲାଇ ନ ଦେବାରେ ମନୋଜଙ୍କ ସମ୍ପୃକ୍ତି ଥାଇପାରେ

ଭୁବନେଶ୍ୱର,୩୧।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

**ସ୍ତ୍ରୀ ମାନା ମିଶ୍ରଙ୍କ ପୋଷ୍ଟ ଚର୍ଚ୍ଚାରେ**

ଓଲିଉଡ୍‌ରେ ଚାଲିଥିବା କଳି ଭିତରେ ଅଭିନେତା ମନୋଜ ମିଶ୍ରଙ୍କ ସ୍ତ୍ରୀ ମାନା ମିଶ୍ରଙ୍କ ସୋଶାଲ ମିଡିଆ ପୋଷ୍ଟ ଏବେ ଚର୍ଚ୍ଚାର ପରିସରକୁ ଆସିଛି। କଳିର ସମାଧାନ କରି ଶାନ୍ତିରେ କାମ କରିବାକୁ ପରାମର୍ଶ ଦେଇଛନ୍ତି ମାନା। ଏମିତିକି ଯେଉଁମାନେ ସାମାନ୍ୟ କଳିକୁ ନେଇ ଓଡିଶାକୁ ଭାଗ ଭାଗ କରିବାକୁ ଚାହୁଁଛନ୍ତି ସେମାନଙ୍କୁ ମନ୍ଦ ଉଦ୍ଦେଶ୍ୟର ଲୋକ ବୋଲି କହି ତାଙ୍କୁ ଉଚିତ ଶିକ୍ଷା ମିଳୁ ବୋଲି ସେ କହିଛନ୍ତି। ମନୋଜ ମିଶ୍ରଙ୍କୁ ୟୁସିସିସି ପକ୍ଷରୁ ୨ ବର୍ଷ ବାସନ୍ଦ ପ୍ରସଙ୍ଗରେ ମଙ୍ଗଳବାର ମାନା ଗଣମାଧ୍ୟମକୁ କହିଛନ୍ତି, ବର୍ତ୍ତମାନ ଯାହାସବୁ ହେଉଛି, ତାକୁ ମୁଁ ପସନ୍ଦ କରୁନି। ସମସ୍ତେ ହେଉଛନ୍ତି କଳାକାର। ବ୍ୟାନ୍ ହେବା କଥା ନୁହେଁ। ସେ ମୁମ୍ବାଇରେ କାମ କରୁଥିଲେ। ଏବେ ଏଠାରେ କାମ କରୁଛନ୍ତି। ସେ ଓଡ଼ିଶା ଇଣ୍ଡଷ୍ଟ୍ରୀରେ କାମ କରି ବହୁ ନାଁ କରିଛନ୍ତି। କିଛି ବ୍ୟକ୍ତିଗତ ରାଗ ପାଇଁ ମନୋଜଙ୍କୁ ବ୍ୟାନ୍ କରାଯାଇଛି। ଜିତୁ ମଙ୍ଗରାଜ ହୁଅନ୍ତୁ ବା ଜିତୁ ରାଉତ, ସେମାନେ ଯାହା କହିଛନ୍ତି, ତାହାର ଉତ୍ତର ମନୋଜ ଦେଇ ପାରିଥାଆନ୍ତେ। ଯଦି ତୁମେ ଭଲ ଲୋକ, ତାହାହେଲେ ସେମାନଙ୍କ ଆରୋପର ଜବାବ ଦେଇଦିଅ। କିନ୍ତୁ ତାହା ନ କରି 'ରାମ' ଫିଲ୍ମକୁ ବ୍ୟାନ୍ ବା ଚଲାଇ ନ ଦେବା ଠିକ୍ କଥା ନୁହେଁ। ଯେଉଁମାନେ ଫିଲ୍ମକୁ ବ୍ୟାନ୍ ପାଇଁ ପୋଷ୍ଟର ଧରିଛନ୍ତି, ସେମାନେ ଚିହ୍ନା ପରିଚିତ। ଏଥିରୁ ଜଣାପଡୁଛି, ଏଥିରେ ମନୋଜଙ୍କ ସମ୍ପୃକ୍ତି ଥାଇପାରେ। ତାହା ନ ହେଲେ ମୋର ଜଣେ କାକା ଶ୍ୱଶୁର (ଭକ୍ତ କାକା) କାହିଁକି ପୋଷ୍ଟର ଧରି ଛିଡ଼ା ହୋଇଛନ୍ତି। ଫିଲ୍ମକୁ ନେଇ ଶତ୍ରୁତା, ଝଗଡ଼ା ଓ ଶୋ'ବାଜି କରିବା ନିହାତି ଖରାପ କଥା ବୋଲି ମାନା କହିଛନ୍ତି। ମନୋଜଙ୍କ ଉଦ୍ଦେଶ୍ୟରେ ମାନା କହିଛନ୍ତି, 'ରାମ୍' ଫିଲ୍ମକୁ ବ୍ୟାନ୍ କରିବାର ଅଧିକାର ତୁମର ନାହିଁ। ତୁମେ ତୁମ 'ମାଇଣ୍ଡ୍ ଗେମ୍' ଫିଲ୍ମକୁ ଆଗକୁ ନେଉନ। ସବୁ ହଲ୍‌ରେ ପକାଇବାକୁ ଚେଷ୍ଟା କର। ସମସ୍ତେ ଟଙ୍କା ଖର୍ଚ୍ଚ କରି ଫିଲ୍ମ କରିଛନ୍ତି।

# ସଦେଇପାଲି-ପୁଇଁତଲା ବ୍ଲକ ସୀମାରାସ୍ତାର ଶିଳାନ୍ୟାସ



ବିଧାୟକ ନରସିଂହ ମିଶ୍ର ସଦାଇପାଲି-ପୁଇଁତଲା ବ୍ଲକ୍ ସୀମା ରାସ୍ତାର ଶିଳାନ୍ୟାସ କରୁଛନ୍ତି।

ବଲାଙ୍ଗୀର,୩୧।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ମଙ୍ଗଳବାର ବଲାଙ୍ଗୀର ସଦର ବ୍ଲକ ସଦାଇପାଲି ପଞ୍ଚାୟତର ସଦାଇପାଲିରୁ ପୁଇଁତଲା ବ୍ଲକ ସୀମା ପର୍ଯ୍ୟନ୍ତ ହେବାକୁ ଥିବା ରାସ୍ତାର ଶିଳାନ୍ୟାସ କରିଛନ୍ତି ବିଧାୟକ ନରସିଂହ ମିଶ୍ର। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏହି ରାସ୍ତା ନିର୍ମାଣ କରାଯିବ। ଏହି ଅବସରରେ ବିଧାୟକ ମିଶ୍ର ଗମନାଗମନ ଯେତେବେଳେ ସହଜ ହୋଇଯାଏ ସେତେବେଳେ ଅଞ୍ଚଳର ବ୍ୟବସାୟିକ ଦିଗ ଗୁରୁତ୍ୱ ପାଇଥାଏ। ଏହା ହେଲେ ଲୋକଙ୍କ ଅର୍ଥନୈତିକ ଅଭିବୃଦ୍ଧିରେ ଅନେକ ଉନ୍ନତି ଆସିଥାଏ। ତେଣୁ ଏହି ରାସ୍ତା ନିଶ୍ଚିତ ଭାବରେ ଲୋକଙ୍କ ଜିବନଧାରାରେ ପରିବର୍ତ୍ତନ ଆଣିବ ବୋଲି କହିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମିତ ହେବାକୁ ଥିବା ଏହି ୨.୭ କି.ମିର ଏହି ରାସ୍ତା ପାଇଁ ୧କୋଟି ୯୭ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ରାସ୍ତା ତିଆରି ସମୟ ଅବଧି ୬ ମାସ ରହିଥିବା ସୂଚନା ଦିଆଯାଇଛି। ଶିଳାନ୍ୟାସ ସମୟରେ ବିଭାଗୀୟ ସହକାରୀ ଯନ୍ତ୍ରୀ ବୁଦ୍ଧେଶ୍ୱର ମହାପାତ୍ରଙ୍କୁ ରାସ୍ତା ଯେପରି ଧାର୍ଯ୍ୟ ସମୟ ଭିତରେ ସମ୍ପୂର୍ଣ୍ଣ ହୋଇପାରିବ ସେ ଦିଗରେ ଯତ୍ନବାନ ହେବାକୁ ବିଧାୟକ ମିଶ୍ର ନିର୍ଦ୍ଦେଶ ଦେଇଥିଲେ । ଏହାପରେ ସଦାଇପାଲି ଗାଁର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜାସ୍ଥଳୀକୁ ଯାଇ ଦେବୀଙ୍କ ଆଶୀର୍ବାଦ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଫକୀର ମୋହନ ଥାଟି, ବିରଞ୍ଚି ନାଏକ, ରମେଶ ନାଏକ, ଡ. ପ୍ରଶାନ୍ତ ପ୍ରଧାନ, ବାସୁଦେବ ମୁଗ୍ରୀ, ବାମଦେବ ମିଶ୍ର, ତ୍ରିଲୋଚନ ମହାପାତ୍ର, ସରୋଜ ରଥ, ବ୍ଲକ ସଭାପତି ରାମପ୍ରସାଦ ମିଶ୍ର, ଜିଲା କଂଗ୍ରେସ ଉପସଭାପତି ମନୀଷ ମିଶ୍ର, ଜୁଲୁ ପଟ୍ଟନାୟକ, ଜୟନାରାୟଣ ବହିଦାରଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ଅନ୍ୟତମ ଅଭିଯୁକ୍ତ ଧରାପଡିଥିବା ଚର୍ଚ୍ଚା

**ରୂପକ ହନୁମାନ ହତ୍ୟା ମାମଲା**

ଲୋଇସିଂହା,୩୧।୧୦
(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଜଡ଼ାମୁଣ୍ଡା ବସ୍ତିର ରୂପକ ହନୁମାନ ହତ୍ୟା ମାମଲାର ଫେରାର ଥିବା ଅନ୍ୟତମ ଅଭିଯୁକ୍ତ ସତ୍ୟଜ୍ୟାତି ବାଗ (ଲିଟୁ)ଙ୍କୁ ପୋଲିସ ରାଜ୍ୟ ବାହାରୁ ଗିରଫ କରିଛି। ଗିରଫ କରି ଲୋଇସିଂହା ଅଣା ଯାଉଥିବା ଜଣାଯାଇଛି।

୨୦୨୨ ଏପ୍ରିଲ ୩୦ ରାତିରେ ଲୋଇସିଂହା ବ୍ଲକ ଛକରେ ରୂପକ ହନୁମାନ ଓ ସରୋଜ ବିଶିଙ୍କୁ ଅତର୍କିତ ଆକ୍ରମଣ କରି ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଉଭୟଙ୍କୁ ଉଦ୍ଧାର କରି ବଲାଙ୍ଗୀର ଭୀମ ଭୋଇ ମେଡ଼ିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରୂପକଙ୍କ ମୃତ୍ୟୁ ଘଟିଥିଲା। ସେତେବେଳେ ଦେବାନନ୍ଦ ତାଣ୍ଡିଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ଉଜଳ ଜାଲ ଓ ସୁନ୍ଦରସ୍ୱାଇଁ ଆତ୍ମସମର୍ପଣ କରିଥିଲେ। ଫେରାର ଥିବା ଚତୁର୍ଥ ଅଭିଯୁକ୍ତ ବଡ଼ ବାରିକଙ୍କୁ ରାଉରକେଲା ସେକ୍ଟର ୩ରୁ ଗିରଫ କରି ଅକ୍ଟୋବର ୧୬ରେ କୋର୍ଟ ଚାଲାଣ କରିଥିଲା ପୋଲିସ। ଶେଷ ଅଭିଯୁକ୍ତ ଲିଟୁଙ୍କୁ ପୋଲିସ ଗିରଫ କରିଛି। ଏ ସମ୍ପର୍କ ଆଇଆଇସି ଯଜ୍ଞସିନୀ ନାଏକଙ୍କୁ ପଚାରିବାର ବୁଧବାର ଏ ନେଇ ଗଣମାଧ୍ୟମକୁ ସବିଶେଷ ତଥ୍ୟ ଦିଆଯିବ ବୋଲି କହିଛନ୍ତି।

# ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ, ୪୦ ହଜାର ଜରିମାନା

ବଲାଙ୍ଗୀର,୩୧।୧୦(ବୀରେନ୍ଦ୍ର କୁମାର ଝାଙ୍କର)

**ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ମାମଲା**

ବଲାଙ୍ଗୀର ପୋକ୍‌ସୋ କୋର୍ଟରେ ମଙ୍ଗଳବାର ଜଣେ ଆଦିବାସୀ ନାବାଳିକା ବଳାତ୍କାର ମକଦ୍ଦମାର ରାୟ ପ୍ରକାଶ ପାଇଛି। ଏହି ମାମଲାର ବିଚାର କରି ପୋକ୍‌ସୋ ବିଚାରପତି ଗୋପବନ୍ଧୁ ଗଡନାୟକ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ଜେଲ ସହ ୪୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ଅନାଦାୟ ଆହୁରି ଦୁଇବର୍ଷ ଅଧିକ ଜେଲଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି। ପୁଇଁତଲା ଥାନା ଅଞ୍ଚଳରେ ୨୦୧୭ ମସିହା ମେ ମାସ ୧୭ ତାରିଖରେ ଜଣେ ୧୬ ବର୍ଷିୟା ଆଦିବାସୀ ନାବାଳିକାଙ୍କୁ ମହାକୁରପାଲି ଗାଁର ସଦାନନ୍ଦ ନାଗ ବଳତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଥାନାରେ ଏକ ମାମଲା (୯୪/୧୭) ରୁଜୁ ହୋଇଥିଲା। ପୋଲିସ ଅଭିଯୁକ୍ତ ନାଗଙ୍କୁ ଗିରଫ କରିଥିଲା। ୧୬ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରି ବିଚାରପତି ଗଡନାୟକ ଏହି ରାୟ ଶୁଣାଇଛନ୍ତି। ଏହା ସହିତ ପୀଡିତାଙ୍କୁ ୪ ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦେବାକୁ ଜିଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ବିଚାରପତି ଗଡନାୟକ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ପୋକ୍‌ସୋ କୋର୍ଟ ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର ପ୍ରିୟରଞ୍ଜନ ବଦିହାର ପରିଚାଳନା କରିଥିଲେ।

# ପୁଣି ଏକ ଗାଈକୁ ଖାଇଲା କଲରାପତରିଆ



ଗ୍ରାମବାସୀ ଠେଙ୍ଗା ବାଡି ଧରି ଗାଁ ବାହାରେ ଜଗି ରହିଛନ୍ତି।

ନୂଆପଡ଼ା,୩୧।୧୦(ମକାରୁ ବେମାଲ)

ନୂଆପଡା ଜିଲାରେ ବାଘ ଆତଙ୍କ ଥମିବାର ନାଁ ନେଉନି। ଦିନକୁ ଦିନ ଆତଙ୍କ ଖେଳାଇ ଚାଲିଛି ରକ୍ତମୁଖା କଲରାପତରିଆ ବାଘ। ଗୋଟେ ପରେ ଗୋଟେ ମଣିଷ ହେଉବା ଜନ୍ତୁ ଶିକାର କରି ରକ୍ତ ଶୋଷିବାରେ ଲାଗିଛି। ସୋମବାର ଜଣେ ଶିଶୁକୁ ମାରିବା ପରେ ମଙ୍ଗଳବାର ପୁଣି ଏକ ଗାଈକୁ ମାରି ଖାଇଛି କଲରାପତରିଆ ବାଘ। ଧରମବନ୍ଧା ଥାନା ଭରୁଆମୁଣ୍ଡା ପଞ୍ଚାୟତ କଟିଙ୍ଗପାଣି ଗାଁ ଗୌଧସପଡାର ଅର୍ଜୁନ ଧରୁଆ ନିଜ ଗାଈଗୋରୁ ଜଙ୍ଗଲକୁ ଚରାଇ ଆଣି ସନ୍ଧ୍ୟାରେ ବାନ୍ଧିଥିଲେ। ସକାଳୁ ଉଠି ଦେଖିଲା ବେଳକୁ ଗୁହାଳରେ ଗୋଟେ ଗାଈ ନାହିଁ। ଖୋଜାଖୋଜି ପରେ ଘର ବାଡି ପଟେ ଗାଈର ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ଗାଁରେ ଗୋଟେ ପରେ ଗୋଟେ ଶିକାର ହେଉଥିବାରୁ ଲୋକେ ଆତଙ୍କିତ ହୋଇ ପଡିଲେଣି। ଘର ତାଟି କବାଟ ଦେଇ ଦଳ ଦଳ ହୋଇ ହାତରେ ଠେଙ୍ଗା ବାଡି ଧରି ଜଗି ବସିଛନ୍ତି। ବର୍ତ୍ତମାନ ଧାନ ଅମଳ ସମୟ ଲୋକେ ଚିନ୍ତାରେ ପଡି ଗଲେଣି। ଭୟରେ ଲୋକେ ନିଜ ଜମିକୁ ଯାଉନାହାନ୍ତି। କ୍ଷୟକ୍ଷତି ହୋଇଥିବା ପରିବାରଙ୍କୁ ଶୀଘ୍ର ସହାୟତା ରାଶି ପ୍ରଦାନ କରାଯାଉ ଓ ଯଥାଶୀଘ୍ର ବାଘ ଧରି ଅନ୍ୟତ୍ର ନିଆଯାଉ ନ ହେଲେ ଆମେ ସମସ୍ତେ ବାଘ କବଳରୁ ରକ୍ଷା ପାଇବୁ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି।

# କନିଷ୍ଠ କିରାଣି ଭୋଳାନାଥ ଖମାରୀ ନିର୍ଦ୍ଦୋଷରେ ଖଲାସ

ଭବାନୀପାଟଣା,୩୧।୧୦(ଉତ୍ତମ କୁମାର ଦାଶ)

**କୋମନା ସିମେଣ୍ଟ ଦୁର୍ନୀତି ମାମଲା**

ନୂଆପଡ଼ା ଜିଲା କୋମନା ବ୍ଲକ ଅଫିସ୍ ପକ୍ଷରୁ ବିଭିନ୍ନ ପ୍ରକଳ୍ପ ନିମନ୍ତେ ସିମେଣ୍ଟ ଯୋଗାଣରେ ଅର୍ଥ ତୋଷାରପାତ ମାମଲାରେ ତତ୍କାଳୀନ ଷ୍ଟୋର ଦାୟିତ୍ୱରେ ଥିବା କନିଷ୍ଠ କିରାଣି ଭୋଳାନାଥ ଖମାରୀଙ୍କୁ ଉପଯୁକ୍ତ ପ୍ରମାଣ ଅଭାବରୁ ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଶ୍ରୀକାନ୍ତ ମିଶ୍ର ମଙ୍ଗଳବାର ନିର୍ଦ୍ଦୋଷରେ ଖଲାସ କରିଛନ୍ତି। କିରାଣି ଖମାରୀଙ୍କୁ ୩୦ ହଜାର ବଣ୍ଡ ଦାଖଲ ଆଦେଶ ସହ ଖଲାସ କରିଛନ୍ତି। ପ୍ରକାଶ ଯେ, କୋମନା ବ୍ଲକ ଅଫିସ୍ ପକ୍ଷରୁ ୨୦୦୭-୦୮ ଓ ୨୦୦୮-୦୯ରେ ୭୪ଟି ଉନ୍ନୟନମୂଳକ ପ୍ରକଳ୍ପ ନିମନ୍ତେ ୧୦ ହଜାର ୮୯୦ ବସ୍ତା ସିମେଣ୍ଟ ଯୋଗାଣ ବାବଦରେ ୨୪ ଲକ୍ଷ ୭ ହଜାର ୩୦୦ଟଙ୍କା ଅର୍ଥ ତୋଷାରପାତ ହୋଇଥିବା ଲୋକାଲ ଫଣ୍ଡ ଅଡିଟ କାର୍ଯ୍ୟାଳୟ ପକ୍ଷରୁ କରାଯାଇଥିବା ସ୍ପେଶାଲ ଅଡିଟ ଦ୍ୱାରା ଜଣାପଡିଥିଲା। ପରେ କୋରାପୁଟ ଭିଜିଲାନ୍ସ ପକ୍ଷରୁ ୮।୩।୨୦୧୩ରେ କୋମନା ବିଡିଓ ଲକ୍ଷ୍ମଣ ଅମାତ, କେସିଅର ସୁରେଶ ଜାଲ, କନିଷ୍ଠ କିରାଣି ତଥା ଷ୍ଟୋର ଇନଚାର୍ଜ ଭୋଳାନାଥ ଖମାରୀ ଓ ଖରିଆର ରୋଡର ଅତୁଲ ଷ୍ଟିଲ ମାଲିକ ଓ ଅମ୍ବି ଏଜେନ୍ସି ବିରୋଧରେ ଏଫ୍‌ଆଇଆର୍ ହୋଇଥିଲା। ଭିଜିଲାନ୍ସ ବିଭାଗ ପକ୍ଷରୁ ତଦନ୍ତ ପରେ ଏହି ମାମଲାରେ କେବଳ କନିଷ୍ଠ କିରାଣି ଖମାରୀଙ୍କ ବିରୋଧରେ କୋର୍ଟରେ ଚାର୍ଜସିଟ ଦାଖଲ କରାଯାଇଥିଲା। କନିଷ୍ଠ କିରାଣି ଭୋଳାନାଥ ଖମାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କ୍ଷୀରୋଦ ପ୍ରସାଦ ନେଗୀ ମାମଲା ପରିଚାଳନା କରିଥିଲେ।

**କୃତ୍ରିମ ପୋଖରୀ ନିର୍ମାଣ ମୂଲ୍ୟହୀନ**

# ନଦୀରେ ବିସର୍ଜନ ହେଲା ଦୁର୍ଗାଙ୍କ ମୂର୍ତ୍ତି

ସୋନପୁର,୩୧।୧୦(ମୃତ୍ୟୁଞ୍ଜୟ ଶତପଥୀ)




ରାମେଶ୍ୱର ଷ୍ଟାଡିୟମ ନିକଟରେ ନିର୍ମାଣ ହୋଇଥିବା କୃତ୍ରିମ ପୋଖରୀ।

ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ବିସର୍ଜନ ପାଇଁ ସୋନପୁର ସହରର ରାମେଶ୍ୱରସ୍ଥିତ ଷ୍ଟାଡିୟମ ନିକଟରେ ନିର୍ମାଣ ହୋଇଥିଲା କୃତ୍ରିମ ପୋଖରୀ। ୪୦ ଫୁଟ୍ ଲମ୍ବ ୫୦ଫୁଟ ଓସାରର ପ୍ରାୟ ସାଢେ ୫ ଫୁଟ୍ ଗଭୀର ବିଶିଷ୍ଟ ଏହି ପୋଖରୀ ନିର୍ମାଣ ହୋଇଛି। ସୁବର୍ଣ୍ଣପୁର ପୌର ପରିଷଦ ପକ୍ଷରୁ ତେଲ ନଦୀ କୂଳରେ ଏହା ନିର୍ମାଣ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଅଗ୍ନିଶମ ବିଭାଗ ପକ୍ଷରୁ ଉକ୍ତ ପୋଖରୀରେ ପାଣି ଭର୍ତ୍ତି କରାଯାଇଥିଲା। ନଦୀ ଜଳ ପ୍ରଦୂଷଣ ରୋକିବା, ଜଳଜୀବଙ୍କ ସୁରକ୍ଷା ପାଇଁ ଏହି କୃତ୍ରିମ ପୋଖରୀରେ ସହରର ସମସ୍ତ ୯ ଟି ଦୁର୍ଗା ମୂର୍ତ୍ତି ବିସର୍ଜନ ପାଇଁ ନିଷ୍ପତ୍ତି ହୋଇଥିଲା। ପୌର ପରିଷଦ ପକ୍ଷରୁ ଏ ସମ୍ପର୍କରେ ଗତ ୨୦ ତାରିଖରେ ବ୍ଲକ ଛକ, ପଟାଭାଡି, ଘୋଡାଘାଟପଡା, ବଡବଜାର ଅନ୍ତରାମ ମଣ୍ଡପ, ଟିକିରିପଡା, ଗୁଣ୍ଡିଚା ମନ୍ଦିର, ଥନାପତିପଡା, କୁମ୍ଭାରପଡା ଓ ଦୁର୍ଗାମଣ୍ଡପ ପୂଜା କମିଟିକୁ ଚିଠି ମାଧ୍ୟମରେ ଅବଗତ କରାଯାଇଥିଲା। ପୋଲିସ, ପ୍ରଶାସନ ଓ ଅଗ୍ନିଶମ ବିଭାଗକୁ ମଧ୍ୟ ଚିଠି କରିଥିଲା ପୌର ପରିଷଦ । ସୁବର୍ଣ୍ଣପୁର ସହରରେ ଗତ ୨୫, ୨୬ ଓ ୨୭ ତାରିଖରେ ମା' ଦୁର୍ଗାଙ୍କ ଭସାଣି ଶୋଭାଯାତ୍ରା ଧୁମ୍‌ଧାମରେ ଆୟୋଜନ ହୋଇଥିଲା। ତେବେ ମୃଣ୍ମୟୀ ମୂର୍ତ୍ତିଗୁଡିକ ମହାନଦୀ ଓ ତେଲନଦୀରେ ବିସର୍ଜନ କରାଗଲା। ପୂଜା କମିଟି ନଦୀରେ ମୂର୍ତ୍ତି ବିସର୍ଜନ କରୁଥିବା ବେଳେ ପୋଲିସ ଓ ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିଲେ। ପ୍ରଦୂଷଣ ରୋକିବା ପାଇଁ ଅନ୍ୟ ସହରଗୁଡିକରେ କୃତ୍ରିମ ପୋଖରୀରେ ମୂର୍ତ୍ତି ବିସର୍ଜନ କରା ଯାଉଥିବା ବେଳେ ସଚେତନତା ଅଭାବରୁ ଏଠାରେ ତାହା ସମ୍ଭବ ହୋଇ ପାରିଲା ନାହିଁ। ନଦୀ ଜଳକୁ ପ୍ରଦୂଷିତ କରାଗଲା। ପୌର ପରିଷଦ ସରକାରୀ ଅର୍ଥ ଖର୍ଚ୍ଚ କରି ଯେଉଁ କୃତ୍ରିମ ପୋଖରୀ ନିର୍ମାଣ କଲା ତାହା ମୂଲ୍ୟହୀନ ହୋଇପଡିଲା। ପ୍ରଶାସନର ଖାମଖିଆଲ ନୀତି ଯୋଗୁ ଏଭଳି ହେଲା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

**ଅପଚୟ ହେଲା ସରକାରୀ ଅର୍ଥ**

ଏ ସମ୍ପର୍କରେ ପୌର ପରିଷଦର ନିର୍ବାହୀ ଅଧିକାରୀ ମନୋରଞ୍ଜନ ପଣ୍ଡା କୁହନ୍ତି ସରକାରୀ ନିୟମ ଅନୁଯାୟୀ ମୂର୍ତ୍ତି ବିସର୍ଜନ ପାଇଁ ଆମେ କୃତ୍ରିମ ପୋଖରୀ ନିର୍ମାଣ କରିଥିଲୁ। ପୂଜା କମିଟି, ପୋଲିସ ଓ ପ୍ରଶାସନକୁ ଏ ବାବଦରେ ଚିଠି ମାଧ୍ୟମରେ ଜଣାଇଥିଲୁ। ମାତ୍ର ତାହା କାର୍ଯ୍ୟକାରୀ ନ ହେବା ଦୁର୍ଭାଗ୍ୟଜନକ। ଭବିଷ୍ୟତରେ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ବୋଲି ନିର୍ବାହୀ ଅଧିକାରୀ ପଣ୍ଡା କହିଥିଲେ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- କୋଲ ଇଣ୍ଡିଆର ୪୯ତମ ପ୍ରତିଷ୍ଠା ଦିବସ, ବୁର୍ଲାସ୍ଥିତ ଜାଗୃତିବିହାର ମୁଖ୍ୟାଳୟ, ସକାଳ ସାଢ଼େ ୬ଟା।
- ହୀରାକୁଦ ଇକୋ ରିଟ୍ରିଟ ଉଦ୍‌ଘାଟନ, ବଲବସପୁର ଜମାଦାରପାଲି, ପୂର୍ବାହ୍ଣ ୧୧ଟା।
- ଜିଲାସ୍ତରୀୟ ସୁରଭି ଓ କଳା ଉତ୍ସବ, ଜିଲାସ୍କୁଲ ପରିସର, ପୂର୍ବାହ୍ଣ ସାଢ଼େ ୧୦ଟା।
- ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ରେଳବାଇ ଷ୍ଟାଡିୟମ, ଅପରାହ୍ଣ ୨ଟା।
- ଜିଲାସ୍ତରୀୟ ସୁରଭି ଓ କଳା ଉତ୍ସବ ଉଦ୍‌ଯାପନୀ ସମାରୋହ, ତପସ୍ୱିନୀ ପ୍ରେକ୍ଷାଳୟ, ଅପରାହ୍ଣ ସାଢ଼େ ୩ଟା।

# କଫ୍ ସିରପ୍ କାରବାର: ମୁଖ୍ୟ ଅଭିଯୁକ୍ତ ଗିରଫ

**ସମ୍ବଲପୁର,୩୧।୧୦(ପ୍ରମୋଦ ବହିଦାର)**

ସମ୍ବଲପୁରରେ ଦିନକୁ ଦିନ ନିଶା କାରବାର ବୃଦ୍ଧି ପାଉଥିବା ବେଳେ ଏହାକୁ ରୋକିବା ପାଇଁ ଜିଲା ପୋଲିସ ପକ୍ଷରୁ ଏକ ସ୍କ୍ୱାଡ୍ ଗଠନ କରାଯାଇଛି। ବିଶେଷ



କରି ସହରରେ ବେଆଇନ କଫ୍ ସିରପ କାରବାର ବ୍ୟାପକ ଭାବେ ଚାଲିଥିବା ବେଳେ ଏଥିରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଧନୁପାଲିର ନିଖିଲ ମୁଣ୍ଡା (୩୬)। ସୂଚନାଯୋଗ୍ୟ, ଦଶହରା ଅବ୍ୟବହିତ ପୂର୍ବରୁ ଗତ ୯ ତାରିଖରେ ଧନୁପାଲି ପୋଲିସ ସୁନାପାଲି ଅଞ୍ଚଳରୁ ୫୪୦୦ ବୋତଲ ନିଷିଦ୍ଧ କଫ୍ ସିରପ୍ ଜବତ କରିବା ସହ ଏଥିରେ ଲିପ୍ତ ୩୨ ଜଣଙ୍କୁ ଗିରଫ କରି କୋର୍ଟ ଚଲାଣ କରିଥିଲା।

# ମିଶନ ଶକ୍ତି ସଂଘ ବୈଠକ

**ସମ୍ବଲପୁର,୩୧।୧୦ (ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ କାଇଁଶିରଠାରେ ମିଶନ ଶକ୍ତି ସଂଘର ମହିଳାମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ମହାନଗର ସ୍ୱୟଂ ସହାୟିକା ଗୋଷ୍ଠୀ ସମନ୍ୱୟ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦିକା ତଥା ମହିଳା ବିଜେଡି ରାଜ୍ୟ ସମ୍ପାଦିକା ମିତାଲି ସାହୁ ଅଧ୍ୟକ୍ଷତା କରିଥିବା ବେଳେ ସମ୍ବଲପୁର ଜିଲା ସମ୍ପାଦକ ଯାମିନୀ ବହିଦାର ସଂଯୋଜନା କରିଥିଲେ। ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱୟଂ ସହାୟିକା ଗୋଷ୍ଠୀ ଜରିଆରେ ମହିଳାମାନଙ୍କ ଅର୍ଥନୈତିକ ଓ ସାମାଜିକ ବିକାଶ ପାଇଁ କରିଥିବା ଯୋଜନା ବିଷୟରେ ସୂଚନା ଦେଇଥିଲେ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଜରିଆରେ କାଇଁଶିରରେ ଥିବା କଁଟାର ପୁନରୁଦ୍ଧାର, ଅଞ୍ଚଳରେ ପାନୀୟ ଜଳ ସୁବିଧା, କାଇଁଶିର ବିଦ୍ୟାଳୟ ନିକଟ ରାସ୍ତାର ଉନ୍ନତି ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା। ପ୍ରସ୍ତାବଗୁଡ଼ିକୁ ମହାନଗର ନିଗମ କମିଶନରଙ୍କ ନିକଟରେ ଉପସ୍ଥାପନ କରାଯିବାକୁ ସ୍ଥିର ହୋଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ସୁଶାନ୍ତ ତନସନା, ପଦ୍ମିନୀ ପଧାନ, ସୁଜାତା କଚରିଆ, ତପସ୍ୱିନୀ ଗୁରୁ, ସୁକଲ ଭୋଇ, ପୁଷ୍ପାଞ୍ଜଳି ଭୋଇ, ସୁଜାତା ଜେନା, ସଂଘମିତ୍ରା ପଣ୍ଡା, ଶ୍ରାବଣୀ ବାରିକ ପ୍ରମୁଖ ସାମିଲ ହୋଇଥିଲେ।

# ରାସ୍ତା ମରାମତି ନ ହେଲେ କାର୍ଯ୍ୟାନୁଷ୍ଠାନ

## ଜିଲା ସଡ଼କ ନିରାପତ୍ତା ସମୀକ୍ଷା ବୈଠକ

**ସମ୍ବଲପୁର,୩୧।୧୦(ବି.ଶଙ୍କର)**

ସମ୍ବଲପୁର ଜିଲା ସଡ଼କ ନିରାପତ୍ତା ସମୀକ୍ଷା ବୈଠକ ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ, ଟ୍ରାଫିକ ଡିଏସ୍‌ପି ନରେନ୍ଦ୍ର କୁମାର ଷଡ଼ଙ୍ଗୀ, ଅବକାରୀ ଇନ୍ସପେକ୍ଟର ଅନ୍ନପୂର୍ଣ୍ଣା ରଥ, ଅଇଁଠାପାଲି ଟିପିଡବ୍ଲ୍ୟୁଓଡିଏଲର ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସମେତ ଜାତୀୟ ରାଜପଥ କର୍ତ୍ତୃପକ୍ଷ, ବସ୍ ସଂଘ ଓ ସମସ୍ତ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ବିଭିନ୍ନ ସ୍ଥାନରେ ରାସ୍ତା ମରାମତି ନ ହେବା ଦେଖି ଅତିରିକ୍ତ ଜିଲାପାଳ ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ମରାମତି ନ ହେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତାଗିଦ କରିଥିଲେ।



ସଡକ ନିରାପତ୍ତା ସମୀକ୍ଷା ବୈଠକରେ ଅଧିକାରୀମାନେ।

ଲୋକଙ୍କ ଜୀବନ ହେଉଛି ବହୁତ ମୂଲ୍ୟବାନ। ତେଣୁ ପ୍ରାଥମିକତା ଭାବେ କାର୍ଯ୍ୟ କରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷେ ଜାତୀୟ ରାଜପଥ କଡ଼ରେ ବେଆଇନ ପାର୍କିଂ, ବେପରୁଆ ଗାଡି ଚାଳନା ଓ ନିୟମ ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପରିବହନ, ପୋଲିସ ଏବଂ ଅବକାରୀ ବିଭାଗ ମିଳିତ ଭାବେ ଧରପଗଡ଼କୁ ଜୋରଦାର କରିବାକୁ ଅତିରିକ୍ତ ଜିଲାପାଳ ମହାନ୍ତି ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଘଟଣା ପ୍ରବଣ ସ୍ଥାନ ଯଥା ପିସି ବ୍ରିଜ ବୁର୍ଲା, ରେମେଡ଼ ଛକ, ଅଇଁଠାପାଲିଠାରେ କିପରି ଲୋକଙ୍କ ଧନଜୀବନ କ୍ଷତି ନ ହୁଏ ସେଥିପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାକ୍ରମେ, ଜାନୁୟାରୀ ୧ରୁ ୩୦ ସେପ୍ଟେମ୍ବର ୨୦୨୩ ମଧ୍ୟରେ ୨୯୩ଟି ଦୁର୍ଘଟଣା ଘଟିଥିବା ବେଳେ ୩୦୩ ଜଣ ଆହତ ହୋଇଥିଲେ। ୧୩୯ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ୧ ଜାନୁୟାରୀରୁ ୩୦ ସେପ୍ଟେମ୍ବର ୨୦୨୩ ମଧ୍ୟରେ ମଦ୍ୟପାନ କରି ଗାଡି ଚାଳନା ପାଇଁ ୬୫୫ଜଣ, ଦ୍ରୁତ ଗାଡି ଚାଳନା ପାଇଁ ୪୫୦୯, ସିଟ୍ ବେଲ୍ଟ ନ ପିନ୍ଧି ଗାଡି ଚାଳନା ପାଇଁ ୭୪୭, ହେଲ୍‌ମେଟ ପାଇଁ ୧୯୦୧୬, ମୋବାଇଲ ଫୋନ ପାଇଁ ୧୯୫୦, ଓଭରଲୋଡ଼ ପାଇଁ ୧୫୦, ଅଧିକ ଯାତ୍ରୀ ପରିବହନ ପାଇଁ ୫୦ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଥିବା ବେଳେ ୧୬୦୯ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି।

# ଯୁବ ସଙ୍ଗୀତଜ୍ଞ ମାନସ

**ସମ୍ବଲପୁର,୩୧।୧୦ (ଭବାନୀ ଶଙ୍କର ଭୋଇ)**

ସମ୍ବଲପୁରୀ ଲୋକ ସଙ୍ଗୀତ କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି ସଙ୍ଗୀତଜ୍ଞ ମାନସ କୁମାର ଷଡ଼ଙ୍ଗୀ। ସେ ପ୍ରୟାଗ ସଙ୍ଗୀତ ସମିତି ଆହ୍ଲାବାଦରୁ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତରେ ବିଶାରଦ ହେବା ସହ ଉଭୟ ଓଡିଆ ଓ ଶିକ୍ଷା ବିଷୟରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ଏହାସହ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ଶିକ୍ଷାରେ ଏମ୍‌ଫିଲ କରିସାରିଛନ୍ତି। ମା' ସଂଯୁକ୍ତା ଓ ବାପା ଲକ୍ଷ୍ମୀନାରାୟଣ ଷଡଙ୍ଗୀଙ୍କ ଏକମାତ୍ର ପୁତ୍ର ମାନସଙ୍କ ପ୍ରାଥମିକ ଶିକ୍ଷା ଆରମ୍ଭ ହୋଇଥିଲା ବିଜେପୁର ପ୍ରାଥମିକ ବିଦ୍ୟାଳୟରୁ। ସମ୍ବଲପୁର ଆସିବା ପରେ ସଙ୍ଗୀତର ଆକର୍ଷଣ ତାଙ୍କୁ ପହଞ୍ଚାଇ ଦେଇଥିଲା ଗୁରୁ ଝରନରଞ୍ଜନ ମହାପାତ୍ର



ମାନସ କୁମାର ଷଡଙ୍ଗୀ।

ଏବଂ ଗୁରୁ ପ୍ରଫୁଲ୍ଲ ମିତ୍ରଙ୍କ ପାଖରେ। ସେମାନଙ୍କଠାରୁ ସେ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷା କରିଥିଲେ। ସମ୍ବଲପୁରର ଆଉଜଣେ ଗୁରୁ ପ୍ରମୋଦ କୁମାର ମିଶ୍ରଙ୍କ ସହ ସାକ୍ଷାତ ହେବା ପରେ ସେ ତାଙ୍କଠାରୁ ଶାସ୍ତ୍ରୀୟ ସଙ୍ଗୀତ ସହ ସମ୍ବଲପୁରୀ ଲୋକ ସଙ୍ଗୀତ ଶିକ୍ଷା ଲାଭ କରିଥିଲେ। ୧୪ ବର୍ଷ ବୟସରୁ ସଙ୍ଗୀତ ପ୍ରତି ଆକର୍ଷିତ ହୋଇସାରିଥିବା ମାନସ ଗୁରୁମାନଙ୍କ ପ୍ରେରଣାରେ ନିଜକୁ ଜଣେ ଯୁବ ସଙ୍ଗୀତଜ୍ଞ ଭାବେ ପ୍ରତିଷ୍ଠିତ କରାଇପାରିଛନ୍ତି। ଏବେ ସେ ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ କାର୍ଯ୍ୟକ୍ରମରେ ସମ୍ବଲପୁରୀ ଲୋକ ସଙ୍ଗୀତ ପରିବେଷଣ କରି ସମ୍ମାନିତ ହୋଇଛନ୍ତି। ସଙ୍ଗୀତ ସହ ସାହିତ୍ୟ ପ୍ରତି ମଧ୍ୟ ତାଙ୍କର ରୁଚି ରହିଛି। ସେ ଉଭୟ ଓଡିଆ ଓ ସମ୍ବଲପୁରୀ ଭାଷାରେ ସାହିତ୍ୟ ରଚନା କରୁଛନ୍ତି। ବିଭିନ୍ନ ପତ୍ରପତ୍ରିକାରେ ତାଙ୍କ ଲେଖା ନିୟମିତ ପ୍ରକାଶ ପାଉଛି। ନିକଟରେ ତାଙ୍କ ରଚିତ ସମ୍ବଲପୁରୀ କବିତା ପୁସ୍ତକ ଉପାସୀର ପିଠିଁ ଖରା ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିଛି। ବର୍ତ୍ତମାନ ସେ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଜୁନିଅର ଫେଲୋଶିପ ପାଇ ଲୋକ ସଙ୍ଗୀତ ଉପରେ ଗବେଷଣା କରୁଛନ୍ତି।

# ଚିତ୍ରକଳା ପ୍ରଦର୍ଶନୀ ସ୍ୟାଡୋ ଉଦ୍‌ଯାପିତ

**ସମ୍ବଲପୁର,୩୧।୧୦(ବି.ଶଙ୍କର)**

ସମ୍ବଲପୁର କଳା ଏକାଡ଼େମୀ ପକ୍ଷରୁ ଓଡ଼ିଶା ଲଳିତ କଳା ଏକାଡ଼େମୀଠାରେ ଆଞ୍ଚଳିକ ଆର୍ଟ ଗ୍ୟାଲେରି ଜଳରଙ୍ଗ ଚିତ୍ରକଳା ପ୍ରଦର୍ଶନୀ ସ୍ୟାଡ଼ୋ-୨.୦ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଫେସର କାଳୀଦାସ ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଏକାଡ଼େମୀର ଅଧ୍ୟକ୍ଷ ସଞ୍ଜୟ ସାହୁଙ୍କ ପୌରୋହିତ୍ୟରେ ସମ୍ବର୍ଦ୍ଧନା ସଭା ହୋଇଥିଲା। ବରିଷ୍ଠ ଚିତ୍ରଶିଳ୍ପୀ ଭୋଳାନାଥ ନାୟକ, ଡ. ନୀଳେନ୍ଦ୍ରୀ ମିଶ୍ର, ଦେବୀଦାସ ମିଶ୍ର, ଡ. ମନୋଜ ପଣ୍ଡା, ସରୋଜ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନା ସଭାକୁ ଭଗବତୀ ସଲମା ପରିଚାଳନା କରିଥିଲେ। ଓଡ଼ିଶା ଲଳିତ କଳା ଏକାଡ଼େମୀର ପରିଚାଳକ ବିଦ୍ୟାପତି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଦର୍ଶନୀରେ ୧୦୦ରୁ ଊର୍ଦ୍ଧ୍ୱ ଚିତ୍ରକଳା ସ୍ଥାନ ପାଇଥିଲା।

# ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ

**ସମ୍ବଲପୁର,୩୧।୧୦(ବି.ଶଙ୍କର)**

ସମ୍ବଲପୁର ଜିଲା କ୍ରୀଡା ସଂଘ ଆୟୋଜିତ ଜିଲାସ୍ତରୀୟ ଡାକ୍ତର ସନାତନ ବେହେରା ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟର ମଙ୍ଗଳବାର ମ୍ୟାଚରେ ହିନ୍ଦ୍ କ୍ଲବ ଓ ବାମରା ଦଳ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି। ସମ୍ବଲପୁର ରେଳ ବାଇ ଷ୍ଟାଡିୟମଠାରେ ପ୍ରଥମ ମ୍ୟାଚ ହିନ୍ଦ୍ କ୍ଲବ ବନାମ ଗୋବିନ୍ଦତୋଲା ସ୍ପୋର୍ଟିଂ ୟୁନିୟନ ମଧ୍ୟରେ ହୋଇଥିଲା। ଏଥିରେ ହିନ୍ଦ୍ କ୍ଲବ ୫-୧ ଗୋଲରେ ବିଜୟୀ ହୋଇଥିଲା। ବିଜୟୀ ଦଳର ଖେଳାଳି ଅଭିଶେକ ସୁନା ମ୍ୟାନ ଅଫ ଦ ମ୍ୟାଚ ଟ୍ରଫି ହାସଲ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ ବାମରା ଦଳ ବନାମ ବଡବଜାର ଅନାମିକା କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ବାମରା ଦଳ ଏକତରଫା ଭାବେ ୬-୦ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚକୁ ସୁବାସ



ଅତିଥିମାନେ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

ରାଉତ, ସାହେବ ଖାମରି, ବଳରାମ ମଟାରି, ପରେଶ ମିର୍ଦ୍ଧା, ପରେଶ ଭୋଇ, ରାଜାରାମ ଓରାମ ପରିଚାଳନା କରିଥିଲେ। ଜିଲା କ୍ରୀଡ଼ା ସଂଘ ଫୁଟ୍‌ବଲ ସମ୍ପାଦକ ଅବଦୁଲ ଗଫାରଙ୍କ ପରିଚାଳନାରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା। ଜିଲାକ୍ରୀଡ଼ା ସଂଘ ସାଧାରଣ ସମ୍ପାଦପ ସୁନୀଲ କୁମାର ସାହୁ ମୁଖ୍ୟଅତିଥି, ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ କଂଗ୍ରେସ କୋଅର୍ଡିନେଟର ଭୁପୋ ମୁଣ, ସୁଶିଳ ପଣ୍ଡା, ଆଲୋକ ପଣ୍ଡା, କେସି ଶତପଥି ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

# ସହକାରୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ନାକଟିଦେଉଳ,୩୧।୧୦ (ବୈକୁଣ୍ଠ ନାଥ ସାହୁ)**

ନାକଟିଦେଉଳ ବ୍ଲକ ଜଗନ୍ନାଥପ୍ରସାଦ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ସହକାରୀ ଶିକ୍ଷକ ନେପାଳ ରାଉଳଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦେବାର୍ଚ୍ଚନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଇଓ ବିଜୟ କୁମାର ପାତ୍ର ମୁଖ୍ୟଅତିଥି ଓ ଏବିଇଓ ସୁଧାକର ପ୍ରଧାନ, ନାକଟିଦେଉଳ ସିଆର୍‌ସିସି ମହେଶ୍ୱର ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅରବିନ୍ଦ ରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅବସର ଗ୍ରହଣ କରିଥିବା ଶିକ୍ଷକ ରାଉଳଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସହକାରୀ ଶିକ୍ଷକ ଉମାକାନ୍ତ ବିଶ୍ୱାଳ ମାନପତ୍ର ପାଠ କରି ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ସ୍ଥାନରେ ରାଷ୍ଟ୍ରୀୟ ଏକତା ଦିବସ




ରେଳ ମଣ୍ଡଳ ପକ୍ଷରୁ ରନ ଫର ୟୁନିଟି କାର୍ଯ୍ୟକ୍ରମ।

### ସମ୍ବଲପୁର ରେଳ ମଣ୍ଡଳ

**ସମ୍ବଲପୁର,୩୧।୧୦(ବି.ଶଙ୍କର/ ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ବିଭାଗୀୟ ରେଳ ପରିଚାଳକ ଆନନ୍ଦ ସିଂ ଯୋଗଦେଇ ଏକତା ଦିବସର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ଏଥିସହ ଅଧିକାରୀ ଓ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ। ଜାତୀୟ ଏକତା, ଅଖଣ୍ଡତା ବଜାୟ ରଖିବା ପାଇଁ ସମସ୍ତେ କଠିନ ପରିଶ୍ରମ କରିବାକୁ ସଂକଳ୍ପବଦ୍ଧ ହୋଇଥିଲେ। ଏହି ଅବସରରେ ସମ୍ବଲପୁର ରେଳବାଇ ଷ୍ଟାଡିୟମରୁ ବାହାରିଥିବା ଗଣଦୌଡ଼ରେ ବିଭାଗର ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ।

### ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଜାତୀୟ ସେବା ଯୋଜନା ପକ୍ଷରୁ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବିକାଶ ଦ କନସେପ୍ଟ ବିଦ୍ୟାଳୟ ପ୍ରାଙ୍ଗଣରେ ମଙ୍ଗଳବାର ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି। ଅତିଥିମାନେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲା। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ଭାରତୀୟ। ସୁରକ୍ଷା ଓ ଅଖଣ୍ଡତା ବଜାୟ ରଖିବା ପାଇଁ କାର୍ଯ୍ୟ କରିବାକୁ ବିକାଶ ଅନୁଷ୍ଠାନ ସମୂହର ନିର୍ଦ୍ଦେଶକ ଜି. ରାମକ୍ରିଷ୍ଣା କହିଥିଲେ। ବିକାଶ ଦ କନସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି, ବିକାଶ ସିନିୟର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷା ଡ. ପୁଷ୍ପିତା ପଣ୍ଡା, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ବାବୁ ବକ୍ତବ୍ୟ ରଖିଥିଲେ। ପରେ ସମସ୍ତେ ସାମୂହିକ ଭାବେ ଶପଥ ପାଠ କରିଥିଲେ। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉପାଧ୍ୟକ୍ଷ ଡ. ଦିବ୍ୟସିଂହ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରଙ୍କ ଦ୍ୱାରା କ୍ଷୁଦ୍ର ନାଟକ ଏକତା ହିଁ ବଳ ପରିବେଷିତ ହୋଇଥିଲା।

### ସମ୍ବଲପୁର ଡାକ ବିଭାଗ

ସମ୍ବଲପୁର ଡାକ ବିଭାଗ ପକ୍ଷରୁ ମଙ୍ଗଳବାର ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଗଣଦୌଡ ଅନୁଷ୍ଠିତ ହୋଇଯାଇଛି। ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଏକତାର ବାର୍ତ୍ତା ପ୍ରଚାର କରିବା ପାଇଁ ଶପଥ ପାଠ କରାଯାଇଥିଲା। ଡାକ ବିଭାଗର ସହକାରୀ ନିର୍ଦ୍ଦେଶକ ଯଜ୍ଞେଶ୍ୱର ଗଡନାୟକ ଓ ସ୍ମିତା ମହାପାତ୍ର ବକ୍ତବ୍ୟ ରଖିବା ସହ ପତାକା ଦେଖାଇ ଦୌଡର ଶୁଭାରମ୍ଭ କରିଥିଲେ। ସମ୍ବଲପୁର ଡିଭିଜନ କାର୍ଯ୍ୟାଳୟ ଓ ସମ୍ବଲପୁର ମୁଖ୍ୟ କାର୍ଯ୍ୟାଳୟର କର୍ମଚାରୀମାନେ ଏଥିରେ ସାମିଲ ହୋଇଥିଲେ। ସମଲେଶ୍ୱରୀ ମନ୍ଦିରଠାରୁ ଦୌଡ ଆରମ୍ଭ ହୋଇ ଲକ୍ଷ୍ମୀ ଟକିଜ୍, ଜେଲ୍ ଛକ ଦେଇ କଚେରି ଛକସ୍ଥିତ ଶହୀଦ ସ୍ତମ୍ଭଠାରେ ଶେଷ ହୋଇଥିଲା। ଡାକ ବିଭାଗର ସହକାରୀ ନିର୍ଦ୍ଦେଶକ ବିପିନ୍ ବିହାରୀ ନେଗି, ସହକାରୀ ଅଧୀକ୍ଷକ ସତ୍ୟବ୍ରତ ଗହାନ୍ ଅଂଶଗ୍ରହଣ କରିଥିଲେ।

### ଜିଲା ଭାଜପା

ସମ୍ବଲପୁର ଭାଜପା ପକ୍ଷରୁ ମଙ୍ଗଳବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସମ୍ମୁଖରୁ ଗଣଦୌଡ ଆରମ୍ଭ ହୋଇଥିଲା। ଭାଜପା ଜିଲା ସଭାପତି ଗିରିଶ ପଟେଲ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଗଣଦୌଡ ମୁଦିପଡା, ଲକ୍ଷ୍ମୀଟକିଜ ଛକ ଦେଇ ସହର ପରିକ୍ରମା କରିଥିଲା। ଏଥିରେ ଦଳୀୟ କର୍ମୀଙ୍କ ସହ ବିକାଶ ଫାଉଣ୍ଡେଶନ, ନେହେରୁ ଯୁବକେନ୍ଦ୍ର, ରାଷ୍ଟ୍ରୀୟ ସେବା ଯୋଜନାର ସାମାଜିକ କର୍ମୀ ସାମିଲ ହୋଇଥିଲେ। ଭାଜପା ଯୁବମୋର୍ଚ୍ଚା ସଭାପତି ଅଶ୍ୱିନୀ ମାଝି ସଂଯୋଜନା କରିଥିଲେ। ନେହେରୁ ଯୁବକେନ୍ଦ୍ରର ଜିଲା ସଂଯୋଜକ ମାରିଆନୁସ ବିଲୁଙ୍ଗ, ଭାଜପା ଉପସଭାପତି ଫଣିଭୁଷଣ ମିଶ୍ର, ସାଧାରଣ ସମ୍ପାଦକ ଅନିଲ ବେହେରା, ବଜରଙ୍ଗ ଦଳ ପଶ୍ଚିମ ପ୍ରାନ୍ତର ସୁଧିର ବହିଦାର ପ୍ରମୁଖ ସାମିଲ ହୋଇଥିଲେ।

### କେନ୍ଦ୍ରୀୟ ବିଦ୍ୟାଳୟ

ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟ-୨ରେ ମଙ୍ଗଳବାର ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମଦିନ ଅବସରରେ ରନ୍ ଫର ୟୁନିଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସନାତନ ବାଞ୍ଜିଙ୍କ ସଭାପତିତ୍ୱରେ ପ୍ରଥମେ ରାଷ୍ଟ୍ରୀୟ ଏକତା ପାଇଁ ଶପଥପାଠ କରାଯାଇଥିଲା। ଏହାସହ ବର୍ତ୍ତମାନ ସତର୍କତା ସଚେତନତା ସପ୍ତାହ ଚାଲିଥିବାରୁ ଛାତ୍ରୀଛାତ୍ର ସବୁ କ୍ଷେତ୍ରରେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଶପଥପାଠ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କୁ ନେଇ ଗଣଦୌଡ ଅନୁଷ୍ଠିତ ହୋଇଥିଲା। ଷଷ୍ଠରୁ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ର ବିଦ୍ୟାଳୟରୁ ବାହାରି ପିଜି ଛକ ଦେଇ ବୁର୍ଲା ସହର ପରିକ୍ରମା କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ସାମିଲ ହୋଇଥିଲେ।




କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ରନ ଫର ୟୁନିଟି କାର୍ଯ୍ୟକ୍ରମ।

# ନୂତନ ତହସିଲଦାରଙ୍କ ସହ ସାମ୍ବାଦିକ ସଂଘର ଆଲୋଚନା

**ଜମନକିରା,୩୧।୧୦(ରବୀନ୍ଦ୍ର ପ୍ରସାଦ ଦାନି)**

ଜମନକିରା ତହସିଲରେ ନୂତନ ଭାବେ ଯୋଗଦାନ କରିଥିବା ତହସିଲଦାର ହରେକୃଷ୍ଣ ବରିହାଙ୍କୁ ମଙ୍ଗଳବାର ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ) ଜମନକିରା ଶାଖା କର୍ମକର୍ତ୍ତା ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ବେଆଇନ ଭାବେ ସରକାରୀ ଜମି ଅକ୍ତିଆର କରି ଗୃହ ନିର୍ମାଣ କରିଥିବା ଘର ଉଚ୍ଛେଦ କରିବା, ବେଆଇନ ମାଟିଇଟା ନିର୍ମାଣ ବନ୍ଦ କରିବା, ବେଆଇନ ଭାବେ ବାଲି, ମୋରମ, ମାଟି ଉଠାଣ କରି ବ୍ୟବସାୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଓଡ଼ିଶା ସାମ୍ବାଦିକ ସଂଘ ସମ୍ବଲପୁର ଶାଖାର କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ପ୍ରସାଦ ଦାନିଙ୍କ ନେତୃତ୍ୱରେ ସମ୍ପାଦକ ସତ୍ୟପ୍ରିୟ ମହାପାତ୍ର, କୋଷାଧ୍ୟକ୍ଷ ଅଶୋକ କୁମାର ପଟେଲ, ଜିତେନ୍ଦ୍ର ମୁଦୁଲି, ଅକ୍ଷୟ କୁମାର ଦେହୁରି, ଲିପନ କୁମାର ପଟେଲ, ରବୀନ୍ଦ୍ର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ରାଷ୍ଟ୍ରୀୟ ଏକତା ଦିବସରେ ଗଣଦୌଡ଼

**କୁଚିଣ୍ଡା,୩୧।୧୦(ବିରଞ୍ଚି ଦର୍ଶୀ)**

କୁଚିଣ୍ଡାରେ ବିକାଶ ଫାଉଣ୍ଡେଶନ, ନେହେରୁ ଯୁବକେନ୍ଦ୍ର ଓ ଏନ୍‌ଏସ୍‌ଏସ୍ ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଏହି ଦିନକୁ ରାଷ୍ଟ୍ରୀୟ ଏକତା ଦିବସ ଭାବେ ପାଳନ କରାଯାଇ ରନ୍ ଫର୍ ୟୁନିଟି (ଗଣ ଦୌଡ଼) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କୁଚିଣ୍ଡା କଲେଜ ପଡିଆରେ ହୋଇଥିବା ଏହି ଗଣଦୌଡ କାର୍ଯ୍ୟକ୍ରମକୁ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ମୁଖ୍ୟଅତିଥି ଓ ପୂର୍ବତନ ବିଧାୟକ ରବି ନାରାୟଣ ନାଏକ ସମ୍ମାନିତ ଭାବେ ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ୨୩୦ଜଣ ସ୍କୁଲ ଓ କଲେଜ ଛାତ୍ରୀଛାତ୍ର, ବିଭିନ୍ନ ସଂଗଠନର କର୍ମକର୍ତ୍ତା, ବୁଦ୍ଧିଜୀବୀ ଏବଂ ଭାଜପା କର୍ମକର୍ତ୍ତା ସାମିଲ ହୋଇଥିଲେ। ଗଣଦୌଡ କଲେଜ ପଡିଆରୁ ବାହାରି ମନ୍ଦିର ଛକ, ପୁରୁଣା ବସ୍‌ଷ୍ଟାଣ୍ଡ ଦେଇ ସହର ପରିକ୍ରମା କରିଥିଲା। ଶେଷରେ ସମସ୍ତେ ଦେଶ ଓ ମାଟି ପାଇଁ ସହଯୋଗର ହାତ ବଢାଇବେ ବୋଲି ଶପଥପାଠ କରିଥିଲେ। ସେହିପରି କୁଚିଣ୍ଡା ବ୍ଲକ କୁରୁରାଟୁଆଁ ଜୁନିୟର କଲେଜରେ ଏହି ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ନିଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଜାରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ଭାବନା ପାଣ୍ଡେ, ଅଧ୍ୟାପକ ସୁଧିର କୁମାର ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଖଣ୍ଡ ଭାରତରେ ଲୌହମାନବଙ୍କ ଅବଦାନ ବିଷୟରେ ଆଲୋଚନା କରିଥିଲେ। ପରେ ଛାତ୍ରୀଛାତ୍ର, ଅଧ୍ୟାପିକ ଅଧ୍ୟାପକ ଓ କଲେଜ କର୍ମଚାରୀଙ୍କୁ ନେଇ ଶପଥପାଠ କାର୍ଯ୍ୟକ୍ରମ ହୋଇଥିଲା। ଶେଷରେ ଗ୍ରନ୍ଥାଗରିକ ଦେବାନନ୍ଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମ ଉଦ୍‌ଘାଟନ କରୁଛନ୍ତି ଅତିଥି।

# ରେଳ ପାର୍ସଲରେ କଫ୍ ସିରପ ଚାଲାଣ

## ୬ ଶହ ବୋତଲ ଜବତ, ୨ ଗିରଫ

**ସମ୍ବଲପୁର,୩୧।୧୦ (ପ୍ରମୋଦ ବହିଦାର)**

ସମ୍ବଲପୁରରେ ନିଷିଦ୍ଧ କଫ୍ ସିରପ୍ ଚୋରା କାରବାର ବୃଦ୍ଧି ପାଇବାରେ ଲାଗିଛି। ଚୋରା ବେପାରୀମାନେ ଅଭିନବ ଉପାୟରେ ଚାଲାଣ କରୁଥିବା ୬ଶହ ବୋତଲ କଫ୍ ସିରପକୁ ରେଳବାଇ ବୋଲିସ ଜବତ କରି ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସମ୍ବଲପୁରର ଅରୁଣ ସୋନୀ ଓ ସୁଦୀପ ମହାନନ୍ଦ। ସୂଚନାକ୍ରମେ ସୋମବାର ରେଳବାଇ ପାର୍ସଲରେ ୩ଟି ପେଟି ସମ୍ବଲପୁରରେ ପହଞ୍ଚିଥିଲା। ତେବେ ପ୍ରଥମେ ଏହା ଔଷଧର ଭ୍ରମ ସୃଷ୍ଟି କରିଥିବା ବେଳେ ପାର୍ସଲ ଅଫିସର ଏହାର ବିଲ୍‌କୁ ଦେଖି କଫ୍ ସିରପ ବୋଲି ଜାଣିପାରି ରେଳବାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଥିଲା।



ଜବତ କଫ୍ ସିରପ ଓ ଗିରଫ ଅଭିଯୁକ୍ତ।

ତେବେ ଉକ୍ତ ପାର୍ସଲ୍ କୌଣସି ସଂସ୍ଥା ବଦଳରେ ବ୍ୟକ୍ତିଗତ ନାମରେ ଆସିଥିବାରୁ ପୋଲିସ ଉକ୍ତ ପାର୍ସଲରେ ଠିକଣା ଥିବା ବ୍ୟକ୍ତିଙ୍କୁ ଅପେକ୍ଷା କରି ରହିଥିଲା। ମଙ୍ଗଳବାର ଅରୁଣ ଓ ସୁଦୀପ ପାର୍ସଲ ନେବାକୁ ଆସିବାକ୍ଷଣି ସେମାନଙ୍କୁ ପୋଲିସ ଏ ସମ୍ପର୍କରେ ପଚାରଉଚରା କରିଥିଲା। ମାତ୍ର କଫ୍ ସିରପ ନେଇ ଉଭୟେ କୌଣସି ଠିକ ତଥ୍ୟ ଉପସ୍ଥାପନ କରିପାରି ନ ଥିଲେ। ଫଳରେ ରେଳବାଇ ପୋଲିସ ଉଭୟଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ଉକ୍ତ ପାର୍ସଲ୍‌ରେ ଆସିଥିବା ୧୦୦ ମିଲି ଲିଟର୍‌ର ୬୦୦ ବୋତଲ କଫ୍‌ସିରପକୁ ରେଳବାଇ ପୋଲିସ ଜବତ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଥିଲା।

## ସଂକ୍ଷେପରେ

### ନ୍ୟାୟ ପାଇଁ ଥାନା ଆଗରେ ବସିଲେ ମହିଳା ଗୃହରକ୍ଷୀ



ଭବାନୀପାଟଣା,୩୧।୧୦(ଉତ୍ତମ କୁମାର ଦାଶ)

ପୋଲିସ ଶୁଣୁନି ପୋଲିସର ଡାକ। ମଙ୍ଗଳବାର ଏପରି ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ଥାନାରେ। ଏହି ଥାନାରେ ଉକିଆ ବାଗ ନାମକ ଜଣେ ମହିଳା ଗୃହରକ୍ଷୀ (ହୋମଗାର୍ଡ) କାର୍ଯ୍ୟ କରୁଛନ୍ତି। ତାଙ୍କ ଘର କିଛି ଲୋକ ଭାଙ୍ଗି ଦେଉଥିବା ନେଇ ଗତ ୨୭ ତାରିଖ ସେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ହେଲେ ଅଭିଯୋଗ ପରେ ମଧ୍ୟ ପୋଲିସ ମାମଲା ରୁଜୁ କରୁ ନ ଥିବା କି କୌଣସି ତଦନ୍ତ କରୁ ନ ଥିବା ସେ ଅଭିଯୋଗ କରିଛନ୍ତି। ମଙ୍ଗଳବାର ଡ୍ୟୁଟି ସାରି ଘରକୁ ଯାଉଥିବାବେଳେ ପୁଣିଥରେ ତାଙ୍କ ଘର କେହି ଭାଙ୍ଗିଦେଇଥିବା ନେଇ ଅଭିଯୋଗ ଆଣିଛନ୍ତି। ଫଳରେ ନ୍ୟାୟ ଦାବିରେ ସେ ଟାଉନ ଥାନା ମୁଖ୍ୟ ପାଟକ ଆଗରେ ବସି ଧାରଣା ଦେଉଥିବା ଦେଖିବାକୁ ମିଳିଥିଲା। ପରେ କିଛି ପୋଲିସ କର୍ମଚାରୀ ଆସି ତାଙ୍କୁ ବୁଝାଶୁଝା କରିବା ପରେ ସେ ଧାରଣାରୁ ହଟିଥିଲେ।

### ସହକାରୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଖଡ଼ିଆଳ,୩୧।୧୦(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ସହକାରୀ ଶିକ୍ଷକ ସୁରବିଜୟକାନ୍ତ ତାଣ୍ଡିଙ୍କୁ ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ସମ୍ରାଟ ପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ତାଣ୍ଡିଙ୍କୁ ବିଦ୍ୟାଳୟ ପକ୍ଷରୁ ମାନପତ୍ର, ଉପଢୌକନ ତଥା ଉପହାର ପ୍ରଦାନ କରି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଜ୍ଞାନ ଶିକ୍ଷକ ଅଶୋକ କୁମାର ବେହେରା ମାନପତ୍ର ପାଠ କରିଥିଲେ। ଶିକ୍ଷକ ଗୌରୀ ଶଙ୍କର ଦୁବେ, ଅତିଥି ଶିକ୍ଷକ ଅକ୍ଷୟ କୁମାର ରଥ, ପ୍ରଶାନ୍ତ କୁମାର ପଣ୍ଡା, ଶ୍ୟାମ ନାରାୟଣ ମୁଣ୍ଡ, ରତନ ସିଂ ବାରିକ, ଅଶୋକ କୁମାର ବେହେରା, ପ୍ରଭୁଦତ୍ତ ପୁରୋହିତ, ନୀଳିମାରାଣୀ ସାଗର, ରାଜଶ୍ରୀ ଦଣ୍ଡସେନା, ନିରଞ୍ଜନ ବିଶ୍ୱାଳ, ଧନଞ୍ଜୟ ମଲ୍ଲିକ, ମହମ୍ମଦ କଲାମ ପ୍ରମୁଖ ତାଣ୍ଡିଙ୍କ କାର୍ଯ୍ୟକଳାପ ଉପରେ ଆଲୋଚନା କରି ପ୍ରଶଂସା କରିଥିଲେ। ଦୀପକ ରଞ୍ଜନ ଯୋଷୀ, ଅଶ୍ୱିନୀ ପଟ୍ଟନାୟକ, ଦମୟନ୍ତୀ ବିଶି ପ୍ରମୁଖ ସହଯୋଗ କରିଥିଲେ।

# ମରୀଚିକା ପାଲଟିଛି ଇନ୍ଦ୍ରାବତୀ ସେତୁ ନିର୍ମାଣ କାମ

ଭବାନୀପାଟଣା,୩୧।୧୦(ଉତ୍ତମ କୁମାର ଦାଶ)

ମରୀଚିକା ପାଲଟିଛି ଇନ୍ଦ୍ରାବତୀ ସେତୁ ନିର୍ମାଣ କାମ। ଯେଉଁମାନେ ଇନ୍ଦ୍ରାବତୀ ଜଳ ଭଣ୍ଡାର ପାଇଁ ନିଜ ଭିଟାମାଟି, ଘରଦ୍ୱାର, ସୁନାର ଫସଲ ଦେଉଥିବା କ୍ଷେତ ଛାଡି ଦେଲେ, ସେମାନଙ୍କ ବିକାଶ ଆଜି ପର୍ଯ୍ୟନ୍ତ ହୋଇପାରି ନାହିଁ। ଇନ୍ଦ୍ରାବତୀ ଜଳଭଣ୍ଡାର ନିର୍ମାଣ ହୋଇ ଦୁଇ ଦଶନ୍ଧି ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ନିଜ ଭିଟାମାଟି ଛାଡିଥିବା ଲୋକଙ୍କ ଗମନାଗମନ ପାଇଁ ବ୍ରିଜଟିଏ ମଧ୍ୟ ନିର୍ମାଣ ହୋଇ ପାରିନାହିଁ। ଫଳରେ ଆଜି ବି ଲୋକମାନଙ୍କୁ ଡଙ୍ଗା ସାହାଯ୍ୟରେ ନଦୀପାର ହେବାକୁ ପଡୁଛି। କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଭୌଗୋଳିକ ପରିସୀମା ମଧ୍ୟରେ ଇନ୍ଦ୍ରାବତୀ ଜଳଭଣ୍ଡାର ସୃଷ୍ଟି ହେଲା। ଏଥିରେ ବ୍ଲକର ଗୋପୀନାଥପୁର, ଅଡ୍ରି, ମାଳିଗାଁ, ପାଡେପଦର, ଘୁଟୁଖାଲ ଆଦି ପଞ୍ଚାୟତ ଅନେକାଂଶ ଇଲାକା ଜଳଭଣ୍ଡାର ମଧ୍ୟରେ ବିଲୀନ ହେଲା ପରେ ଲୋକଙ୍କୁ ବିସ୍ଥାପିତ କରାଗଲା। ଯେଉଁମାନେ ଇନ୍ଦ୍ରାବତୀ ଜଳ ଭଣ୍ଡାର ପାଇଁ କୌଣସି ଦ୍ୱିଧା ନ ରଖି ନିଜ ଭିଟାମାଟି, ଘରଦ୍ୱାର, ସୁନାର ଫସଲ ଦେଉଥିବା କ୍ଷେତ ଛାଡି ଦେଲେ। ଇନ୍ଦ୍ରାବତୀ ଜଳଭଣ୍ଡାରର ୧୧୦ ବର୍ଗ କି.ମି. ପ୍ରଶସ୍ତ ଜଳରାଶି ମଧ୍ୟରେ ବିଲିନ ହୋଇଗଲା ୨୪ଖଣ୍ଡ ଗାଁ। ବିସ୍ଥାପିତ ହୋଇଗଲେ ୬୩୩୩ ପରିବାର। ବିସ୍ଥାପିତ ପରେ କିଛିପରିବାର ଅନ୍ୟ ସ୍ଥାନକୁ ଯାଇ ରହିଥିବା ବେଳେ କିଛି ପରିବାର ତାଙ୍କର ପୁରୁଣା ସ୍ମୃତିକୁ ଯାବୁଡି ଧରି ଜଳଭଣ୍ଡାର ପରିଧିର ଉଚ୍ଚ ସ୍ଥାନରେ ଗାଁ ବସାଇ ଜୀବନ ବିତାଉଛନ୍ତି। କିନ୍ତୁ ଜଳଭଣ୍ଡାର ପୂର୍ଣ୍ଣାଙ୍ଗ ହେବା ପରେ ସେମାନଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଲା। ବିସ୍ଥାପିତ ଲୋକମାନେ ଜଳବନ୍ଦୀ ହୋଇଗଲେ। ଏମାନଙ୍କ ଜୀବନ ରେଖା ପାଲଟିଗଲା ଡଙ୍ଗା। ଜଳବନ୍ଦୀର ଜୀବନ ବିତାଉଥିବା ଅଞ୍ଚଳବାସୀଙ୍କ ଜୀବନ ଧାରଣ ପାଇଁ ଡଙ୍ଗାହିଁ ଏକମାତ୍ର ଭରସା।



ଡଙ୍ଗାରେ ଯାତାୟାତ କରୁଛନ୍ତି ଜଳବନ୍ଦୀ ଗାଁ ଲୋକେ।

■ଜଳବନ୍ଦୀ ଲୋକଙ୍କ ପାଇଁ ଡଙ୍ଗା ହିଁ ଭରସା

■ଡଙ୍ଗା ବୁଡ଼ି ଯାଇ ଶହେରୁ ଊର୍ଦ୍ଧ୍ୱ ଲୋକଙ୍କ ହେଲାଣି ମୃତ୍ୟୁ

ପୁଣି ଏହି ଡଙ୍ଗା ହିଁ ବେଳେ ବେଳେ ଲୋକଙ୍କ ମୃତ୍ୟୁର କାରଣ ପାଲଟିଲା। ଆଜି ପର୍ଯ୍ୟନ୍ତ ଡଙ୍ଗାବୁଡିରେ ୧୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ଚିକିତ୍ସା ଅଭାବରୁ ୮୦ରୁ ଊର୍ଦ୍ଧ୍ୱ ଲୋକ ଜୀବନ ଯାଇଥିବା ଜଣାପଡିଛି। ଜଳ ଭଣ୍ଡାର ପାଇଁ ବିଭାଜିତ ହୋଇଥିବା ବ୍ଲକର ୭ଟି ପଞ୍ଚାୟତର ଗମନା ଗମନକୁ ବ୍ୟବସ୍ଥିତ କରିବା ପାଇଁ କେନ୍ଦୁଗୁଡା ଘାଟରେ ଜଳଭଣ୍ଡାର ଉପରେ ସେତୁ ନିର୍ମାଣ ପାଇଁ ଲୋକଙ୍କ ଦାବି ହୋଇଥିଲା। ୨୦୧୪ରେ ୪୬ କୋଟି ଟଙ୍କା ମଞ୍ଜୁରୀ ହୋଇ ସେତୁ ନିର୍ମାଣ ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ହେଲେ ବାରମ୍ବାର ଟେଣ୍ଡର ବାତିଲ ହୋଇଥିବାରୁ ସେତୁ ନିର୍ମାଣ ଆଶା ଧୂଳିସାତ କରିଦେଇଥିଲା। ପୁନର୍ବାର ୨୦୨୧ରେ ୫୪ କୋଟି ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇ ଠିକା ସଂସ୍ଥା ସାଙ୍ଗରେ ଚୁକ୍ତି ସ୍ୱାକ୍ଷରିତ ହୋଇ ପ୍ରାରମ୍ଭିକ କାର୍ଯ୍ୟ ଅଞ୍ଚଳବାସୀଙ୍କ ପାଇଁ ଆଶା ଦେଖାଇ ଦେଲା। ହେଲେ ୨୦୨୪ରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଚୁକ୍ତି ବଦ୍ଧ ହୋଇଥିବା ଠିକା ସଂସ୍ଥା କିଛି ମାସ ପରେ କାମ ବନ୍ଦ କରିଦେଇଥିବାରୁ ପୁଣି ସେତୁ ନିର୍ମାଣର ଆଶା ଲୋକଙ୍କ ପାଇଁ ମରିଚିକା ପାଲଟିଯାଇଛି। ଅନେକ ବର୍ଷ ଧରି ନିଜର ସାମାନ୍ୟତମ ଆବଶ୍ୟକତା ପାଇଁ ଲଢ଼େଇ କରି ଆସୁଥିବା ବୁଡ଼ିଅଞ୍ଚଳବାସୀଙ୍କ ଆଶା କେବେ ପୂରଣ ହେବ ତାହା ଦେଖିବାକୁ ବାକି ରହିଲା।

## କୃଷକ ସାଥୀ ଉତ୍ପାଦକ କମ୍ପାନୀର ବାର୍ଷିକ ସାଧାରଣ ସଭା

କର୍ଲାମୁଣ୍ଡା,୩୧।୧୦(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସରଗୁଲ ମାଲପଡାସ୍ଥିତ କର୍ଲାମୁଣ୍ଡା କୃଷକ ସାଥୀ ଉତ୍ପାଦକ କମ୍ପାନୀ ଲିମିଟେଡ଼ ପକ୍ଷରୁ ମଙ୍ଗଳବାର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବୈଠକରେ କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ଚିରଞ୍ଜି ମେର୍ଲି ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ନବାର୍ଡ ଜିଲା ଉନ୍ନୟନ ଅଧିକାରୀ ମହେଶ୍ୱର ଦାଶ, ସମ୍ମାନିତ ଅତିଥି ଭାବେ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋଶାଇଟି ରାଜ୍ୟ ସଂଯୋଜକ ବସନ୍ତ କୁମାର ପାଣିଗ୍ରାହୀ, ଅମର କୁମାର ଗଉଡ଼, ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ସରପଞ୍ଚ ବରୁଣ ଛତ୍ରିଆ, ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ କେଦାର ନାଥ ଖମାରୀ, ଇଫକୋ ମେନେଜର ଗଣେଶ୍ୱର ପାଢ଼ୀ, ସହକାରୀ କୃଷି ଅଧିକାରୀ କୁମାର ଚିରଞ୍ଜିବି, କମ୍ପାନୀ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମସାଗର ପ୍ରଧାନ ପ୍ରମୁଖ ଯୋଗଦେଇ କମ୍ପାନୀର ବିକାଶ ପାଇଁ ଆବଶ୍ୟକ ପଦକ୍ଷେପଗୁଡିକ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରଦୀପ କୁମାର ସାହୁ ସଂଯୋଜନା ଓ ଗୌରୀ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀ ନିର୍ଦ୍ଦେଶକ ନିଳେନ୍ଦ୍ରୀ ସାହୁ, ଗୌରୀ ଦୀପ, ଭୁପିନ୍ଦର ଚୌଧୁରୀ, କ୍ଷୀର ସାଗର କୁମାର, ବିରେନ୍ଦ୍ର ସାହୁ, ଦ୍ରୋଣ ସାହୁ, ଯତୀନ୍ଦ୍ର ନାଥ ସାହୁ, ବାଲ୍ମିକି ଛତ୍ରିଆ, ମିଲେଟ୍ସ ମିଶନ ବିପିସି ଜଗଦୀଶ ପ୍ରସାଦ ରଣା, ସନାତନ କରୁଆ, ପ୍ରଦୀପ ରଣା ଓ ଚାଷୀମାନେ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଉଦ୍‌ବୋଧନ ଦେଉଛନ୍ତି।

## ଖଡ଼ିଆଳର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା

ଖଡ଼ିଆଳ,୩୧।୧୦(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ବ୍ଲକର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା ପାଳିତ ହେଉଛି। ବ୍ଲକର ଲଛିପୁର ଗ୍ରାମରେ ଚାଲିଥିବା ଗଜଲକ୍ଷ୍ମୀ ପୂଜା ୩୪ବର୍ଷରେ ପହଞ୍ଚିଛି। ପୂଜାରେ ମୁଖ୍ୟ ପୂଜକ ଭାବେ ବିଜୟ ମହାପାତ୍ର, ତରୁଣ ପ୍ରସାଦ ମହାଉତୀ, ସତ୍ୟନାରାୟଣ ମହାଉତୀ ଏବଂ ଦିବ୍ୟ ଲୋଚନ ଦାସ ତୁଲାଉଛନ୍ତି। କର୍ତ୍ତା ଭାବେ ସଚ୍ଚିଦାନନ୍ଦ ପାତ୍ର ଓ ସ୍ୱତାରାଣି ପାତ୍ର ଥିବା ବେଳେ ପାଚକ ରୂପେ ସୁରେନ୍ଦ୍ର ମହାଉତୀ ଏବଂ ସଞ୍ଜୟ ମହାପାତ୍ର ତୁଲାଉଛନ୍ତି। ପୂଜା କମିଟି ସଭାପତି ଭାବେ ସେହଦେବ ମହାପାତ୍ର, ସମ୍ପାଦକ ବିଦ୍ଦୁଭୁସନ୍ ମହାଉତୀ ତୁଲାଉଛନ୍ତି। ପୂଜାରେ ଗ୍ରାମର ଯୁବ ଗୋଷ୍ଠୀ ସୁଭେନ୍ଦୁ ମହାଉତୀ, ସ୍ୱାଗତ ମହାଉତୀ, ବିଭୁ ମହାଉତୀ, ସୁନିଲ ମହାଉତୀ, ସମୀର ମହାଉତୀ ପୂଜା କାର୍ଯ୍ୟରେ ମୁଖ୍ୟ ଦାୟିତ୍ୱ ତୁଲାଉଛନ୍ତି। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କର୍ଯ୍ୟକ୍ରମ ହେଉଛି। ପୂଜା ୫ଦିନ ବ୍ୟାପୀ ମା' ଲକ୍ଷ୍ମୀଙ୍କ ପୂଜା ହେବ ଏବଂ ସନ୍ଧ୍ୟା ଆଳତିରେ ଅଞ୍ଚଳର ସମସ୍ତ ଭକ୍ତ ସମାଗମ ହେଉଛି। ସେହିପରି ବ୍ଲକର ପୋଡାପାଲି ଗ୍ରାମରେ ଚାଲିଥିବା ଗଜଲକ୍ଷ୍ମୀ ପୂଜା ୨୬ବର୍ଷରେ ପଦାର୍ପଣ କରିଛି। ପୂଜା କମିଟି ପକ୍ଷରୁ ବିରାଟ କଳସ ଯାତ୍ରା ହୋଇଥିଲା। ସନ୍ଧ୍ୟାରେ ଛାତ୍ରୀଛାତ୍ରମାନଙ୍କ ମନୋରଞ୍ଜନ ପାଇଁ ରେକର୍ଡ ଡ୍ୟାନ୍ସ ପ୍ରତିଯୋଗୀତା ହୋଇଥିଲା। କର୍ତ୍ତା ଭାବେ ପ୍ରହଲ୍ଲାଦ ଶବର ଓ ମମତା ଶବର ଏବଂ ପୂଜକ ଭାବେ ଦୁର୍ବାଦଳ ଶଡଙ୍ଗୀ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ପ୍ରତିଦିନ ରାତିରେ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି। ୩୧ରେ ବିସର୍ଜନ କରାଯିବ ବୋଲି ପୂଜା କର୍ମିଟି କର୍ମକର୍ତ୍ତା ବିଷ୍ଣୁ ଶବର, ଅନମତ ଶବର, ବିଜୁଦାସ ମହାନନ୍ଦ, ହେରାମ୍ବ ବାଗ, ବୈଷ୍ଣବ ଶବର, ଭିକା ଶବର, ପୃଥିରାଜ ଶବର, ହର ସୁନାନୀ, ଠାକୁର ଶବର, ଲକ୍ଷ୍ମଣ ମାଝି, ତପନ ମହାନନ୍ଦ ପ୍ରକାଶ କରିଛନ୍ତି।



## ଜିଲା କଂଗ୍ରେସ ପକ୍ଷରୁ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ବାର୍ଷିକ ଉତ୍ସବ

ନୂଆପଡ଼ା,୩୧।୧୦(ମକାରୁ ବେମାଲ)

ନୂଆପଡା କଂଗ୍ରେସ କାର୍ଯ୍ୟାଳୟରେ ମଙ୍ଗଳବାର ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ସୁରେଶ କୁମାର ଆଜାଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଉପସଭାପତି ଭୋଲାନାଥ ପ୍ରଧାନ, ସମ୍ପାଦକ ଡା. ଈଶ୍ୱର ବୈଷ୍ଣବ, ଅଭୟ ଶଙ୍କର ଯୋଶୀ, ଦେବଦତ ଦୀକ୍ଷିତ, ତେଜରାଜ ଶବର, ଗୋବିନ୍ଦ ସିଂ ଠାକୁର, ପବନ ଶର୍ମା, କୂଳଦୀପ ସୁରଜ, ଭୀମ ଯାଦବ, କୌସିକ ସାହୁ, ନରେନ୍ଦ୍ର ନାଗ, ଟୁଟୁ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଇନ୍ଦିରା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରାଯାଇଥିଲା। ଉପସ୍ଥିତ ଅତିଥିମାନେ ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟ ଇନ୍ଦିରାଙ୍କ ଜୀବନୀ ଓ ସୁଶାନ ଉପରେ ଆଲୋକପାତ କରିଥିଲେ। ଏହି ସମୟରେ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଖଇରମାଲରେ ନାଗଦେବତା ପୂଜା ସମ୍ପନ୍ନ

ପଲମ,୩୧।୧୦(ଭିକାରି ଗଉଡ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ପଲମ ପଞ୍ଚାୟତସ୍ଥିତ ଖଇରମାଲରେ ଚାଲିଥିବା ନାଗ ଦେବତା ପୂଜା ସମ୍ପନ୍ନ ହୋଇଯାଇଛି। ପୂଜାକାର୍ଯ୍ୟ ୩୦ ଓ ୩୧ ତାରିଖ ୨ଦିନ ଧରି ଚାଲିଥିଲା। ପ୍ରଥମ ଦିନ ଗ୍ରାମ ଦାଣ୍ଡରେ ଓ ଦ୍ୱିତୀୟ ଦିନ ଜଙ୍ଗଲ ମଧ୍ୟରେ ପୂଜା କରାଯାଇ ପୂଜା ସମାପନ କରାଯାଏ। ଏହି ପୂଜା ଦାୟିତ୍ୱ ନାଗବାଚା ପିଲାମାନଙ୍କ ମଧ୍ୟରେ ହିଁ କରାଯାଇଥାଏ। ପୂଜାକାର୍ଯ୍ୟ କରିବା ପାଇଁ ପୂଜା କମିଟି ସଭାପତି ମନୋରଞ୍ଜନ ଧରୁଆ, ସମ୍ପାଦକ ପୃଥିରାଜ ସାହୁ ରହିଥିବା ବେଳେ ସଭ୍ୟ ରୁଦ୍ର ଧରୁଆ, ଭାସ୍କର ଧରୁଆ, ବୈଲୁଚନ ସାହୁ, ମିଛ ଧରୁଆ, ରାଜିବ ପୁଟେଲ ପ୍ରମୁଖ ସହଯୋଗ କରିଥିଲେ। ଆଜକୁ ୩୩ବର୍ଷ ହେଲା ଏହି ପୂଜା ପାଳନ କରି ଆସୁଛି। ପ୍ରଥମ ଗୁରୁ ଦେବାର୍ଚ୍ଚନ କୁମୁରା ବଲାଙ୍ଗୀର ଉପସ୍ଥିତ ରହି ପୂଜା କାର୍ଯ୍ୟର ଶିକ୍ଷା ପ୍ରଦାନ କରିଥିଲେ। ଦ୍ୱିତୀୟ ଗୁରୁ ଗ୍ରାମର ଗୋବିନ୍ଦ ଧରୁଆ ରହି ପୂଜା କାର୍ଯ୍ୟ ସମାପନ କରିଥିଲେ। ଏହି ପୂଜାରେ ବୁଦା ଓ କୁକୁଡା ବଳି ପ୍ରଦାନ କରାଯାଇଥାଏ। ମାନସିକ କରିଥିବା ବ୍ୟକ୍ତିମାନେ ଆସି ପୂଜାର୍ଚ୍ଚନା କରିବା ସହ ଅନ୍ୟାନ୍ୟ ଭକ୍ତବୃନ୍ଦମାନେ ମଧ୍ୟ ପୂଜାର୍ଚ୍ଚନା କରିଥାନ୍ତି। ବିଶ୍ୱାସ ଭାବ ରଖି ଏହି କାର୍ଯ୍ୟ କରାଯାଉଥିବା ହେତୁ ସମସ୍ତ ଭକ୍ତମାନଙ୍କ ମନସ୍କାମନା ପୂର୍ଣ୍ଣ ହୁଏ।



ନାଗଦେବତାଙ୍କ ପୂଜା କରାଯାଉଛି।

## ଲାଞ୍ଜିଗଡ଼ ଯୁବକ ସଂଘର ୩୨ତମ ବାର୍ଷିକ ଉତ୍ସବ

ଲାଞ୍ଜିଗଡ଼,୩୧।୧୦(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ହାଇସ୍କୁଲ ପଡ଼ିଆଠାରେ ଥିବା ନୂତନ କମ୍ୟୁନିଟି ଗୃହଠାରେ ଲାଞ୍ଜିଗଡ଼ ଯୁବକ ସଂଘର ୩୨ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଲାଞ୍ଜିଗଡ଼ ଯୁବକ ସଂଘ ସଭାପତି ହିମାଦ୍ରୀ ପେଶନିଆଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେଶନିଆ, ଲାଞ୍ଜିଗଡ ପୂର୍ବତନ ଜିଲା ପରିଷଦ ସଦସ୍ୟ ରାଜେନ୍ଦ୍ର ପ୍ରତାପ ସିଂଦେଓ, ଲାଞ୍ଜିଗଡ ଶ୍ରମିକ ସଂଘ ସଭାପତି ସଞ୍ଜୀବ ପେଶନିଆ, ଲାଞ୍ଜିଗଡ କ୍ଲଷ୍ଟର ସିଆରସିସି ଏମ ସୁନ୍ଦର ଶେଖର, ଲାଞ୍ଜିଗଡ ଯୁବକ ସଂଘ ପୂର୍ବତନ ସଭାପତି ବିନୋଦ ଚନ୍ଦ୍ର ଗୌଡ ଏବଂ ସନାତନ ରାଉତ, ଯୁବକ ସଂଘ ପୂର୍ବତନ ସମ୍ପାଦକ ରାଘବ ଗହୀର, ଯୁବକ ସଂଘ ଉପଦେଷ୍ଟା ସଦସ୍ୟ ଶ୍ରୀମୁଖ ଅଗସ୍ତି, ନରେନ୍ଦ୍ର ପଟନାୟକ, ଚନ୍ଦ୍ରମଣି ମହାଖୁଡ, କାର୍ତ୍ତିକ ଓଡ଼ିଆ, ଦୀନବନ୍ଧୁ ବାରିକ, ତରଣି ନାଏକ ଓ ଲାଞ୍ଜିଗଡ ପ୍ରେସ କ୍ଲବ ଉପ ସଭାପତି କ୍ଷମାନିଧି ମହାଖୁଡ଼, ସଦସ୍ୟ ରମେଶ ଚନ୍ଦ୍ର ନାୟକ, ସଦସ୍ୟ ଏମ୍. ଚନ୍ଦ୍ରଶେଖର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସଂଘ କର୍ମକର୍ତ୍ତାମାନେ ଅତିଥିମାନଙ୍କୁ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମ ଲାଞ୍ଜିଗଡ଼ ଯୁବକ ସଂଘ ସମ୍ପାଦକ ଭୁପେନ୍ଦ୍ର ମହାରଥା ପରିଚାଳନା କରିଥିବା ବେଳେ ଅତିଥିମାନେ ସଂଘ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକୁ ନେଇ ନିଜ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଲାଞ୍ଜିଗଡ ଯୁବକ ସଂଘ ପକ୍ଷରୁ ସଭାପତି ହିମାଦ୍ରୀ ପେଶନିଆ, ସମ୍ପାଦକ ଭୁପେନ୍ଦ୍ର ମହାରଥା, ସୁମନ୍ତ ଦଳବେହେରା, ଜୟନ୍ତ ମହାଖୁଡ଼, ନରେନ୍ଦ୍ର ପ୍ରଧାନୀ, ଅନଙ୍ଗ ସେଠ, ଗିରିଧାରୀ ନାଏକ, ରାମଚନ୍ଦ୍ର ସିଙ୍ଗ, ସଦାନନ୍ଦ ଦଣ୍ଡସେନା, ଭରତ ଗୌଡ଼, ସନ୍ତୋଷ ମହାକୁଡ଼, ରଘୁମଣି ରଣା, ଶ୍ରୀନିବାସ ଚଣ୍ଡୀ, ଧନେଶ୍ୱର ରାଉତ, ଗଜାନନ ଲେଙ୍କା, ଲମ୍ବୁ ପୂଜାରୀ, ଦାଶରଥି ତାଣ୍ଡି, ବସନ୍ତ ନାଏକଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଯୁବକ ସଂଘର କର୍ମକର୍ତ୍ତା ଏବଂ ଅନ୍ୟମାନେ।

# ମୃତକଙ୍କ ପରିବାରର ସବୁ ଦାବି ମାନିଲା ପ୍ରଶାସନ

ନୂଆପଡ଼ା,୩୧।୧୦(ମକାରୁ ବେମାଲ)

ନୂଆପଡା ଜିଲା ସୁନାବେଡ଼ା ଅଭୟାରଣ୍ୟ ଭିତରେ ଅବସ୍ଥିତ ଭରୁଆମୁଣ୍ଡା ପଞ୍ଚାୟତ କଟିଙ୍ଗପାଣି ଗାଁର ଗୌଧସ ପଡ଼ାର ହୁମନ ଧରୁଆଙ୍କ ପୁଅ ଡମ୍ବରୁ (୭)ଙ୍କୁ ସୋମବାର ସନ୍ଧ୍ୟାରେ କଲରାପତରିଆ ଖାଇଥିଲା। ପରେ ଗାଁ ଲୋକେ ମୃତଦେହ ଧରି ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ଆଣିଥିଲେ। ମଙ୍ଗଳବାର ବ୍ୟବଚ୍ଛେଦ କରି ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବନ୍ୟଜନ୍ତୁ ଆକ୍ରମଣରେ ମଣିଷ ମୃତ୍ୟୁ ହେଲେ ସରକାରଙ୍କ ପକ୍ଷରୁ ୬ ଲକ୍ଷ ଟଙ୍କା ସହାୟତା ରାଶି ମିଳିଥାଏ। ତାହାର ୧୦ ପ୍ରତିଶତ ନଗଦ ଦେଇ ବାକି ଟଙ୍କା ଚେକ ଆକାରରେ ବା ଆକାଉଣ୍ଟକୁ ଦେବା ନିୟମ ରହିଛି। ହେଲେ ନୂଆପଡା ବନ୍ୟଜନ୍ତୁ ବିଭାଗ ସେ ସବୁକରି ନ ଥିବାରୁ ବ୍ୟବଚ୍ଛେଦ ପରେ ଚାପା ଉତ୍ତେଜନା ଦେଖାଦେଇଥିଲା। ପରିବାର ଓ ଗାଁ ଲୋକେ ସହାୟତା ରାଶି ନ ମିଳିବା ପର୍ଯ୍ୟନ୍ତ ମୃତଦେହ ଉଠାଇବୁ ନାହିଁ ବୋଲି ଅଡି ବସିଥିଲେ। ମୃତକ ପରିବାରର ଜଣଙ୍କୁ ଚାକିରି, ଗାଁ ଚାରି ପାର୍ଶ୍ୱରେ ତାର ବାଡ, ଗାଁକୁ ବିଜୁଳି, ବାଘକୁ ନ ଘଉଡାଇ ଧରି ନିଆଯାଉ ଓ ମୃତକ ପରିବାରଙ୍କୁ ସହାୟତା ରାଶି ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଉ ବୋଲି ଦାବି କରିଥିଲେ। ୱାଇଲଡ ଲାଇଫ ଏସିଏଫ ବିଜୟ ଏକ୍କେସ, ରେଞ୍ଜର ଗଜେନ୍ଦ୍ର ପିଏସ ମେହେର, ଉପଜିଲାପାଳ ସୁବାଷ ଚନ୍ଦ୍ର ରଇତା, ତହସିଲଦାର ପୁଷ୍ପାଞ୍ଜଳି ଦଣ୍ଡପାଟ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାର ସହ ଆଲୋଚନା କରିଥିଲେ। ମୃତକ ପରିବାରଙ୍କୁ ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ଓ ବନ୍ୟଜନ୍ତୁ ବିଭାଗ ପକ୍ଷରୁ ନଗଦ ୨୦ ହଜାର ଟଙ୍କା ଓ ଆକାଉଣ୍ଟକୁ ୬୦ ହଜାର ଟଙ୍କା ପ୍ରଦାନ କରିଥିଲେ। ନିୟମ ଅନୁଯାୟୀ ୬ ଲକ୍ଷ ମିଳିବା କଥା। ୬୦ ହଜାର ଟଙ୍କା ଦେବା ପରେ ବାକି ଟଙ୍କା ଚେକ ମାଧ୍ୟମରେ ସବୁ କାଗଜାତ ହେବା ପରେ ପ୍ରଦାନ କରାଯିବ ଓ ୧୦ ଲକ୍ଷ ଟଙ୍କା ପାଇଁ ସରକାରଙ୍କୁ ଜଣାଇବୁ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ମୃତଦେହ ଧରି ପରିବାର ଓ ଗାଁ ଲୋକେ ଯାଇଥିଲେ। ଏହି ସମୟରେ ଜିଲା ଓକିଲ ସଘ ସଭାପତି ପ୍ରସନ୍ନ କୁମାର ପାଢୀ, ଜିଲା ପରିଷଦ ଭାନୁପ୍ରତାପ ସିଂ ମାଝି, ଭରତଲାଲ ରାଉତ, ବାଳକୃଷ୍ଣ ଶବର, ଭକ୍ତବନ୍ଧୁ ଧରୁଆ, ଜ୍ଞାନେଶ୍ୱର, କମଳେଶ ଠାକୁର ମାଝି, ଟୁନା ସାହୁ, ପବନ ମାଝି, ବଳରାମ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ମୁତାବକ ଧରମବନ୍ଧା ଥାନା କଟିଙ୍ଗପାଣି ଗାଁ ଗୌଧସପଡାର ଧରୁଆ ପିଲାଙ୍କ ସହ ଗାଁ ଦାଣ୍ଡରେ ଖେଳୁଥିଲେ। ଏହି ସମୟରେ ଗାଁ ପାଖ ଅଭୟାରଣ୍ୟରୁ ହଠାତ ୨ଟି କଲରାପତରିଆ ବାଘ ଆସି ଡମ୍ବରୁଙ୍କୁ ଟେକି ନେଇଯାଉଥିଲା। ପରିବାର ଓ ଗାଁ ଲୋକେ ହୋହଲା କରି ହାତରେ ଠେଙ୍ଗା, ବାଡ଼ି, କୁରାଢ଼ି ଓ ମାରଣାସ୍ତ୍ର ଧରି ବାଘକୁ ଜଙ୍ଗଲକୁ ଘଉଡାଇ ଶିଶୁକୁ ଉଦ୍ଧାର କରିଥିଲେ। ଗାଁ ଲୋକେ ଦୌଡିବା ପର୍ଯ୍ୟନ୍ତ ୨ ଶହ ମିଟରରୁ ଊର୍ଦ୍ଧ୍ୱ ଦୂରକୁ ନେଇ ଯାଇଥିଲା। ହେଲେ ଘଟଣାସ୍ଥଳରେ ହିଁ ଶିଶୁର ମୃତ୍ୟୁ ଘଟିଥିଲା।



ମୃତକ ପରିବାରକୁ ନଗଦ ରାଶି ପ୍ରଦାନ କରାଯାଉଛି।

**ଶିଶୁକୁ ବାଘ ଖାଇବା ଘଟଣା**

■ସହାୟତା ରାଶିକୁ ନେଇ ଚାପା ଉତ୍ତେଜନା

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧ ନଭେମ୍ବର, ୨୦୨୩

## ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମବାର୍ଷିକୀ ପାଳିତ

ଡୁଙ୍ଗୁରିପାଲି,(ଦୀନବନ୍ଧୁ ସୁନା): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ମହାବିଦ୍ୟାଳୟରେ ଅଧକ୍ଷ ସରୋଜ ବିଶାଳଙ୍କ ସଭାପତିତ୍ୱରେ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୪୮ ତମ ଜନ୍ମବାର୍ଷିକୀ ମଙ୍ଗଳବାର ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଏକ ସଭା ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ସ୍ୱର୍ଗତ ପଟେଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରଯାଇଥିଲା । ଅଧକ୍ଷ ବିଶାଳ ଛାତ୍ରୀଛାତ୍ରମାନଙ୍କୁ ପଟେଲଙ୍କ ଜୀବନୀ ବିଷୟରେ ଆଲୋକପାତ କରିଥିଲେ । ରାଜନୀତି ବିଜ୍ଞାନ ବିଭାଗ ପ୍ରାଧାପକ ସରୋଜ କୁମାର ଦାଶ ସର୍ଦ୍ଦାର ପଟେଲଙ୍କ ଦେଶପ୍ରେମ, ସମୃଦ୍ଧ ଭାରତ ଗଠନ, ଓ ଗଡଜାତ ମିଶ୍ରଣରେ ରହିଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏଥିରେ ମହାବିଦ୍ୟାଳୟର ଛାତ୍ରୀ ଛାତ୍ର ଓ ଅଧାପିକା ଅଧାପକ ଉପସ୍ଥିତ ଥିଲେ ।



### ସଂକ୍ଷେପରେ

## ଗଜଲକ୍ଷ୍ମୀ ପୂଜା ଉଦ୍‌ଯାପିତ




ବାଉଁଶୁଣୀ,୩୧।୧୦(ଦେବାଶିଷ ନେପାକ)

ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ବାଉଁଶୁଣୀ ଛକ ପୂଜା ମଣ୍ଡପରେ ଚାଲିଥିବା ୧୧ତମ ମା'ଗଜଲକ୍ଷ୍ମୀ ପୂଜା ସୋମବାର ଉଦ୍‌ଯାପିତ ହୋଇଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ପ୍ରଥମ ଦିନ ବାଘ ନଦୀରୁ ପୂଜାମଣ୍ଡପ ପର୍ଯ୍ୟନ୍ତ ଏକ କଳସ ଶୋଭାଯାତ୍ରା କରାଯିବା ସହ ରୀତିନୀତି ଅନୁଯାୟୀ ବିଳମ୍ବିତ ରାତିରେ ପୂଜାର୍ଚ୍ଚନା କରାଯାଇଥିଲା । କର୍ତ୍ତା ଭାବରେ ହୃଦାନନ୍ଦ ମେହେର ଥିବା ବେଳେ ପୂଜକ ସଚିନ ପୁରୋହିତ ପୂଜା କାର୍ଯ୍ୟ ତୁଲାଇଥିଲେ । ଦ୍ୱିତୀୟ ଦିନ ସନ୍ଧ୍ୟାରେ ଭୁବନେଶ୍ୱରର କ୍ରିଷ୍ଣା ଡ୍ୟାନ୍ସ ଗ୍ରୁପ ପକ୍ଷରୁ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଚେୟାରମ୍ୟାନ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ,ସମ୍ମାନିତ ଅତିଥି ଭାବେ ଗୁନ୍ଦୁଲିଆ ସରପଞ୍ଚ ଧବଳେଶର ସିଂ, ବାଉଁଶୁଣୀ ସମିତି ସଭ୍ୟ ପ୍ରମୋଦ ଦେହୁରୀ, ଜିଲ୍ଲା ଭାଜପା ସାଧାରଣ ସମ୍ପାଦକ ସୁଶାନ୍ତ ବାଘ, ଗଜଲକ୍ଷ୍ମୀ ପୂଜାର ପୂଜକ ସଚିନ ପୁରୋହିତ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ଅଭିଭାଷଣ ଦେଇଥିଲେ । ତୃତୀୟ ଦିନ ସନ୍ଧ୍ୟାରେ ମା' ଗଜଲକ୍ଷ୍ମୀଙ୍କୁ ଶୋଭାଯାତ୍ରାରେ ନିଆଯାଇ ବିସର୍ଜନ କରାଯାଇଥିଲା । ଗଜଲକ୍ଷ୍ମୀ ପୂଜାରେ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ମନ ମୋହିଲା ଜଳନ୍ଧର ଦରବାର

■ ବୀରମହାରାଜପୁରର ବିଭିନ୍ନ ସ୍ଥାନର ଗଜଲକ୍ଷ୍ମୀ ପୂଜା ଉଦ୍‌ଯାପିତ
■ ବାଘମାରିରେ ଅଷ୍ଟପ୍ରହର ନାମଯଜ୍ଞ

ଅମରପାଲି,୩୧।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକର ବିଭିନ୍ନ ସ୍ଥାନରେ ହେଉଥିବା ଗଜଲକ୍ଷ୍ମୀ ପୂଜା ଉଦ୍‌ଯାପିତ ହୋଇଯାଇଛି । ଖଣ୍ଡହତା, ବହଲପଦର, ବାଘମାରିରେ ପୂଜା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବୀରମହାରାଜପୁର ଉପକଣ୍ଠ ବାଘମାରି ରେ ହୋଇଥିବା ଗଜଲକ୍ଷ୍ମୀ ପୂଜା ଚଳିତବର୍ଷ ୧୫ ବର୍ଷରେ ପହଞ୍ଚିଥିବା ବେଳେ ଏଥିପାଇଁ ପୂଜା କମିଟି ତରଫରୁ ଆକର୍ଷଣୀୟ ସାଜସଜ୍ଜା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଅଷ୍ଟପ୍ରହରୀ ନାମଯଜ୍ଞରେ ଅଞ୍ଚଳର ପ୍ରାୟ ୧୪ଟି ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରି ସଙ୍କୀର୍ତ୍ତନ ପରିବେଷଣ କରିଥିଲେ । ଏଥିରେ ରବୀନ୍ଦ୍ର ପୁରୋହିତ ଓ ପ୍ରଦ୍ୟୁମ୍ନ ପୁରୋହିତ ପୂଜା କାର୍ଯ୍ୟ କରିଥିବା ବେଳେ କେଶବ ମହାପାତ୍ର ଓ ଶୁଭଲକ୍ଷ୍ମୀ ଷଡଙ୍ଗୀ ସପତ୍ନିକ ଯଜ୍ଞ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ । ସେହିପରି ବହଲପଦର ଗ୍ରାମରେ ଅନୁଷ୍ଠିତ ଗଜଲକ୍ଷ୍ମୀ ପୂଜା ପାଇଁ ଗ୍ରାମର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଯୁବକ ନିଷ୍ଠା ଓ କାଷ୍ଠାର ସହିତ ବ୍ରତ ଧାରଣ କରି ପୂଜା କରିଥିଲେ । ଏହି ଅବସରରେ ସୁନ୍ଦରାକାଣ୍ଡ ପାରାୟଣ କରାଯାଇଥିଲା । ଏଥିରେ ଉଲୁଣ୍ଡାର ଜସ୍ମିନ ଆଚାର୍ଯ୍ୟ ବ୍ୟାସ ଭାବେ ପାରାୟଣ ଗାନ କରିଥିଲେ । ପରେ ଭସାଣି ଶୋଭାଯାତ୍ରା କରାଯାଇଥିଲା । ଏଥିରେ ଡିଜେ, ଦୁଲଦୁଲି ସହିତ ଘଣ୍ଟ,ଶଙ୍ଖ ବାଜା ସାମିଲ ଥିଲା । ବ୍ଲକର ଖଣ୍ଡହତାରେ ଅନୁଷ୍ଠିତ ଗଜଲକ୍ଷ୍ମୀ ପୂଜା ଚଳିତବର୍ଷ ୧୫ ବର୍ଷ ପୂର୍ତ୍ତି କରିଛି । ପ୍ରତ୍ୟହ ପୂଜା କରାଯିବା ସହିତ ସନ୍ଧ୍ୟା ବେଳେ ସନ୍ଧ୍ୟା ଆଳତି କରାଯାଉଥିଲା । ଏଥିସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଥିଲା । ଏଠାକାର ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁକ୍ତାକାଶ ରଙ୍ଗମଞ୍ଚରେ ଜଳନ୍ଧର ବଧ ପରିବେଷଣ କରାଯାଇଥିଲା । ଗୋପାଳ ଦାସ ଜଳନ୍ଧର ଭୂମିକାରେ ଅଭିନୟ କରିଥିଲେ । ରାଜ ଦରବାରରେ ପ୍ରତ୍ୟହ ବିଭିନ୍ନ ରାଜନେତା ଓ ଅଧିକାରୀମାନେ ଅତିଥି ଭାବେ ଯୋଗ ଦେଇଥିଲେ । ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ଜଳନ୍ଧର ଦରବାରରେ ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି, ରାଜ୍ୟ ଯୋଜନା ବୋର୍ଡର ଅଧକ୍ଷ ତଥା ବଲାଙ୍ଗୀର ଲୋକସଭା ନିର୍ବାଚନମଣ୍ଡଳୀର ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂ ଦେଓ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ଚନ୍ଦ୍ରକାନ୍ତି ଦନ୍ତା, ବ୍ଲକ ସରପଞ୍ଚ ସଂଘ ସଭାପତି ଶ୍ରୀୟା କର୍ମୀ, ସ୍ଥାନୀୟ ସରପଞ୍ଚ ଜୟଶ୍ରୀ ଦେହୁରୀ, ପୂର୍ବତନ ବ୍ଲକ ଅଧକ୍ଷ ରଞ୍ଜିତ ରଥ, ଲୁତୁରପଙ୍କ ସରପଞ୍ଚ ସୂର୍ଯ୍ୟ ନନ୍ଦ, କମିରା ସରପଞ୍ଚ ଅନୁସୟା ପ୍ରଧାନ, ମୁର୍ଷୁଣ୍ଡି ସରପଞ୍ଚ ମନୋଜ ସାହୁ, ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା, ପୀତାମ୍ବର ସାହୁ, ସ୍ୱେଚ୍ଛାସେବୀ ମୀନକେତନ ମହକୁର, ସପନ ପ୍ରଧାନ, ବିଦ୍ୟାଧର ସାହୁ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ । ଜଳନ୍ଧର ଦରବାର ଦର୍ଶକଙ୍କ ମନ ମୋହିଥିଲା । ମଙ୍ଗଳବାର ବିଭିନ୍ନ ସ୍ଥାନରେ ମା' ଗଜଲକ୍ଷ୍ମୀଙ୍କ ଭସାଣି ଶୋଭାଯାତ୍ରା କରାଯାଇଛି ।



ଖଣ୍ଡହତା ଗଜଲକ୍ଷ୍ମୀ ପୂଜା ଅବସରରେ ଅନୁଷ୍ଠିତ ଜଳନ୍ଧର ଦରବାରର ଏକ ଦୃଶ୍ୟ ।

# ଶ୍ରୀରାମ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ



ଶପଥ ପାଠ କାର୍ଯ୍ୟକ୍ରମରେ ଛାତ୍ରୀମାନେ ।

ଡୁଙ୍ଗୁରିପାଲି,୩୧।୧୦(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକର ରାମପୁରସ୍ଥିତ ଶ୍ରୀରାମ ମହାବିଦ୍ୟାଳୟଠାରେ ଅଧକ୍ଷ ତରଣୀସେନ ବେହେରାଙ୍କ ମାର୍ଗଦର୍ଶନରେ ଦୁର୍ନୀତି ନିବାରଣ ସପ୍ତାହ ମଙ୍ଗଳବାର ପାଳିତ ହୋଇଯାଇଛି । ଏହି ଅବସରରେ ସମାଜରୁ ଦୁର୍ନୀତି ନିବାରଣ ପାଇଁ ସମସ୍ତ କର୍ମଚାରୀ ତଥା ଛାତ୍ରୀଛାତ୍ର ଶପଥ ପାଠ କରିଥିଲେ । କଲେଜ ପରିସରଠାରୁ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା । କାର୍ଯ୍ୟକ୍ରମକୁ ଉପାଧକ୍ଷ ତଥା ପ୍ରଶାସନିକ ମୁଖ୍ୟ ବିଶ୍ୱନାଥ ପାଢ଼ୀ ପରିଚାଳନା କରିଥିଲେ । ମାର୍କଣ୍ଡ ପଟେଲ, ଅଧ୍ୟାପକ ଡ. ଲିଙ୍ଗରାଜ ସାହୁ, ଡ. ଗୁଣନିଧି ବାରିକ, ଦେବେନ୍ଦ୍ର ଭୁଏ, ଡ. ଦିଲିପ କୁମାର ସାହୁ, ଖେଳ ଶିକ୍ଷକ ସ୍ୱପ୍ନ ସାଗର ସରାଫଙ୍କ ସମେତ ସମସ୍ତ କର୍ମଚାରୀ ତଥା ଅଣଶିକ୍ଷକ କର୍ମଚାରୀ ସୁରେଶ ମେହେର, ଅକ୍ଷୟ ନାୟକ ଓ ଟିକେଶ୍ୱର ଭୁଏ ସହଯୋଗ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ କଲେଜ ଅଧକ୍ଷ ବେହେରାଙ୍କ ସଭାପତିତ୍ୱରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଶୈକ୍ଷିକ ପ୍ରମୁଖ ମଧୁସୂଦନ ରଥ ପରିଚାଳନା କରିଥିଲେ । ଅଧ୍ୟାପକ ଟିକେଟାନ୍ଦ ବାଗ, ମିଳନ କୁମାର ବର୍ଗେ, ସତ୍ୟବନ୍ତ ଭୋଇ, ଲମ୍ବୋଦର ପ୍ରଧାନ, ଅଧ୍ୟାପିକା ମୋନାଲିସା ମହାନ୍ତି, ସୁଜାତା ସାହୁ, ବିଜୟ ଲକ୍ଷ୍ମୀ ମହାନନ୍ଦ, ଆନନ୍ଦିନୀ ସାହୁ ତଥା ଅଣ ଶିକ୍ଷକ କର୍ମଚାରୀ ରଶ୍ମିତା ମହାଲିଙ୍ଗ ପରିଚାଳନାରେ ସହଯୋଗ କରିଥିଲେ ।

# ପୂର୍ବତନ ମାର୍କଫେଡ୍ ଆଞ୍ଚଳିକ ମ୍ୟାନେଜର ଭିଜିଲାନ୍ସ କୋର୍ଟ ଦ୍ୱାରା ଦଣ୍ଡିତ

ସରକାରୀ ଅର୍ଥ ଆତ୍ମସାତ ମାମଲା

ବୌଦ୍ଧ,୩୧।୧୦(ଅଜିତ କୁମାର ବାରିକ)

ସରକାରୀ ଅର୍ଥ ଆତ୍ମସାତ ମାମଲାରେ ବୌଦ୍ଧର ପୂର୍ବତନ ମାର୍କଫେଡ୍ ଆଞ୍ଚଳିକ ମ୍ୟାନେଜର ଭୁବନ ମୋହନ ଦାସ ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଦ୍ୱାରା ମଙ୍ଗଳବାର ଦିନ ଦଣ୍ଡିତ ହୋଇଥିବା ଜଣାପଡିଛି । ମାମଲାରୁ ପ୍ରକାଶ ଯେ, ଭୁବନ ମୋହନ ଦାସ ୨୦୦୭ ମସିହାରେ ବୌଦ୍ଧର ପୂର୍ବତନ ମାର୍କଫେଡ୍ ଆଞ୍ଚଳିକ ମ୍ୟାନେଜର ଦାୟିତ୍ୱରେ ଥିବା ବେଳେ ତିଳ ଓ ହଳଦୀ ବିହନ କିଣାରେ ୯ଲକ୍ଷ ୬୬ ହଜାର ଟଙ୍କା ହଡପ କରିଥିବା ଅଭିଯୋଗ ହୋଇଥିଲା । ଏନେଇ ତାଙ୍କ ବିରୋଧରେ ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ଏକ ମାମଲା ନଂ ୩୦/୨୦୦୭ରେ ରୁଜୁ ହୋଇଥିଲା । ମାମଲା ହେବା ପରେ ଦାସ ୨୦୦୮ ମସିହାରୁ କାର୍ଯ୍ୟରୁ ବହିଷ୍କୃତ ହୋଇଥିଲେ । କିନ୍ତୁ ଅଭିଯୁକ୍ତ ଦାସ ଅଦାଲତରେ ହାଜର ନ ହେବାରୁ ତାଙ୍କ ନାଁରେ ୱାରେଣ୍ଟ ଜାରି ହୋଇଥିଲା । ସେ ନିଜର ମୋବାଇଲ ନମ୍ବର ଓ ସ୍ଥାନ ବଦଳ କରୁଥିବାରୁ ତାଙ୍କୁ ଗିରଫ କରାଯାଇପାରୁ ନ ଥିଲା । କିନ୍ତୁ ଗତ ୧୭ ତାରିଖରେ ଭିଜିଲାନ୍ସ ତାଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା । ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସମର ବିଳାସ ବେହେରା ମଙ୍ଗଳବାର ଦିନ ଉକ୍ତ ମାମଲାର ବିଚାର କରି ପ୍ରମାଣ ଥିବା ନେଇ ଅଭିଯୁକ୍ତ ପୂର୍ବତନ ମାର୍କଫେଡ୍ ଆଞ୍ଚଳିକ ମ୍ୟାନେଜର ଦାସଙ୍କୁ ୪ ବର୍ଷ କାରାଦଣ୍ଡାଦେଶ ଦେବା ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଛନ୍ତି । ସରକାରଙ୍କ ପକ୍ଷରୁ ମାମଲାକୁ ସ୍ୱତନ୍ତ୍ର ପିପି ଭି.ଭି ରାମଦାସ ପରିଚାଳନା କରୁଥିଲେ ।

# ମୁର୍ଷୁଣ୍ଡିରେ ମୁରାସୁର ଦରବାରର ତୃତୀୟ ସନ୍ଧ୍ୟା

ବିଷ୍ଣୁଙ୍କୁ ପ୍ରାର୍ଥନା, ଶେଷ ନରସିଂହଙ୍କ ଜନ୍ମ

ଅମରପାଲି,୩୧।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡିରେ ହେଉଛି ୪୧ତମ ଗଜଲକ୍ଷ୍ମୀ ପୂଜା । ଏହି ଅବସରରେ ପ୍ରତ୍ୟହ ସନ୍ଧ୍ୟାରେ ମୁକ୍ତାକାଶ ରଙ୍ଗମଞ୍ଚରେ ପରିବେଷଣ ହେଉଛି ମୁରାସୁର ଦରବାର । ଏଥିରେ ବିନିକାର ବିଶିଷ୍ଟ ମଞ୍ଚ ଅଭିନେତା ଗୋପାଳ ପଣ୍ଡା ମୁରାସୁର ଭୂମିକାରେ ଅଭିନୟ କରୁଛନ୍ତି । ମଙ୍ଗଳବାର ମୁରାସୁର ଦରବାରର ତୃତୀୟ ସନ୍ଧ୍ୟାରେ ନାଟ୍ୟାଭିକ୍ରମରେ ପରିବେଷଣ ହୋଇଯାଇଛି ଲୀଳା ନାଟକ । ମୁରାସୁର ନିଜର ପାତ୍ର ମନ୍ତ୍ରୀ ସହ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରି ମଞ୍ଚରେ ପହଞ୍ଚିଥିଲେ । ଶିବ ପୂଜାରୁ ଆରମ୍ଭ ହୋଇଥିଲା ଲୀଳା ନାଟକ । ଏଥିରେ ମହର୍ଷି ନାରଦଙ୍କ ପରାମର୍ଶକ୍ରମେ ସ୍ୱର୍ଗପୁର ଆକ୍ରମଣ, ମୁରାସୁର ଦ୍ୱାରା ଦେବତାମାନେ ପରାଜିତ, ମୁରାସୁରର ଅତ୍ୟାଚାର ରେ ଦେବତାମାନେ ଅତିଷ୍ଠ ହେବା ପରେ ସମସ୍ତ ଦେବତା ଏକତ୍ରିତ ହୋଇ ଗୋଲକ ବିହାରୀ ବିଷ୍ଣୁଙ୍କୁ ପ୍ରାର୍ଥନା, ଦେବତାମାନଙ୍କୁ ବିଷ୍ଣୁଙ୍କ ସାନ୍ତ୍ୱନା, କୃଷ୍ଣ ବଲ୍ଲଭ ବ୍ରାହ୍ମଣ ଗୃହେ ଶେଷ ନରସିଂହଙ୍କ ଜନ୍ମ ଆଦି ପରିବେଷଣ ହୋଇଯାଇଛି । ଏହା ଦେଖିବାକୁ ଦର୍ଶକଙ୍କ ସମାଗମ ହୋଇଥିଲା । ମଙ୍ଗଳବାର ସନ୍ଧ୍ୟାରେ ରାଜ ଦରବାରରେ ରାଜ୍ୟ କଂଗ୍ରେସ ର ସମ୍ପାଦକ ଆକବର ଖାଁ ଓ ପ୍ରିୟବ୍ରତ ସାହୁ ପ୍ରମୁଖ ରାଜ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ । ମଞ୍ଚରେ ଲୀଳା ନାଟକ ସହିତ ରଙ୍ଗାରଙ୍ଗ ଆଧୁନିକ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା । ସୋମବାର ସନ୍ଧ୍ୟାରେ ରାଜ୍ୟ ଯୋଜନା ବୋର୍ଡର ଅଧକ୍ଷ ତଥା ବଲାଙ୍ଗୀରର ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂହଦେଓ ମୁଖ୍ୟଅତିଥି ଏବଂ ଶିକ୍ଷାବିତ୍ ଡ. ଅନିରୁଦ୍ଧ କୁରକୁରିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ ।

# ରାଷ୍ଟ୍ରୀୟ ଏକତା ଦିବସ ପାଳିତ



ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅଧିକାରୀ ଓ କର୍ମଚାରୀ ଶପଥ ପାଠ କରୁଛନ୍ତି ।

ବୌଦ୍ଧ,୩୧।୧୦(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଦିନ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଦିବସ ଅବସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ଦାରଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ, କର୍ମଚାରୀ ଯୋଗଦେଇ ରାଷ୍ଟ୍ରୀୟ ସଂହତି, ରାଷ୍ଟ୍ରୀୟ ଏକତା ଓ ରାଷ୍ଟ୍ରର ଅଖଣ୍ଡତା ନେଇ ଶପଥ ପାଠ କରିଥିଲେ । ଅତିରିକ୍ତ ଜିଲାପାଳ ପାତ୍ର ରାଷ୍ଟ୍ରୀୟ ଏକତା ଓ ରାଷ୍ଟ୍ରର ଅଖଣ୍ଡତା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ସମସ୍ତ ଅଧିକାରୀଙ୍କ ସମେତ ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଉପସ୍ଥିତ ଥିଲେ ।

## ନିର୍ମାଣ ଶ୍ରମିକଙ୍କୁ ଆର୍ଥିକ ସହାୟତା ପ୍ରଦାନ

ବିନିକା,୩୧। ୧୦(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକର ଆରଏମସି ମାର୍କେଟ ୟାର୍ଡ଼ଠାରେ ଜିଲା ଶ୍ରମ ବିଭାଗ ତରଫରୁ ବ୍ଲକସ୍ତରୀୟ ନିର୍ମାଣ ଶ୍ରମିକଙ୍କୁ ଆର୍ଥିକ ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ଶ୍ରମ ଆଯୁକ୍ତ ତଥା ଭାରପ୍ରାପ୍ତ ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ମୁଖ୍ୟଅତିଥି ଭାବେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପଧାନ, ବ୍ଲକ ଅଧକ୍ଷା ଦୀପ୍ତିରେଖା ନନ୍ଦ, ନଗରପାଳ ସୁବାଷ ଚନ୍ଦ୍ର ଭୋଇ ପ୍ରମୁଖ ଯୋଗଦେଇ ନିର୍ମାଣ ଶ୍ରମିକମାନଙ୍କୁ ବିଭିନ୍ନ ସହାୟତା ରାଶି ବଣ୍ଟନ କରିବା ସହିତ ଶ୍ରମିକମାନେ ଦେଶର ମେରୁଦଣ୍ଡ ଓ ଦେଶର ନିର୍ମାଣରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ବାଙ୍କ ବିହାରୀ ମହଲା ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ନିର୍ମାଣ ଶ୍ରମିକମାନଙ୍କ ମଧ୍ୟରୁ ୧୭ ଜଣଙ୍କୁ ଡେମୋ ଚେକ୍ ପ୍ରଦାନ କରାଯାଇଥିଲା ଓ ବାକି ଅନ୍ୟ ହିତାଧିକାରୀମାନଙ୍କ ଆକାଉଣ୍ଟରେ ସହାୟତା ରାଶି ଜମା କରାଯିବ ବୋଲି ଜିଲା ଶ୍ରମ ଅଧିକାରୀ ଖାଖା ସୂଚନା ଦେଇଥିଲେ ।

# ୨୪ ପ୍ରତିଯୋଗୀ ଜାତୀୟ ସ୍ତରକୁ ମନୋନୀତ




ମଞ୍ଚାସୀନ ଅତିଥିମାନେ ।

୨୪ ତମ ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା ଉଦ୍‌ଯାପିତ

ଅମରପାଲି,୩୧।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଗାୟତ୍ରୀ ଆବାସିକ ନିକଟସ୍ଥ ଖେଳ ପଡିଆରେ ରାଜ୍ୟ ତୀରନ୍ଦାଜ ସଂଘ ପକ୍ଷରୁ ୫ ଦିନ ଧରି ଚାଲିଥିବା ୨୪ ତମ ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ ମୁଖ୍ୟଅତିଥି, ପୂର୍ବତନ ଜିଲା ଉଚ୍ଚ ଶିକ୍ଷା ପରାମର୍ଶଦାତା ଡ. ପ୍ରଫୁଲ୍ଲ କୁମାର ରଥ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା, ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସି, ଡ. ହିମାଂଶୁ ଶେଖର ପାଢୀ, ଗୋରେଖନାଥ ସାହୁ, ରାଜ୍ୟ ବିଜେଡି ସମ୍ପାଦକ ଉତ୍ତର କୁମାର ପାତ୍ର, ଏସଡିପିଓ ବାସୁଦେବ ଛତ୍ରିଆ, ଦଶପଲ୍ଲା ଏନଏସି ଅଧକ୍ଷା ପୁନମ ପ୍ରିୟଦର୍ଶିନୀ, ରାଜ୍ୟ ତୀରନ୍ଦାଜ ସଂଘର ଯୁବ ସମ୍ପାଦକ କୃଷ୍ଣଚନ୍ଦ୍ର ସେଠୀ, ସୁବର୍ଣ୍ଣପୁର ଜିଲା ତୀରନ୍ଦାଜ ସଂଘର ସଭାପତି ପ୍ରଦୀପ କୁମାର ପଣ୍ଡା, ସମ୍ପାଦକ ପଙ୍କଜ ଖମାରି, ଉପସଭାପତି ଗୋପାଳ ପାତ୍ର, କୋଷାଧକ୍ଷ ଯୁଧିଷ୍ଠିର ଖମାରୀ ମଞ୍ଚାସୀନ ଥିଲେ । ଏହି ଅବସରରେ ଜୀବନ ବ୍ୟାପୀ ସମର୍ପିତ ଭାବରେ କାର୍ଯ୍ୟ କରି ଆସୁଥିବା କୃଷ୍ଣଚନ୍ଦ୍ର ସେଠୀଙ୍କୁ ଦ୍ରୋଣାଚାର୍ଯ୍ୟ ଧନୁର୍ଦ୍ଧର ସମ୍ମାନରେ ସମ୍ମାନିତ କରଯାଇଥିଲା । ୫ ଦିନ ଧରି ବିଭିନ୍ନ ବର୍ଗରେ ସଫଳ ହୋଇଥିବା କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରଯାଇଥିଲା । ରାଜ୍ୟସ୍ତରୀୟ ଏହି ପ୍ରତିଯୋଗିତାରୁ ବରିଷ୍ଠ ବିଭାଗର ଚୟନ ହୋଇଥିବା ୨୪ ଜଣ ପ୍ରତିଯୋଗୀ ଆସନ୍ତା ନଭେମ୍ବର ୨୩ରୁ ୩୦ ତାରିଖ ମଧ୍ୟରେ ଅଯୋଧ୍ୟାରେ ହେବାକୁ ଥିବା ପ୍ରତିଯୋଗିତାରେ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଆୟୋଜକ ସଂଘ ପକ୍ଷରୁ ସୂଚନା ମିଳିଛି ।

# ପୋଖରୀରେ ପଶିଗଲା କାର: ୬ ଆହତଙ୍କୁ ଉଦ୍ଧାର

ଅମରପାଲି,୩୧।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର-ରେଢାଖୋଲ ରାସ୍ତାର ଷଣ୍ଢାଠାରେ ମଙ୍ଗଳବାର ପୂର୍ବାହ୍ନରେ ଏକ କାର ଭାରସାମ୍ୟ ହରାଇ ପୋଖରୀରେ ପଶି ଯାଇଥିବା ବେଳେ କାର ଭିତରୁ ଗୋଟିଏ ପରିବାରର ୬ ଜଣଙ୍କୁ ଉଦ୍ଧାର କରାଯାଇଛି । ସେମାନେ ଆହତ ହୋଇଥିବାରୁ ବୀରମହାରାଜପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇ ଛାଡ଼ିଦିଆଯାଇଛି । ପ୍ରକାଶ ଯେ, ବଲାଙ୍ଗୀରରୁ ଗୋଟିଏ ପରିବାରର ୬ଜଣ ଏକ କାର ଯୋଗେ ବୀରମହାରାଜପୁର ରାସ୍ତା ଦେଇ ଦେବଗଡ଼କୁ ଯାଉଥିବା ସମୟରେ ଷଣ୍ଢା ନିକଟରେ ଗାଁ ପଟରୁ ହଠାତ୍ ଜଣେ ସାଇକେଲ ଆରୋହୀ ରାସ୍ତା ଉପରକୁ ଚାଲି ଆସିଥିଲେ । କାରଟି ଦ୍ରୁତ ଗତିରେ ଥିବାରୁ ଭାରସାମ୍ୟ ହରାଇ ପୋଖରୀକୁ ପଶି ଯାଇଥିଲା । ତେବେ ଡ୍ରାଇଭର ଜଣକ କାଚ ଭାଙ୍ଗି ଗାଡ଼ିରେ ଥିବା ୩ ବର୍ଷର ଓ ୧୧ବର୍ଷର ବାଳକ ସମେତ ୬ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ । ଏଥିରେ ସ୍ଥାନୀୟ ଅଞ୍ଚଳର ଲୋକେ ସହଯୋଗ କରିଥିଲେ । ବୀରମହାରାଜପୁର ପୋଲିସ ସୂଚନା ପାଇ ଉଦ୍ଧାର ହୋଇଥିବା ସମସ୍ତ ଯାତ୍ରୀଙ୍କୁ ଡ଼ାକ୍ତରଖାନକୁ ଚିକିତ୍ସା ପାଇଁ ନେଇଥିଲେ । ଦୁର୍ଘଟଣାରେ କାରର ସମ୍ମୁଖ ଭାଗ ଭାଙ୍ଗିଯାଇଛି ।

# ପ୍ରତିଭା ପ୍ରଦର୍ଶନ କଲେ ଛାତ୍ରୀଛାତ୍ର

ସୋନପୁର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ସୋନପୁର,୩୧।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ମିଲେଟସ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡ.ରାଧାକାନ୍ତ ଗଡତିଆ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଫକୀର ଚରଣ ଭୋଇ, ପ୍ରତାପ ଚନ୍ଦ୍ର ଦାଶ, ମନୋରମା ମିଶ୍ର, ବିଜ୍ଞାନ ନିରୀକ୍ଷକ ପର୍ଶୁରାମ ମେହେର, ଓଡିଶା ଆଦର୍ଶ ବିଦ୍ୟାଳୟ ପିପିଲିପାଲିର ଅଧକ୍ଷ ଅରୁଣ କୁମାର ମହାକୁଡ଼, ସୋନପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଚାରୁବାଳା ଦେବୀ ଉପସ୍ଥିତ ଥିଲେ । ଶିକ୍ଷକ ସର୍ବେଶ୍ୱର ମିଶ୍ର, ସିଆରସିସି ଗୀତା ଦରୱାନ ମଞ୍ଚ ପରିଚାଳନା କରିଥିବା ବେଳେ ବ୍ରତାନନ୍ଦ ଭୋଇ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଘନଶ୍ୟାମ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡ.ରାଧାକାନ୍ତ ଗଡତିଆ ସୁରଭି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ମହତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଜିଲା ଶିକ୍ଷାଧିକାରୀ ଭୋଇ ଛାତ୍ରୀଛାତ୍ରମାନଙ୍କ ଲୁକ୍କାୟିତ ପ୍ରତିଭା ସୁରଭି କାର୍ଯ୍ୟକ୍ରମ ଦ୍ୱାରା କିପରି ପ୍ରସ୍ଫୁଟିତ ହେବ ସେ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ପ୍ରବନ୍ଧ, ଚିତ୍ରାଙ୍କନ ବକ୍ତୃତା, ସଙ୍ଗୀତ, କୁଇଜ, ସୃଜନଶୀଳ ଲିଖନ, ନୃତ୍ୟ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଛାତ୍ରୀଛାତ୍ରମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ । ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତାର ବିଚାରକ ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା କବି ଶ୍ରୀଧର ବାଘ, ସିନେ ସଙ୍ଗୀତଜ୍ଞ ନୁର ବେଗମ, ନାଟ୍ୟକାର ମନୋଜ ବାରିକ, ନୃତ୍ୟଶିଳ୍ପୀ ଶ୍ରଦ୍ଧାଞ୍ଜଳି ମିଶ୍ର ଯୋଗଦାନ କରିଥିଲେ । ବିଚାରକ ଭାବେ ବିଭିନ୍ନ ବ୍ଲକ ତଥା ଉଚ୍ଚ ବିଦ୍ୟାଳୟରୁ ଶିକ୍ଷୟିତ୍ରୀ ଶିକ୍ଷକ ନିମନ୍ତ୍ରିତ ହୋଇଥିଲେ । ସମସ୍ତ ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକ ଓ ସିଆରସିସିମାନେ ସହଯୋଗ କରିଥିଲେ । ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ସୋନପୁର ବ୍ଲକ ଅଧକ୍ଷ ପ୍ରହ୍ଲାଦ ନାୟକ, ଜିଲା ପରିଷଦ ସଭ୍ୟ ମଧୁସୂଦନ ଓତା କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି, ସାର୍ଟିଫିକେଟ ପ୍ରଦାନ କରିଥିଲେ ।



ବିଦ୍ୟାଳୟର ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

# ସୁବର୍ଣ୍ଣପୁରରେ ଅସ୍ପୃଶ୍ୟ ଜାତି ସମାଜର ରାଲି

କେଉଟ, କୈବର୍ତ୍ତ ଓ ଧିବରଙ୍କୁ ଏସ୍‌ସି ତାଲିକାରୁ ବାଦ୍ ଦାବି

ସୋନପୁର,୩୧।୧୦(ମୃତ୍ୟୁଞ୍ଜୟ ଶତପଥୀ)

ଅସ୍ପୃଶ୍ୟ ଜାତି ସମାଜ ପକ୍ଷରୁ ସୁବର୍ଣ୍ଣପୁରରେ ମଙ୍ଗଳବାର ରାଲି ଅନୁଷ୍ଠିତ ହୋଇଯାଇଛି । କେଉଟ, କୈବର୍ତ୍ତ ଓ ଧିବରଙ୍କୁ ଏସ୍‌ସି(ଅନୁସୂଚିତ ଜାତି) ତାଲିକାରୁ ବାଦ୍ ଦେବା, ଅସ୍ପୃଶ୍ୟ ସମାଜର ଭୂମିହୀନମାନଙ୍କୁ ଏକମାସ ଭିତରେ ଜମି ପ୍ରଦାନ କରିବା ଓ ସମସ୍ତ ସରକାରୀ, ବେସରକାରୀ ସଂସ୍ଥାରେ ଏସ୍‌ସି ମାନଙ୍କ ଉନ୍ନତି ପାଇଁ ଉଦ୍ଦିଷ୍ଟ ସମସ୍ତ ସୁବିଧା ସୁଯୋଗ ତୁରନ୍ତ ପ୍ରଦାନ କରିବା ପାଇଁ ଏହି ଆନ୍ଦୋଳନ ହୋଇଥିଲା । କେଉଟ, କୈବର୍ତ୍ତ ଓ ଧିବର ଅସ୍ପୃଶ୍ୟ ଜାତି ନୁହନ୍ତି । ମାତ୍ର ସେମାନଙ୍କୁ ୨୦୦୨ରେ ସରକାର ଏସ୍‌ସି ତାଲିକାରେ ଅନ୍ତର୍ଭୁକ୍ତ କରିଛନ୍ତି । ଅସ୍ପୃଶ୍ୟ ଜାତି ସମାଜ ଏହାକୁ ବିରୋଧ କରିବା ସହ ୩ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟପାଳ ରଘୁବର ଦାସଙ୍କ ଉଦ୍ଦେଶ୍ୟରେ ସୁବର୍ଣ୍ଣପୁର ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ ସ୍ମାରକପତ୍ର ଗ୍ରହଣ କରିଥିଲେ । ଅସ୍ପୃଶ୍ୟ ଜାତି ସମାଜ ପକ୍ଷରୁ ସୋନପୁର ରୟାଲ ପଡିଆ ଠାରୁ ଏକ ବିଶାଳ ରାଲି ବାହାରିଥିଲା । ଏହି ରାଲି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲା । ଅସ୍ପୃଶ୍ୟ ଜାତି ସମାଜର ସୁବର୍ଣ୍ଣପୁର ଜିଲା ସଭାପତି ଲକ୍ଷ୍ମଣ ଭରାସାଗର, ରଜକ ସମାଜର ଜିଲା ସଭାପତି ରତ୍ନାକର ସେଠ୍, ବଲାଙ୍ଗୀର ଜିଲା ଗଣ୍ଡା ସମାଜର ସଭାପତି ପାଣ୍ଡବ କୁମ୍ଭାର, ସୁବର୍ଣ୍ଣପୁର ଜିଲା ସଭାପତି ମାଧବ କୁମ୍ଭାର, ବଳରାମ ସୁନା, ଗରିବ ବାଗ, ନିତେଇ ପାଲ, ପ୍ରଶାନ୍ତ ସେଠ, ମହେନ୍ଦ୍ର ସୁନା, ପ୍ରକାଶ ହରିପାଲ, ବେଣୁଧର ବାଗ, ପ୍ରଦୀପ ଜାଲ, ଅଚ୍ୟୁତ ଛତର, ଜଳନ୍ଧର ଦୀପ, ସନ୍ତୋଷିନୀ ପାତ୍ର, ସୁରଜ କୁଶଳ ଓ ଲଛମନ ସୁନା ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।




ଅସ୍ପୃଶ୍ୟ ସମାଜ ପକ୍ଷରୁ ସୋନପୁର ସହରରେ ଅନୁଷ୍ଠିତ ରାଲି ।

## ଘର ତାଲା ଭାଙ୍ଗି ଚୋରି ଅଭିଯୋଗ

**ରାଉରକେଲା (ସଙ୍ଗୀତା ଜେନା):** ଛେଣ୍ଡ ଥାନା ଅଧୀନ ଗୋପବନ୍ଧୁ ନଗରରେ ଏକ ବନ୍ଦ ଘରୁ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଛି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୧୫୮/୨୩) ରୁଜୁ କରି ତଦନ୍ତ କରୁଛି। ସୂଚନା ଅନୁସାରେ, ଗୋପବନ୍ଧୁ ନଗରର ଦୁର୍ଗାମାଧବ ଆଚାର୍ଯ୍ୟ(୪୧) ଗତ ୨୭ ତାରିଖରେ ତାଲଚେର ସ୍ଥିତ ଶ୍ୱଶୁର ଘରକୁ ଯାଇଥିଲେ। ମଙ୍ଗଳବାର ଘରକୁ ଫେରିବା ପରେ କେହି ଦୁର୍ବୃତ୍ତ ତାଙ୍କ ଘର ତାଲା ଭାଙ୍ଗି ୨୦ ହଜାର ଟଙ୍କା, ସୁନାରୂପା ଗହଣା, ପୋଷାକ ଆଦି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରି ନେଇଥିବା ଜାଣିବାକୁ ପାଇଥିଲେ।



## ସଂକ୍ଷେପରେ

### କୀଟନାଶକ ପିଇ ମୃତ୍ୟୁ

**ରାଜଗାଙ୍ଗପୁର, ୩୧।୧୦(ଅଶୋକ ପାଣି):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହରର ୫ନଂ. ୱାଡ଼ ବାସିନ୍ଦା ବିଶ୍ୱାମିତ୍ର ସିଂ(୪୯) ଗତ ୧୮ ତାରିଖ କୀଟନାଶକ ପିଇ ଗୁରୁତର ହୋଇଥିଲେ। ସେ ରାଉରକେଲାର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧିନ ଅବସ୍ଥାରେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଛି। ରାଜଗାଙ୍ଗପୁର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ବାଲିଶଙ୍କରାରେ ନୂତନ ତହସିଲଦାରଙ୍କ ଯୋଗଦାନ

**ବାଲିଶଙ୍କରା, ୩୧।୧୦ (ଜୟନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକରେ ନୂତନ ତହସିଲଦାର ଭାବେ ଗୌରହରି ମହନ୍ତ ଗତ ୨୫ରେ ଯୋଗଦାନ କରିଛନ୍ତି। ସେ ଆଗରୁ ବଲାଙ୍ଗୀର ଜିଲା ପାଟଣାଗଡ଼ ଏନଏସିରେ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ଦୀର୍ଘ ୩୩ବର୍ଷ ଚାକିରୀ କାର୍ଯ୍ୟକାଳରେ ଓଡ଼ିଶାର ବିଭିନ୍ନ ଜାଗାରେ କାର୍ଯ୍ୟକରି ଆସିଛନ୍ତି। ଉନ୍ନୟନମୂଳକ କାର୍ଯ୍ୟ ଉପରେ ବେଶୀ ଗୁରୁତ୍ୱ ଦେଇ ପ୍ରଥମେ ଗରିବଙ୍କ ସେବା ହିଁ ମୋର ପ୍ରଥମ କାର୍ଯ୍ୟ ଓ ଏହି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଦୂରଦୂରାନ୍ତରୁ ଆସୁଥିବା ଗରିବ ଜନସାଧାରଣ ହିତାଧିକାରୀମାନଙ୍କୁ ତୁରନ୍ତ ସମାଧାନ କରି ସେବା ଯୋଗାଇଦେବା ମୋର ପ୍ରଥମ ଉଦ୍ଦେଶ୍ୟ ରହିବ ବୋଲି ପ୍ରକାଶ କରିଥିଲେ। ଆସନ୍ତା ୨ତାରିଖ ସମସ୍ତ କର୍ମଚାରୀଙ୍କୁ ନେଇ ବୈଠକ ହେବାର କାର୍ଯ୍ୟକ୍ରମ ରହିଛି। ସେଥିରେ ମୁଖ୍ୟ ପ୍ରସଙ୍ଗ ରହିବ କି ଅତିକମରେ ୫୦ ପ୍ରତିଶତ ନିତ୍ୟଦିନ କାର୍ଯ୍ୟ କରିବାକୁ କର୍ମଚାରୀଙ୍କୁ ପରାମର୍ଶ ଦିଆଯିବ ବୋଲି ସୂଚନା ଦେଇଛନ୍ତି।

### ଝିରପାଣିରେ ଗଜଲକ୍ଷ୍ମୀ ପୂଜା ଆୟୋଜିତ

**ବିଶ୍ରା, ୩୧।୧୦(ବଟକୃଷ୍ଣ ସ୍ୱାଇଁ):** ଧନଲକ୍ଷ୍ମୀ ଦେବୀ ଗଜଲକ୍ଷ୍ମୀଙ୍କ ପୂଜନ ଜାରି ରହିଛି। ଗ୍ରହଣ ଦିନ ଉକ୍ତ ପୂଜନ କରା ନ ଯାଇ ୨୯ ତାରିଖରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ବିଶ୍ରା ଅଞ୍ଚଳରେ ବହୁ ସ୍ଥାନରେ ପୂଜା ଆୟୋଜନ କରାଯାଇଥିଲା। ସେହି ମଧ୍ୟରୁ ଝିରପାଣି ଅଞ୍ଚଳରେ ଥିବା ଗଜଲକ୍ଷ୍ମୀ ପୂଜା ୧୯ ବର୍ଷ ହେଲା କରାଯାଉଛି। ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ଉକ୍ତ ପୂଜାକାର୍ଯ୍ୟକୁ ସଭାପତି ବିକାଶ ଅଗ୍ରୱାଲ, ଉପସଭାପତି ସୁଶାନ୍ତ ତ୍ରିପାଠୀ, କୋଷାଧକ୍ଷ ରାଜ କୁମାର ଗୁପ୍ତା ପ୍ରମୁଖ ପରିଚାଳନା କରୁଛନ୍ତି। ପୁରୋହିତ ରଙ୍ଗାଧର ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୋମବାର ପୂର୍ଣ୍ଣାହୁତି ପ୍ରଦାନ କରାଯାଇଛି। ଅନୁରୂପ ଭାବେ ସେକ୍ଟର-୧୯ ପୁରୁଣା ଆମ୍ବାଗାନ ଅଞ୍ଚଳରେ ସ୍ଥାନୀୟ ଦୋକାନୀଙ୍କ ଉଦ୍ୟମରେ ୧୩ ବର୍ଷରୁ ଗଜଲକ୍ଷ୍ମୀ ପୂଜା କରାଯାଉଛି। ବର୍ଷ ସାରା ଦୋକାନୀମାନେ ସ୍ୱଳ୍ପ ସଞ୍ଚୟ କରି ପୂଜା କରିଥାନ୍ତି। ପ୍ରତ୍ୟେକ ଦିନ ଭିନ୍ନଭିନ୍ନ ପ୍ରସାଦ ଲାଗି ହେଉଥିବା ବେଳେ ମୂରଲୀଧର ମିଶ୍ର, ଅଜୟ ବେହେରା, ଦୁଃଶାସନ ସାହୁ, ବଳରାମ ସାହୁ, ତଥା କର୍ତ୍ତା ଭାବେ ମନୋଜ ଖଟୁଆ ସମସ୍ତ ନୀତିକାନ୍ତି ସମ୍ପାଦନ କରିଥିଲେ। ପୂଜକ ହୃଷିକେଶ ଶତପଥୀ ପୂଜାବିଧି କରିଥିଲେ।





ସୁନ୍ଦରଗଡ଼ ଲୁହୁରାଡିପାଠାରେ ହୋଇଥିବା ନୂଆ ବସଷ୍ଟାଣ୍ଡରେ ଚେୟାର ଭାଙ୍ଗିରୁଜି ଯାଇଛି। ଦୋକାନ ଘରଗୁଡ଼ିକ ଆବଣ୍ଟନ ହୋଇ ନ ଥିବାରୁ ପରିତ୍ୟକ୍ତ ଅବସ୍ଥାରେ ରହିଛି।

# ସୁନ୍ଦରଗଡ଼ ବସଷ୍ଟାଣ୍ଡରେ ବଢୁଛି ଯାତ୍ରୀଙ୍କ ଦୁର୍ଦ୍ଦଶା

**ସୁନ୍ଦରଗଡ଼,୩୧।୧୦(ଜୟନାରାୟଣ ମେଣ୍ଡୁଲି)**

- ଯାତ୍ରୀଙ୍କୁ ମୌଳିକ ସୁବିଧା ପ୍ରଦାନ ଦିଗରେ ପ୍ରଶାସନ ପକ୍ଷରୁ ଧ୍ୟାନ ଦିଆଯାଉ ନାହିଁ
- ଯାତ୍ରୀ ପ୍ରତୀକ୍ଷାଳୟ, ଶୌଚାଳୟର ଉପଯୁକ୍ତ ରକ୍ଷଣାବେକ୍ଷଣ ହୋଇପାରୁ ନାହିଁ

ସୁନ୍ଦରଗଡ଼ ଲୁହୁରାଡିପା ଠାରେ ହୋଇଥିବା ନୂଆ ବସଷ୍ଟାଣ୍ଡ ହେବାର ଦୀର୍ଘଦିନ ବିତିଯିବା ପରେ ମଧ୍ୟ ଏଠାରେ ଯାତ୍ରୀଙ୍କ ମୌଳିକ ସୁବିଧା ପ୍ରଦାନ ଦିଗରେ ପ୍ରଶାସନ ପକ୍ଷରୁ ଧ୍ୟାନ ଦିଆ ଯାଉ ନାହିଁ। ଫଳରେ ଏଠାରେ ଯାତ୍ରୀଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଏଠାରେ ନିର୍ମିତ ଟର୍ମିନାଲରେ ଥିବା ଯାତ୍ରୀ ପ୍ରତୀକ୍ଷାଳୟ, ଶୌଚାଳୟର ଉପଯୁକ୍ତ ରକ୍ଷଣାବେକ୍ଷଣ ହୋଇପାରୁ ନାହିଁ। ସ୍ଥାନୀୟ ଜନସାଧାରଣ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କଲା ପରେ ମଧ୍ୟ ଏନେଇ ଉଦାସୀନତା ମନୋଭାବ ପ୍ରତିପୋଷଣ କରୁଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ପିଇବା ପାଣି, ଶୌଚାଳୟ ପାଣି ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ଠିକ ନ ଥିବାରୁ ମଇଳା ପାଣି ଜମି ପୂତିମୟ ପରିବେଶ ସୃଷ୍ଟି ହୋଇଛି। ଏଥିସାଙ୍ଗକୁ ଅନାବନା ଗଛଲତା, ଘାସରେ ପରିପୂର୍ଣ୍ଣ ହୋଇଛି। ଯାତ୍ରୀ ପ୍ରତୀକ୍ଷାଳୟରେ ଥିବା ୯୯ଟି ଚେୟାର ମଧ୍ୟରୁ ଅନେକ ଭାଙ୍ଗିରୁଜି ଯାଇଛି। ଆଉ ମାତ୍ର ୩୦।୪୦ଟି ରହିଛି। ତାହା ମଧ୍ୟ ଠିକ୍ ନାହିଁ। ଏହି ବସଷ୍ଟାଣ୍ଡରୁ ପ୍ରତ୍ୟେହ ରାଉରକେଲା, ସମ୍ବଲପୁର, ଝାରସୁଗୁଡ଼ା, ଦେବଗଡ଼, ଭୁବନେଶ୍ୱର, ଛତିଶଗଡ଼ ସମେତ ଜିଲାର ଅନେକ ଆଭ୍ୟନ୍ତରୀଣ ସ୍ଥାନକୁ ବସ ଚଳାଚଳ କରିଥାଏ। ସୁନ୍ଦରଗଡ଼ ଜିଲା ସଦର ମହକୁମା ହୋଇଥିଲାବେଳେ ଏଠାରେ ଏବେ ମେଡ଼ିକାଲ କଲେଜ ଓ ହସପିଟାଲ ପ୍ରତିଷ୍ଠା ହୋଇଛି। ଏଥିସହିତ ଏଠାରେ ସ୍କୁଲ କଲେଜ, ଅଫିସ କଚେରୀ, ଦୋକାନ, ବଜାର ପାଇଁ ଦୈନନ୍ଦିନ ଅନେକ ଲୋକ ଯିବା ଆସିବା କରିଥାନ୍ତି। ଏଥିସହିତ ବସଷ୍ଟାଣ୍ଡ ଭିତରକୁ ପ୍ରବେଶ ପୂର୍ବରୁ ଥିବା ଓଭର ବ୍ରିଜ ଓ ରାସ୍ତାରେ ଟ୍ରାଫିକ ସମସ୍ୟା ଜଟିଳ ହେଉଛି। ଏହି ରାସ୍ତାରେ ଅନେକ ୧୮/୨୨ଚକିଆ ଭାରିଯାନଗୁଡ଼ିକ ଯିବାଆସିବା କରିବା ସହ ଦୀର୍ଘ ସମୟ ଧରି ଛିଡ଼ା ହୋଇ ରହୁଥିବାରୁ ବସ, ଅଟୋଗୁଡ଼ିକ ତଥା ଯାତ୍ରୀମାନେ ଯାତାୟାତରେ ବିଶେଷ ଅସୁବିଧା ଦେଖାଯାଉଛି। ଏପରିକି ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ସାଧାରଣ ଘଟଣା ହୋଇଛି। ଏପରିକି ଏଠାରେ ଏକ ପୋଲିସ ଫାଣ୍ଡି ପାଇଁ ଦାବି ହୋଇଆସୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ହୋଇପାରି ନାହିଁ। ଏପରିକି ପୋଲିସ କର୍ମଚାରୀ ମୁତୟନ ନ ଥିବା ସୁଯୋଗରେ ଛିନତାଇ, ଲୁଟ ଘଟଣା ସହ ମାରପିଟ ଘଟଣା ହେଉଥିବାରୁ ଯାତ୍ରୀମାନେ ଅସୁରକ୍ଷିତ ହୋଇପଡୁଛନ୍ତି। ଏହି ବସଷ୍ଟାଣ୍ଡରେ ସନ୍ଧ୍ୟାରେ ଏକୁଟିଆ ମହିଳା ଯାତ୍ରୀ ଛିଡ଼ା ହେବାର ମଧ୍ୟ ନିରାପଦ ନୁହଁ। ଏଠାରେ ନିର୍ମିତ ଦୋକାନ ଘରଗୁଡ଼ିକ ଏପର୍ଯ୍ୟନ୍ତ ଆବଣ୍ଟନ ନ ହେବାରୁ ବସଷ୍ଟାଣ୍ଡରେ ଅବ୍ୟବସ୍ଥିତ ଭାବେ ଉଠା ଦୋକାନୀମାନେ କବଜା କରି ପସରାମେଲାଇ ବସୁଥିବାରୁ ବସଷ୍ଟାଣ୍ଡଟି ସତେ ଯେମିତି ମୀନାବଜାର ପଡ଼ିଆ ଭଳିଆ ଦିଶୁଛି। ଏଦିଗରେ ପୌର ପ୍ରଶାସନ ଦୃଷ୍ଟି ଦେଇ ଯାତ୍ରୀଙ୍କ ସୁବିଧା ଯୋଗାଇ ଦେବାକୁ ଦାବି ହେଉଛି। ବସଷ୍ଟାଣ୍ଡରେ ଯାତ୍ରୀଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା ସହ ସମସ୍ୟାର ସମାଧାନ କରିବା ପାଇଁ ଜିଲା ପ୍ରଶାସନ ପାଖରେ ଦାବି ରଖିଛନ୍ତି ଯୁବ ସମାଜସେବୀ ଶୁଭମ୍ ମହାପାତ୍ର ଓ ଚନ୍ଦ୍ରଭାନୁ ଯୁରା।

## ବନ୍ଧମୁଣ୍ଡାରେ ବିଜୟା ମିଳନ କାର୍ଯ୍ୟକ୍ରମ

**ବନ୍ଧମୁଣ୍ଡା,୩୧।୧୦(ସୁବ୍ରତ ଦେ)**

ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ବନ୍ଧମୁଣ୍ଡା ସି-ସେକ୍ଟର ସ୍ଥିତ ବଙ୍ଗଭାରତୀ ପରିସରରେ ବିଜୟା ମିଳନ ସମାରୋହ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବଙ୍ଗୀୟ ସମ୍ପ୍ରଦାୟର ଲୋକମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପଶ୍ଚିମବଙ୍ଗ ରାଜ୍ୟର ପ୍ରସିଦ୍ଧ କବି ଆଲୋକ କୁମାର ଘୋଷାଲ ତଥା ପ୍ରସିଦ୍ଧ ଲେଖିକା ଇପସା ଘୋଷାଲ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଅନୁକରଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଏବଂ ଆୟୋଜକ କମିଟିର ବିଭିନ୍ନ ସଦସ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ ଏବଂ ବଙ୍ଗାଳୀ ପରମ୍ପରା ଓ ସଂସ୍କୃତିର ଅଲୌକିକ ମହିମା ବିସ୍ତାର କରିଥିଲେ। ଏହି କାର୍ଯ୍ୟକ୍ରମରେ ଆମନ୍ତ୍ରିତ କଳାକାରମାନେ ଘଣ୍ଟାଘଣ୍ଟା ଧରି ସଙ୍ଗୀତ ଉପସ୍ଥାପନ କରିଥିଲେ। ଏହି ବିଜୟା ମିଳନରେ ବଙ୍ଗାଳୀ ସଂସ୍କୃତି ଏବଂ ପରମ୍ପରାର ମିଶ୍ରଣ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମୁଖ୍ୟ ଅତିଥି ଆଲୋକ ଘୋଷାଲ ବଙ୍ଗଳା ଭାଷା ତଥା ଭାରତୀୟ ସଂସ୍କୃତିରେ ଏହାର ଅମୂଲ୍ୟ ଅବଦାନ ଉପରେ ନିଜର ମତ ରଖିଥିଲେ। କାର୍ଯ୍ୟକ୍ରମର ସଫଳ ଆୟୋଜନରେ ଉଜ୍ଜ୍ୱଳ ଭଟ୍ଟାଚାର୍ଯ୍ୟ, ସୁଭାଷ ଚନ୍ଦ୍ର ଘୋଷ, ଶିଶିର ମାନ୍ନା, ବିକାଶ ଚକ୍ରବର୍ତ୍ତୀ, ସୁଜିତ ବାନାର୍ଜୀ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ନୀଳକମଳ ଗଜଲକ୍ଷ୍ମୀପୂଜା କମିଟିର ରୌପ୍ୟ ଜୟନ୍ତୀ





ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଗଜଲକ୍ଷ୍ମୀଙ୍କ ମୃଣ୍ମୟ ପ୍ରତିମୂର୍ତ୍ତି ଓ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ।

**ରାଜଗାଙ୍ଗପୁର, ୩୧।୧୦ (ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଆଇଟି କଲୋନୀରେ ଥିବା ନୀଳକମଳ ଗଜଲକ୍ଷ୍ମୀପୂଜା କମିଟିର ଚଳିତବର୍ଷ ରୌପ୍ୟ ଜୟନ୍ତୀ ପାଳନ କରାଯାଉଛି। ଏହି ଉପଲକ୍ଷେ ମା' ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ବହୁ ଆଡମ୍ବରରେ ପାଳିତ ହେଉଛି। ୨୮ତାରିଖରୁ ଆରମ୍ଭ ହୋଇଥିବା ପୂଜାର ବିସର୍ଜନ ପର୍ବ ବୁଧବାର ଅନୁଷ୍ଠିତ ହେବ। ସବୁଦିନ ଭଜନ କୀର୍ତ୍ତନ ଚାଲିଥିବାବେଳେ ମଙ୍ଗଳବାର ସନ୍ଧ୍ୟାରେ ରାଉରକେଲାର ନାମି କଳାକାରମାନଙ୍କ ଦ୍ୱାରା ଭଜନ ସନ୍ଧ୍ୟାର କାର୍ଯ୍ୟକ୍ରମ ହୋଇଥିଲା। ପୂଜକ ଭାବେ ନିରଞ୍ଜନ ଶତପଥି ଓ ରଞ୍ଜନ ଦାଶ ରହି ପୂଜାର୍ଚ୍ଚନା କରୁଛନ୍ତି। କମିଟିର ମାନସ ଜୀତ, ସମରେନ୍ଦ୍ର ମହାପାତ୍ର, ବିପିନ ସାହୁ, ସୁରେଶ ବାରିକ, ଶଶୀଭୂଷଣ ଚୌରାଶିଆ, ହିମାଂଶୁ ବାରିକ, ସୌମ୍ୟ ମହାରଣା, ସୁଧାଂଶୁ ଦାସ ପ୍ରମୁଖ ପୂଜା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଜଗାଙ୍ଗପୁର କଂଗ୍ରେସ କମିଟିର ଇନ୍ଦିରାଙ୍କ ତିରୋଧାନ ଦିବସ ପାଳନ

**ରାଜଗାଙ୍ଗପୁର, ୩୧।୧୦(ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଟାଉନ କଂଗ୍ରେସ କମିଟିର ସଭାପତି ଦେବରଞ୍ଜନ ବିନୋଦଙ୍କ ନେତୃତ୍ୱ ତଥା ସଭାପତିତ୍ୱରେ ମଙ୍ଗଳବାର ରାଜଗାଙ୍ଗପୁର କଂଗ୍ରେସ ଭବନରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ତଥା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କଂଗ୍ରେସ ନେତୃବୃନ୍ଦ ଓ କର୍ମୀବୃନ୍ଦ ଉପସ୍ଥିତ ରହି ଉଭୟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ। ବସନ୍ତ ସାହୁ, ଜୟପ୍ରକାଶ ବାଦି, ରାଜା ନାଏକ, ସୁଧାଂଶୁ ସାହୁ, ଆଶିଷ ଘୋଷ,ବାବୁ ସାଦ, ମହମ୍ମଦ ଟୋନିଙ୍କ ସହ ଅନ୍ୟମାନେ ରହିଥିଲେ।

## ଆର୍ଚେରି ଆସୋସିଏଶନର ୨୩ ପଦକ ହାସଲ

**ସୁନ୍ଦରଗଡ଼,୩୧।୧୦(ଜୟନାରାୟଣ ମେଣ୍ଡୁଲି)**

**୨୪ତମ ରାଜ୍ୟସ୍ତରୀୟ ଆରଚେରୀ ଚାମ୍ପିୟନଶିପ**

ଓଡ଼ିଶା ଆର୍ଚେରି ଆସୋସିଏଶନ ପକ୍ଷରୁ ସୋନପୁର ଜିଲା ବୀରମହାରାଜପୁରଠାରେ ଚାଲିଥିବା ୨୪ତମ ରାଜ୍ୟସ୍ତରୀୟ ଆରଚେରୀ (ତୀରନ୍ଦାଜ)ପ୍ରତିଯୋଗିତାରେ ସୁନ୍ଦରଗଡ଼ ଜିଲା ଆରଚେରୀ ଆସୋସିଏଶନ ୨୩ଟି ପଦକ ହାସଲ କରିଛି। ଏଥିରେ ସୁନ୍ଦରଗଡ଼ ଆର୍ଚେରି ଆସୋସିଏଶନର ୩୨ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଗତ ୨୭ ରୁ ୩୧ ତାରିଖ ପର୍ଯ୍ୟନ୍ତ ଚାଲିଥିଲା ପ୍ରତିଯୋଗିତା। ଏହି ପ୍ରତିଯୋଗିତାର ପ୍ରାୟୋଜକ ଭାବେ ସୁନ୍ଦରଗଡ଼ର ଜୟ ଦାମୋଦର ରେସିଡେନ୍ସି (ଜେଡିଆର) ରହିଥିଲା। ଏହି ସଫଳତା ହାସଲ ପରେ ସୁନ୍ଦରଗଡ ଆର୍ଚେରି ଆସୋସିଏଶନ ସଭାପତି ତଥା ସାଂସଦ ଜୁଏଲ ଓରାମ,ବିଧାୟିକା କୁସୁମ ଟେଟେ, ବିଧାୟକ ଭବାନୀ ଭୋଇ, ପୌରାଧକ୍ଷା ତନୟା ମିଶ୍ର ପ୍ରମୁଖ ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।




ପଦକ ପାଇଥିବା ସୁନ୍ଦରଗଡ଼ ଜିଲା ଆର୍ଚେରି ଆସୋସିଏଶନର କର୍ମକର୍ତ୍ତା।

## ଛୁଟି ଦିନରେ ବି ବିଶେଷଜ୍ଞ ଡାକ୍ତର ରୋଗୀ ଦେଖିବେ

**ସୁନ୍ଦରଗଡ଼,୩୧।୧୦(ଜୟନାରାୟଣ ମେଣ୍ଡୁଲି)**

**ସୁନ୍ଦରଗଡ଼ ମୁଖ୍ୟ ଡାକ୍ତରଖାନା**

ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଆଗରୁ ପ୍ରତ୍ୟେକ ରବିବାର ଏବଂ ଛୁଟିଦିନରେ କେବଳ ଆଉଟଡୋରରେ ଡାକ୍ତର ରୋଗୀ ଦେଖୁଥିଲେ ଏବଂ ପ୍ରତ୍ୟେକ ବିଭାଗର ବିଶେଷଜ୍ଞ ଡାକ୍ତରଙ୍କ କୋଠରୀ ବନ୍ଦ ରହୁଥିଲା। ଯେଉଁଥି ପାଇଁ ଛୁଟିଦିନ କାହାରି ଦେହ ଖରାପ ହେଲେ ରୋଗୀ ଗ୍ରାମାଞ୍ଚଳର ହେଉ କିମ୍ବା ସରକାରୀ କର୍ମଚାରୀ ହେଉ ଅଥବା ସୁନ୍ଦରଗଡ଼ ବାସିନ୍ଦା ହୋଇଥାଉ ଡାକ୍ତରମାନଙ୍କ କ୍ଲିନିକକୁ ଯାଇ ଅତିକମରେ ୩୦୦ ରୁ ୫୦୦ ଟଙ୍କା ଫିଜ ଦେବା ସହିତ ମେଡ଼ିସିନ କିଣି ଖର୍ଚ୍ଚାନ୍ତ ହେଉଥିଲେ। ତେଣୁ ସୁନ୍ଦରଗଡ଼ ବିଜୁ ଜନତା ଦଳର ବରିଷ୍ଠନେତା ତଥା ଜିଲା ବିଜେଡି ଉପସଭାପତି ଜୟନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ବିଜେଡି ପ୍ରତିନିଧି ମଣ୍ଡଳୀ ସୁନ୍ଦରଗଡ଼ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲର ମୁଖ୍ୟ ଡିନ ପ୍ରଫେସର ଡ଼ ଦୈତାରୀ ରାଉତରାୟ ଏବଂ ସୁପରିଟେଣ୍ଡେଣ୍ଟ ପ୍ରଫେସର ଡ଼ ପଙ୍କଜ ପରିଡ଼ାଙ୍କୁ ସାକ୍ଷାତ କରି ରବିବାର ଏବଂ ଛୁଟି ଦିନ ମଧ୍ୟ ଡାକ୍ତରଖାନାରେ ପ୍ରତ୍ୟେକ ବିଭାଗର ବିଶେଷଜ୍ଞ ଡାକ୍ତର ରୋଗୀ ଦେଖିବା ପାଇଁ ଦାବି କରିଥିଲେ। କାହିଁକି ନା ସୁନ୍ଦରଗଡ଼ ଜିଲା ଗୋଟିଏ ଆଦିବାସୀ ଜିଲା ଓ ଅଧିକାଂଶ ଗରିବ ଶ୍ରେଣୀର ଲୋକ ରହୁଥିବାରୁ ତଥା ରାଜ୍ୟ ସରକାରଙ୍କ ଦ୍ୱାରା ସରକାରୀ ଡାକ୍ତରଖାନାରେ ଲୋକଙ୍କୁ ମାଗଣାରେ ଚିକିତ୍ସା ଏବଂ ଔଷଧ ମିଳୁଥିବାରୁ ଅଧିକାଂଶ ଲୋକେ ସରକାରୀ ଡାକ୍ତରଖାନାରେ ଡାକ୍ତରଙ୍କୁ ଦେହ ଦେଖେଇ ଔଷଧ ନିଅନ୍ତି। ତେଣୁ ଗ୍ରାମାଞ୍ଚଳର ଜନସାଧାରଣ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ସୁବିଧା ହେବା ସହିତ ଖର୍ଚ୍ଚାନ୍ତରୁ ରକ୍ଷା ପାଇବା ପାଇଁ ବିଜେଡି ପ୍ରତିନିଧି ମଣ୍ଡଳୀ କିଛି ଦିନ ପୂର୍ବରୁ ଦାବି କରିଥିଲେ ଯାହାକି ଆଜି ସଫଳ ହୋଇଛି। ଆସନ୍ତା ନଭେମ୍ବରରୁ ପ୍ରତ୍ୟେକ ରବିବାର ଏବଂ ଛୁଟିଦିନରେ ମଧ୍ୟ ପ୍ରତ୍ୟେକ ବିଭାଗର ବିଶେଷଜ୍ଞ ଡାକ୍ତରଖାନାରେ ରୋଗୀ ଦେଖିବା ପାଇଁ ସୁନ୍ଦରଗଡ଼ ମେଡ଼ିକାଲ କଲେଜ ଓ ହସ୍ପିଟାଲର ସୁପରିଟେଣ୍ଡେଣ୍ଟ ନିର୍ଦ୍ଦେଶ ଦେଇଛନ୍ତି। ବିଜେଡିର ଦାବିକୁ ଯଥାର୍ଥ ଭାବି ତ୍ୱରିତ ପଦକ୍ଷେପ ନେଇ ଥିବାରୁ ସୁନ୍ଦରଗଡ଼ ବିଜେଡି ତରଫରୁ ମେଡ଼ିକାଲ କଲେଜର ଡିନ ଏବଂ ସୁପରିଟେଣ୍ଡେଣ୍ଟଙ୍କୁ ଧନ୍ୟବାଦ ଜଣେଇଛନ୍ତି।

## ୪ଟି ବ୍ଲକରେ ବିଧାୟିକାଙ୍କ ନୂତନ ପ୍ରତିନିଧି

**ସୁନ୍ଦରଗଡ଼,୩୧।୧୦(ଜୟନାରାୟଣ ମେଣ୍ଡୁଲି)**

ଆଗାମୀ ସାଧାରଣ ନିର୍ବାଚନକୁ ଆଖିଆଗରେ ରଖି ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ସଦର, ଟାଙ୍ଗରପାଲି, ଲେଫ୍ରିପଡ଼ା, ହେମଗିରି ବ୍ଲକ ଏବଂ ପୌରପାଳିକାରେ ନୂତନ ପ୍ରତିନିଧି ନିଯୁକ୍ତି ଦେଇଛନ୍ତି। ହେମଗିରିରେ ମହେଶ ଶତପଥି, ଲେଫ୍ରିପଡ଼ାରେ ବିମଳ ପଟେଲ, ଟାଙ୍ଗରପାଲିରେ ସଂଜୀବ ସିଂ, ସଦର ବ୍ଲକରେ ଭୀମସେନ ନାଏକ ଓ ପୌରାଞ୍ଚଳରେ ଜଗନ୍ନାଥ ଜେନା ବିଧାୟିକାଙ୍କ ପ୍ରତିନିଧି ଭାବେ କାର୍ଯ୍ୟ କରିବେ। ସମସ୍ତଙ୍କୁ ଦଳୀୟ କର୍ମୀ ଓ ନେତା ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ ଦଳ ଓ ସଙ୍ଗଠନ ମଜବୁତ ହେବ ବୋଲି ଆଶାପ୍ରକାଶ କରିଛନ୍ତି।

## ପବ୍ଲିକ ସ୍କୁଲରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

**ସୁନ୍ଦରଗଡ଼, ୩୧।୧୦(ଜୟନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ପବ୍ଲିକ ସ୍କୁଲରେ ମଙ୍ଗଳବାର ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ବାର୍ଷିକୀ ଉପଲକ୍ଷେ ରାଷ୍ଟ୍ରୀୟ ଏକତା ଦିବସ ଓ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍କୁଲର ଅଧକ୍ଷା ହରିପ୍ରିୟା ପଟେଲ ଅଧକ୍ଷତା କରିଥିଲେ। ପ୍ରଥମେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଓ ଇନ୍ଦିରା ଗାନ୍ଧୀଙ୍କ ଫଟଚିତ୍ରରେ ମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନ କରାଯାଇଥିଲା। ସ୍କୁଲର ଛାତ୍ରୀଛାତ୍ର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଓ ଇନ୍ଦିରା ଗାନ୍ଧୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଦେଶର ଅଖଣ୍ଡତାକୁ ବଜାୟ ରଖିବା ପାଇଁ ଶପଥ ଗ୍ରହଣ କରାଯାଇଥିଲା। ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ କ୍ଷୁଦ୍ର ନାଟକ ପରିବେଷଣ ହୋଇଥିଲା। ଯେଉଁଥିରେ ଛାତ୍ରୀଛାତ୍ର ଆମ ଦେଶର ବିଭିନ୍ନ ସଂସ୍କୃତି ଓ ପରମ୍ପରାକୁ ଦର୍ଶାଇଥିବାବେଳେ ପାରମ୍ପାରିକ ପରିପାଟି ବେଶ ଆକର୍ଷଣୀୟ ଥିଲା। ସ୍କୁଲର ସ୍କାଉଟ୍ସ ଓ ଗାଇଡ୍ସ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ରାଲି ବାହାରି ସହର ପରିକ୍ରମା କରିଥିଲା। ସ୍କୁଲର ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଶିକ୍ଷୟିତ୍ରୀ ଶିକ୍ଷକ ଦେବାଶିଷ ଦାସ, ଅଶୋକ ପରିଡ଼ା, ରାଜଲକ୍ଷ୍ମୀ ନାଏକ, ସସ୍ମିତା ସାହୁ, ପ୍ରୀତି ପ୍ରସାଦ, ପ୍ରିୟଙ୍କା ଜେନା, ଟି ଭବାନୀ, ସନ୍ତୋଷ ମହନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ।

## କୁତ୍ରା ଅଞ୍ଚଳରେ ହାତୀ ଉପଦ୍ରବ

**କୁତ୍ରା, ୩୧।୧୦(ଦେବାଶିଷ ସାହୁ)**



ହାତୀ ଘଉଡ଼ାଇବା ଲାଗି ପ୍ରୟାସ ଚାଲିଛି।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ କୁତ୍ରା ବ୍ଲକରେ ମଙ୍ଗଳବାର ଦୁଇଟି ହାତୀ ଉପଦ୍ରବ ଚଳାଇଥିଲେ। ଫଳରେ ଲୋକେ ଆତଙ୍କିତ ଅବସ୍ଥାରେ ଥିବା ଦେଖିବାକୁ ମିଳିଥିଲା। ଖବରପାଇ ବନ ବିଭାଗ କର୍ମଚାରୀ ପହଞ୍ଚିବା ପରେ ହାତୀ ଘଉଡାଇବା ବ୍ୟବସ୍ଥା କରିବା ପରିବର୍ତ୍ତେ ହାତୀକୁ ଦେଖି ସେଲଫି ନେବାରେ ବ୍ୟସ୍ତ ଥିବା ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ ଉକ୍ତ ହାତୀ ଦ୍ୱୟ ଜୁରାଜାମ୍ ଜଙ୍ଗଲରୁ ବାହାରି ଆସି ଭୋରରୁ ତେଲିଘଣା କାଲୋପଡାରେ ରହିଥିବା ବେଳେ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ରାତିରେ ଆସିଥିବା ହାତୀ ୨ଟି ସକାଳ ହୋଇଯାଇଥିବାବେଳେ ଯାଇ ନ ପାରି ଏଠାରେ ଏକ ବୁଦା ସ୍ଥାନରେ ରହିଛନ୍ତି। ଏଠାରେ ଲୋକଙ୍କ ମଧ୍ୟ ଭିଡ ଦେଖିବାକୁ ମିଳିଛି। ବର୍ତ୍ତମାନ ଚାଷ ଅମଳର ସମୟ ପହଞ୍ଚିଥିବାବେଳେ ହାତୀ ଘଉଡାଇବା ବ୍ୟବସ୍ଥା ନ କଲେ ଲୋକଙ୍କ ଜୀବନ ସହିତ ଚାଷ ମଧ୍ୟ ନଷ୍ଟ ହେବାର ଆଶଙ୍କା କରାଯାଉଛି। ସନ୍ଧ୍ୟା ପର୍ଯ୍ୟନ୍ତ ହାତୀ ୨ଟି ସେହି ସ୍ଥାନରେ ରହିଥିବା ଜଣାପଡ଼ିଛି। ବନବିଭାଗ କର୍ମଚାରୀ ହାତୀର ଗତିବିଧି ଉପରେ ନଜର ରଖିଛନ୍ତି। କିଛିଦିନ ପୂର୍ବରୁ ମଧ୍ୟ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡିକରେ ଘର ଦ୍ୱାର ଭାଙ୍ଗିବା ସହିତ ଅନେକ କ୍ଷୟକ୍ଷତି ଘଟାଇଛନ୍ତି। ତେବେ ବନ ବିଭାଗ କର୍ମଚାରୀ ଏଭଳି ସେଲଫି ଉଠାଇବା କେତେଦୂର ଯୁକ୍ତିଯୁକ୍ତ ବୋଲି ସାଧାରଣ ଲୋକଙ୍କ ମନରେ ବର୍ତ୍ତମାନ ପ୍ରଶ୍ନ ସୃଷ୍ଟି କରୁଛି। ଏଣୁ ଏଦିଗରେ ବନ ବିଭାଗର ଉପରିସ୍ଥ କର୍ମଚାରୀ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି। ଏନେଇ ତୁଡ଼ାଲଗା ଫରେଷ୍ଟର ଜ୍ୟୋତ୍ସ୍ନା ମହାନନ୍ଦ, ରେଞ୍ଜର ପ୍ରଦୀପ ଭୂତିଆ କହିଛନ୍ତି, ବନ କର୍ମଚାରୀ ହାତୀ ଘଉଡ଼ାଇବା ସ୍ଥାନରେ ପହଞ୍ଚିବା ପରେ ସେଲଫି ଉଠାଇ ବିଭାଗର ଏକ ଆପରେ ଅପଲୋଡ଼ କରିବେ। ସେମାନେ ଘଟଣାସ୍ଥଳରେ ଅଛନ୍ତି ବୋଲି ପ୍ରମାଣିତ ହେବ। ତେଣୁ ଯେଉଁ କର୍ମଚାରୀ ସେଲଫି ଉଠାଇଥିବେ ସେ ବିଭାଗକୁ ପଠାଇବା ଉଦ୍ଦେଶ୍ୟରେ ଉଠାଇଥିବେ। କେହି ନିଜର ଖୁସି ପାଇଁ ଉଠାଇ ନ ଥିବେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧ ନଭେମ୍ବର ୨୦୨୩



## ଆଜି କ'ଣ କେଉଁଠି

ଦେବଗଡ଼
- ଶିଶୁ ମହୋତ୍ସବ 'ସୁରଭି', ୨୦୨୩ ଦେବଗଡ଼ କଲେଜ ଅଡ଼ିଟୋରିୟମ, ସକାଳ ୧୦ଟା

# ଏକତା ପାଇଁ ଗଣଦୌଡ଼

ଦେବଗଡ଼,୩୧।୧୦(ଶଶାଙ୍କ ଶେଖର ଝାଙ୍କର)

ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଦିବସ 'ରାଷ୍ଟ୍ରୀୟ ଏକତା ଦିବସ' ପାଳନ ଅବସରରେ ବିକାଶ ଫାଉଣ୍ଡେସନ ଟ୍ରଷ୍ଟ, ନେହେରୁ ଯୁବକେନ୍ଦ୍ର ସଙ୍ଗଠନ ଓ ଏନ୍‌ଏସ୍‌ଏସ୍ ପକ୍ଷରୁ ଦେବଗଡରେ 'ରନ୍ ଫର୍ ୟୁନିଟି' ବା ଏକତା ପାଇଁ ଗଣଦୌଡ ଅନୁଷ୍ଠିତ ହୋଇଯାଇଛି। ଦେଶକୁ ଏକତାର ସୂତ୍ରରେ ବାନ୍ଧି ରଖିବା ଉଦ୍ଦେଶ୍ୟରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଦେଇଥିବା ତ୍ୟାଗର ବାର୍ତ୍ତା ଲୋକମାନଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟରେ ଗଣଦୌଡ଼ ହୋଇଥିଲା। ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ସ୍ଥାନୀୟ ଗୋପାଳଜୀ ମନ୍ଦିର ପର୍ଯ୍ୟନ୍ତ ଯାଇଥିବା ଏହି ଗଣଦୌଡକୁ ମୁଖ୍ୟ ଅତିଥି ଭାବେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ, ଖେଳାଳି ଓ ଖେଳପ୍ରେମୀଙ୍କ ସହିତ ଏନ୍‌ଏସ୍‌ଏସ୍ ଓ ନେହେରୁ ଯୁବକେନ୍ଦ୍ରର ସ୍ୱେଚ୍ଛାସେବୀ ସକ୍ରିୟ ଅଂଶଗ୍ରହଣ କରିଥିଲେ।



ଏକତା ପାଇଁ ଗଣଦୌଡକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।

### ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ଏହା ପୂର୍ବରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଯୁବ ସ୍ୱେଚ୍ଛାସେବୀ ଭାରତ ଭୂଷଣ ପ୍ରଧାନ ଓ ଅନନ୍ତ ଦାଶଙ୍କ ପରିଚାଳନାରେ ଆୟୋଜିତ ସ୍ମୃତି ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ପାଣିଗ୍ରାହି,ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାହିତ୍ୟିକ ନିରଞ୍ଜନ ଦ୍ୱିବେଦୀ, ଦେବଗଡ଼ ଥାନା ଭାରପ୍ରାପ୍ତ ଇନ୍ସପେକ୍ଟର ସରୋଜ କୁମାର ସେଠୀ, ନେହେରୁ ଯୁବକେନ୍ଦ୍ରର ସହାୟକ ପ୍ରଦୀପ ବିଶ୍ୱାଳ ଓ ମହିଳା ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ତୁଷାରକାନ୍ତ ଧଳ ପ୍ରମୁଖ ଯୋଗଦେଇ ଭାରତ ମାତା ଓ ସର୍ଦ୍ଦାର ପଟେଲଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶ୍ରଦ୍ଧା ଓ ଭକ୍ତି ଅର୍ପଣ କରିଥିଲେ। ଏହି ଅବସରରେ ଦେଶର ଏକତା ଓ ଅଖଣ୍ଡତା ନିମନ୍ତେ ସାମୂହିକ ଶପଥ ପାଠ କରାଯାଇଥିଲା। ବିକାଶ ଫାଉଣ୍ଡେସନ ଟ୍ରଷ୍ଟର ଜିଲାର ସଂଯୋଜକ ଅଭିଜିତ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଆଜିର ଏହି କାର୍ଯ୍ୟକ୍ରମରେ ଦେବଗଡ଼ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ, ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ଦାଶଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ।

## ରଗ୍‌ବୀ ଫୁଟବଲରେ କୋଶଳ ସ୍କୁଲ ଛାତ୍ର ମନୋନୀତ

ସରଣ୍ଡା,୩୧।୧୦(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ନୂଆଁ ଖଇରପାଲି ସ୍ଥିତ କୋଶଳ ଇଂରାଜୀ ମାଧ୍ୟମ ଆବାସିକ ବିଦ୍ୟାଳୟର ଦୁଇ ଛାତ୍ର ଅମନ ନାୟକ ଓ ପ୍ରଭାତ ନାୟକ ଆସନ୍ତା ଡିସେମ୍ବରରେ ହେବାକୁ ଥିବା ରଗ୍‌ବୀ ଫୁଟବଲ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଂଘ ଦ୍ୱାରା ଭୁବନେଶ୍ୱର ସ୍ଥିତ ୟୁନିଟ୍-୬ ସରକାରୀ ଉଚ୍ଚବିଦ୍ୟାଳୟରେ ରାଜ୍ୟସ୍ତରୀୟ ରଗ୍‌ବୀ ଫୁଟବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱର ଦଳ ଠାରୁ ହାରିଥିଲେ ମଧ୍ୟ ଅମନ ନାୟକ ଓ ପ୍ରଭାତ ନାୟକଙ୍କ ଉନ୍ନତ ଖେଳ ପ୍ରଦର୍ଶନ ପାଇଁ ଉଭୟ ଜାତୀୟ ସ୍ତରୀୟ ରଗ୍‌ବୀ ଫୁଟବଲ ଖେଳିବାକୁ ମନୋନୀତ ହୋଇଛନ୍ତି । ଏହି କୃତିତ୍ୱ ପାଇଁ କୋଶଳ ବିଦ୍ୟାଳୟର କର୍ତ୍ତୃପକ୍ଷ ଉଭୟ ଛାତ୍ର ଏବଂ କୋଚ୍ ବିଦ୍ୟାଳୟର ଖେଳ ଶିକ୍ଷକ ହୃଷୀକେଶ ବରିହାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ରଗ୍‌ବୀ ଫୁଟବଲ ପାଇଁ ମନୋନୀତ କୋଶଳ ସ୍କୁଲର ଛାତ୍ରଦ୍ୱୟ।

## ଆଗାମୀ ସାହିତ୍ୟ ସଂସଦର ମାସିକ ବୈଠକ

**ପଦ୍ମପୁର, ୩୧।୧୦(ପ୍ରଦୀପ୍ତ ଦାଶ):** ଆଗାମୀ ସାହିତ୍ୟ ସଂସଦର ମାସିକ ବୈଠକ ରାଜବୋଡ଼ାସମ୍ବର ହାଇସ୍କୁଲ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବୈଠକରେ ଡ. ପ୍ରମୋଦ କୁମାର ପାଢୀ ସଭାପତିତ୍ୱ କରିଥିଲେ। ସମ୍ପାଦକ ନାଟ୍ୟକାର ଅଶୋକ ବହିଦାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଂସଦର ରେଜିଷ୍ଟ୍ରେଶନ, ବୋଡ଼ାସମ୍ବର ବିଶେଷାଙ୍କ ପ୍ରକାଶନ, ଆସନ୍ତା ନବବର୍ଷକୁ ସ୍ୱାଗତ କରିବା ପାଇଁ ମଧ୍ୟରାତ୍ରି କବିତା ଆସର ଓ ବନ୍ଧୁମିଳନ ଉପରେ ଆଲୋଚନା କରାଯାଇଥିଲା। କୋଷାଧ୍ୟକ୍ଷ ଡ. ଜୟକେତନ ତ୍ରିପାଠୀ, ଉପସଭାପତି ସଞ୍ଜୟ କୁମାର ବହିଦାର, ନିରୋଜ ଦୋରା, ଜିତେନ୍ଦ୍ରିୟ ଗୁରୁ, ଗୋବିନ୍ଦ ପାଣିଗ୍ରାହୀ, ବିଦ୍ୟାଧର ଦାଶ, ପ୍ରୀତିରଞ୍ଜନ ପ୍ରଧାନ, ଶେଷଦେବ ମେହେର, ରାମଚନ୍ଦ୍ର ମେହେର, କୁଞ୍ଜବନ ସରାଫ୍, କିଶୋର ପାତ୍ର, କ୍ଷୀରୋଦ୍ର ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରାଥମିକ ସ୍କୁଲର ୧୨୫ତମ ଜୟନ୍ତୀ ଉଦ୍‌ଯାପିତ



**ବରଗଡ଼,୩୧।୧୦(ପ୍ରେମାନନ୍ଦ ଖମାରୀ):** ବରଗଡ଼ ବ୍ଲକ ତୋରାସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ୧୨୫ତମ ଜୟନ୍ତୀ ପାଳନ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହା ମୁଖ୍ୟ ଅତିଥି, ପଦ୍ମଶ୍ରୀ ହଳଧର ନାଗ, ବ୍ଲକ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ ସମ୍ମାନିତ ଅତିଥି ଏବଂ ଦହିଦା କଲେଜର ଅଧ୍ୟାପକ ସୁଶାନ୍ତ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିଥିଲେ। ଅତିଥିମାନେ ଦୀପ ପ୍ରଜ୍ୱଳନ ସହିତ ଗଣେଶ, ସରସ୍ୱତୀ ଏବଂ ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂକଳ୍ପ ପରିବାର, ଟ୍ୱିଟର ଗାର୍ଲ ଦୀପା ବାରିକ, ପଦ୍ମଶ୍ରୀ ହଳଧର ନାଗ, ଗୋ ରକ୍ଷକ ସେବକ କାଶ୍ମୀର ସିଂ, କୋଶଳ କ୍ରାନ୍ତି ସେନା, ସବିତା ଛତରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ପ୍ରଧାନ ଶିକ୍ଷକ ରମେଶ ପାଣ୍ଡେ, ବରିଷ୍ଠ ଶିକ୍ଷକ ଧ୍ରୁବ ଚରଣ ପାଢ଼ୀ, ଶିକ୍ଷୟିତ୍ରୀ କୁମୁଦିନୀ ଦେଇ, ସସ୍ମିତା ସେଠ, ପୁଷ୍ପାଞ୍ଜଳି ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଜୟନ୍ତୀ ପାଳନ କମିଟି ସଭାପତି ଗୌରଚନ୍ଦ୍ର କର ସଭାପତିତ୍ୱ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ସମାସିଂହା ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କର

### ଟିପିଡବ୍ଲ୍ୟୁଓଡିଏଲ୍ ନିକଟରେ ଜିଲା କଂଗ୍ରେସର ଦାବି

ଦେବଗଡ଼,୩୧।୧୦(ଶଶାଙ୍କ ଶେଖର ଝାଙ୍କର)

ଆଦିବାସୀ ଅଧ୍ୟୁଷିତ ତିଲେଇବଣି ବ୍ଲକ ପାରପୋଷି ଗ୍ରାମ ପଞ୍ଚାୟତର ସମାସିଂହା ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ପାଇଁ ଦେବଗଡ ଜିଲା କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ଟିପିଡବ୍ଲ୍ୟୁଓଡିଏଲ୍ ନିକଟରେ ମଙ୍ଗଳବାର ଦାବି କରାଯାଇଛି। ଦେବଗଡ଼ ଜିଲା କଂଗ୍ରେସ କମିଟିର ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ପାରପୋଷି ଗ୍ରାମ ପଞ୍ଚାୟତର ସମିତି ସଦସ୍ୟ ବିଜୟ କୁମାର ଠାକୁର ଓ ଗୁଣନିଧି ବେହେରାଙ୍କ ସମେତ ସମାସିଂହା ଗ୍ରାମର ବହୁ ବାସିନ୍ଦା ସ୍ଥାନୀୟ ଟିପିଡବ୍ଲ୍ୟୁଓଡିଏଲ୍ କାର୍ଯ୍ୟାଳୟକୁ ଯାଇ ବିଦ୍ୟୁତ୍ ସଂଯୋଗ ପାଇଁ ଦାବି ଜଣାଇଥିଲେ। ଏହା ସହ ନିର୍ବାହୀ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଏସ୍‌ଡିଓଙ୍କୁ ଉକ୍ତ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ସମାସିଂହା ଗ୍ରାମବାସୀଙ୍କ ବାରମ୍ବାର ଦାବି ଯୋଗୁ ଉକ୍ତ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ନିମନ୍ତେ ଦୀର୍ଘଦିନ ହେଲା ସରକାରଙ୍କ ପକ୍ଷରୁ ତାର ଟଣାଯାଇଛି। ମାତ୍ର ବିଦ୍ୟୁତ୍ ସଂଯୋଗ କରାଯାଉ ନ ଥିବାରୁ ଯେଉଁ ଉଦ୍ଦେଶ୍ୟ ନେଇ ସରକାର ବିଦ୍ୟୁତ୍ ତାର ଟାଣିଥିଲେ ସେହିଉଦ୍ଦେଶ୍ୟ ସାଧନ ହୋଇପାରୁ ନ ଥିବା ଜିଲା କଂଗ୍ରେସ ପକ୍ଷରୁ ଉକ୍ତ ସ୍ମାରକପତ୍ର ଜରିଆରେ ଅଭିଯୋଗ କରାଯାଇଛି।


କଂଗ୍ରେସ କମିଟିର ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ଦାବିପତ୍ର ଦିଆଯାଉଛି।

## ସିବିଏସ୍‌ଇ କ୍ଲଷ୍ଟର ଆଥ୍‌ଲେଟିକ ମିଟ୍ ଉଦ୍‌ଯାପିତ

ବରଗଡ଼,୩୧।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ବିକାଶ ଆବାସିକବିଦ୍ୟାଳୟରେ ସିବିଏସ୍‌ଇ କ୍ଲଷ୍ଟର ୧ ଓ ୨ ଆଥଲେଟିକ ମିଟ୍ ସୋମବାର ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାରେ ଭାରତ ପୂର୍ବାଞ୍ଚଳର ୧୧ରାଜ୍ୟର ୧ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ସମାରୋହ ଆରମ୍ଭରେ ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ତଥା ଆୟୋଜକ ଶିଶିର ପ୍ରସାଦ ରାଉଳ ମୁଖ୍ୟ ଅତିଥିଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ସିବିଏସ୍‌ଇ ଭୁବନେଶ୍ୱରର କ୍ଷେତ୍ରୀୟ ଅଧିକାରୀ କେ. ଶ୍ରୀନିବାସନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଦ୍ୱାରା ସୁସ୍ଥ ଜୀବନଶୈଳୀ, ଶାରୀରିକ ବିକାଶ, ମାନସିକ ଦୃଢ଼ତା, ଚରିତ୍ର ଗଠନ, ଶୃଙ୍ଖଳା ଲାଭ ହୋଇପାରିବ ବୋଲି କହିଥିଲେ। ସିବିଏସ୍‌ଇ ପର୍ଯ୍ୟବେକ୍ଷକ ଏମ୍‌ଡ଼ି ହୁସେନ କ୍ଲଷ୍ଟର ୧ ଓ ୨ର ବିବରଣୀ ପାଠ କରି କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ବିଜୟୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ମେଡ଼ାଲ ପ୍ରଦାନ କରିଥିଲେ। ବିକାଶ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଡାଇରେକ୍ଟର ଡ. ସମରେନ୍ଦ୍ର ନାଥ ପଣ୍ଡା, ଆୟୋଜକ ସମ୍ପାଦକ ପୀତାମ୍ବର ପ୍ରଧାନ, ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ବିକାଶ ଏଣ୍ଟ୍ରାନ୍ସ ଇଣ୍ଟିଗ୍ରେଟେଡ୍ ପ୍ରୋଗ୍ରାମ ହେଡ୍ ଚିତ୍ତରଞ୍ଜନ ପତି ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ରିଆମାଳ, ୩୧।୧୦(ନିରଞ୍ଜନ ବେହେରା)

ଦେବଗଡ଼ ଜିଲା ରିଆମାଳ ବ୍ଲକ ଅନ୍ତର୍ଗତ ସେଣ୍ଢା ବହୁମୁଖୀ ସଂଯୁକ୍ତ ସରକାରୀ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଦିଗାମ୍ବର ଦଳବେହେରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବରିଷ୍ଠ ଶିକ୍ଷକ ବିଜୟ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଶିକ୍ଷାବିତ ଟଙ୍କଧର ଦେହୁରୀ, ସମ୍ମାନିତ ଅତିଥି ଭାବରେ ଧରଣୀଧର ବେହେରା, ହେମନ୍ତ ବିଶ୍ୱାଳ, ବିରଞ୍ଚି ନାରାୟଣ ଶତପଥୀ, ଦିଗାମ୍ବର ବେହେରା, ଅବସରପ୍ରାପ୍ତ ଜିଲା ଶିକ୍ଷା ନିରିକ୍ଷକ ଈଶ୍ୱର ଚନ୍ଦ୍ର ଦଳବେହେରା, ଶିକ୍ଷାବିତ ରବିନାରାୟଣ ଶତପଥୀ, ପ୍ରସନ୍ନ ମିଶ୍ର ଓ କମିଟି ସଭାପତି ମଞ୍ଚାସୀନ ରହି ଶିକ୍ଷକ ଓ ବିଦ୍ୟାର୍ଥୀର ସମ୍ପର୍କ ଏବଂ ଅବସର ଏକ ନିରନ୍ତର ପ୍ରକ୍ରିୟା। କିନ୍ତୁ ଶିକ୍ଷା ସର୍ବଦା ବ୍ୟାପକ ବୋଲି ଅଭିଭାଷଣ ରଖିଥିଲେ। ଶିକ୍ଷୟିତ୍ରୀ ପ୍ରଜ୍ଞାଶ୍ରୀ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଦୀପ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ପୁରାତନ ଛାତ୍ର ତଥା ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ବର୍ଷେ ପରେ ଶ୍ରମିକଙ୍କୁ ମିଳିନି ପାଉଣା


ଶ୍ରମିକମାନେ ପାଉଣା ଦାବିରେ ଜିଲାପାଳଙ୍କୁ ଫେରାଦ ହେବାକୁ ଯାଉଛନ୍ତି ।

ବରଗଡ଼,୩୧।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନଆରଇଜିଏ)ରେ ବ୍ୟାପକ ଅନିୟମିତତା ହୋଇଛି। ଜିଲାର ପାଇକମାଲ ବ୍ଲକ ଅଧୀନ କେର୍ମେଲାବାହାଲ ପଞ୍ଚାୟତ ଅଧୀନ ବିଜାଡ଼ିହି ଗ୍ରାମର ଶ୍ରମିକମାନେ ଏଭଳି ଅଭିଯୋଗ ନେଇ ମଙ୍ଗଳବାର ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଫେରାଦ ହେବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମାଟିବୁହା କାମ କରିବାର ବର୍ଷେ ପରେ ମଧ୍ୟ ସେମାନଙ୍କୁ ପାରିଶ୍ରମିକ ମିଳି ନ ଥିବା ଶ୍ରମିକମାନେ ଅଭିଯୋଗ କରି ଏ ଦିଗରେ ପଦକ୍ଷେପ ନେବା ପାଇଁ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଦାବିପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ପ୍ରାୟ ବର୍ଷେ ତଳେ ବିଜାଡ଼ିହି ଗ୍ରାମର ଭାଲୁମୁଣ୍ଡାଠାରେ ମାଟିବୁହା କାମ କରିଥିଲେ। କାମ ବାବଦକୁ ପାରିଶ୍ରମିକ ଟଙ୍କା ଏପର୍ଯ୍ୟନ୍ତ ସେମାନଙ୍କୁ ମିଳିପାରି ନ ଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। କିଛି ଶ୍ରମିକଙ୍କୁ ଅଳ୍ପ ପାରିଶ୍ରମିକ ଦେଇ ବକେୟା ପାଉଣା ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ପାଉଣା ଦେବାକୁ କହିଲେ ହଇରାଣ କରାଯାଉଛି ବୋଲି ନିରଞ୍ଜନ ନେଗୀ, ସରୋଜିନୀ ନେଗୀ, ପୁଷ୍ପାଞ୍ଜଳି ରଣା, ଈଶ୍ୱର ରଣା ପ୍ରମୁଖ ଶ୍ରମିକ ଅଭିଯୋଗ କରିଛନ୍ତି।

## ପଦଯାତ୍ରାରେ ଦୁର୍ନୀତି ନିବାରଣ ସଚେତନତା


ପଦ୍ମପୁରରେ ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରା କରାଯାଇଛି।

ପଦ୍ମପୁର,୩୧।୧୦ (ପ୍ରଦୀପ୍ତ ଦାଶ)

ବରଗଡ଼ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ପଦ୍ମପୁରରେ ମଙ୍ଗଳବାର ୱାକାଥନ ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ଉପଜିଲାପାଳ ଆଲୋକ ପଟେଲଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଇଓ ଲୋକନାଥ ଭୋଇ, ଏଡିଡବ୍ଲ୍ୟୁଓ ସିଦ୍ଧାର୍ଥ ପଟ୍ଟନାୟକ, ବିଏସ୍‌ଏସ୍‌ଓ ରଜନୀକାନ୍ତ ବହିଦାର, ଭିଜିଲାନ୍ସ ଇନ୍ସପେକ୍ଟର ସୁଷମା ତିର୍କୀ ଓ ସୁଷମା ପଶାୟତ, ବରିଷ୍ଠ ନାଗରିକ ନିରୋଜ ଦୋରାଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀ ଯୋଗ ଦେଇଥିଲେ। ସେହିପରି ବିଭିନ୍ନ କଲେଜର ଛାତ୍ରୀଛାତ୍ର, ଅଞ୍ଚଳ କଲେଜର ଏନ୍‌ସିସି ଓ ଏନ୍‌ଏସ୍‌ଏସ୍ ଦଳ ତଥା ଅଙ୍ଗନୱାଡ଼ି କର୍ମୀ ପଦ୍ମପୁର ରାଜବାଟୀ ସମ୍ମୁଖରୁ ବାହାରି ଆର୍. ବି ହାଇସ୍କୁଲ ଖେଳପଡ଼ିଆ ଯାଏ ଯାଇଥିଲେ। ଏହି ସମୟରେ ଦୁର୍ନୀତି ନିବାରଣ ସମ୍ବନ୍ଧୀୟ ବିଭିନ୍ନ ସ୍ଲୋଗାନ ଦେଇ ଜନସଚେତନତା ସୃଷ୍ଟି କରାଯାଇଥିଲା।

## ଏସ୍‌ଏନ୍ ଜୁନିୟର କଲେଜରେ 'ରାଷ୍ଟ୍ରୀୟ ଏକତା ଦିବସ' ପାଳିତ

ଦେବଗଡ଼, ୩୧।୧୦(ଶଶାଙ୍କ ଶେଖର ଝାଙ୍କର)

ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଦିବସ ଅବସରରେ ତିଲେଇବଣି ବ୍ଲକ ଲୁଢରସ୍ଥିତ ସୁବାସ ନାୟକ (ଏସ୍‌ଏନ୍)ଜୁନିୟର କଲେଜର ମଙ୍ଗଳବାର 'ରାଷ୍ଟ୍ରୀୟ ଏକତା ଦିବସ' ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ସରୋଜ କୁମାର ସେଠଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ରାକେଶ ଚନ୍ଦ୍ର ସେଠୀ, ଅର୍ଥନୀତି ଅଧ୍ୟାପକ ନରେନ୍ଦ୍ର ମହାପାତ୍ର, ଇତିହାସ ଅଧ୍ୟାପକ ନେତ୍ରାନନ୍ଦ ଜୟପୁରିଆ, ରାଜନୀତି ବିଜ୍ଞାନ ଅଧ୍ୟାପକ ନରେଶ ଶଙ୍କର ହଂସ, ଶିକ୍ଷା ବିଭାଗ ଅଧ୍ୟାପକ ହିରଣ୍ମୟ ନନ୍ଦ ଓ କ୍ରୀଡା ଶିକ୍ଷକ ସଞ୍ଜୟ କୁମାର ପ୍ରଧାନ ଓ ମୋହନଲାଲ ବାଘ ପ୍ରମୁଖ ମଞ୍ଚାସୀନ ରହି ସର୍ଦ୍ଦାର ପଟେଲଙ୍କ ସ୍ମୃତିଚାରଣ କରିବାସହ ଦେଶର ଏକତା ଓ ଅଖଣ୍ଡତା ନିମନ୍ତେ ସମସ୍ତେ ବ୍ରତି ହେବା ଉଚିତ ବୋଲି ଉପସ୍ଥିତ ଛାତ୍ରୀଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ।



ଏସ୍‌ଏନ୍ ଜୁନିୟର କଲେଜର 'ରାଷ୍ଟ୍ରୀୟ ଏକତା ଦିବସ'ପାଳନ କାର୍ଯ୍ୟକ୍ରମରେ ଅତିଥି।

# ଫୁଟବଲ ପ୍ରତିଯୋଗିତା: ଏଲ୍‌ଏସ୍ ସ୍ପୋର୍ଟ୍ସ ଚାମ୍ପିୟନ

ଦେବଗଡ଼,୩୧।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ କାଉଁଶିବାହାଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନଳବନ୍ଧ ଗ୍ରାମରେ ଗୋପବନ୍ଧୁ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଦ୍ୱି'ଦିବସୀୟ ଫୁଟବଲ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଗୋପବନ୍ଧୁ କ୍ଲବକୁ ୧-୦ଗୋଲରେ ପରାସ୍ତ କରି ଦଣ୍ଡାସିଂହାର ଏଲ୍‌ଏସ୍ ସ୍ପୋର୍ଟ୍ସ ଚାମ୍ପିୟନ ହୋଇଥିଲା। ମ୍ୟାଚଗୁଡିକୁ ରେଫରୀ ଭାବେ ପରେଶ ଭୋଇ, ଦେବାନନ୍ଦ ମିର୍ଦ୍ଧା, ପରେଶ କୁମାର ପ୍ରଧାନ ଓ କୃଷ୍ଣଚନ୍ଦ୍ର ନାୟକ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ପ୍ରକାଶ ସାହୁ, ବିକାଶ ସାହୁ ଓ ତୁଷାରକାନ୍ତ ଦଳ ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଆୟୋଜକ ଗୋପବନ୍ଧୁ କ୍ଲବର ସଭାପତି ସୁବ୍ରତ କୁମାର ସାହୁଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ, ସମ୍ମାନିତ ଅତିଥି ଭାବେ କାଉଁଶିବାହାଲ ଗ୍ରାମ ପଞ୍ଚାୟତର ପୂର୍ବତନ ସମିତି ସଦସ୍ୟ ଧରଣୀଧର ପ୍ରଧାନ, ରାଜ୍ୟ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ଟିକେଶ୍ୱର ସାହୁ ଓ ଡିଲେଶ୍ୱର ସାହୁ ମଞ୍ଚାସୀନ ରହିଥିଲେ। ଚାମ୍ପିୟନ ଏଲ୍‌ଏସ୍ ସ୍ପୋର୍ଟ୍ସ ଓ ରନର୍ସ ଅପ୍ ଗୋପବନ୍ଧୁ କ୍ଲବକୁ ଟ୍ରଫି ସହିତ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ କ୍ଲବର ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ସଦସ୍ୟ ତୁଷାରକାନ୍ତ ଧଳ, ବିକାଶ ଚନ୍ଦ୍ର ସାହୁ, ଆଶୀଷ କୁମାର ସାହୁ, ଏକାମ୍ର କାନନ ସାହୁ, ନନ୍ଦକିଶୋର ବେହେରା, ପ୍ରକାଶ କୁମାର ସାହୁ, ପବିତ୍ର କିଷାନ, ଫଣୀନ୍ଦ୍ର କୁମାର ଧଳ ଓ ବିକ୍ରମ ପରିଡାଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପନୀରେ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

# ୫ ନିର୍ବାଚନମଣ୍ଡଳୀ ପାଇଁ ୧୫୮.୫କୋଟି ମଞ୍ଜୁର

ବଲାଙ୍ଗୀର ଜିଲାରେ ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମର ଶୁଭାରମ୍ଭ

■ପ୍ରତି ପଞ୍ଚାୟତ ପାଇବେ ୫୦ ଲକ୍ଷ ଟଙ୍କା

ବଲାଙ୍ଗୀର,୩୧।୧୦(ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀରରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ସୂଚନା ଦେଉଛନ୍ତି।

ରାଜ୍ୟ ସରକାରଙ୍କ ଗ୍ରାମାଭିମୁଖୀ ମହତ୍ତ୍ୱାକାଂକ୍ଷୀ ଯୋଜନା ଆମ ଓଡ଼ିଶା ନବୀନ ଓଡ଼ିଶା ବଲାଙ୍ଗୀର ଜିଲାରେ ମଙ୍ଗଳବାର ଶୁଭାରମ୍ଭ ହୋଇଛି। ଭିଡିଓ କନଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଯୋଜନାର ଶୁଭାରମ୍ଭ କରିଥିଲେ। ସରକାରୀ ଆଇଟିଆଇ ପଡିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଦର ବ୍ଲକ୍ ଏବଂ ମ୍ୟୁନିସିପାଲିଟିର ସହସ୍ରାଧିକ ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ଭିଡିଓ କନ୍‌ଫରେନ୍ସିଂରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କ ସହ ୫-ଟି ଏବଂ ଆମ ଓଡ଼ିଶା ନବୀନ ଓଡିଶା ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବଲାଙ୍ଗୀରରେ ଜିଲା ପରିଷଦ ସଭାପତି ଦେବକୀ ସାହୁ ଭିଡିଓ କନ୍‌ଫରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କ ସଫଳ ନେତୃତ୍ୱରେ କିଭଳି ବିକାଶ କାମ ତ୍ୱରାନ୍ୱିତ ହୋଇଛି କହିଥିଲେ। ଆଗାମୀ ଦିନରେ ଆମ ଓଡିଶା ନବୀନ ଓଡିଶା ଜିଲାର ଗ୍ରାମାଞ୍ଚଳରେ ବିକାଶର ସ୍ୱର୍ଣ୍ଣିମ ସ୍ୱାକ୍ଷର ଛାଡିବ ବୋଲି କହିଥିଲେ। ପ୍ରତି ପଞ୍ଚାୟତ ଏହି ଯୋଜନାରେ ୫୦ ଲକ୍ଷ ଟଙ୍କା ପାଇବେ ବୋଲି କୁହାଯାଇଛି। ବଲାଙ୍ଗୀର ଜିଲାର ୫ଟି ନିର୍ବାଚନମଣ୍ଡଳୀ ପାଇଁ ୧୫୮.୫୦ କୋଟି ଟଙ୍କା ମଞ୍ଜୁର ହୋଇଛି। ବଲାଙ୍ଗୀର, ଟିଟିଲାଗଡ, ପାଟଣାଗଡ, କଣ୍ଟାବାଞ୍ଜି ଓ ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୪ଟି ବ୍ଲକ୍‌ର ୩୧୭ଟି ଗ୍ରାମ ପଞ୍ଚାୟତରେ ଏହି ଯୋଜନାରେ ୩୯୧୧ଟି ପ୍ରକଳ୍ପ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରତି ଗାଁରେ ଜଗନ୍ନାଥ ସଂସ୍କୃତିର ପ୍ରସାର, ପ୍ରତି ପୂଜାସ୍ଥଳୀର ବିକାଶ ଜରିଆରେ ଓଡିଶା ସଂସ୍କୃତିର ମୂଳଭିତ୍ତିକୁ ସୁଦୃଢ କରାଯିବା ସହ ଡିଜିଟାଲ ଭିତ୍ତିଭୂମିର ମଧ୍ୟ ବିକାଶ କରାଯିବ।

ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କହିଥିଲେ ଯେ, ସଂସ୍କୃତିର ପ୍ରସାର ଓ ଆଧୁନିକ ଭିତ୍ତିଭୂମିର ଉନ୍ନତି ଆମର ଗାଁଗୁଡିକୁ ବିକାଶର ଶିଖରରେ ପହଞ୍ଚାଇବ। ସବୁ ଗାଁର ବିକାଶ ଆମର ଲକ୍ଷ୍ୟ। ଗାଁରେ ସମସ୍ତଙ୍କୁ ମିଳିବ ବିକାଶର ଗ୍ୟାରେଣ୍ଟି । ଗାଁରେ ଡିଜିଟାଲ ଭିତ୍ତିଭୂମିର ବିକାଶ ଏହି ଯୋଜନାର ଅନ୍ୟତମ ଲକ୍ଷ୍ୟ। ୫-ଟି ଏବଂ ଆମ ଓଡିଶା ନବୀନ ଓଡ଼ିଶା ଅଧ୍ୟକ୍ଷ ପାଣ୍ଡିଆନ କହିଥିଲେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ସବୁ ଗାଁରେ ରୂପାନ୍ତର ଆଣିବା ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ। ଏହା ସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲାଗସ୍ତ ପରେ ୧୦ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୨୧.୨୯ କୋଟି ଟଙ୍କା ମଞ୍ଜୁର କରାଯାଇଛି। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୮୧ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୧୧.୨୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲ୍ଲାଗସ୍ତ ପରେ ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୬.୫୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଲୋଇସିଂହା ନିର୍ବାଚନ ମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୧୩୨ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୧୧କୋଟି ଟଙ୍କା ମଞ୍ଜୁର କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲାଗସ୍ତ ପରେ ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୮.୩୮ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ମଧ୍ୟରେ ରହିଛି ଯୋଗେଶ୍ୱର ମନ୍ଦିର, ସ୍ୱାଧୀନତା ସଂଗ୍ରାମୀ ଧରମ୍ ସିଂ ମାଝି ମାନ୍ଧାତାଙ୍କ ସ୍ମୃତିରେ ଏକ ଐତିହ୍ୟ କେନ୍ଦ୍ର ସ୍ଥାପନ ଏବଂ ୩ଟି ଡିଗ୍ରୀ କଲେଜ। ଏହିପରି ବଲାଙ୍ଗୀର ଜିଲାରେ ୩୨ଟି ପ୍ରକଳ୍ପ ପାଇଁ ୨୩୪.୭୦ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ୫-ଟି ଅଧ୍ୟକ୍ଷ ପାଣ୍ଡିଆନ କହିଥିଲେ। କାର୍ଯ୍ୟକ୍ରମରେ ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ବିଡିଓ, ବଲାଙ୍ଗୀର ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିଶ୍ୱମ୍ବର ମିଶ୍ର, ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ଯୁବନେତା ଅର୍କେଶ ସିଂଦେଓ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋଲାପ ବାଗ ଉପସ୍ଥିତ ଥିଲେ।

## ୮୯୨ ପ୍ରକଳ୍ପ ପାଇଁ ୩୨.୫ କୋଟି ଅନୁଦାନ



କାର୍ଯ୍ୟକ୍ରମରେ ମନ୍ତ୍ରୀ ନିରଞ୍ଜନ ପୂଜାରି ଅଭିଭାଷଣ ରଖୁଛନ୍ତି।

ଲୋଇସିଂହା,୩୧।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା କଲେଜ ପଡିଆରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ୫ଟି ଏବଂ ଆମ ଓଡିଶା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ ଲୋଇସିଂହା ନିର୍ବାଚନ ମଣ୍ଡଳୀର ଲୋଇସିଂହା, ପୁଇଁତଳା ଓ ଆଗଲପୁର ବ୍ଲକର ୬୫ପଞ୍ଚାୟତର ୮୯୨ ପ୍ରକଳ୍ପ ପାଇଁ ୩୨.୫ କୋଟି ଟଙ୍କା ମଞ୍ଜୁର ହୋଇଥିବା ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଞ୍ଜୁର ପ୍ରକଳ୍ପଗୁଡିକର ଶୁଭାରମ୍ଭ କରି ଅନୁଦାନର ସଦ୍‌ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ । ଲୋଇସିଂହା କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ବକ୍ତବ୍ୟ ରଖି ଆଜିଠୁ ପ୍ରତି ଗାଁରେ ବିକାଶ କାମ ଆହୁରି ତ୍ୱରାନ୍ୱିତ ବୋଲି କହିଥିଲେ। ସୂଚନାଯୋଗ୍ୟ ଯେ, ଲୋଇସିଂହା ବ୍ଲକର୨୬୪ ପ୍ରକଳ୍ପ ପାଇଁ ୧୦ କୋଟି, ଆଗଲପୁର ବ୍ଲକର ୨୭୮ ପ୍ରକଳ୍ପ ପାଇଁ ୧୦ କୋଟି ଏବଂ ପୁଇଁତଳା ବ୍ଲକର ୩୫୦ ପ୍ରକଳ୍ପ ପାଇଁ ୧୨.୫ କୋଟି ଅନୁଦାନ ପ୍ରଦାନ କରାଯାଇଛି। ଲୋଇସିଂହା ବିଡିଓ ଯୁଧିଷ୍ଠିର ମେହେର, ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ, ବିଜେଡି ରାଜ୍ୟ ପରିଷଦ ସଭ୍ୟ ନିହାର ରଞ୍ଜନ ବେହେରା, ଜିଲା ପରିଷଦ ସଭ୍ୟା ଲିଲିମା ବେହେରା, ବ୍ଲକ ବିଜେଡି ସଭାପତି ହୃଦୟାନନ୍ଦ ବେହେରା, ଏବିଡିଓ ବିଜୟ କୁମାର ହୋତା, ସହକାରୀ ଯନ୍ତ୍ରୀ ସିର୍ଦ୍ଧାଥ ପାଢ଼ି ଏବଂ ବ୍ଲକଷ୍ଟାଫ ଉପସ୍ଥିତ ରହିଥିଲେ।

## ବିଧାୟକଙ୍କୁ ନିମନ୍ତ୍ରଣ ନ କରିବାର ପ୍ରତିବାଦ କଲା କଂଗ୍ରେସ



ସମାବେଶରେ କଂଗ୍ରେସ କର୍ମୀ ପ୍ରତିବାଦ କରୁଛନ୍ତି।

ଦେଓଗାଁ୩୧।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ରଙ୍କୁ ପ୍ରଶାସନ ନିମନ୍ତ୍ରଣ ନ କରିବାର ପ୍ରତିବାଦ କରିଛି କଂଗ୍ରେସ। ହାତୀସରା ସମିତି ସଭ୍ୟ ବିଶ୍ୱଜିତ ପାତ୍ରଙ୍କ ନେତୃତ୍ୱରେ କଂଗ୍ରେସ ସମର୍ଥିତ ସମିତି ସଭ୍ୟ ଓ ସରପଞ୍ଚ ପ୍ରତିବାଦ ଜଣାଇଥିଲେ। ଏନେଇ ସେମାନେ ବିଡିଓ କ୍ଷମାନିଧି ଭୋଇ ଓ ଉପଜିଲାପାଳ ପ୍ରଭାତ ଚନ୍ଦ୍ର ଦଣ୍ଡସେନାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ନେଇ କିଛି ସମୟ କଥା କଟାକଟି ହୋଇଥିଲା। ପରେ ସେମାନେ ସଭାରୁ ଉଠି ପଳାଇଥିଲେ। ଏ ନେଇ ବିଡିଓ ଭୋଇଙ୍କୁ ପଚାରିବାରୁ ଏହା ସମ୍ପୂର୍ଣ୍ଣ ସରକାରୀ କାର୍ଯ୍ୟକ୍ରମ ଥିଲା। ସମାବେଶକୁ ଆସିବାପାଇଁ କାହାକୁ ମଧ୍ୟ ନିମନ୍ତ୍ରଣ କରାଯାଇନାହିଁ, ସମସ୍ତେ ଆସି ପାରିବେ ବୋଲି କହିଥିଲେ ।



ବେଲପଡାରେ ଅନୁଷ୍ଠିତ କାର୍ଯକ୍ରମରେ ବିଧାୟକ ସରୋଜ ମେହେର ବକ୍ତବ୍ୟ ରଖୁଛନ୍ତି।

## ଜଣେ ବି ସରପଞ୍ଚ, ସମିତି ସଭ୍ୟ ଯୋଗଦେଲେନି

ତୁରେକେଲା ବ୍ଲକ

କଣ୍ଟାବାଞ୍ଜି, ୩୧।୧୦(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ସଦର ମହକୁମାସ୍ଥିତ ସରକାରୀ ହାଇସ୍କୁଲ ପଡିଆରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମଙ୍ଗଳବାର ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅନ୍ତର୍ଗତ ୧୯ ପଞ୍ଚାୟତର ମହିଳା ଏସ୍‌ଏଚ୍‌ଜି ଓ ଜନସାଧାରଣ ସାମିଲ ଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ପୂର୍ବତନ ବିଧାୟକ ଅୟୁବ ଖାନ, ନିରୂପମା ମାଝି, ଦେବାର ବାରିକ, ଗିରିରାଜ ମାଝି, ପିଙ୍କି ଖର୍ସେଲ, ଯୁବ ବିଜେଡି ସଭାପତି ଉତ୍ତମ ପନିକା, ଦୈତାରୀ ଭୋଇ, ଶ୍ରୀଧର ମାଝି, ଦିବା ମାଝି, ପ୍ରସୁଧନ ମାଝି ମଞ୍ଚାସୀନ ଥିଲେ। ଆଶାଦୁଲ୍ଲା ଖାନ ଏଥିରେ ସଭାପତିତ୍ୱ କରିଥିଲେ। ଆମ ଓଡ଼ିଶା ନବିନ ଓଡ଼ିଶା କାର୍ଯ୍ୟକ୍ରମ ପାଇଁ ଆଗୁଆ ସୂଚନା ଦିଆଯାଇ ନଥିବା ପ୍ରତିବାଦରେ ବ୍ଲକର ୧୯ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ ସଭାରେ ଉପସ୍ଥିତ ହୋଇ ନ ଥିଲେ । ଏ ନେଇ ସରପଞ୍ଚ ସଂଘ ସଭାପତି ଜଲନ୍ଧର ମହାକୁଡ କହିଛନ୍ତି ବ୍ଲକ ପ୍ରଶାସନ ଏହି କାର୍ଯ୍ୟକ୍ରମ ନେଇ ଆଗରୁ କୌଣସି ସୂଚନା ଦେଇ ନ ଥିବାରୁ ଆମେ ଉପସ୍ଥିତ ହେଲୁ ନାହିଁ। ବିଡିଓ ସଂକର୍ଷଣ ପ୍ରଧାନଙ୍କୁ ଏ ନେଇ ତାଙ୍କ ମୋବାଇଲ ନଂ.୯୧୩୭୩୫୪୪୪୯ରେ ଯୋଗାଯୋଗ କରାଯାଇଥିଲା। ହେଲେ ସେ ରିସିଭ ନ କରିବାରୁ ପ୍ରତିକ୍ରିୟା ମିଳି ପାରିନାହିଁ।

## ଅନୁଦାନର ସଦ୍‌ବିନିଯୋଗ କର



ଦେଓଗାଁରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ଉପସ୍ଥିତିରେ ବ୍ଲକ ଅଧ୍ୟକ୍ଷ ବକ୍ତବ୍ୟ ରଖୁଛନ୍ତି।



ଟିଟିଲାଗଡରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ଟୁକୁନୀ ସାହୁ ଉଦ୍‌ବୋଧନ ଦେଉଛନ୍ତି।

**ବଲାଙ୍ଗୀର ଜିଲାର ବିଭିନ୍ନ ବ୍ଲକରେ ମଙ୍ଗଳବାର ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂରେ ଉପସ୍ଥିତ ରହି ଜିଲାକୁ ମିଳିଥିବା ଅନୁଦାନର ସଦ୍ ବିନିଯୋଗ କରିବାକୁ ଏହି ଅବସରରେ ପରାମର୍ଶ ଦେଇଥିଲେ।**

ଖପ୍ରାଖୋଲ,୩୧।୧୦(ଅଭୟ ତ୍ରିପାଠୀ): ଖପ୍ରାଖୋଲ ହାଇସ୍କୁଲ ଖେଳ ପଡିଆରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାର ଶୁଭାରମ୍ଭ ହୋଇଛି। ଏହି ଯୋଜନାରେ ଖପ୍ରାଖୋଲ ବ୍ଲକକୁ ୧୦କୋଟି ୫୦ଲକ୍ଷ ଟଙ୍କା ମିଳିଛି। ଲୁହାସିଂହା ସରପଞ୍ଚ ସୀମାଞ୍ଚଳ ପୁରୋହିତ ବକ୍ତବ୍ୟ ରଖିଥିଲେ। ଉପଜିଲାପାଳ ଡ. ବିଜୟାନନ୍ଦ ସେଠୀ, ବିଡ଼ିଓ ଆକାଶ ରଞ୍ଜନ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ନିରୂପମା ପଟେଲ, ଉପାଧ୍ୟକ୍ଷ ସୁଖିରାମ ସାଣ୍ଡ, ଜିଲା ପରିଷଦ ସଦସ୍ୟା ସଂଯୁକ୍ତା ମେହେର, ପ୍ରମିଳା ପାଥର ଉପସ୍ଥିତ ଥିଲେ। **ଟିଟିଲାଗଡ଼(ଶରତ ମିଶ୍ର):** ଟିଟିଲାଗଡ ବାଳକ ହାଇସ୍କୁଲ ପଡିଆରେ ବିଡ଼ିଓ ସୁଶାନ୍ତ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଟୁକୁନି ସାହୁ ଯୋଗଦେଇ ରାଜ୍ୟର ବିକାଶ ତଥା ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀର ସାମଗ୍ରିକ ବିକାଶ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି ବୋଲି କହିଥିଲେ। ଏହି ଯୋଜନାରେ ଟିଟିଲାଗଡ଼ ବ୍ଲକର ୩୪୦ ପ୍ରକଳ୍ପ ପାଇଁ ମୋଟ ୧୨ କୋଟି ମଞ୍ଜୁର ହୋଇଛି। ଭିଡିଓ କନଫରେନ୍ସ ମାଧ୍ୟମରେ ୫-ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ କହିଥିଲେ ଏଥି ପୂର୍ବରୁ ବିନେକେଲାଠରେ ବୃହତ ଉଠା ଜଳସେଚନ ପ୍ରକଳ୍ପ ପାଇଁ ୬୦କୋଟି, ସିକୁଆଁ ପ୍ରକଳ୍ପ ପାଇଁ ୪୦ କୋଟି ୬୦ଲକ୍ଷ, କୁମୁଡା ପାହାଡ଼ ଶୈବପୀଠ ଉନ୍ନତି ପାଇଁ ୧ କୋଟି ୮୦ ଲକ୍ଷ, ଡ଼ିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟ ପାଇଁ ୧ କୋଟି ୨୫ ଲକ୍ଷ ମଞ୍ଜୁର ହୋଇଛି। ଉପଜିଲାପାଳ ଦୟାମୟ ପାଢ଼ି, ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକ, ପୌର ଉପାଧ୍ୟକ୍ଷା ପୁଷ୍ପାମଞ୍ଜରୀ ଜାଲ, ଜିଲା ପରିଷଦ ସଭ୍ୟା ଗୀତା ବିଶି, ସରପଞ୍ଚ ନରେଶ ଅଗ୍ରୱାଲ ଉପସ୍ଥିତ ଥିଲେ। **ମୁରିବାହାଲ(ଶ୍ରୀବସ୍ତ ବେହେରା):** ମୁରିବାହାଲ ବ୍ଲକ ସଦର ପଞ୍ଚାୟତ ହାଇସ୍କୁଲ ଖେଳ ପଡିଆରେ ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଉପାଧ୍ୟକ୍ଷ ମିଥିଲା ମାଝି ଅଭିଭାଷଣ ରଖିଥିଲେ। ବ୍ଲକର ବିଭିନ୍ନ ଉନ୍ନୟନ ପ୍ରକଳ୍ପ ପାଇଁ ୧୧କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ବ୍ଲକ ଅଧ୍ୟକ୍ଷ ହରିବନ୍ଧୁ ମେହେର, ଉପାଧ୍ୟକ୍ଷା ଯାଜ୍ଞସେନି ହାତୀ, ଗୋପା ମହାନନ୍ଦ, ଅମଜାଦ ଖାନ, ହଂସରାଜ ଜୈନ ଉପସ୍ଥିତ ଥିଲେ। **ବେଲପଡ଼ା(ମନୋଜ ମିଶ୍ର):** ବେଲପଡା ଦୀନରଘୁ ମେହେର ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ସରୋଜ କୁମାର ମେହେର ନିଜ ଅଞ୍ଚଳର ବିକାଶ ପାଇଁ ଭିଡ଼ିଓ କନଫରେନ୍ସରେ ଉପସ୍ଥିତ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଥିଲେ। ତହସିଲଦାର ବନ ହରପାଲ, ବିଡ଼ିଓ ରାଜେଶ ମେହେର, କୁମୁଦ ମହାଖୁଡ, ପଞ୍ଚାୟତ ସମିତି ଅଧ୍ୟକ୍ଷା କୁମାରୀ ଟିନା କୁମ୍ଭାର, ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ କୁମ୍ଭାର ଉପସ୍ଥିତ ଥିଲେ। **ଦେଓଗାଁ(କୃଷ୍ଣ ପ୍ରସାଦ ପାଣିଗ୍ରାହୀ):** ଦେଓଗାଁ ବ୍ଲକ ଚନ୍ଦ୍ରପୁର ଖେଳ ପଡିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ ସଭାପତିତ୍ୱ କରିଥିଲେ। ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ, ଜିଲା ପରିଷଦ ସଭ୍ୟା ମମତା କୁମୁରା, ସୁମତୀ ସେଠ, ବ୍ଲକ ବିଜେଡି ସଭାପତି ଶୁଶିଲ କୁମାର ଚାନ୍ଦ, ବିଜେଡି ନେତା ଉମାଶଙ୍କର ସିଂ, ଲକ୍ଷ୍ମଣ କୁମାର ମେହେର, ବିଜେଡି ବ୍ଲକ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ରୀନା ମେହେର, ଅନ୍ତର୍ଯ୍ୟାମୀ ଭୋଇ ବୈଠକରେ ଉପସ୍ଥିତ ଥିଲେ। ଯୋଜନାରେ ବ୍ଲକର ୨୫୭ ପ୍ରକଳ୍ପ ପାଇଁ ୧୩କୋଟି ମଞ୍ଜୁର ହୋଇଛି। **ସଇଁତଳା(ରାଖାଲ ପ୍ରସାଦ ଶତପଥି):** ସଇଁତଳା ବ୍ଲକ ରେଳଷ୍ଟେଶନ ରାଜେନ୍ଦ୍ର ନାରାୟଣ ସିଂଦେଓ ଖେଳ ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଣ୍ଡପତ୍ରାପାଲି ସରପଞ୍ଚ ମନୀଷ ସୁନା ବ୍ଲକର ଉନ୍ନତି ପାଇଁ ପଞ୍ଚାୟତମାନଙ୍କୁ ୧୧କୋଟି ଟଙ୍କା ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ତହସିଲଦାର ମନସଫିଲ କେରକେଟା, ବିଡ଼ିଓ ବିନାୟକ ଭୋଇ, ଜିଲା ପରିଷଦ ସଭ୍ୟ ହିମାଞ୍ଚଳ ବୁଡେକ, ରୀତାରାଣୀ ହାତୀ, ଚନ୍ଦ୍ରବଦନ ପୁରୋହିତ, ନେତା ରାଜକିଶୋର ଡ଼ାଙ୍ଗ ଉପସ୍ଥିତ ଥିଲେ । **ପାଟଣାଗଡ଼(ପ୍ରହଲ୍ଲାଦ ପାଢ଼ି):** ପାଟଣାଗଡ଼ ରମାଇ ହାଇସ୍କୁଲ ଖେଳ ପଡିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟେଣ୍ଟାପଦର ସରପଞ୍ଚ ଦନାର୍ଦ୍ଦନ ସାହୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ଲକକୁ ୧୫କୋଟି ଅନୁଦାନ ଦେଇଥିବାରୁ ଧନ୍ୟବାଦ ଜଣାଇଥିଲେ। ବିଡ଼ିଓ ସୁମନ୍ତ ମିଞ୍ଜ, ତହସିଲଦାର ରୁଦ୍ରନାରାୟଣ ନାୟକ, ବ୍ଲକ ଅଧ୍ୟକ୍ଷ ନୀଳକଣ୍ଠ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ମୁରିବାହାଲ,୩୧।୧୦(ଶ୍ରୀବତ୍ସ ବେହେରା)



ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ମଙ୍ଗଳବାର ପଞ୍ଚାୟତ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁନୀଲ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର ପଢିଆରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ମୁରିବାହାଲ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ପୀତାମ୍ବର ବେସ୍ରା, ଏବିଇଓ କୋଦଣ୍ଡଧର ଭୋଇ, ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେର ଉପସ୍ଥିତ ରହି ଶିଶୁ ପ୍ରତିଭାର ସାମୂହିକ ବିକାଶ କରିବା ଉପରେ ମତ ରଖିଥିଲେ। ଏଥିରେ ମୁରିବାହାଲ ବ୍ଲକର ୧୨କ୍ଲଷ୍ଟରର ୨୮୦ପ୍ରତିଯୋଗୀ ବକ୍ତୃତା, ସଙ୍ଗୀତ, ରଚନା, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ, ସୃଜନଲିଖନ, ହସ୍ତାକ୍ଷର, ସ୍ମୃତି ଲିଖନ, ମଧ୍ୟାହ୍ନ ଭୋଜନ, ଚିତ୍ରକଳା, ଶିଳ୍ପକଳା ଓ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ୧୦ଜଣ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ହେମନ୍ତ ନାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଳାକାହ୍ନୁ ରଣା, ପ୍ରମୋଦ ପୁରୋହିତ, ରଶ୍ମିଲତା ପାତ୍ର, କିଶୋର ଚନ୍ଦ୍ର ମହାନ୍ତି, ମନୋଜ ସ୍ୱାଇଁ ଏଥିରେ ସହଯୋଗ କରିଥିଲେ। ସିଆରସିସି ବାସୁଦେବ ତରିଆ ଧନ୍ୟବାଦ ଅର୍ପଣ କରିଥିଲେ।

୧୦ପ୍ରତିଯୋଗୀ ଜିଲ୍ଲାସ୍ତରକୁ ମନୋନୀତ

## କରୁଆଁଝରେ ଗଜଲକ୍ଷ୍ମୀ ପୂଜା ଉଦ୍‌ଯାପିତ

ଦେଓଗାଁ,୩୧।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବନ୍ଧ ପଞ୍ଚାୟତ ଅନ୍ତର୍ଗତ କରୁଆଁଝରରେ ତିନିଧରି ଚାଲିଥିବା ଗଜଲକ୍ଷ୍ମୀ ପୂଜା ଉଦ୍‌ଯାପିତ ହୋଇଯାଇଛି । କମିଟି ସଭାପତି ଅମ୍ବରିଶ ଭୋଇଙ୍କ ନେତୃତ୍ୱ ଓ ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇଙ୍କ ପରିଚାଳନାରେ ଉଦ୍‌ଯାପିତ ସନ୍ଧ୍ୟାରେ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ବିଜେଡି ଯୁବନେତା ଅର୍କେଶ ନାରାୟଣ ସିଂଦେଓ, ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ଜିଲା ପରିଷଦ ସଭ୍ୟା ମମତା କୁମୁରା, ସୁମତୀ ସେଠ, ଲଣ୍ଡାପଥର ସରପଞ୍ଚ ଦେବାନ୍ତି କ୍ଷେତି, ବଡବନ୍ଧ ସମିତି ସଭ୍ୟା ସୁପ୍ରଭା ସିଂଦେଓ, ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର, ବ୍ଲକ ବିଜେଡି ସଭାପତି ଶୁଶିଲ କୁମାର ଚାନ୍ଦ, ମୁକଲ ଭୋଇ, ଅଗସ୍ତି ବାଗ ଉପସ୍ଥିତ ଥିଲେ।

## ଲୁକ୍କାୟିତ ପ୍ରତିଭା ପରିସ୍ଫୁଟ କରେ ସୁରଭି



ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ଲୋଇସିଂହା,୩୧।୧୦(ସୁଶାନ୍ତ ବାରିକ)

ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ବଲାଙ୍ଗୀର ଜିଲା ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୩ଟି କଲେଜ, ୪୨ ଉଚ୍ଚ ପ୍ରାଥମିକ ଏବଂ ୪୨ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ରଙ୍ଗୋଲି, କୁଇଜ, ମିଲେଟ କୁଇଜ, ବକ୍ତୃତା, ସୁନ୍ଦର ହସ୍ତାକ୍ଷର, ଚିତ୍ରାଙ୍କନ ପରି ୨୭ଟି ପ୍ରତିଯୋଗୀତାରେ ଭାଗ ନେଇଥିଲେ। ସମସ୍ତ ପ୍ରତିଯୋଗୀତାର ପ୍ରଥମ ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ ସୁରଭିକୁ ମନୋନୀତ କରାଯାଇଛି । ଉଦ୍‌ଯାପନୀ ଉତ୍ସବରେ ବିଇଓ ରୀନାକୁମାରୀ ବେହେରା ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲା ପରିଷଦ ସଭ୍ୟା ଲିଲିମା ବେହେରା ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ, ଏବିଓ ରଶ୍ମିମତୀ ତ୍ରିପାଠୀ, ଟଙ୍କଧର ଭୋଇ, ବ୍ୟାସଦେବ ରାଏ, ଆୟୋଜକ ସ୍କୁଲ ପ୍ରଧାନଶିକ୍ଷକ ଉଦ୍ଧବଚରଣ ପଟେଲ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଏପରି ପ୍ରତିଯୋଗୀତା ଦ୍ୱାରା ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭା ପରିସ୍ଫୁଟ ହୋଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କୃତୀ ଏବଂ ଭାଗ ନେଇଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

## ସଂକ୍ଷେପରେ

### ଆଗାମୀ ସାହିତ୍ୟ ସଂସଦର ମାସିକ ବୈଠକ

**ପଦ୍ମପୁର, ୩୧।୧୦(ପ୍ରଦୀପ୍ତ ଦାଶ)**

ଆଗାମୀ ସାହିତ୍ୟ ସଂସଦର ମାସିକ ବୈଠକ ରାଜବୋଡ଼ାସମ୍ବର ହାଇସ୍କୁଲ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବୈଠକରେ ଡ. ପ୍ରମୋଦ କୁମାର ପାଢୀ ସଭାପତିତ୍ୱ କରିଥିଲେ। ସମ୍ପାଦକ ନାଟ୍ୟକାର ଅଶୋକ ବହିଦାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଂସଦର ରେଜିଷ୍ଟ୍ରେଶନ, ବୋଡ଼ାସମ୍ବର ବିଶେଷାଙ୍କ ପ୍ରକାଶନ, ଆସନ୍ତା ନବବର୍ଷକୁ ସ୍ୱାଗତ କରିବା ପାଇଁ ମଧ୍ୟରାତ୍ରି କବିତା ଆସର ଓ ବନ୍ଧୁମିଳନ ଉପରେ ଆଲୋଚନା କରାଯାଇଥିଲା। କୋଷାଧ୍ୟକ୍ଷ ଡ. ଜୟକେତନ ତ୍ରିପାଠୀ, ଉପସଭାପତି ସଞ୍ଜୟ କୁମାର ବହିଦାର, ନିରୋଜ ଦୋରା, ଜିତେନ୍ଦ୍ରିୟ ଗୁରୁ, ଗୋବିନ୍ଦ ପାଣିଗ୍ରାହୀ, ବିଦ୍ୟାଧର ଦାଶ, ପ୍ରୀତିରଞ୍ଜନ ପ୍ରଧାନ, ଶେଷଦେବ ମେହେର, ରାମଚନ୍ଦ୍ର ମେହେର, କୁଞ୍ଜବନ ସରାଫ୍, କିଶୋର ପାତ୍ର, କ୍ଷୀରୋଦ୍ର ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ।

### ପ୍ରାଥମିକ ସ୍କୁଲର ୧୨୫ତମ ଜୟନ୍ତୀ ଉଦ୍‌ଯାପିତ



**ବରଗଡ଼,୩୧।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ତୋରାସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ୧୨୫ତମ ଜୟନ୍ତୀ ପାଳନ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ସମାରୋହରେ ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହା ମୁଖ୍ୟ ଅତିଥି, ପଦ୍ମଶ୍ରୀ ହଳଧର ନାଗ, ବ୍ଲକ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ ସମ୍ମାନିତ ଅତିଥି ଏବଂ ଦହିଦା କଲେଜର ଅଧ୍ୟାପକ ସୁଶାନ୍ତ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିଥିଲେ। ଅତିଥିମାନେ ଦୀପ ପ୍ରଜ୍ୱଳନ ସହିତ ଗଣେଶ, ସରସ୍ୱତୀ ଏବଂ ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂକଳ୍ପ ପରିବାର, ଟ୍ୱିଟର ଗାର୍ଲ ଦୀପା ବାରିକ, ପଦ୍ମଶ୍ରୀ ହଳଧର ନାଗ, ଗୋ ରକ୍ଷକ ସେବକ କାଶ୍ମୀର ସିଂ, କୋଶଲ କ୍ରାନ୍ତି ସେନା, ସବିତା ଛତରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ପ୍ରଧାନ ଶିକ୍ଷକ ରମେଶ ପାଣ୍ଡେ, ବରିଷ୍ଠ ଶିକ୍ଷକ ଧ୍ରୁବ ଚରଣ ପାଢ଼ୀ, ଶିକ୍ଷୟିତ୍ରୀ କୁମୁଦିନୀ ଦେଇ, ସସ୍ମିତା ସେଠ, ପୁଷ୍ପାଞ୍ଜଳି ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଜୟନ୍ତୀ ପାଳନ କମିଟି ସଭାପତି ଗୌରଚନ୍ଦ୍ର କର ସଭାପତିତ୍ୱ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଜୟନ୍ତୀ ପାଳନ କମିଟିର ସଦସ୍ୟ, ପୁରାତନ ଛାତ୍ରୀଛାତ୍ର, ଶିକ୍ଷା କମିଟି, ଗ୍ରାମବାସୀ ସହଯୋଗ କରିଥିଲେ।



ମଙ୍ଗଳବାର ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ଭିଜିଲାନ୍ସ ସଚେତନତା ଓ ଜାତୀୟ ଏକତା ଦିବସରେ ଛାତ୍ରୀମାନେ ଶପଥପାଠ କରୁଛନ୍ତି।

# ଏକତା ଦିବସରେ ଶପଥପାଠ

**ବରଗଡ଼,୩୧।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସରେ ରାଷ୍ଟ୍ରୀୟ ଏକତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଫଟୋଚିତ୍ରରେ ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ପୁଷ୍ପ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ରାଓ ତାଙ୍କ ବକ୍ତବ୍ୟରେ ସଶକ୍ତ ରାଷ୍ଟ୍ର ନିର୍ମାଣରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦୋହରାଇବା ସହ ଛାତ୍ରୀଛାତ୍ର ଏକତା ବଜାୟ ରଖି ଏକ ଉନ୍ନତ ଭାରତ ନିର୍ମାଣରେ ନିଜ ସକାରାତ୍ମକ ଯୋଗଦାନ କରିବା ପାଇଁ ଆହ୍ୱାନ ଦେଇଥିଲେ। ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସ ମୁକ୍ତାକାଶ ମଞ୍ଚରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍କୁଲ ଅଫ୍ ବିଜନେସ ମ୍ୟାନେଜମେଣ୍ଟ ଅଧ୍ୟକ୍ଷ ଡ. କ୍ଷୀରୋଦ କୁମାର ପ୍ରଧାନ, ଲ ସ୍କୁଲର ଅଧ୍ୟକ୍ଷ ଡ. ବିକ୍ରମ ଦାସ, ଡିଗ୍ରୀ କଲେଜର ଅଧ୍ୟକ୍ଷ ସତ୍ୟବ୍ରତ ମିଶ୍ର, ନର୍ସିଂ କଲେଜର ଅଧ୍ୟକ୍ଷା ୱାଇ.ଡି ଷ୍ଟେଲା, ଉପାଧ୍ୟକ୍ଷା ଦୀପାଞ୍ଜଳି ପଟେଲଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଏବଂ ଛାତ୍ରୀଛାତ୍ର ରାଷ୍ଟ୍ରୀୟ ଏକତା ପାଇଁ ଶପଥ ନେଇଥିଲେ। ବିକାଶ ଡିଗ୍ରୀ କଲେଜର ଉପାଧ୍ୟକ୍ଷ ଆର୍.ଏସ.ଭି କ୍ରୀଷ୍ଣା ସ୍ୱାଗତ ଭାଷଣ ଦେଇଥିବାବେଳେ ବିକାଶ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ଉପାଧ୍ୟକ୍ଷ ଡ. ପୂର୍ଣ୍ଣେନ୍ଦୁ ମିଶ୍ର ସଂଯୋଜନା କରିଥିଲେ। ବିକାଶ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ଅଧ୍ୟକ୍ଷ ଅଜୟ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ପାଇକମାଳସ୍ଥିତ ଡି ୧୮୯ ସିଆର୍‌ପିଏଫ୍ ବାଟାଲିୟନ କ୍ୟାମ୍ପ ପରିସରରେ ଯବାନମାନେ ଶପଥପାଠ କରୁଛନ୍ତି।

ସେହିପରି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ମଙ୍ଗଳବାର ବରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଏକତା ଦିବସ ପାଳିତ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହା ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ଅଧିକାରୀ, କର୍ମଚାରୀ ଯୋଗଦେଇ ଦେଶରେ ଏକତା, ଅଖଣ୍ଡତା ଏବଂ ସୁରକ୍ଷାକୁ ବଜାୟ ରଖିବା ଲାଗି ସତ୍ୟ, ନିଷ୍ଠାର ସହିତ ସଂକଳ୍ପ ନେଇଥିଲେ।

**ପାଇକମାଳ (ବଡ ଶତପଥୀ):** ବରଗଡ ଜିଲା ପାଇକମାଳ ସ୍ଥିତ ଡି ୧୮୯ ସିଆର୍‌ପିଏଫ୍ ବାଟାଲିୟନ କ୍ୟାମ୍ପ ପରିସରରେ ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଲୌହମାନବଙ୍କ ଫଟୋଚିତ୍ରରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ନନ୍ଦଲାଲ ମିନା ଶ୍ରଦ୍ଧାସୁମନ ଅର୍ପଣ କରି ସମସ୍ତ ଯବାନଙ୍କୁ ଶପଥ ପାଠ କରିଥିଲେ। ସକାଳେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମିନା, ଏସ୍‌ଆଇ ପି. ସି. ହାଣ୍ଡା, ଆଇ. ବଙ୍ଗୋ ସିଂ ଓ ଅନ୍ୟ ଯବାନମାନେ ପାଇକମାଳ ସହର ପରିକ୍ରମା କରିଥିଲେ। ସେହିପରି ମାଣ୍ଡୋସିଲ ଡିଗ୍ରୀ କଲେଜରେ ଅଧ୍ୟାପକ ବିନୟ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଏକତା ଦିବସ ପାଳିତ ହୋଇଯାଇଛି। ଅଧ୍ୟାପକ ସନ୍ତୋଷ ସିଂ ଠାକୁର ମୁଖ୍ୟ ଅତିଥି, ଅଧ୍ୟାପକ ଦେବକାନ୍ତ ନାୟକ, ସୁମିତାବ ନାୟକ ଏବଂ ଅଧ୍ୟାପିକା ବବିତା ମଲ୍ଲିକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ସ୍ୱପ୍ନ ଅଖଣ୍ଡ ଭାରତ ଉପରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ।

# ଭିଜିଲାନ୍ସ ସଚେତନତା, ଜାତୀୟ ଏକତା ଦିବସ ପାଳିତ

**ବରପାଲି,୩୧।୧୦(ଚିତ୍ତରଞ୍ଜନ ସାହୁ)**

ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ଭିଜିଲାନ୍ସ ସଚେତନତା ଓ ଜାତୀୟ ଏକତା ଦିବସ ମହାବିଦ୍ୟାଳୟର ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ସଂସ୍ଥା ଦାୟିତ୍ୱରେ ଥିବା ଅଧ୍ୟାପିକା ପିଙ୍କି ବାରିକଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯାମୀ ପଣ୍ଡାଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ। ଏହି ଅବସରରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୀବନାଦର୍ଶକୁ କେନ୍ଦ୍ର କରି ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଛାତ୍ରୀମାନେ ଏକତା ଦିବସର ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ପରେ ଅଧ୍ୟାପକ ନେପାଳ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିବା ସହ ଶପଥ ପାଠ କରାଇଥିଲେ।

# ରଗ୍‌ବୀ ଫୁଟବଲରେ କୋଶଳ ସ୍କୁଲ ଛାତ୍ର ମନୋନୀତ

**ସରଣ୍ଡା,୩୧।୧୦(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବ୍ଲକ ନୂଆଁ ଖଇରପାଲି ସ୍ଥିତ କୋଶଳ ଇଂରାଜୀ ମାଧ୍ୟମ ଆବାସିକ ବିଦ୍ୟାଳୟର ଦୁଇ ଛାତ୍ର ଅମନ ନାୟକ ଓ ପ୍ରଭାତ ନାୟକ ଆସନ୍ତା ଡିସେମ୍ବରରେ ହେବାକୁ ଥିବା ରଗ୍‌ବୀ ଫୁଟବଲ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଂଘ ଦ୍ୱାରା ଭୁବନେଶ୍ୱର ସ୍ଥିତ ୟୁନିଟ୍-୬ ସରକାରୀ ଉଚ୍ଚବିଦ୍ୟାଳୟରେ ରାଜ୍ୟସ୍ତରୀୟ ରଗ୍‌ବୀ ଫୁଟବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱର ଦଳ ଠାରୁ ହାରିଥିଲେ ମଧ ଅମନ ନାୟକ ଓ ପ୍ରଭାତ ନାୟକଙ୍କ ଉନ୍ନତ ଖେଳ ପ୍ରଦର୍ଶନ ପାଇଁ ଉଭୟ ଜାତୀୟ ସ୍ତରୀୟ ରଗ୍‌ବୀ ଫୁଟବଲ ଖେଳିବାକୁ ମନୋନୀତ ହୋଇଛନ୍ତି । ଏହି କୃତିତ୍ୱ ପାଇଁ କୋଶଳ ବିଦ୍ୟାଳୟର କର୍ତ୍ତୃପକ୍ଷ ଉଭୟ ଛାତ୍ର ଏବଂ କୋଚ୍ ବିଦ୍ୟାଳୟର ଖେଳ ଶିକ୍ଷକ ହୃଷୀକେଶ ବରିହାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




ରଗ୍‌ବୀ ଫୁଟବଲ ପାଇଁ ମନୋନୀତ କୋଶଳ ସ୍କୁଲର ଛାତ୍ରଦ୍ୱୟ।

# ପଦଯାତ୍ରାରେ ଦୁର୍ନୀତି ନିବାରଣ ସଚେତନତା



ପଦ୍ମପୁରରେ ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରା କରାଯାଇଛି।

**ବରଗଡ଼,୩୧।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ମଙ୍ଗଳବାର ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସ୍କୁଲ, କଲେଜର ଛାତ୍ରୀଛାତ୍ର, ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ, ମିଶନ ଶକ୍ତି ମହିଳାମାନେ ପଦଯାତ୍ରାରେ ସାମିଲ ହୋଇଥିଲେ। ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହା, ଭିଜିଲାନ୍ସ ଏଏସ୍‌ପି ସତ୍ୟବାନ ମହାନନ୍ଦ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଗାନ୍ଧୀ ଛକଠାରେ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ରୀଛାତ୍ରମାନେ ଦୁର୍ନୀତି ନିବାରଣ ଉପରେ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ, ବରଗଡ଼ ପଞ୍ଚାୟତ କଲେଜ ଅଧ୍ୟକ୍ଷ ପତିତପାବନ ସାହୁ, ପାର୍ବତୀ ଗିରି ମହିଳା କଲେଜର ଅଧ୍ୟକ୍ଷା ଚୂଳମୁକ୍ତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**ପଦ୍ମପୁର, (ପ୍ରଦୀପ୍ତ ଦାଶ):** ବରଗଡ଼ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ପଦ୍ମପୁରରେ ମଙ୍ଗଳବାର ୱାକାଥନ ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ଉପଜିଲାପାଳ ଆଲୋକ ପଟେଲଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ଲୋକନାଥ ଭୋଇ, ଏଡିଡବ୍ଲ୍ୟୁଓ ସିଦ୍ଧାର୍ଥ ପଟ୍ଟନାୟକ, ବିଏସ୍‌ଏସ୍‌ଓ ରଜନୀକାନ୍ତ ବହିଦାର, ଭିଜିଲାନ୍ସ ଇନ୍‌ସପେକ୍ଟର ସୁଷମା ତିର୍କୀ ଓ ସୁଷମା ପଶାୟତ, ବରିଷ୍ଠ ନାଗରିକ ନିରୋଜ ଦୋରାଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀ ଯୋଗ ଦେଇଥିଲେ। ସେହିପରି ବିଭିନ୍ନ କଲେଜର ଛାତ୍ରୀଛାତ୍ର, ଅଞ୍ଚଳ କଲେଜର ଏନ୍‌ସିସି ଓ ଏନ୍‌ଏସ୍‌ଏସ୍ ଦଳ ତଥା ଅଙ୍ଗନୱାଡ଼ି କର୍ମୀ ପଦ୍ମପୁର ରାଜବାଟୀ ସମ୍ମୁଖରୁ ବାହାରି ଆର୍. ବି ହାଇସ୍କୁଲ ଖେଳପଡ଼ିଆ ଯାଏ ଯାଇଥିଲେ। ଏହି ସମୟରେ ଦୁର୍ନୀତି ନିବାରଣ ସମ୍ବନ୍ଧୀୟ ବିଭିନ୍ନ ସ୍ଲୋଗାନ ଦେଇ ଜନସଚେତନତା ସୃଷ୍ଟି କରାଯାଇଥିଲା।

# ପ୍ରାଧ୍ୟାପିକାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ସରଣ୍ଡା,୩୧/୧୦( ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବ୍ଲକ ସ୍ଥିତ ଲରମ୍ବା କଲେଜର ପ୍ରାଣୀବିଜ୍ଞାନ ପ୍ରାଧ୍ୟାପିକା ଜୟକୁମାରୀ ମିଶ୍ର ମଙ୍ଗଳବାର ଅବସର ନେଇଛନ୍ତି। ଏହି ଉପଲକ୍ଷେ କଲେଜ ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ଭୋଇଙ୍କ ସଭାପତିତ୍ୱରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କଲେଜର ପ୍ରାଧ୍ୟାପକ ଅଶୋକ କୁମାର ମହାନ୍ତି ଡ. ଦିଗମ୍ବର ଚାନ୍ଦ, ମନୋରଞ୍ଜନ ତ୍ରିପାଠୀ, ପ୍ରଦୀପ ପଣ୍ଡା, ମୁକେଶ ଧାନୁକା, ପ୍ରମୋଦ ଚନ୍ଦ୍ର ସେଠ, କାଦମ୍ବିନୀ ଗୁରୁ, ଡ. ଶାନ୍ତିଲତା ବାରିକ, ଡ. ରଞ୍ଜିତ ପ୍ରଧାନ, ପାଟମଞ୍ଜରୀ ସାହୁଙ୍କ ସମେତ ବହୁ କର୍ମଚାରୀ ପ୍ରାଧ୍ୟାପିକା ମିଶ୍ରଙ୍କ ଅବସରକାଳୀନ ସୁଖମୟ ଜୀବନ କାମନା କରିଥିଲେ। ଅଧ୍ୟାପକ ଗୁରୁଦେବ କୁଶଳ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ପ୍ରାଧ୍ୟାପିକା ମିଶ୍ର ୧୯୯୯ରେ ପଦ୍ମପୁର ଅଞ୍ଚଳ କଲେଜରେ ଚାକିରି ଜୀବନ ଆରମ୍ଭ କରିଥିଲେ ଏବଂ ୨୦୦୫ରେ ଅତାବିରା କଲେଜ ଓ ୨୦୦୯ରୁ ଲରମ୍ବା କଲେଜର ପ୍ରାଣୀ ବିଜ୍ଞାନ ବିଭାଗରେ କାର୍ଯ୍ୟରତ ଥିଲେ।

# ଗଜଲକ୍ଷ୍ମୀ ପୂଜାର ରୌପ୍ୟ ଜୟନ୍ତୀ



ଶକ୍ତି ନଗରରେ ପୂଜା ପାଉଥିବା ମାଁ ଗଜଲକ୍ଷ୍ମୀ ।

**ବରଗଡ଼,୩୧।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଶକ୍ତି ନଗର ଗଜଲକ୍ଷ୍ମୀ ପୂଜାର ରୌପ୍ୟ ଜୟନ୍ତୀ ମହୋତ୍ସବ ପାଳିତ ହେଉଛି। ଏହି କ୍ରମରେ ମଙ୍ଗଳବାର ଚତୁର୍ଥ ଦିବସରେ ଗଜଲକ୍ଷ୍ମୀଙ୍କ ୫୪ ଉପଚାର ପୂଜା, ସାମୂହିକ ହନୁମାନ ଚାଲିଶା ପାଠ କରାଯାଇଥିଲା। ଶ୍ରୀକାନ୍ତ ତ୍ରିପାଠୀ ଓ ସ୍ତ୍ରୀ ପିଙ୍କି କର୍ତ୍ତା କାର୍ଯ୍ୟ ତୁଲାଉଛନ୍ତି। ରୌପ୍ୟ ଜୟନ୍ତୀ ମହୋତ୍ସବ ସମିତି ସଭାପତି ରାକେଶ ନାୟକଙ୍କ ତତ୍ତ୍ୱାବଧାନରେ ଏହି ମହୋତ୍ସବ ଚାଲିଛି। ଉପସଭାପତି ଟିଙ୍କୁ ନନ୍ଦ, ଦୀପକ ମିରଓ୍ୱାନୀ, ସମ୍ପାଦକ ବିକାଶ ମହାପାତ୍ର, ସହ ସମ୍ପାଦକ ଭୁବନ ଭୋଇ, ବିଭୂତି ଦାଶ, ପବିତ୍ର ବେହେରା, କୋଷାଧ୍ୟକ୍ଷ ମନୋରଞ୍ଜନ ପୂଜାରୀ, ମାନସ ଚାନ୍ଦ, ଆଶୁତୋଷ ପ୍ରଧାନ, ଡା. ପ୍ରକାଶ ରଥ, ଚନ୍ଦନ ଦାଶ ପ୍ରମୁଖ ଭୋଗ ପ୍ରସ୍ତୁତି ଦାୟିତ୍ୱ ନିର୍ବାହ କରୁଛନ୍ତି। ସ୍ଥାନୀୟ କାଉନସିଲର ସୁନନ୍ଦା ପଣ୍ଡା ଉପସ୍ଥିତ ଥିଲେ।

# ବର୍ଷେ ପରେ ଶ୍ରମିକଙ୍କୁ ମିଳିନି ପାଉଣା

**ବରଗଡ଼,୩୧।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନଆରଇଜିଏ)ରେ ବ୍ୟାପକ ଅନିୟମିତତା ହୋଇଛି। ଜିଲାର ପାଇକମାଳ ବ୍ଲକ ଅଧୀନ କେର୍ମେଲାବାହାଲ ପଞ୍ଚାୟତ ଅଧୀନ ବିଜାଡ଼ିହି ଗ୍ରାମର ଶ୍ରମିକମାନେ ଏଭଳି ଅଭିଯୋଗ ନେଇ ମଙ୍ଗଳବାର ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଫେରାଦ ହେବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମାଟିବୁହା କାମ କରିବାର ବର୍ଷେ ପରେ ମଧ୍ୟ ସେମାନଙ୍କୁ ପାରିଶ୍ରମିକ ମିଳି ନ ଥିବା ଶ୍ରମିକମାନେ ଅଭିଯୋଗ କରି ଏ ଦିଗରେ ପଦକ୍ଷେପ ନେବା ପାଇଁ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଦାବିପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ପ୍ରାୟ ବର୍ଷେ ତଳେ ବିଜାଡ଼ିହି ଗ୍ରାମର ଭାଲୁମୁଣ୍ଡାଠାରେ ମାଟିବୁହା କାମ କରିଥିଲେ। କାମ ବାବଦକୁ ପାରିଶ୍ରମିକ ଟଙ୍କା ଏପର୍ଯ୍ୟନ୍ତ ସେମାନଙ୍କୁ ମିଳିପାରି ନ ଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। କିଛି ଶ୍ରମିକଙ୍କୁ ଅଳ୍ପ ପାରିଶ୍ରମିକ ଦେଇ ବକେୟା ପାଉଣା ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ପାଉଣା ଦେବାକୁ କହିଲେ ହଇରାଣ କରାଯାଉଛି ବୋଲି ନିରଞ୍ଜନ ନେଗୀ, ସରୋଜିନୀ ନେଗୀ, ପୁଷ୍ପାଞ୍ଜଳି ରଣା, ଈଶ୍ୱର ରଣା ପ୍ରମୁଖ ଶ୍ରମିକ ଅଭିଯୋଗ କରିଛନ୍ତି।



ଶ୍ରମିକମାନେ ପାଉଣା ଦାବିରେ ଜିଲାପାଳଙ୍କୁ ଫେରାଦ ହେବାକୁ ଯାଉଛନ୍ତି ।

# ସିବିଏସ୍‌ଇ କ୍ଲଷ୍ଟର ଆଥ୍‌ଲେଟିକ ମିଟ୍ ଉଦ୍‌ଯାପିତ




ଉଦ୍‌ଯାପନୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ ।




ପ୍ରତିଯୋଗିତାର କୃତୀ ପ୍ରତିଯୋଗୀବୃନ୍ଦ ।

**ବରଗଡ଼,୩୧।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟରେ ସିବିଏସ୍‌ଇ କ୍ଲଷ୍ଟର ୧ ଓ ୨ ଆଥଲେଟିକ ମିଟ୍ ସୋମବାର ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାରେ ଭାରତ ପୂର୍ବାଞ୍ଚଳର ୧୧ରାଜ୍ୟର ୧ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ସମାରୋହ ଆରମ୍ଭରେ ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ତଥା ଆୟୋଜକ ଶିଶିର ପ୍ରସାଦ ରାଉଳ ମୁଖ୍ୟ ଅତିଥିଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ସିବିଏସ୍‌ଇ ଭୁବନେଶ୍ୱରର କ୍ଷେତ୍ରୀୟ ଅଧିକାରୀ କେ. ଶ୍ରୀନିବାସନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଦ୍ୱାରା ସୁସ୍ଥ ଜୀବନଶୈଳୀ, ଶାରୀରିକ ବିକାଶ, ମାନସିକ ଦୃଢ଼ତା, ଚରିତ୍ର ଗଠନ, ଶୃଙ୍ଖଳା ଲାଭ ହୋଇପାରିବ ବୋଲି କହିଥିଲେ। ସିବିଏସ୍‌ଇ ପର୍ଯ୍ୟବେକ୍ଷକ ଏମ୍‌ଡ଼ି ହୁସେନ କ୍ଲଷ୍ଟର ୧ ଓ ୨ର ବିବରଣୀ ପାଠ କରି କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ବିଜୟୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ମେଡ଼ାଲ ପ୍ରଦାନ କରିଥିଲେ। ବିକାଶ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଡାଇରେକ୍ଟର ଡ. ସମରେନ୍ଦ୍ର ନାଥ ପଣ୍ଡା, ଆୟୋଜକ ସମ୍ପାଦକ ପୀତାମ୍ବର ପ୍ରଧାନ, ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ବିକାଶ ଏଣ୍ଟ୍ରାନ୍ସ ଇଣ୍ଟିଗ୍ରେଟେଡ୍ ପ୍ରୋଗ୍ରାମ ହେଡ୍ ଚିତ୍ତରଞ୍ଜନ ପତି ଧନ୍ୟବାଦ ଅର୍ପଣ କରିଥିଲେ।



## ସଂକ୍ଷେପରେ

### ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ

**ରାଉରକେଲା,୩୧।୧୦(ସଙ୍ଗୀତା ଜେନା):** ରାଉରକେଲା ସାଙ୍ଗଠନିକ ଜିଲା କଂଗ୍ରେସ ପକ୍ଷରୁ ଦିବଂଗତ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୩୯ତମ ତିରୋଧାନ ଦିବସ ମଙ୍ଗଳବାର ପାଳିତ ହୋଇଛି। ଏହି ଅବସରରେ ରାଜ୍ୟ କଂଗ୍ରେସର ସାଧାରଣ ସମ୍ପାଦକ ପ୍ରବୋଧ ଦାସଙ୍କ ନେତୃତ୍ୱରେ ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ନିକଟ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ କଂଗ୍ରେସ କାର୍ଯ୍ୟାଳୟରେ ଏକ ସ୍ମୃତିସଭା ଆୟୋଜନ ହୋଇଥିଲା। ଏଥିରେ ପୂର୍ବତନ ଡିସିସି ସଭାପତି ରବି ରାୟ, ପ୍ରାକ୍ତନ ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ପ୍ରଭାତୀ ମିଶ୍ର, ଗଣେଶ ପ୍ରଧାନ, ପ୍ରବୋଧ ଦାସ, ନିରୁପମା ବଳିଆରସିଂଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇ ଇନ୍ଦିରାଙ୍କ ସ୍ମୃତିଚାରଣ କରିଥିଲେ।

### ଆର୍‌ଏସ୍‌ପି କର୍ମଚାରୀ, ଠିକା ଶ୍ରମିକ ସମ୍ବର୍ଦ୍ଧିତ

**ରାଉରକେଲା,୩୧।୧୦(ବିପ୍ଳବ ରଞ୍ଜନ ଦାଶ):** ଆର୍‌ଏସ୍‌ପି କୋଲ କେମିକାଲ ବିଭାଗର ୫ଜଣ କର୍ମଚାରୀ ଓ ଠିକା ଶ୍ରମିକଙ୍କୁ ବିଭିନ୍ନ କାର୍ଯ୍ୟରେ ଉତ୍ତମ ସୁରକ୍ଷା ସଚେତନତା ପ୍ରଦର୍ଶନ ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସୁରକ୍ଷା ବିଭାଗ ମହାପ୍ରବନ୍ଧକ ଅବକାଶ ବେହେରା ଅଧ୍ୟକ୍ଷତା କରିବା ସହ ସୁରକ୍ଷା ସଚେତନ କର୍ମଚାରୀ ଓ ଠିକା ଶ୍ରମିକମାନଙ୍କୁ ଟୋକନ ଉପହାର ଦେଇ ଉତ୍ସାହିତ କରିଥିଲେ। ଏହି ଅବସରରେ ବିଭାଗୀୟ ମୁଖ୍ୟ, ଜୋନାଲ ଇନଚାର୍ଜ, ଜୋନାଲ ସୁରକ୍ଷାର କମିଟି ସଦସ୍ୟ, ସୁରକ୍ଷା ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ପିପିଇ ନିୟମିତ ବ୍ୟବହାର କାର୍ଯ୍ୟ କ୍ଷେତ୍ରରେ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ, ନିର୍ଦ୍ଦିଷ୍ଟ ନିରାପତ୍ତା ଅଭ୍ୟାସ, ଏସ୍‌ଓପି ଓ ଏସ୍‌ଏମ୍‌ପି ଅନୁପାଳନ ତଥା ଅସୁରକ୍ଷିତ କାର୍ଯ୍ୟ ଏବଂ ନିକଟ ମିସ୍‌କେଶ୍ ରିପୋର୍ଟ ପାଇଁ ଉତ୍ସାହିତ କରିବା ହେଉଛି ଏହି ପୁରସ୍କାରର ମୁଖ୍ୟ ଉଦ୍ଦେଶ୍ୟ। ଏହାବ୍ୟତିତ କୋଲ କେମିକାଲ ବିଭାଗରେ ଓଡିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ତଥା ଜାତୀୟ ବିପର୍ଯ୍ୟୟ ଦିବସ ପାଳନ ଅବସରରେ ଗ୍ୟାସ ଓ ଏସିଡ୍ ନିୟନ୍ତ୍ରଣ ସୁରକ୍ଷା ଉପରେ ଏକ କୁଇଜ କାର୍ଯ୍ୟକ୍ରମ ହୋଇଥିଲା। ପ୍ରାୟ ୪୦ଜଣ ଠିକା ଶ୍ରମିକ ଏଥିରେ ଭାଗ ନେଇଥିଲେ। ବିଜେତାମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଏଜିଏମ ତଥା ବିଭାଗୀୟ ସୁରକ୍ଷା ଅଧିକାରୀ ଏମ୍. କେ. ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ପିଆଜ କଲାଣି କଲବଲ

**ରାଉରକେଲା,୩୧।୧୦(ବିପ୍ଳବ ରଞ୍ଜନ ଦାଶ)**



ରାଉରକେଲା ପ୍ଲାଣ୍ଟସାଇଡ ବଜାରରେ ଥିବା ପିଆଜ ଗୋଦାମ।

ରାଉରକେଲା ବଜାରରେ ଗତ ୭ ଦିନ ମଧ୍ୟରେ ପିଆଜ ଦର ହୁ ହୁ ହୋଇ ବଢିବାରେ ଲାଗିଛି। ସେହିପରି ମସଲା ଓ ଡାଲି ଜାତୀୟ ଦ୍ରବ୍ୟର ଦର ମଧ୍ୟ ଅନୁରୂପ ଭାବେ ବଢୁଛି। ଫଳରେ ସହରର ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଖାଉଟିମାନଙ୍କ ଉପରେ ଏହାର ସିଧାସଳଖ ପ୍ରଭାବ ପଡିଛି।

ଗତ ୮ଦିନ ତଳେ ରାଉରକେଲା ସହରର ଖୋଲା ବଜାରରେ ପିଆଜ କିଲୋ ପ୍ରତି ୩୦ରୁ ୩୫ଟଙ୍କା ଥିବାବେଳେ ବର୍ତ୍ତମାନ ତାହା ୬୫ରୁ ୭୦ଟଙ୍କାରେ ବିକ୍ରି ହେଉଛି। ରାଉରକେଲା ପରିବା ବଜାରକୁ ପୂର୍ବରୁ ଦୈନିକ ୧୫୦ରୁ ୨୦୦ଟନ୍ ପିଆଜ ମହାରାଷ୍ଟ୍ର ନାସିକରୁ ଆସୁଥିଲା। ମାତ୍ର ଏବେ ସେଠାରୁ ମାତ୍ର ୫ଟ୍ରକ ପିଆଜ ଆସୁଛି। ଏଥିସହ ମସଲା ଜାତୀୟ ଦ୍ରବ୍ୟର ଦର ମଧ୍ୟ ଦ୍ୱିଗୁଣିତ ହୋଇଛି। କିଛି ଦିନ ତଳେ ଜିରା କିଲୋ ପ୍ରତି ୬ଶହ ଟଙ୍କା ଥିବା ବେଳେ ବର୍ତ୍ତମାନ ୧ହଜାରକୁ ବୃଦ୍ଧି ପାଇଛି। ୨ମାସ ତଳେ ହରଡ ଡାଲି କିଲୋ ପ୍ରତି ୧୩୦ଟଙ୍କା ଥିବାବେଳେ ଏବେ ୧୭୦ଟଙ୍କା ହୋଇଛି। ମୁଗ ଡାଲି ଉପରେ ମଧ୍ୟ ୨୦ ଟଙ୍କା ବଢିଛି। କିଛିଦିନ ହେଲା ସହରରେ ମସଲା ଓ ଡାଲି ଜାତୀୟ ଦ୍ରବ୍ୟର ଦରଦାମ ଅହେତୁକ ବୃଦ୍ଧି ପାଉଥିବାରୁ ସହରର ପ୍ରାୟ ୪୦ଭାଗ ଦିନ ମଜୁରିଆ ଏବଂ ମଧ୍ୟବିତ୍ତ ପରିବାର ହଇରାଣ ହେଉଛନ୍ତି। ସେହିପରି ଏହାର ପ୍ରଭାବ ହୋଟେଲ, ରେଷ୍ଟୁରାଣ୍ଟ, ଢାବା ଉପରେ ପଡିଛି। ସେଠାରେ ମଧ୍ୟ ଖାଦ୍ୟ ଦର ବଢିଛି। ଅନ୍ୟପଟେ ଖୋଲା ବଜାରରେ ଏସବୁ ଦ୍ରବ୍ୟର କଳାବଜାର ହେଉଛି। ଏ ନେଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ସାଧାରଣ, ମଧ୍ୟବିତ୍ତ ବର୍ଗର ଖାଉଟି ଉପକୃତ ହୁଅନ୍ତେ ବୋଲି ଡୁମକେଲା ବସ୍ତିର ଭାରତୀ ଖାଡିଆ, ଓଷା ମାଝୀ, ସୁନୀତା ଖାଡିଆ, ମମତା ଖାଡିଆ, ମୀନା ସୁନିଆନି, ନିରା ତନ୍ତୀ ପ୍ରମୁଖ କହିଛନ୍ତି। ଏ ନେଇ ରାଉରକେଲା ପ୍ଲାଣ୍ଟସାଇଡ ରୋଡ ସ୍ଥିତ ପିଆଜ ହୋଲସେଲର ମନୋଜ ଅଗ୍ରୱାଲ କୁହନ୍ତି, ବର୍ତ୍ତମାନ କେବଳ ପିଆଜ ନୁହଁ ଡାଲିଜାତୀୟ ଦ୍ରବ୍ୟର ଦରଦାମ ବୃଦ୍ଧି ପାଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦରଦାମରେ ଅଙ୍କୁଶ ଲଗାଇ ପାରୁନାହାନ୍ତି। ରାଜ୍ୟରେ ପିଆଜ ଚାଷ ନାହିଁ। ଏଥିପାଇଁ ମହାରାଷ୍ଟ୍ର ଉପରେ ସର୍ବଦା ନିର୍ଭର କରିବାକୁ ପଡୁଛି। ଫଳରେ ପିଆଜ ଦର ବୃଦ୍ଧି ଘଟିବା ସ୍ୱାଭାବିକ। ତେବେ ଏଭଳି ଅବସ୍ଥା ଲାଗିରହିଲେ ଡିସେମ୍ବର ସୁଦ୍ଧା ପିଆଜ ଦର ଶହେ ଛୁଇଁପାରେ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି।

## କରାଟେରେ ରାଉରକେଲାକୁ ୧୩ ପଦକ



ପଦକ ସହ କୃତୀ ପ୍ରତିଯୋଗୀଗଣ।

**ରାଉରକେଲା,୩୧।୧୦(ଦିନେଶ ମିଶ୍ର)**

ଓଡିଶା ରାଜ୍ୟ କରାଟେ-ଡୋ ଆସୋସିଏଶନ (ଓସ୍କା) ଆନୁକୂଲ୍ୟରେ ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲରେ ୩୫ତମ ରାଜ୍ୟ ସବ୍ ଜୁନିୟର କରାଟେ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏହି ଚାମ୍ପିୟନଶିପ୍‌ରେ ଓସ୍କା ସ୍ୱୀକୃତିପ୍ରାପ୍ତ ରାଜ୍ୟର ୧୭ଟି ଜିଲା କରାଟେ ଆସୋସିଏଶନ ମାଧ୍ୟମରେ ୪୨୩ ଜଣ କରାଟେକା ଅଂଶଗ୍ରହଣ କରିଥିଲେ। ଏହି କ୍ରମରେ ରାଉରକେଲା କରାଟେ-ଡୋ ଆସୋସିଏଶନର ୧୨ଜଣିଆ କରାଟେ ଦଳ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ରାଉରକେଲାରୁ ଆର୍ଯ୍ୟା ବଂଶୀକାଙ୍କୁ ୨ଟି ସ୍ୱର୍ଣ୍ଣ ପଦକ ମିଳିଥିବାବେଳେ ଅର୍ଣ୍ଣାଦିତ୍ୟ ସ୍ୱାଇଁଙ୍କୁ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ମିଳିଛି। ସୂର୍ଯ୍ୟପ୍ରକାଶ ଘଡେଇଙ୍କୁ ୧ଟି ସ୍ୱର୍ଣ୍ଣ ସହ ୧ଟି ରୌପ୍ୟ ଓ ସମ୍ଭବ ପଣ୍ଡାଙ୍କୁ ୧ଟି ସ୍ୱର୍ଣ୍ଣ ପଦକ ମିଳିଛି। ସେହିପରି ଆଦିତ୍ୟ ଷଡଙ୍ଗୀ, ରେୟାଂଶ ଚୌଧୁରୀ, ଆରୁଷ ପାତ୍ର, ସାଇପୃଷ୍ଟି ରଣା, ଶୁଭଶ୍ରୀ ଶୁଭଦର୍ଶନୀ ନାଥଙ୍କୁ ଗୋଟିଏ ଲେଖାଏଁ ରୌପ୍ୟ ପଦକ ସହ ରାଉରକେଲା ଦଳକୁ ସମୁଦାୟ ୧୩ଟି ପଦକ ମିଳିଛି। ରାଉରକେଲା ଦଳରେ ଅଭିଷେକ ପଟ୍ଟନାୟକ କୋଚ ଓ ମୋନାଲିସା ମିଶ୍ର ସହକାରୀ କୋଚ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଏସୀୟ କୋଚ୍ ରାଜୀବ ସିଂଙ୍କ ସହ ରଞ୍ଜନ ପାତ୍ର ଅଫିସିଆଲ ଭାବେ କାର୍ଯ୍ୟ କରିଥିଲେ। ଏହି ସଫଳତା ପାଇଁ ଓସ୍କାର ସଭାପତି ହାଂଶୀ ଡ. ହରିପ୍ରସାଦ ପଟ୍ଟନାୟକ ଓ ସମ୍ପାଦିକା ଡ.ଗୌରୀ ମହାନ୍ତି, ରାଉରକେଲା କରାଟେ ଆସୋସିଏଶନର ସଭାପତି ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ, ବାସନ୍ତୀ ସାଂସ୍କୃତିକ ପରିଷଦ, ସହରସେବା ସମିତିର କର୍ମକର୍ତ୍ତାମାନେ କୃତୀ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଏଆଇଟିୟୁସି ପ୍ରତିଷ୍ଠା ଦିବସ ପାଳିତ

**ରାଉରକେଲା, ୩୧।୧୦(ସଙ୍ଗୀତା ଜେନା)**

ଅଖିଳ ଭାରତ ଟ୍ରେଡ ୟୁନିୟନ କଂଗ୍ରେସର ୧୦୪ତମ ପ୍ରତିଷ୍ଠା ଦିବସ ଓ ପାଲେଷ୍ଟାଇନ ସଂହତି ଦିବସ ଜିଲା କାର୍ଯ୍ୟାଳୟ ହରିବନ୍ଧୁ ଭବନଠାରେ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ସମ୍ପାଦକ ସଦାନନ୍ଦ ସାହୁ ପତାକା ଉତ୍ତୋଳନ କରି ସଙ୍ଗଠନର ଇତିହାସ ଆଲୋଚନା କରିଥିଲେ। ବର୍ତ୍ତମାନର ସରକାର ମାଲିକ ସପକ୍ଷବାଦୀ ଶ୍ରମ ଆଇନ ତିଆରି କରି ଶ୍ରମିକ ଶ୍ରେଣୀଙ୍କୁ ଶୋଷଣ କରୁଛି। ଏହା ବିରୁଦ୍ଧରେ ଐକ୍ୟବଦ୍ଧ ଜନଆନ୍ଦୋଳନ ଗଢି ତୋଳିବା ପାଇଁ ସେ ଆହ୍ୱାନ ଦେଇଥିଲେ। ରାଉରକେଲା ଷ୍ଟିଲ ମଜଦୁର ୟୁନିୟନ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସେଠୀ, ଚାଷୀନେତା ଦଶରୁ କିଷାନ, ଶ୍ରମିକ ନେତା ନୀଳମାଧବ ସାହୁ, ସବ୍ୟସାଚୀ ନାୟକ, ପଞ୍ଚାନନ ସୁନା ପ୍ରମୁଖ ଯୋଗଦେଇ କଳ କାରଖାନା, ଖଣିଖାଦାନର ମାଲିକ ଶ୍ରମ ଆଇନକୁ ଉଲ୍ଲଂଘନ କରୁଥିଲେ ମଧ୍ୟ ଶ୍ରମ ବିଭାଗ ନିରବ ରହିବା ଚିନ୍ତାଜନକ ବିଷୟ ବୋଲି ବକ୍ତବ୍ୟ ଦେଇଥିଲେ। ସେହିପରି ପାଲେଷ୍ଟାଇନ ଉପରେ ଆକ୍ରମଣକୁ ନିନ୍ଦା କରାଯାଇଥିଲା। ଏହି ଯୁଦ୍ଧ ବନ୍ଦ କରିବା ପାଇଁ ଜାତିସଂଘ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଥିଲା। ଶ୍ରମିକ ନେତା କୈଳାସ ନାୟକ ସଭାପତିତ୍ୱ କରିଥିବା ବେଳେ ଦୁର୍ଗା ମାଧବ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଷ୍ଟ୍ରୀୟ ଏକତା ଦିବସରେ ଗଣଦୌଡ଼



ଅଧିକାରୀମାନେ ଗଣଦୌଡରେ ସାମିଲ ହୋଇଛନ୍ତି।

**ରାଉରକେଲା,୩୧।୧୦(ବିପ୍ଳବ ରନ ଦାଶ)**

ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟରେ କଲେଜ ଅଧ୍ୟକ୍ଷ ଡକ୍ଟର ଉମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମାଜସେବୀ ରମେଶ ଚନ୍ଦ୍ର ଜେନା ସର୍ଦ୍ଦାର ପଟେଲଙ୍କ ରାଷ୍ଟ୍ରୀୟ ସଂହତିରେ ଅବର୍ଣ୍ଣନୀୟ ବଳିଦାନ ଏବଂ ଇନ୍ଦିରା ଗାନ୍ଧୀଙ୍କ ଦେଶର ଉନ୍ନତି ଓ ପ୍ରଗତି କ୍ଷେତ୍ରରେ ଥିବା ଅବଦାନ ବିଷୟରେ ବକ୍ତବ୍ୟ ଦେଇଥିଲେ। ଡକ୍ଟର ପରମେଶ୍ୱର ସେଠୀ ବେଦମନ୍ତ୍ର ପାଠ କରିଥିବା ବେଳେ ଅଧ୍ୟାପକ ଚନ୍ଦ୍ରଧ୍ୱଜ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଇସ୍ପାତ ସିଟି ରାଉରକେଲା ବାଟାଲିୟନ-୧୯ ସିଆରପିଏଫ୍ ପକ୍ଷରୁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୪୮ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ଗଣଦୌଡ ଆୟୋଜିତ ହୋଇଥିଲା। ୧୫୦ରୁ ଉର୍ଦ୍ଧ୍ୱ ସିଆରପିଏଫ ଯବାନ, ଏସବିଆଇ ଏବଂ ଅବକାରୀ ବିଭାଗ କର୍ମଚାରୀ ପ୍ରାୟ ୬କିମି ଗଣଦୌଡରେ ସାମିଲ ହୋଇଥିଲେ। ଡେପୁଟି କମାଣ୍ଡର ଏମ୍‌ଡି ସ୍ୱରାଜ ଓ ଅହମ୍ମଦ ଆଲାମ ସମସ୍ତଙ୍କୁ ଶାରିରୀକ ଶ୍ରମ କରିବା ସହିତ ଡ୍ରଗ୍ସ, ନିଶା ଦ୍ରବ୍ୟରୁ ଦୂରେଇ ରହିବାକୁ ଆହ୍ୱାନ ଦେଇଥିଲେ। ଦେୟ ବିଭାଗର ଉପାୟୁକ୍ତ ରାଜେନ୍ଦ୍ର ଭତ୍ର ଏବଂ ରାଉରକେଲା ଏସ୍‌ବିଆଇ ଏଜିଏମ ସାରଥି ରାଉତରାୟ ଗଣଦୌଡରେ ସାମିଲ ହୋଇଥିବା ଅଂଶଗ୍ରହଣକାରୀଙ୍କୁ ପ୍ରଶଂସା କରିବା ସହ ଜାତୀୟ ଏକତା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ।

## ନିଖୋଜ ଶିଶୁକୁ ଉଦ୍ଧାର କଲେ ସମାଜସେବୀ

**ରାଉରକେଲା,୩୧।୧୦(ଦିନେଶ ମିଶ୍ର)**

**ପୋଲିସଙ୍କ ଉପସ୍ଥିତିରେ ପରିବାର ଲୋକଙ୍କୁ ହସ୍ତାନ୍ତର**

ରାଉରକେଲା ଡେଲିମାର୍କେଟ ଅଞ୍ଚଳରେ ଜଣେ ୩ବର୍ଷର ଶିଶୁ ମଙ୍ଗଳବାର ନିଖୋଜ ହୋଇଯାଇଥିଲେ। ଶିଶୁଟି ଡେଲିମାର୍କେଟ ନାଗରା ଫୁଟ ୱେୟାର ଦୋକାନର କିଛି ଦୂରରେ ଛିଡା ହୋଇ କାନ୍ଦୁଥିବାବେଳେ ସମାଜସେବୀ ଖୁର୍ସିଦା ବାନୋ ଦେଖିଥିଲେ। ସେ ଶିଶୁଙ୍କୁ ଉଦ୍ଧାର କରି ପ୍ଲାଣ୍ଟସାଇଟ ଥାନାରେ ପୋଲିସ ଜିମା ଦେଇଥିଲେ। ପୋଲିସ ନାଲାରୋଡ ଓ ପ୍ଲାଣ୍ଟସାଇଟ ରୋଡ ପୋଷ୍ଟ ଅଫିସ ଅଞ୍ଚଳରେ ଶିଶୁଟିକୁ ନେଇ ଘର ଘର ବୁଲି ଅବଗତ କରିଥିଲା। ସନ୍ଧ୍ୟାରେ ଏହି ବିଷୟରେ ଶିଶୁର ପିତା ଏମ୍‌ଡି. ନୌସାଦ ଜାଣି ସ୍ତ୍ରୀଙ୍କୁ ଧରି ଥାନାକୁ ଯାଇଥିଲେ। ପୋଲିସ ଓ ସମାଜସେବୀଙ୍କ ଉପସ୍ଥିତିରେ ପରିବାର ଲୋକଙ୍କୁ ଶିଶୁକୁ ହସ୍ତାନ୍ତର କରାଯାଇଥିଲା। ସୂଚନା ଅନୁଯାୟୀ, ବିଶ୍ରା ଥାନା ଅନ୍ତର୍ଗତ ଆଲିୟାସ ମହଲାରେ ନୌସାଦ ସପରିବାର ବାସ କରନ୍ତି। ତାଙ୍କର ୩ ବର୍ଷର ଶିଶୁ ଏମ୍‌ଡି ସିରାଫଙ୍କ ଦେହ ଅସୁସ୍ଥ ଥିବାରୁ ସେ ରାଉରକେଲା ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ଡାକ୍ତରଙ୍କୁ ଶିଶୁକୁ ଦେଖାଇ ସାରି ଡେଲିମାର୍କେଟକୁ ଯାଇଥିବାବେଳେ ସେଠାରୁ ଶିଶୁଟି କୁଆଡେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ନାଲାରୋଡ ମସ୍‌ଜିଦ୍ କମିଟିକୁ ଯାଇ ଏ ନେଇ ଅବଗତ କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା



ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ରାଉରକେଲା,୩୧।୧୦(ଦିନେଶ ମିଶ୍ର)**

ଶିକ୍ଷାର୍ଥୀ-ଶିକ୍ଷକ ସାମାଜିକ ସଙ୍ଗଠନ ଆଭା-ଅନ୍ୱେଷ ପକ୍ଷରୁ ସଭାପତି ଆର୍ତ୍ତତ୍ରାଣ ଜେନାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଡେଲିମାର୍କେଟ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶୁଭାସିନୀ ବାଇ ଅବସର ଗ୍ରହଣ କରିଥିବାରୁ ତାଙ୍କୁ ଏଥିରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅମିତା ଗଡନାୟକ ସଭାପତିତ୍ୱ କରିଥିଲେ। ଉଦିତନଗର କ୍ଲଷ୍ଟରର ସିଆରସିସି ଦୀପ୍ତିମୟୀ ପରିଡା ଅତିଥି ଭାବେ ଯୋଗ ଦେଇଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ସରୋଜ କୁମାର ଜେନାଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ, କମିଟିର ସଦସ୍ୟମାନେ ଉପସ୍ଥିତ ରହି ବାଇଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଯଶୋବନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଏକତା ବାର୍ତ୍ତା ଦେଲେ ଆର୍‌ଏସ୍‌ପି ଅଧିକାରୀ

**ରାଉରକେଲା,୩୧।୧୦(ବିପ୍ଳବ ରଞ୍ଜନ ଦାଶ)**




ଆର୍‌ଏସ୍‌ପିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏକତା ବାର୍ତ୍ତା ପ୍ରଦାନ କରାଯାଉଛି।

ଆରଏସପି କର୍ମଚାରୀ ସାମୁଦାୟିକ ଦ୍ୱାରା ମଙ୍ଗଳବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଶପଥ ଗ୍ରହଣ କରାଯିବା ସହ ସମସ୍ତେ ରନ୍ ଫର ୟୁନିଟିରେ ଭାଗ ନେଇଥିଲେ। ବୋକାରୋ ତଥା ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକଙ୍କ ନେତୃତ୍ୱରେ ମନ୍ଥନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶପଥ ଗ୍ରହଣ ସମାରୋହ ସଭାରେ ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଶପଥ ଗ୍ରହଣ କରିଥିଲେ। କାରଖାନା କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର. ସୂର୍ଯ୍ୟବଂଶୀ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ସାହୁ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଡକ୍ଟର ବି. କେ. ହୋତା, କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା ଓ ଅର୍ଥ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ. କେ. ବେହୁରିଆ ନିଜ ନିଜ କାର୍ଯ୍ୟାଳୟରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ସହିତ ଶପଥ ଗ୍ରହଣ କରିଥିଲେ। ଏହି ଅବସରରେ ରନ୍ ଫର୍ ୟୁନିଟି କାର୍ଯ୍ୟକ୍ରମରେ ଆର୍‌ଏସ୍‌ପିର ହକି କ୍ୟାଡେଟଙ୍କ ସମେତ ପ୍ରାୟ ୨ଶହ କ୍ରୀଡାବିତ୍ ଇସ୍ପାତ ଷ୍ଟାଡିୟମରେ ଆୟୋଜିତ ଗଣଦୌଡରେ ସାମିଲ ହୋଇଥିଲେ। ଆର୍‌ଏସ୍‌ପି ସହର ପ୍ରଶାସନ ଓ ଏସ୍‌ଆର ବିଭାଗର ସିଜିଏମ ପି. କେ. ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ୧ କିମି ଗଣଦୌଡକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପ୍ରୋଟୋକଲ, ହସ୍ପିଟାଲିଟି, ସମାଜ କଲ୍ୟାଣ ବିଭାଗର ଜିଏମ୍ ଇନଚାର୍ଜ ଆର. କେ. ବର୍ମା କାର୍ଯ୍ୟକ୍ରମ ପରିଚାଳନା ଓ ସିଏସ୍‌ଆର ବିଭାଗର ଅନୀଲ କୁମାର ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# 'ସମାଜସେବାରେ ଆତ୍ମସନ୍ତୋଷ ମିଳିଥାଏ'

**ରାଉରକେଲା,୩୧।୧୦(ଦିନେଶ ମିଶ୍ର)**

ଛେଣ୍ଡ ସ୍ଥିତ ଗୋପବନ୍ଧୁ ପାଠାଗାର ଛକରେ ଇନର ହୁଇଲ ରାଉରକେଲା ରିଭରସାଇଡ କ୍ଲବ ପକ୍ଷରୁ ବିଭିନ୍ନ ସମାଜସେବା ମୂଳକ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇନରହୁଇଲ ୩୨୬ ଜିଲାର ଅଧ୍ୟକ୍ଷା ରସିକା ବାହାଦୂର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜସେବାରେ ଆତ୍ମସନ୍ତୋଷ ମିଳିଥାଏ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ପ୍ରଥମେ ଗୋପବନ୍ଧୁ ପାଠାଗାର ଛକରେ କର୍କଟରୋଗ ସଚେତନତା ପୋଷ୍ଟର ରାଲି କରାଯାଇଥିଲା। ପରେ ସେକ୍ଟର-୧୬ ସ୍ଥିତ ଶ୍ରଦ୍ଧାକୁ ଯାଇ ଛାତ୍ରୀଛାତ୍ରଙ୍କୁ ବସ୍ତ୍ର ବିତରଣ କରି ସାମୂହିକ ଜନ୍ମଦିନ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ଗୋପବନ୍ଧୁ ପାଠାଗାର ପ୍ରକୋଷ୍ଠରେ ପ୍ରମିଳା ମିଶ୍ରଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ରାଉରକେଲା ସରକାରୀ ଡାକ୍ତରଖାନାର ଅବସରପ୍ରାପ୍ତ ନର୍ସିଙ୍ଗ ସିଷ୍ଟର ତରୁଲତା ରାଉତରାୟ ଓ ପରିବେଶ ବନ୍ଧୁ ସୁରେନ୍ଦ୍ର ପଟ୍ଟନାୟକଙ୍କୁ ଅଧ୍ୟକ୍ଷା ବାହାଦୂର ସମ୍ମାନିତ କରିଥିଲେ। ଏହି ଅବସରରେ ଗରିବ ମହିଳାଙ୍କୁ ସିଲେଇ ପିକୋ ମେଶିନ ପ୍ରଦାନ କରାଯାଇଥିଲା। ପ୍ରାକ୍ତନ ସଭାପତି ଡ. ମିନତି ପଣ୍ଡା, ଅମ୍ରିତା ତ୍ରିପାଠୀ, ସିନରନଜିତ ଶେଖୋଁ, ଅନୀତା ନାୟକ, ମମତା ପାଠୀ, ପ୍ରଜ୍ଞା ତ୍ରିପାଠୀ, ସବିତା ମହାନ୍ତି, ଆରତି ଷଡଙ୍ଗୀ, ସୁପ୍ରିୟା ମହାନ୍ତି, ସବିତା ପଟ୍ଟନାୟକ, ମଞ୍ଜୁବାଳା ପାଢ଼ୀ, ଡକ୍ଟର ଗୀତାଞ୍ଜଳି ପତ୍ରୀ, ରାଜଲକ୍ଷ୍ମୀ ଧର, ସଂଯୁକ୍ତା ଜେନା, ଅଞ୍ଜଳି ହୋତା ପ୍ରମୁଖ ସହଯୋଗ କରିଥିଲେ। ଡାକ୍ତର ତନୁଶ୍ରୀ ଜେନା ଅତିଥି ପରିଚୟ ପ୍ରଦାନ ଓ ମଞ୍ଜୁଳା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ କ୍ଲବର ସଦସ୍ୟା ଏବଂ ଅତିଥି।

# ଦାଦନ ଦେଖାଇଲା ନିର୍ଯାତନାର ଅସଲ ଚିତ୍ର

**ରାଉରକେଲା,୩୧।୧୦(ବିପ୍ଳବ ରଞ୍ଜନ ଦାଶ)**



ଦାଦନ ନାଟକର ଏକ ଦୃଶ୍ୟ।

**ମୁକ୍ତମଞ୍ଚ ନାଟ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ**

ରାଉରକେଲାର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ପଦ୍ମବର୍ଣ୍ଣା ସାଂସ୍କୃତିକ ସଙ୍ଗଠନ ଆନୁକୂଲ୍ୟରେ ମଙ୍ଗଳବାର ରାଉରକେଲା ସେକ୍ଟର-୬ ସ୍ଥିତ ଏଚ୍-ବ୍ଲକ ଦୁର୍ଗାପୂଜା ପଡିଆରେ ମୁକ୍ତମଞ୍ଚ ନାଟ୍ୟ ପ୍ରତିଯୋଗିତା ଆରମ୍ଭ ହୋଇଛି। ପ୍ରତିଯୋଗିତାର ପ୍ରଥମ ରଜନୀରେ ସେକ୍ଟର-୬ ସି-ବ୍ଲକର କୋଶଳ ନାଟକ ପରିଷଦ କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନାଟକ 'ଦାଦନ' ମଞ୍ଚସ୍ଥ ହୋଇଥିଲା। ଗୌତମ ମହାନନ୍ଦଙ୍କ ନିର୍ଦ୍ଦେଶିତ ଓ ରଚିତ ନାଟକରେ ସଙ୍ଗୀତକାର ଶିବ ନାଗ, ଗୀତିକାର ସ୍ୱର୍ଗତ ଉପେନ୍ଦ୍ର ବାଗ ରହିଥିବା ବେଳେ କଣ୍ଠସ୍ୱର ଦେଇଛନ୍ତି ଭାଗରଥି ସେନାପତି ଏବଂ ନନ୍ଦିତା ମହାନନ୍ଦ। ନାଟକରେ ଗ୍ରୁପ୍ ଋଣର କୁପରିଣତି ଏବଂ ଋଣ ପରିଶୋଧ କରି ନ ପାରି କିଭଳି ଗୋଟିଏ ଗରିବ ପରିବାର ଓଡିଶାରୁ ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁକୁ ଅଧିକ ଅର୍ଥ ଉପାର୍ଜନ ପାଇଁ ଯାଉଛି। ଶେଷରେ ସେଠାରେ ଏହି ପରିବାର କିଭଳି ଶୋଷିତ ଓ ନିର୍ଯାତିତ ହେଉଛି ତାକୁ ଆଧାର କରି କଳାକାରମାନେ ଜୀବନ୍ତ ଅଭିନୟ କରିଛନ୍ତି। ନାଟକର ବିଭିନ୍ନ ଚରିତ୍ରରେ ଗୌତମ ମହାନନ୍ଦ, ସୌରଭ ମହାନନ୍ଦ, ସୁଜଳ ମହାନନ୍ଦ, ମଧୁମିତା ମହାନନ୍ଦ, ରାଗିଣୀ ମହାନନ୍ଦ ପ୍ରମୁଖ ୨୨ଜଣ କଳାକାର ଅଭିନୟ କରିଛନ୍ତି। ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହରେ ଅନୁଷ୍ଠାନର ଉପସଭାପତି ହିରାଲାଲ ମହାପାତ୍ର ସ୍ୱାଗତ ଭାଷଣ ଏବଂ ସାଂସ୍କୃତିକ ସମ୍ପାଦକ ଅଶୋକ କୁମାର ବଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରାଉରକେଲା ଇସ୍ପାତ କାରଖାନା ଅଫିସର ସଂଘ ସାଧାରଣ ସମ୍ପାଦକ ବିମଳ କୁମାର ବିଶି, ସମାଜସେବୀ ଖଦାଳ ସେଠୀ, ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ଦିଲୀପ ମହାପାତ୍ର, ସମାଜସେବୀ ହରି ରାଉତରାୟ, ପ୍ରଫୁଲ୍ଲ ସୁନାନୀ ଓ ରୋହିତ ତନ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ପାଣ୍ଡବ ଲେଙ୍କା, ସରୋଜ ପଣ୍ଡା, ସୁଦାମ ସାହୁ, ବିଘ୍ନେଶ୍ୱର ସ୍ୱାଇଁ, ଦିଲୀପ ବୁଦ୍ଧଦେବ, ଅମର ଖଟୁଆ, ସୀତାରାମ ସାହା, ଆଦିତ୍ୟ ଲେଙ୍କା, ଅଟଳ ସାମଲ, ଅଜୟ ରାୟ, ସନ୍ତୋଷ ପାତ୍ର, ଅଜୟ ଦାସ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଗଣେଶ୍ୱର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

**ସଂକ୍ଷେପରେ**

## ବଜ୍ରକାପ୍ତା ଉଦ୍ଧାର, ଜଣେ ଗିରଫ



ଖଡ଼ିଆଳ,୩୧।୧୦(ସୁଜିତ୍ କୁମାର ପ୍ରଧାନ)

ଜୀବନ୍ତ ବଜ୍ରକାପ୍ତା ଚାଲାଣ କରିବା ଉଦ୍ଦେଶ୍ୟରେ ରଖାଯାଇଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏସ୍‌ଟିଏଫ୍ ଟିମ୍ ମଙ୍ଗଳବାର ନୂଆପଡ଼ା ଜିଲା ଖରିଆର ଥାନା ଅଧୀନ ବାଙ୍କାପୁର ଛକରେ ଚଢ଼ାଉ କରି ଜଣଙ୍କୁ ଗିରଫ କରିଛି। ଏଥିସହ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର କରିବା ସହ ଅଭିଯୁକ୍ତ କଳାହାଣ୍ଡି ଜିଲା କେଗାଁ ଥାନା ଅଧୀନ କଣ୍ଠାମାଳ ଗାଁର ରଞ୍ଜନ କୁମାର ସାହୁଙ୍କୁ ଗିରଫ କରିଛି। ଏସ୍‌ଟିଏଫ୍ ଏ ନେଇ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତଙ୍କୁ ଖଡିଆଳ ଏସ୍‌ଡିଜେଏମ୍ କୋର୍ଟରେ ଚାଲାଣ କରାଯାଇଛି। ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ଜୀବନ୍ତ ବଜ୍ରକାପ୍ତା ଖରିଆର ଡିଏଫ୍‌ଓଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଓଡ଼ିଶା ଷ୍ଟାକ୍ସ ଫୋର୍ସ ପକ୍ଷରୁ କେଶ ନମ୍ବର ୨୫/୨୩ ମାମଲା ରୁଜୁ ହୋଇଛି। ଭାରତୀୟ ଦଣ୍ଡ ସଂହିତା ମୁତାବକ ଧାରା ୩୭୯/୪୨୨/୧୨୦ (ବି) ରେ ରୁଜୁ ହୋଇଛି। ୫୧ ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ ରୁଜୁ ହୋଇଛି। ଜୀବିତ ସଲକତି ବନ୍ୟ ପ୍ରାଣୀକୁ ଖଡିଆଳ ଡିଏଫଓଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି।

# ନିଃସର୍ତ୍ତ ବାସନ୍ଦ ପ୍ରତ୍ୟାହାର କର

**ମନୋଜ ମିଶ୍ରଙ୍କ ସପକ୍ଷରେ ପଶ୍ଚିମ ଓଡ଼ିଶା ପ୍ରଯୋଜକ ସଂଘ**

**ପଶ୍ଚିମ ଓଡ଼ିଶାରେ ଫିଲ୍ମସିଟି ଓ ଷ୍ଟୁଡିଓ ନିର୍ମାଣ ଦାବି**

ବଲାଙ୍ଗୀର,୩୧।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ଅଭିନେତା ମନୋଜ ମିଶ୍ରଙ୍କୁ ଓଡ଼ିଶା ପ୍ରଯୋଜକ ସଂଘର ଦୁଇବର୍ଷୀୟା ବାସନ୍ଦକୁ ମଙ୍ଗଳବାର କଡା ପ୍ରତିବାଦ କରିଛି ପଶ୍ଚିମ ଓଡ଼ିଶା ପ୍ରଯୋଜକ ସଂଘ(ପୋପା)। ସ୍ଥାନୀୟ ଯାଦବ ଭବନଠାରେ ସଂଘ କାର୍ଯ୍ୟକାରୀ ସଭାପତି ଶରତ ମହାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମନୋଜ ମିଶ୍ରଙ୍କୁ ବାସନ୍ଦ ଘଟଣାର ଦୃଢ଼ ନିନ୍ଦା କରିଛନ୍ତି ପୋପା ସଦସ୍ୟ। କୌଣସି ବ୍ୟକ୍ତିଗତ ମତାମତକୁ କେନ୍ଦ୍ର କରି ଜଣେ କଳାକାରଙ୍କୁ ଏଭଳି ବାସନ୍ଦ କରାଯିବା ଘୋର ଅନ୍ୟାୟ ଓ ଏହା ପଶ୍ଚିମ ଓଡ଼ିଶାର କଳାକାରଙ୍କ ଭାବାବେଗକୁ ଆଘାତ ଦେଇଛି ବୋଲି ସଂଘ ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ।

ବୈଠକରେ ବରିଷ୍ଠ କଳାକାର ମୁରଲୀଧର ପତି, କପିଳେଶ୍ୱର ଖମାରୀ, ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ, ସଙ୍ଗଠନ ସମ୍ପାଦକ ମାଧବ ବାରିକ, କେଦାର ଥନାପତି ବକ୍ତବ୍ୟ ରଖି ପୂର୍ବ ଓଡ଼ିଶାର ପ୍ରଯୋଜକ, କଳାକାରମାନେ ସୋସିଆଲ ମିଡିଆରେ ଉକ୍ତ ଘଟଣାକୁ ନେଇ ନାନାପ୍ରକାର ଅଶାଳୀନ ମନ୍ତବ୍ୟ ଦେଉଛନ୍ତି। ଏହା ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଓଡ଼ିଶା ସିନେ ପ୍ରଯୋଜକ ସଂଘ ନିଃସର୍ତ୍ତ ଭାବେ ଅଭିନେତା ମନୋଜ ମିଶ୍ରଙ୍କ ଉପରୁ ବାସନ୍ଦ ପ୍ରତ୍ୟାହାର କରୁ ବୋଲି ପୋପା ପକ୍ଷରୁ କୁହାଯାଇଛି। ବୈଠକରେ ଏହି ଅଞ୍ଚଳରେ ଏକ ଫିଲ୍ମସିଟି ଓ ଷ୍ଟୁଡିଓ ନିର୍ମାଣ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଯିବ ବୋଲି ମତପ୍ରକାଶ ପାଇଛି। ବୈଠକରେ କଳାକାର ଉଗ୍ରସେନ ଷଡଙ୍ଗୀ, ବ୍ରହ୍ମାନନ୍ଦ ବନଛୋର, ନିସାର ମହମ୍ମଦ ନିସାର, ଦିଲ୍ଲୀପ ଦୀପ, ପ୍ରକାଶ ଷଡଙ୍ଗୀ, ଅଶୋକ ଦୀପ, ଅନିତା ତ୍ରିପାଠୀ, ନବୀନ ବେହେରା, ରାଜ ସେନ୍ଦ୍ରିଆ, ତ୍ରିନାଥ ନନ୍ଦ, ଅର୍ଜୁନ ବିଭାର, ରୋଜିସ୍ମିତା ହୋତା, ସୁରେଶ ରଥ, ମହେଶ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ସଂଘ ସଙ୍ଗଠନ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଉପସ୍ଥିତ ପଶ୍ଚିମ ଓଡ଼ିଶା ପ୍ରଯୋଜକ ସଂଘ ସଦସ୍ୟମାନେ।

# 'ରାମ୍' ଫିଲ୍ମ ଚଲାଇ ନ ଦେବାରେ ମନୋଜଙ୍କ ସମ୍ପୃକ୍ତି ଥାଇପାରେ

ଭୁବନେଶ୍ୱର,୩୧।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

**ସ୍ତ୍ରୀ ମାନା ମିଶ୍ରଙ୍କ ପୋଷ୍ଟ ଚର୍ଚ୍ଚାରେ**

ଓଲିଉଡ୍‌ରେ ଚାଲିଥିବା କଳି ଭିତରେ ଅଭିନେତା ମନୋଜ ମିଶ୍ରଙ୍କ ସ୍ତ୍ରୀ ମାନା ମିଶ୍ରଙ୍କ ସୋଶାଲ ମିଡିଆ ପୋଷ୍ଟ ଏବେ ଚର୍ଚ୍ଚାର ପରିସରକୁ ଆସିଛି। କଳିର ସମାଧାନ କରି ଶାନ୍ତିରେ କାମ କରିବାକୁ ପରାମର୍ଶ ଦେଇଛନ୍ତି ମାନା। ଏମିତିକି ଯେଉଁମାନେ ସାମାନ୍ୟ କଳିକୁ ନେଇ ଓଡିଶାକୁ ଭାଗ ଭାଗ କରିବାକୁ ଚାହୁଁଛନ୍ତି ସେମାନଙ୍କୁ ମନ୍ଦ ଉଦ୍ଦେଶ୍ୟର ଲୋକ ବୋଲି କହି ତାଙ୍କୁ ଉଚିତ ଶିକ୍ଷା ମିଳୁ ବୋଲି ସେ କହିଛନ୍ତି। ମନୋଜ ମିଶ୍ରଙ୍କୁ ୟୁସିସିସି ପକ୍ଷରୁ ୨ ବର୍ଷ ବାସନ୍ଦ ପ୍ରସଙ୍ଗରେ ମଙ୍ଗଳବାର ମାନା ଗଣମାଧ୍ୟମକୁ କହିଛନ୍ତି, ବର୍ତ୍ତମାନ ଯାହାସବୁ ହେଉଛି, ତାକୁ ମୁଁ ପସନ୍ଦ କରୁନି। ସମସ୍ତେ ହେଉଛନ୍ତି କଳାକାର। ବ୍ୟାନ୍ ହେବା କଥା ନୁହେଁ। ସେ ମୁମ୍ବାଇରେ କାମ କରୁଥିଲେ। ଏବେ ଏଠାରେ କାମ କରୁଛନ୍ତି। ସେ ଓଡ଼ିଶା ଇଣ୍ଡଷ୍ଟ୍ରୀରେ କାମ କରି ବହୁ ନାଁ କରିଛନ୍ତି। କିଛି ବ୍ୟକ୍ତିଗତ ରାଗ ପାଇଁ ମନୋଜଙ୍କୁ ବ୍ୟାନ୍ କରାଯାଇଛି। ଜିତୁ ମଙ୍ଗରାଜ ହୁଅନ୍ତୁ ବା ଜିତୁ ରାଉତ, ସେମାନେ ଯାହା କହିଛନ୍ତି, ତାହାର ଉତ୍ତର ମନୋଜ ଦେଇ ପାରିଥାଆନ୍ତେ। ଯଦି ତୁମେ ଭଲ ଲୋକ, ତାହାହେଲେ ସେମାନଙ୍କ ଆରୋପର ଜବାବ ଦେଇଦିଅ। କିନ୍ତୁ ତାହା ନ କରି 'ରାମ' ଫିଲ୍ମକୁ ବ୍ୟାନ୍ ବା ଚଲାଇ ନ ଦେବା ଠିକ୍ କଥା ନୁହେଁ। ଯେଉଁମାନେ ଫିଲ୍ମକୁ ବ୍ୟାନ୍ ପାଇଁ ପୋଷ୍ଟର ଧରିଛନ୍ତି, ସେମାନେ ଚିହ୍ନା ପରିଚିତ। ଏଥିରୁ ଜଣାପଡୁଛି, ଏଥିରେ ମନୋଜଙ୍କ ସମ୍ପୃକ୍ତି ଥାଇପାରେ। ତାହା ନ ହେଲେ ମୋର ଜଣେ କାକା ଶ୍ୱଶୁର (ଭକ୍ତ କାକା) କାହିଁକି ପୋଷ୍ଟର ଧରି ଛିଡ଼ା ହୋଇଛନ୍ତି। ଫିଲ୍ମକୁ ନେଇ ଶତ୍ରୁତା, ଝଗଡ଼ା ଓ ଶୋ'ବାଜି କରିବା ନିହାତି ଖରାପ କଥା ବୋଲି ମାନା କହିଛନ୍ତି। ମନୋଜଙ୍କ ଉଦ୍ଦେଶ୍ୟରେ ମାନା କହିଛନ୍ତି, 'ରାମ୍' ଫିଲ୍ମକୁ ବ୍ୟାନ୍ କରିବାର ଅଧିକାର ତୁମର ନାହିଁ। ତୁମେ ତୁମ 'ମାଇଣ୍ଡ୍ ଗେମ୍' ଫିଲ୍ମକୁ ଆଗକୁ ନେଉନ। ସବୁ ହଲ୍‌ରେ ପକାଇବାକୁ ଚେଷ୍ଟା କର। ସମସ୍ତେ ଟଙ୍କା ଖର୍ଚ୍ଚ କରି ଫିଲ୍ମ କରିଛନ୍ତି।

## ସିବିଏସଇ ଭଲିବଲ କ୍ଲଷ୍ଟର ଦ୍ୱିତୀୟ ପର୍ଯ୍ୟାୟ ପ୍ରତିଯୋଗିତା

ଟିଟିଲାଗଡ, ୩୧।୧୦(ଶରତ ମିଶ୍ର)

ଓଡ଼ିଶା, ଛତିଶଗଡ ଓ ପଶ୍ଚିମବଙ୍ଗ ରାଜ୍ୟର ଭଲିବଲ ଖେଳାଳିଙ୍କୁ ନେଇ ସିବିଏସଇ ଦ୍ୱିତୀୟ କ୍ଲଷ୍ଟରସ୍ତରୀୟ ଭଲିଭଲ ପ୍ରତିଯୋଗିତା ଟିଟିଲାଗଡ ଓମଭ୍ୟାଲି ସ୍କୁଲରେଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାକୁ ମୁଖ୍ୟ ଅତିଥିଭାବେ ଉପଜିଲାପାଳ ଦୟାମୟ ପାଢ଼ି, ସ୍କୁଲ ଅଧକ୍ଷ ମହେଶ୍ୱର ପ୍ରସାଦ ମିଶ୍ର, ଏମଡି ବିଭାରାଜ ଗୁପ୍ତା ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। ତିନ ରାଜ୍ୟରୁ ୩୨ବାଳକ ଟିମ ଓ ୧୧ବାଳିକା ଟିମ ପ୍ରତିଯୋଗିତାରେ ଟିମ ଅଂଶଗ୍ରହଣ କରିଛନ୍ତି। ତିନିଦିନ ଧରି ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଖେଳ ପରିଚାଳନା ପାଇଁ ଜାତୀୟ ଓ ଅର୍ନ୍ତଜାତୀୟସ୍ତରର ରେଫରି ଆସିଥିବା ସ୍କୁଲ କର୍ତ୍ତୃପକ୍ଷ ସୁଚନା ଦେଇଛନ୍ତି। ଏହି ପ୍ରତିଯୋଗିତାର ଶ୍ରେଷ୍ଠଟିମ ଜାତୀୟସ୍ତର ପ୍ରତିଯୋଗିତାରେ ଭାଗ ନେବେ।

# ଧାନ ଫସଲରେ ରୋଗ ପୋକ


ଦାବିପତ୍ର ଦେବାକୁ ଆସିଥିବା ସଙ୍ଗଠନ କର୍ମକର୍ତ୍ତା।

**କ୍ଷତିପୂରଣ ପାଇଁ ଉପଜିଲାପାଳଙ୍କୁ ଦାବିପତ୍ର**

କୁଚିଣ୍ଡା,୩୧।୧୦(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ପାରୁଆଭାଡି ପଞ୍ଚାୟତରେ ରୋଗ ପୋକ ଯୋଗୁ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ ହୋଇଛି। କ୍ଷତିପୂରଣ ଦାବିରେ ଜୟ ଜଗନ୍ନାଥ କୃଷକ ସୁରକ୍ଷା ସଂଗଠନ ପକ୍ଷରୁ ମଙ୍ଗଳବାର କୁଚିଣ୍ଡା ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଚଳିତବର୍ଷ ଚାଷୀମାନେ ଧାରକରଜ କରି ଧାନ ଫସଲ କରିଥିଲେ। ପାଗ ଅନୁକୂଳ ରହିଥିଲେ ହେଁ ଚକଡା, ବିପିଏଚ, ମହିଷା, ବିଏଲ୍‌ବି ଓ ଗଣ୍ଡି ପୋକର ପ୍ରାଦୁର୍ଭାବ ଯୋଗୁ ବ୍ୟାପକ ଫସଲ କ୍ଷତି ହୋଇଛି। ଫସଲ ରକ୍ଷା ନିମନ୍ତେ ଚାଷୀମାନେ କୀଟନାଶକ ପ୍ରୟୋଗ କରିଥିଲେ ମଧ୍ଯ ରୋଗ ପୋକ ଦାଉରୁ ରକ୍ଷା କରି ପରିନାହାନ୍ତି। ଫଳରେ ଅମଳ ବହୁଗୁଣ କମିଯିବାର ଆଶଙ୍କା ଦେଖାଦେଇଛି। ବର୍ତ୍ତମାନ ଖାଲ ଜମିରେ ଧାନ ଫଳୁଥିବା ସମୟରେ କୀଟନାଶକ ପ୍ରୟୋଗ କରି ରୋଗ ଓ ପୋକକୁ ଦମନ କରିବା ଅସମ୍ଭବ ହୋଇପଡିଛି। ତେଣୁ କୃଷି ବିଭାଗ କ୍ଷୟକ୍ଷତିର ଆକଳନ କରି ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ସଂଗଠନ ଦାବି କରିଛି। କୃଷକ ସୁରକ୍ଷା ସଂଗଠନ ସମ୍ପାଦକ କୁଳମଣି ପୃଷେଠଙ୍କ ନେତୃତ୍ୱରେ ଉପଜିଲାପାଳଙ୍କ ଅନୁପସ୍ଥିତରେ ସହକାରୀ ଜିଲାପାଳ ଭାସ୍କର ଚନ୍ଦ୍ର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ପ୍ରାଧାପିକାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ନାକଟିଦେଉଳ,୩୧।୧୦
(ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ପ୍ରାଧାପିକା ଡ. ସରସିରାଣୀ ନାୟକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ. ମନୋରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଦାୟୀ ପ୍ରାଧାପିକାଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଯାଇଥିଲା। ଏହି ଅବସରରେ ସେ ୩୭ ବର୍ଷର ଅଧ୍ୟାପନା ଜୀବନର ଅଭୁଲା ମୁହୂର୍ତ୍ତ ମନେପକାଇଥିଲେ। ଅଧ୍ୟାପକ ସଞ୍ଜୀବ ଦାଶ, ଡ. ପ୍ରଶାନ୍ତ କୁମାର ଦାଶ, ଅରୁଣ ବିଶ୍ୱାଳ, ସରୋଜ ଭୁଏ, ବିନୀତା ମୁର୍ମୁ, ଜିତେନ୍ଦ୍ରିୟ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶେଷରେ ଅଧ୍ୟାପକ ସରୋଜ କୁମାର ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ।

## ବାସନ୍ଦ ନ ଉଠିବା ଯାଏ ଓଡ଼ିଆ ସିନେମା, ଅପେରାକୁ ନା

ଲାଠୋର, ୩୧।୧୦
(ଭୁବନେଶ୍ୱର ବାରିକ)

ଅଭିନେତା ମନୋଜ ମିଶ୍ରଙ୍କୁ ଓଡ଼ିଶା ପ୍ରଯୋଜକ ସଂଘର ଦୁଇବର୍ଷୀୟା ବାସନ୍ଦ ପରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରତିବାଦର ସ୍ୱର ଉଠିଛି। ମଙ୍ଗଳବାର ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ବସଷ୍ଟାଣ୍ଡଠାରେ କୋଶଳ ମୁକ୍ତି ମୋର୍ଚ୍ଚା ରାଜ୍ୟ ଆବାହକ କାଶୀନାଥ ମେହେରଙ୍କ ନେତୃତ୍ୱରେ ଜୋରଦର ପ୍ରତିବାଦ କରାଯାଇଛି। ଯେ ପର୍ଯ୍ୟନ୍ତ ବାସନ୍ଦ ନ ଉଠିଛି ସେ ଯାଏ ପଶ୍ଚିମ ଓଡ଼ିଶାରେ ଓଡ଼ିଆ ସିନେମା ଏବଂ ଅପେରାକୁ ବଏକଟ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏପରିକି ଅଭିନେତା ତଥା ରାଜନେତା ଅନୁଭବ ମହାନ୍ତିଙ୍କ କୁଶପୁତ୍ତଳିକା ସେମାନେ ଦାହ କରିଥିଲେ। ଅଭିନେତା ଟିଟୁ, ଅରିନ୍ଦମ ଏବଂ ରୂପଶ୍ରୀ ପଣ୍ଡାଙ୍କୁ ମଧ୍ୟ ବିରୋଧ କରି ନାରାବାଜି କରାଯାଇଥିଲା। ଏହି ଆନ୍ଦୋଳନରେ ସଂଗଠନର ଗୌରୀଶଙ୍କର ଥନାପତି, ଭୋଳାନାଥ ସୁନାନୀ, ରୋହିତ ଶବର, ଘନଶ୍ୟାମ ମେହେର, ସୁଶାନ୍ତ ବେହେରା ଏବଂ ଜିତୁ କୈବର୍ତ୍ତଙ୍କ ସହ ଅନ୍ୟ କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ।

# ଏମ୍‌ସିଏଲ୍ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ



ଏମ୍‌ସିଏଲ୍ ପକ୍ଷରୁ ରାଷ୍ଟ୍ରୀୟ ବାହାରିଥିବା ଗଣଦୌଡରେ ସାମିଲ ହୋଇଥିବା ଅଧିକାରୀମାନେ।

ସମ୍ବଲପୁର,୩୧।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ବୁର୍ଲାସ୍ଥିତ ଏମ୍‌ସିଏଲ୍ ପକ୍ଷରୁ ମଙ୍ଗଳବାର ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀରେ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ରନ୍ ଫର ୟୁନିଟି' ଅନ୍ତର୍ଗତ ଗଣଦୌଡ଼ ଆୟୋଜିତ ହୋଇଥିଲା। ଏମ୍‌ସିଏଲ୍ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓ.ପି. ସିଂ, ନିର୍ଦ୍ଦେଶକ କାର୍ମୀକ କେଶବ ରାଓ, ମୁଖ୍ୟ ସତର୍କତା ଅଧିକାରୀ ପି.କେ. ପଟେଲ, ନିର୍ଦ୍ଦେଶକ ବୈଷୟିକ ଓ ସଞ୍ଚାଳନ ଜେ.କେ. ବୋରା, ବିତ୍ତ ନିର୍ଦ୍ଦେଶକ କେ. ବେହୁରା ଓ ନିର୍ଦ୍ଦେଶକ ବୈଷୟିକ ତଥା ପରିଯୋଜନା ଏ.କେ. ବାପଟ୍ ପ୍ରମୁଖ ସବୁଜ ପତାକା ଦେଖାଇ ଗଣଦୌଡ଼ ସହିତ 'ଦୁର୍ନୀତି ନିବାରଣ ସଚେତନତା ରଥ'ର ଶୁଭାରମ୍ଭ କରିଥିଲେ। ଅଧକ୍ଷ ସିଂ ସମସ୍ତ କର୍ମଚାରୀଙ୍କୁ ଦୁର୍ନୀତି ବିରୋଧରେ ସଂଗ୍ରାମର ବାର୍ତ୍ତାକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଶପଥ ପାଠ କରାଇଥିଲେ। ନଭେମ୍ବର ୫ ପର୍ଯ୍ୟନ୍ତ ଏମ୍‌ସିଏଲ୍ ପାରିପାର୍ଶ୍ୱିକ ଅଞ୍ଚଳରେ ଥିବା ଗ୍ରାମରେ ରଥ ଭ୍ରମଣ କରି ଦୁର୍ନୀତି ବିରୋଧରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବ। କାର୍ଯ୍ୟକ୍ରମରେ ସମ୍ବଲପୁର ସହିତ ଅନୁଗୋଳ, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲାର ବିଭିନ୍ନ ଖଣି କ୍ଷେତ୍ରରୁ ବହୁ ସଂଖ୍ୟାରେ କର୍ମଚାରୀ ଓ ଅଧିକାରୀ ଯୋଗଦେଇଥିଲେ।

# ଏକତା ପାଇଁ ସମ୍ମିଳିତ ଶପଥପାଠ

ରେଢ଼ାଖୋଲ,୩୧।୧୦
(ଅଚ୍ୟୁତାନନ୍ଦ ପୁରୋହିତ)

ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ରେଢାଖୋଲରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଭୀମଭୋଇ କଲେଜ ଜାତୀୟ ସେବା ଯୋଜନା ତରଫରୁ ଅୟୋଜିତ ଉତ୍ସବରେ ଅଧକ୍ଷ ଦିଲୀପ ଦାଶ ଅଧକ୍ଷତା କରିଥିଲେ। ଏନ୍‌ଏସ୍‌ଏସ୍ ସଂଯୋଜକ ଅଧ୍ୟାପକ ବିରଞ୍ଚି ଖଡିଆ ପ୍ରାରମ୍ଭିକ ସୂଚନା ସହ ଲୌହମାନବଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ରାଷ୍ଟ୍ରୀୟ ଏକତା ପାଇଁ ସମ୍ମିଳିତ ଶପଥ ପାଠ କରିଥିଲେ। ସେହିପରି ବିକାଶ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଗଣଦୌଡ ଅନୁଷ୍ଠିତ ହୋଇଛି। ଭାଜପା ଯୁବମୋର୍ଚ୍ଚା ଉପସଭାପତି ସୂର୍ଯ୍ୟ ପ୍ରକାଶ ମହାପାତ୍ର, ବିକାଶ ଫାଉଣ୍ଡେଶନ ଟ୍ରଷ୍ଟ ସଂଯୋଜକ ଅଭୟ କୁମାର ବରର୍ତ୍ତଙ୍କ ତତ୍ତ୍ୱାବଧାନରେ ଗଣଦୌଡ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, ରାଜ୍ୟ ପଛୁଆ ବର୍ଗ ମୋର୍ଚ୍ଚା ସମ୍ପାଦିକା ସସ୍ମିତା ରାଣୀ ଦେହୁରି, ଯୁଯୁମୁରା ସମିତି ସଭ୍ୟ ଜୟନ୍ତ ପ୍ରଧାନ, ରେଢ଼ାଖୋଲ ଭାଜପା ସଭାପତି ରାମାନୁଜ ମହାପାତ୍ର, ଏନ୍‌ଏସି ଉପାଧକ୍ଷା ଅନସୂୟା ପ୍ରଧାନ, ଜିଲା ମହିଳା ମୋର୍ଚ୍ଚା ସମ୍ପାଦିକା ସୁଷମା ମୁଣ୍ଡା, ଜିଲା ଉପସଭାପତି ବିଚିତ୍ରାନନ୍ଦ ସାହୁ ପ୍ରମୁଖ ଯୋଗଦେଇଥିଲେ।



ଶୋଭାଯାତ୍ରାରେ ସାମିଲ ହୋଇଥିବା ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା।

# କଂଗ୍ରେସ ପକ୍ଷରୁ ଇନ୍ଦିରା ଗାନ୍ଧୀ, ସର୍ଦ୍ଦାର ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର,୩୧।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା କଂଗ୍ରେସ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ଓ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରେ ଜିଲା ସଭାପତି ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉଭୟ ନାତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ସଭାପତି ଅଶ୍ୱିନୀ ଗୁରୁ, ସୁରେଶ୍ୱର ମିଶ୍ର, ନିରଞ୍ଜନ ତ୍ରିପାଠୀ, ଅମିତ ଗୁରୁ, ସୁତପା ମିତ୍ର, ଜିତେନ୍ଦ୍ର ପ୍ରଧାନ, ସଞ୍ଜିବ ଗଡ଼ତିଆ, ଗୋବିନ୍ଦ ମିଶ୍ର, ମହମ୍ମଦ ମୁକ୍ତାର, ଆକବର ଚୌଧୁରୀଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ।


ଇନ୍ଦିରା ଗାନ୍ଧୀ ଓ ସର୍ଦ୍ଦାର ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

# ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଜମନକିରା,୩୧।୧୦(ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ବ୍ଲକ ଟିକିବା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ୩ଦିନ ଧରି ଚାଲିଥିବା ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସରପଞ୍ଚ ମମତା ଭେଙ୍ଗ୍ରାଙ୍କ ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ଏଥିରେ ମୋଟ ୩ଶହରୁ ଅଧିକ ରୋଗୀଙ୍କ ଶରୀରର ୩୬ ପ୍ରକାର ପରୀକ୍ଷା କରାଯାଇ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ଡାକ୍ତର ପୂର୍ଣ୍ଣ ଚନ୍ଦ୍ର ଦଳାଇ, ଡା. ରାଜେଶ କୋଠାରୀ ରୋଗୀ ପରୀକ୍ଷା କରିଥିବା ବେଳେ ରୁପେଶ କୁମାର, ସୁନିଲ ଗିଟେ, ଟି ଭି ରାଜୁ ସହଯୋଗ କରିଥିଲେ। ବାହାରେ ପ୍ରାୟ ୮ହଜାର ଟଙ୍କା ଖର୍ଚ୍ଚରେ ଯେଉଁ ପରୀକ୍ଷା ହୋଇଥାଏ ତାହା ମାଗଣାରେ ହେଉଥିବାର ରୋଗୀ ଖୁସି ପ୍ରକଟ କରିଥିବା ଡାକ୍ତର ଦଳେଇ ପ୍ରକାଶ କରିଛନ୍ତି। ନାଏବ ସରପଞ୍ଚ ସଜିତ ମୁଣ୍ଡା ଶିବିର ପରିଚାଳନା କରିଥିଲେ।


ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି ଡାକ୍ତର।

## ମହିଳା କିକ୍‌ବକ୍ସିଂ: ଟିଟିଲାଗଡ଼ର ୬ ଖେଳାଳିଙ୍କୁ ୧୨ ପଦକ

ଟିଟିଲାଗଡ଼, ୩୧।୧୦ (ଶରତ ମିଶ୍ର)

ରାଉରକେଲାଠାରେ ଅକ୍ଟୋବର ୨୮ଓ ୨୯ରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ କିକ୍‌ବକ୍ସିଂ ପ୍ରତିଯୋଗିତାରେ ଟିଟିଲାଗଡର ୬ ଜଣ ଖେଳାଳି ଅଂଶଗ୍ରହଣ କରି ନିଜ ୧୨ଟି ପଦକ ହାସଲ କରିଛନ୍ତି। ସେମାନେ ହେଲେ ପଞ୍ଚମୀ ମାଝି, ସାରଳା ସାହୁ, ଅଖିଆ ରାଜପୁତ, ବୀଣାପାଣି ସାହୁ, ପ୍ରୀତି କଟା ଓ ପୁନମ କବାଟ। ଏଥିରେ ଅଫିସିଆଲ ଭଗବାନ କୁମ୍ଭାର ଏବଂ କୋଚ ଭାବେ ଜିତୁ ପୃଷ୍ଟି ଓ ମଳୟ କୁମ୍ଭାର ଦାୟିତ୍ୱ ତୁଲାଇଥିଲେ। ସାରା ରାଜ୍ୟରୁ ୩୯୪ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ।

# ୮ ଜିଲାରୁ ଯିବେ ୯୭୦ ତୀର୍ଥଯାତ୍ରୀ

ସମ୍ବଲପୁର,୩୧।୧୦ (ଭବାନୀ ଶଙ୍କର ଭୋଇ)

**ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା**

ଆସନ୍ତା ଡିସେମ୍ବର ୬ରୁ ୧୧ ତାରିଖ ପର୍ଯ୍ୟନ୍ତ କୋଲକାତା-କାମାକ୍ଷା ତୀର୍ଥଯାତ୍ରାରେ ଯିବେ ପଶ୍ଚିମ ଓଡିଶାର ୮ ଜିଲାର ୯୭୦ ତୀର୍ଥଯାତ୍ରୀ। ସେଥିମଧ୍ୟରେ ସମ୍ବଲପୁର ଜିଲାର ୧୧୨, ବରଗଡ଼ର ୧୫୯, ଦେବଗଡ଼ର ୩୩, ଝାରସୁଗୁଡାର ୬୨, ସୁନ୍ଦରଗଡ଼ର ୨୨୫, ବଲାଙ୍ଗୀରର ୧୭୭, ସୁବର୍ଣ୍ଣପୁରର ୬୫ ଓ ଅନୁଗୋଳ ଜିଲାର ୧୩୭ ଜଣ ରହିଛନ୍ତି। ତୀର୍ଥଯାତ୍ରୀଙ୍କ ସହ ୩୦ ଜଣ ଏସ୍କର୍ଟ ଅଫିସରଙ୍କୁ ନେଇ ଏକ ସ୍ୱତନ୍ତ୍ର ଟ୍ରେନ ସମ୍ବଲପୁର ରେଳଷ୍ଟେଶନରୁ ବାହାରି କୋଲକାତା-କାମାକ୍ଷା ଯାତ୍ରା କରିବ। ଏହି ଅବସରରେ ମଙ୍ଗଳବାର ଜିଲାପାଳ ଅନନ୍ୟା ଦାସଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ସଦର ଉପଜିଲାପାଳ ଡ଼. ପୁଷ୍ପାଞ୍ଜଳି ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପୂର୍ଣ୍ଣଚନ୍ଦ୍ର ସାହୁ, ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ, ଉତ୍ତରାଞ୍ଚଳ ସୂଚନା ଓ ଲୋକ ସମ୍ପର୍କ ବିଭାଗ ସମ୍ବଲପୁର ଉପନିର୍ଦ୍ଦେଶକ ବିଜୟ କୁମାର ମିଶ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ଗୀତାଞ୍ଜଳି ମହାପାତ୍ର, ଜିଲା ମଙ୍ଗଳ ଅଧିକାରୀ ଭାଗିରଥି ପଟେଲ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝି, ଜିଲା ସଂସ୍କୃତି ଅଧିକାରୀ ସୂର୍ଯ୍ୟକାନ୍ତ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ଚୟନ ହୋଇଥିବା ବରିଷ୍ଠ ନାଗରିକମାନେ ସ୍ୱତନ୍ତ୍ର ବସ୍ ଯୋଗେ ଆସି ସମ୍ବଲପୁରରେ ପହଞ୍ଚିବେ ଏବଂ ସେଠାରୁ ଟ୍ରେନ ଯୋଗେ ଯାତ୍ରା କରିବେ। ଏଥିପାଇଁ ବସ୍ ବ୍ୟବସ୍ଥା, ଅସ୍ଥାୟୀ ରହଣି, ଖାଦ୍ୟପେୟ, ପଞ୍ଜିକରଣ, ସ୍ୱାସ୍ଥ୍ୟ ପରୀକ୍ଷା ଭଳି ସମସ୍ତ ସୁବିଧା ପ୍ରଦାନ କରିବାକୁ ଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ସୂର୍ଯ୍ୟମୁଖୀ ମଞ୍ଜି ବୁଣା



ଚଳିତ ମାସ (ନଭେମ୍ବର) ୧୫ ତାରିଖ ମଧ୍ୟରେ ସୂର୍ଯ୍ୟମୁଖୀ ମଞ୍ଜିବୁଣା କାମ ଶେଷ କରନ୍ତୁ । ଏହାର ଉନ୍ନତ କିସମ ମଧ୍ୟରେ ରହିଛି : ମୋର୍‌ଡେନ୍, ସୂର୍ଯ୍ୟ, ସନ୍‌ରାଇଜ୍ ଏବଂ ସଙ୍କର କିସମ ଯଥା –କେବିଏସ୍‌ଏଚ୍–୧, କେବିଏସ୍‌ଏଚ୍–୪୪, ପିଏସି–୩୬, ଏମ୍‌ଏସ୍‌ଏଫ୍‌ଏଚ୍–୮ ଏବଂ ଜ୍ୱାଳାମୁଖୀ । ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ୧୦ କି.ଗ୍ରା. ଏବଂ ସଙ୍କର କିସମ ପାଇଁ ୫ କି.ଗ୍ରା. ବିହନ ବ୍ୟବହାର କରନ୍ତୁ । ବୁଣିବା ପୂର୍ବରୁ ୧ କି.ଗ୍ରା. ବିହନ ପ୍ରତି ୩ ଗ୍ରାମ୍ କାପ୍‌ଟାନ୍/ଥିରାମ୍ ଗୋଳାଇ ବିଶୋଧନକରି ବୁଣନ୍ତୁ । ଉନ୍ନତ କିସମ ପାଇଁ ଧାଡ଼ିକୁ ଧାଡ଼ି ୪୫ ସେ.ମି., ଗଛକୁ ଗଛ ୩୦ ସେ.ମି. ଏବଂ ସଙ୍କର କିସମ ପାଇଁ ଧାଡ଼ିକୁ ଧାଡ଼ି ୬୦ ସେ.ମି., ଗଛକୁ ଗଛ ୩୦ ସେ.ମି. ବ୍ୟବଧାନ ରଖନ୍ତୁ । ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ମୂଳସାର ୩୦:୪୦:୩୦ ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ଏବଂ ସଙ୍କର କିସମ ପାଇଁ ୬୦:୮୦:୬୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ସାର ବ୍ୟବହାର କରନ୍ତୁ ।

## ଫୁଲ ଚାଷ



ଗୋଲାପ ଫୁଲଗଛର ପୁରୁଣା ଡାଳସବୁ କାଟି ଦିଅନ୍ତୁ । କଟା ଅଗରେ ବୋର୍ଡୋପେଷ୍ଟ ଲଗାନ୍ତୁ । ୧୦୦ ଗ୍ରାମ୍ ତୁତିଆ ଓ ୧୦୦ ଗ୍ରାମ୍ ଶିପ ଚୂନକୁ ୧ ଲିଟର ପାଣିରେ ମଣ୍ଡ ପ୍ରସ୍ତୁତ କରି ଲଗାନ୍ତୁ । ଗଛରେ ନୂଆପତ୍ର ବାହାରିଲେ ଗଛ ପ୍ରତି ୧୦ ଗ୍ରାମ୍ ଯବକ୍ଷାରଜାନ, ୧୦ ଗ୍ରାମ୍ ଫସ୍‌ଫରସ୍ ଓ ୧୫ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ । ବର୍ଷା ଯୋଗୁଁ ଗେଣ୍ଡୁଫୁଲ ଗଛ ଲଗାଇ ନ ଥିଲେ ବର୍ତ୍ତମାନ ଲଗାନ୍ତୁ । ସିରାକୋଲ୍, ଆଫ୍ରିକାନ୍ ଡବ୍ଲୁ ଜ୍ୟାଣ୍ଟ୍ ଅରେଞ୍ଜ୍, ଆଫ୍ରିକାନ୍ ଡବ୍ଲୁ ଜ୍ୟାଣ୍ଟ୍ ୟେଲୋ, ପୁଷା ବାସନ୍ତୀ ଆଦି ଉନ୍ନତ କିସମ ବ୍ୟବହାର କରନ୍ତୁ । ଗ୍ଲାଡ଼ିଓଲି କନ୍ଦାକୁ ଓଦା ବାଲିରେ ଗଜା କରି ଲଗାନ୍ତୁ । କନ୍ଦା ଲଗାଇବା ପୂର୍ବରୁ ବିଶୋଧନ କରନ୍ତୁ । ଫ୍ରେଣ୍ଡସିପ୍, ଫ୍ରେଣ୍ଡସିପ୍ ହ୍ୱାଇଟ୍, ପିଟର ପିୟର୍‌ସ, ରେଡ୍ ବିଉଟି, ନୋଭାଲକ୍ସ, ହରମାଜେଷ୍ଟି, ବ୍ଲାକ୍ ଜ୍ୟାକ୍, ଚେରିବ୍ଲସମ୍, ଅର୍ଚ୍ଚନା, ବିନ୍ଦିଆ, ଧନ୍ୱନ୍ତରୀ, ଦର୍ଶନ ଆଦି ଉନ୍ନତ ଅଧିକ ଅମଳକ୍ଷମ ଗ୍ଲାଡ଼ିଓଲି ବିହନ ସଂଗ୍ରହ କରନ୍ତୁ ।

# ମଧ୍ୟମ କିସମ ଧାନ ଅମଳ ପୂର୍ବରୁ...



ମଧ୍ୟମ କିସମ ଧାନକେଣ୍ଡାରେ ଶତକଡ଼ା ୮୫ ଭାଗ ଧାନ ପାଚିଥିଲେ ତାହାକୁ କାଟି ଅମଳ କରନ୍ତୁ । ଧାନ କାଟିବାର ୧ସପ୍ତାହ ପୂର୍ବରୁ ଜମିରୁ ପାଣି କାଟି ଦିଅନ୍ତୁ । ବିଳମ୍ବ କିସମ ଧାନ ଫୁଲ ଉଡ଼ାଇବା ଅବସ୍ଥାରେ ଥିଲେ ଜମିରେ ୫ ସେ.ମି. ଠିଆ ପାଣି ବାନ୍ଧିରଖନ୍ତୁ । ଧାନ କ୍ଷୀର ଢୋକିଲାବେଳେ ଗନ୍ଧିପୋକର ଆକ୍ରମଣରୁ ରକ୍ଷା କରିବା ପାଇଁ ଆବଶ୍ୟକ ଫସଲ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରନ୍ତୁ । ଉତ୍କୃଷ୍ଟ ବିହନ କରିବା ପାଇଁ ମିଶା ଧାନ ଓ ବାଲୁଙ୍ଗା ଗଛକୁ ବାଛି ବାହାର କରିଦିଅନ୍ତୁ । ଧାନ ଅମଳ ପରେ ଧାନକୁ ୨–୩ଟି ଟାଣଖରାରେ ଶୁଖାଇ ସାଇତି ରଖନ୍ତୁ । ଅମାରର ୧୦୦ ବର୍ଗଫୁଟ ଜାଗା ପାଇଁ ୨୫୦ ଗ୍ରାମ୍ ହିସାବରେ ଶତକଡ଼ା ୫ ଭାଗ ମାଲାଥିଅନ ଗୁଣ୍ଡ ଅମାରର ଚଟାଣ, କାନ୍ଥ ଓ ଛାତରେ ପ୍ରୟୋଗ କଲେ ପୋକ ଲାଗିବ ନାହିଁ । ସାପ୍ତାହିକ ରୋଗ ପୋକ ସର୍ବେକ୍ଷଣ କରି ଆର୍ଥିକ ନିୟନ୍ତ୍ରଣ ସୀମାକୁ ଦୃଷ୍ଟିରେ ରଖି ଆବଶ୍ୟକ ମତେ ରାସାୟନିକ ସଂରକ୍ଷଣ ବ୍ୟବସ୍ଥା ଗ୍ରହଣ କରନ୍ତୁ । **ରୋଗ ଓ ପୋକ ରାସାୟନିକ ନିୟନ୍ତ୍ରଣ ବ୍ୟବସ୍ଥା :** ମାଟିଆ ଗୁଣ୍ଡିପୋକ ଫ୍ଲୋନିକାମିଡ୍ ୧୫୦ ଗ୍ରାମ୍ ହେକ୍ଟର ପ୍ରତି କିମ୍ବା ୧ ମି.ଲି.ଡାଇନୋଟେଫ୍ୟୁରାନ୍ ୨୦୦ ଗ୍ରାମ୍ ହେକ୍ଟର ପ୍ରତି କିମ୍ବା ପାଇମେଟ୍ରୋଜାଇନ୍ ୩୦୦ ଗ୍ରାମ୍ ହେକ୍ଟର ପ୍ରତି କିମ୍ବା ଟ୍ରାଇଫ୍ଲୁମେଜୋପାଇରିନ୍ ୨୫୦ ମି.ଲି. ହେକ୍ଟର ପ୍ରତି ସ୍ପ୍ରେ କରନ୍ତୁ । ଗନ୍ଧିପୋକ ମାଲାଥିଅନ୍ ଗୁଣ୍ଡ ୨୦–୨୫ କି.ଗ୍ରା. ହେକ୍ଟର ପ୍ରତି (ଭୋର ସମୟରେ

### ଏ ମାସର କୃଷି ସୂଚନା

ଗୁଣ୍ଡ ଉଡ଼ାଇବା ଯନ୍ତ୍ର ଦ୍ୱାରା ପ୍ରୟୋଗ କରନ୍ତୁ) କିମ୍ବା କ୍ଲୋରୋପାଇରିଫସ୍ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ମିଶାଇ ସୂର୍ଯ୍ୟାସ୍ତ ସମୟରେ ସିଞ୍ଚନ କରନ୍ତୁ । କେଣ୍ଡାକଟା ପୋକ ସାଇପରମେଥ୍ରିନ୍ ୧ ମି.ଲି. ପ୍ରତି ୧ ଲିଟର ପାଣିରେ ଆକ୍ରାନ୍ତ କିଆରି ହିଡ଼ ଚାରିପଟେ ସନ୍ଧ୍ୟାବେଳା ସିଞ୍ଚନ କରିବା ସହ କ୍ଲୋରୋପାଇରିଫସ୍ ଗୁଣ୍ଡ ୧ ଫୁଟ ଓସାରରେ ବିଞ୍ଚନ୍ତୁ ଏବଂ ଏକର ପ୍ରତି ୪୦୦ ମି.ଲି. କ୍ଲୋରୋପାଇରିଫସ୍ କିମ୍ବା ପ୍ରୋଫେନୋଫସ୍ ସିଞ୍ଚନ କରନ୍ତୁ । ଆକ୍ରାନ୍ତ ଜମିରେ ସନ୍ଧ୍ୟାବେଳେ ବିଷଥୋପ ପ୍ରୟୋଗ କରାଯାଇପାରେ । ନେକ୍‌ବ୍ଲାଷ୍ଟ ହେକ୍ସାକୋନାଜୋଲ୍ ୧.୫ ମି.ଲି. ପ୍ରତି ଲିଟର ପାଣି/ ଟ୍ରାଇସାଇକ୍ଲାଜୋଲ୍ ୧.୫ ଗ୍ରାମ୍ ୨ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ପତ୍ର ଆଚ୍ଛାଦ ପୋଡ଼ାରୋଗ ଭାଲିଡାମାଇସିନ୍ ୩% ଏଲ୍ ୨ ମି.ଲି./ଲିଟର କିମ୍ବା ପ୍ରୋପିକୋନାଜୋଲ୍ ୨୫%, ଇ.ସି. ୧.୫ ମି.ଲି./୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ ।

**ତୈଳବୀଜ ଫସଲ**

**ସୋରିଷ :** ଜଳସେଚିତ ଜମିରେ ବରୁଣ, କ୍ରାନ୍ତି, ପୁଷା ବାହାର, ପୁଷା ଜୟକିଷାନ୍, ପୁଷା ମସ୍‌ଟାର୍ଡ–୨୫ ଓ ୨୭, ପିଟି ୫୦୭, ଅନୁରାଧା, ପାର୍ବତୀ ଓ ସୁଶ୍ରୀ ଆଦି କିସମକୁ ହେକ୍ଟର ପ୍ରତି ୧୦ କି.ଗ୍ରା. ମଞ୍ଜିକୁ ବିଶୋଧନକରି ୩୦ ସେ.ମି. x ୧୦ ସେ.ମି. ବ୍ୟବଧାନରେ ଧାଡ଼ିବୁଣା କରନ୍ତୁ । ବୁଣିବା ପୂର୍ବରୁ ମୂଳସାର ଭାବରେ ହେକ୍ଟର ପ୍ରତି ୨୫:୨୫:୨୫ କି.ଗ୍ରା. ଯବକ୍ଷାରଜାନ:ଫସ୍‌ଫରସ୍:ପଟାସ୍ ପ୍ରୟୋଗ କରନ୍ତୁ । ଏହାର ୩ ସପ୍ତାହ ପରେ ୨୫ କି.ଗ୍ରା. ଯବକ୍ଷାରଜାନ ଧାଡ଼ି ମଝିରେ ପ୍ରୟୋଗକରି କୋଡ଼ାଖୁସା କରନ୍ତୁ ।

**ଚିନାବାଦାମ:** ଚିନାବାଦାମର ଉନ୍ନତ କିମସ ମଧ୍ୟରେ ରହିଛି ଦେବୀ, ଜେ.ଏଲ୍.–୨୪, ଟି.ଏ.ଜି.–୨୪, ଟି.ଜି.–୩୮ ବି, ଟି.ଜି.–୩୭ ଏ, କାଦିରି–୩, କାଦିରି–୬ ଏବଂ ଧରଣୀ । ହେକ୍ଟର ପ୍ରତି ୧୨୫ କି.ଗ୍ରା.(ମଞ୍ଜି) ବିହନକୁ ବିଶୋଧନକରି ରାଇଜୋବିୟମ୍ କଲ୍‌ଚର ୨୫୦ ରୁ ୫୦୦ ଗ୍ରାମ୍ ୧୦ କି.ଗ୍ରା. ବିହନ ପ୍ରତି ଉପଚାର କରନ୍ତୁ । ହେକ୍ଟର ପ୍ରତି ୨୦:୪୦:୪୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗ କରି ଧାଡ଼ିକୁ ଧାଡ଼ି ୨୫ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ବୁଣନ୍ତୁ । ଫସ୍‌ଫରସ୍ ପାଇଁ ସିଙ୍ଗଲ ସୁପର ଫସ୍‌ଫେଟ୍ ବଦଳରେ ଡିଏପି (୧୮–୪୬–୦) ବ୍ୟବହାର କରୁଥିଲେ ବୁଣିବା ସମୟରେ ଏକର ପ୍ରତି ୧୦୦ କି.ଗ୍ରା. ଜିପ୍‌ସମ୍ ଧାଡ଼ିରେ ପ୍ରୟୋଗ କରନ୍ତୁ ।

**ଆଖୁ :** ଉନ୍ନତ କିସମର ଆଖୁ ବିହନ ଯଥା – ସବିତା, ନୀଳମାଧବ, ନୟନା, ବିଶ୍ୱାମିତ୍ର, ଉତ୍ତରା ଭବାନୀ, ରଘୁନାଥ, ନୀଳଚକ୍ର, ଚର୍ଚ୍ଚିକା ଆଦି ସଂଗ୍ରହ କରନ୍ତୁ । ଜମିରେ ପାଣି ରହୁଥିଲେ ନିଷ୍କାସନ ବ୍ୟବସ୍ଥା ଗ୍ରହଣ କରନ୍ତୁ । ପତ୍ରଡିଆଁ/ଧଳାମାଛି ଆକ୍ରମଣ ଦେଖାଗଲେ ୩ ଲିଟର ପାଣିରେ ୧ ଗ୍ରାମ୍ ଥାୟାମେଥୋକ୍ସାମ୍ ଗୋଳାଇ ସିଞ୍ଚନ କରନ୍ତୁ । ନାଳି ଶଢ଼ାରୋଗ ଆକ୍ରମଣ କଲେ କାର୍ବେଣ୍ଡାଜିମ୍ (୧୨%) ସହ ମାଙ୍କୋଜେବ୍ (୬୩%) ଡବ୍ଲ୍ୟୁପି ମିଶ୍ରିତ ଫିମ୍ପିନାଶକ ୨ ଗ୍ରାମ୍‌କୁ ୧ ଲିଟର ପାଣିରେ ଗୋଳାଇ ଆକ୍ରାନ୍ତ ଗଛର ମୂଳ ମାଟିକୁ ଭିଜାନ୍ତୁ ।

**କପା:** ଚିତ୍ରିତ ବକରା/ପାଟଳ ବକରା ପୋକ ଲାଗିଲେ ୨.୫ ମି.ଲି. ଟ୍ରାଇଆଜୋଫସ୍ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ତା' ପରେ କୀଟ ଆକ୍ରମଣ ନ କମିଲେ ଇନ୍‌ଡକ୍ସାକାର୍ବ ପ୍ରତି ୨ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ପତ୍ର ସିଞ୍ଚନ କରାଯାଇପାରେ । ସକାଳ ୮ଟା ପରେ (କାକର ଶୁଖିଲା ପରେ) କପା ତୋଳନ୍ତୁ । ପ୍ରଥମ ଥର ଏବଂ ପ୍ରତିଥର ତୋଳାଯାଇଥିବା କପାକୁ ଅଲଗା ରଖି ଶୁଖାଇ ସଫାକରି ଶୁଖିଲା ପ୍ଲାଷ୍ଟିକ୍ ବସ୍ତାରେ ସାଇତି ରଖନ୍ତୁ ।

–କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର

## ଫଳଚାଷ



ଫଳବଗିଚାକୁ ବର୍ଷା ପରେ ଭଲଭାବରେ ଚାଷ କରନ୍ତୁ । ଫଳବଗିଚା ସଫାକରି ଅନୁମୋଦିତ ପ୍ରଣାଳୀରେ ଖତ, ରାସାୟନିକ ସାର ଓ ଅଣୁସାର ବର୍ଷା ଛାଡ଼ିବା ପୂର୍ବରୁ ଗଛରେ ଦିଅନ୍ତୁ । ଆବଶ୍ୟକ ଅନୁଯାୟୀ ଜଳସେଚନ କରନ୍ତୁ । ପୁରୁଣା ଗଛକୁ କାଟଛାଣ୍ଟ କରନ୍ତୁ ଏବଂ ମାଆ ଗଛରୁ ବାହାରୁଥିବା କୁଆଁକୁ କାଟି ଦିଅନ୍ତୁ । ରୋଗପୋକ ନିୟନ୍ତ୍ରଣ କରନ୍ତୁ ଏବଂ ଉଇ ଆକ୍ରମଣ ପ୍ରତି ବିଶେଷ ଧ୍ୟାନଦିଅନ୍ତୁ । ଗଛ ମୂଳକୁ ଛାଦିକରଣ କରନ୍ତୁ । ବର୍ତ୍ତମାନ କଦଳୀ ଗଛ ଲଗାଇପାରିବେ । ଏଥିପାଇଁ ଗ୍ରାଣ୍ଡ୍ ନୈନ୍, ପାଟକପୁରା, ଡି.ସି. ପ୍ରଭୃତି କିସମ ନେଇପାରିବେ । ଆମ୍ବ ଗଛରେ ବଉଳ ଆସିବା ପାଇଁ ଜଳସେଚନ ବନ୍ଦ ରଖନ୍ତୁ ।

## କୁକୁଡ଼ା ପାଳନ



ଗାଁଗହଳିର ବାଡ଼ିବଗିଚାରେ ମାଂସ ଓ ଅଣ୍ଡା ପାଇଁ ବନରାଜା, ଗ୍ରାମପ୍ରିୟ ଓ ପଲ୍ଲୀରାଜା ପ୍ରଜାତିର କୁକୁଡ଼ା ପାଳନ କରନ୍ତୁ । ବନରାଜା ବର୍ଷକୁ ୧୫୦ଟି ଅଣ୍ଡା ଦେବା ସହ ୨୦ ସପ୍ତାହରେ ଏହାର ଓଜନ ୨ ରୁ ୨.୫ କେ.ଜି. ହୋଇଥାଏ । ଗ୍ରାମପ୍ରିୟ ବର୍ଷକୁ ୧୫୦–୧୬୦ଟି ଅଣ୍ଡା ଦେବା ସହ ୨୦ ସପ୍ତାହରେ ଏହାର ଓଜନ ୩ ରୁ ୩.୫ କେ.ଜି. ହୋଇଥାଏ । ପଲ୍ଲୀରାଜା ଏକ ରଙ୍ଗିନ୍ ପ୍ରଜାତିର କୁକୁଡ଼ା । ଏହା ବର୍ଷକୁ ୨୦୦ଟି ଅଣ୍ଡା ଦେବା ସହ ୨୦ ସପ୍ତାହରେ ଏହାର ଓଜନ ୩ ରୁ ୩.୫ କେ.ଜି. ହୋଇଥାଏ । ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶକ୍ରମେ କୁକୁଡ଼ାଙ୍କୁ ନିୟମିତ କୁକୁଡ଼ା ମରୁଡ଼ି ରୋଗ ଓ ବସନ୍ତ ରୋଗର ଟିକା ଦିଅନ୍ତୁ ।

## ଗହମ ବୁଣିବା ସମୟରେ...



ସାଧାରଣ ଭାବେ ନଡ଼ିଆ ତେଲ ବସିବା ଆରମ୍ଭକଲେ ଗହମ ବୁଣା ଆରମ୍ଭ କରାଯାଏ । ନଭେମ୍ବର ଦ୍ୱିତୀୟ ପକ୍ଷ ଗହମ ବୁଣିବା ପାଇଁ ଉପଯୁକ୍ତ । କିନ୍ତୁ ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ବିଳମ୍ବରେ ଗହମ ବୁଣାଯାଇପାରିବ । ଗହମ ଚାଷ ପାଇଁ ଜମି ପ୍ରସ୍ତୁତି କରନ୍ତୁ ଓ ଆବଶ୍ୟକ ଅନୁମୋଦିତ ବିହନ ଯଥା – ସୋନାଲିକା, ପିବିଡବ୍ଲ୍ୟୁ–୩୪୩, ପିବିଡବ୍ଲ୍ୟୁ–୪୪୩, ୟୁପି–୨୬୨, ଏଚ୍‌ଡି–୨୨୮୫ ଆଦି ବିହନ ସଂଗ୍ରହ କରନ୍ତୁ । ହେକ୍ଟର ପ୍ରତି ୧୨୫ କି.ଗ୍ରା. ବିହନକୁ କାର୍ବେଣ୍ଡାଜିମ୍ (କେ.ଜି. ପ୍ରତି ୨ ଗ୍ରାମ୍) ଦ୍ୱାରା ବିଶୋଧିତକରି ଧାଡ଼ିକୁ ଧାଡ଼ି ୨୦ ସେ.ମି. ବ୍ୟବଧାନରେ ୮୦:୫୦:୪୦ କି.ଗ୍ରା. ଅନୁମୋଦିତ ସାରର ଅଧା ଯବକ୍ଷାରଜାନ ଏବଂ ସମସ୍ତ ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗ କରି ବୁଣନ୍ତୁ । ଘାସ ନିୟନ୍ତ୍ରଣ ପାଇଁ ପେଣ୍ଡିମେଥାଲିନ୍ ହେକ୍ଟର ପିଛା ୧ କି.ଗ୍ରା. (ଏକ ହେକ୍ଟର ପାଇଁ ୩୩୩୦ ମି.ଲି. ଷ୍ଟମ୍ପ୍ ୩୦ ଇ.ସି.) ହିସାବରେ ୧–୨ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ ।

## ଡାଲି ଜାତୀୟ ଫସଲ

ମାଟିର ବତର ଦେଖି ମୁଗ/ବିରି ଫସଲ ପାଇଁ ଜମି ଚାଷକରନ୍ତୁ । ଧାନ କାଟିବାର ୭ ଦିନ ପୂର୍ବରୁ ମଧ୍ୟମ ଓ ଖାଲ ଜମିରେ ବତର ଥିବା ଅବସ୍ଥାରେ ଏକର ପ୍ରତି ଅନୁମୋଦିତ ବିହନ ପରିମାଣର ଶତକଡ଼ା ୨୫ ଭାଗ ଅଧିକ ମୁଗ/ବିରି/ମଟର/ବୁଟ ଆଦି ବିହନ ଛଟାବୁଣା କରନ୍ତୁ । ବୁଣିବା ପୂର୍ବଦିନ ଏକର ପ୍ରତି ୪୦ କି.ଗ୍ରା. ଡିଏପି ଏବଂ ୧୩ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍ ସାର ପ୍ରୟୋଗ କରନ୍ତୁ । **ଉନ୍ନତ ମୁଗ କିସମ :** ଟାର୍ମ–୧, ଟାର୍ମ–୨, ଜ୍ୟୋତି, କାମଦେବ, ଧଉଳି, ଦୁର୍ଗା, ସୁଜାତା, ଆଇପିଏମ୍ ୨–୧୪, ଆଇପିଏମ୍ ୨–୩ । **ଉନ୍ନତ ବିରି କିସମ :** ପିୟୁ ୩୦, ଟିୟୁ ୯୪–୨, ସାରଳା, ପ୍ରସାଦ, ପି.ୟୁ.–୧୯, ଉଜାଲା, ମହୁରୀ, ଶଶୀ । **ବୁଟ କିସମ :** ଶ୍ୱେଥା, ଭାରତୀ, ବିହାର, ଜେଜି–୬୨, ସି–୨୩୫, ଆଇସିସି–୪, ରାଧେ, ଆନେଗିରି, ଜେଜି–୧୪, ଏଚ୍–୨୦୮ । **ମଟର କିସମ :** ରଚନା, ଏଚ୍‌ୟୁଡିପି–୧୫, ଜେପି–୮୮୫, ଉତ୍ତରା, ଡିଡିଆର୍–୨୭, ଅପର୍ଣ୍ଣା, ଆଦର୍ଶ । ବିହନ ବିଶୋଧନ କରିବାର ୭ ଦିନ ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଓ ଫସ୍‌ଫୋବ୍ୟାକ୍‌ଟ୍ରିନ୍ ଗୋଳାଇ ଛାଇରେ ଶୁଖାଇ ବୁଣନ୍ତୁ । ବିହନ ବୁଣିବା ପୂର୍ବରୁ ହେକ୍ଟର ପ୍ରତି ୨୦:୪୦:୨୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ଜମିରେ ପ୍ରୟୋଗ କରନ୍ତୁ । ଡାଲିଜାତୀୟ ଫସଲରେ ପାଉଁଶିଆ ରୋଗ ଦମନ ପାଇଁ ସଲ୍‌ଫେକ୍ସ ୪ ଗ୍ରାମ୍ ପ୍ରତି ଲିଟର ପାଣିରେ ଗୋଳାଇ ସଞ୍ଚନ କରାଯାଏ । ୧୦ ଦିନ ପରେ ଦରକାର ଅନୁଯାୟୀ ସିଞ୍ଚନ କରନ୍ତୁ । ଜଉପୋକ ଦମନ ପାଇଁ ୧୫ ଲିଟର ପାଣିରେ ୫ ମି.ଲି. ଇମିଡାକ୍ଲୋପ୍ରିଡ୍ ସିଞ୍ଚନ କରନ୍ତୁ । ଛୁଇଁବିନ୍ଧା ପୋକ ନିୟନ୍ତ୍ରଣ ଲାଗି କାର୍ବୋସଲ୍‌ଫାନ୍ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଗୋଳାଇ ସିଞ୍ଚନ କରନ୍ତୁ । ଦରକାର ହେଲେ ୧୫–୨୦ ଦିନ ପରେ ପୁଣି ସିଞ୍ଚନ କରାଯିବା ଉଚିତ୍ ।



## ପନିପରିବା ସମ୍ପର୍କରେ

ଆଳୁର ଉନ୍ନତ କିସମ ମଧ୍ୟରେ ରହିଛି କୁଫ୍ରି ଜ୍ୟୋତି, କୁଫ୍ରି ସୂର୍ଯ୍ୟ, କୁଫ୍ରି ଖ୍ୟାତି, ଚିପ୍‌ସୋନା–୩, କୁଫ୍ରି ବାଦଶାହା, କୁଫ୍ରି ଅଶୋକା, କୁଫ୍ରି ଲାଲିମା, କୁଫ୍ରି ସିନ୍ଦୂରୀ କିସମ ୨–୩ ଆଖି ବିଶିଷ୍ଟ ୨୦–୨୫ ଗ୍ରାମ୍ ଓଜନ କଟା କିମ୍ବା ୨.୫ ସେ.ମି. ବ୍ୟାସ ବିଶିଷ୍ଟ ଗୋଟା ଆଳୁ ହେକ୍ଟର ପ୍ରତି ୨୦ କୁଇଣ୍ଟାଲ ଆଳୁ ବିହନ ବ୍ୟବହାର କରନ୍ତୁ । ୦.୩% ମାନ୍‌କୋଜେବ୍‌ରେ ବିହନ ଆଳୁକୁ ବିଶୋଧନକରି ମୂଳସାର ହେକ୍ଟର ପ୍ରତି ୯୦:୮୦:୧୦୦ କି.ଗ୍ରା. ଯବକ୍ଷାଜାନ, ଫସ୍‌ଫରସ୍ ଓ ପଟାସ୍ ସାର ପ୍ରୟୋଗ କରି ୪୫–୬୦ ସେ.ମି. X ୧୫–୨୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ବାଇଗଣ ଫସଲରେ କାଣ୍ଡବିନ୍ଧା/ଫଳବିନ୍ଧା ପୋକ ଆକ୍ରମଣ ହେଲେ ୫ ମି.ଲି. ଫ୍ଲୁବେଣ୍ଡିଆମାଇଡ୍‌କୁ ୧୫ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ କିମ୍ବା ଇମାମେକ୍ଟିନ୍ ବେନ୍‌ଜୋଏଟ୍ ୫ ଗ୍ରାମ୍ / ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ୍ତୁ । ଆକ୍ରାନ୍ତ ଡାଳ ବା ଫଳକୁ ମାଟିରେ ପୋତି ଦିଅନ୍ତୁ । ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ । ଲଙ୍କା ଫସଲରେ ଉଙ୍କୁଣିଆ ପୋକ ଲାଗିଲେ ୨ ମି.ଲି. ଇଥିଅନ୍ / ୧ ଲିଟର ପାଣିରେ କିମ୍ବା ୦.୩ ଗ୍ରାମ୍ ଏସିଟାମିପ୍ରିଡ୍ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ଫୁଲକୋବି ଫସଲରେ ସଁବାଳୁଆ ପୋକ ଲାଗିଲେ ୧ ମି.ଲି. ନୋଭାଲ୍ୟୁରନ୍‌କୁ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ଯଦି ଫୁଲକଢ଼ ପାକଳ ହୋଇ ଆସିଥିବ, ତେବେ ମାଲାଥିଅନ୍ ୧ ଲିଟର ପାଣିରେ ୧.୫ ମି.ଲି. ଗୋଳାଇ ସିଞ୍ଚନ କରନ୍ତୁ । ମୂଳା ଫସଲରେ ଫ୍ଲି ବିଟିଲ୍ ଲାଗିଥିଲେ ତା'ର ଦମନ ପାଇଁ ୧ ଲିଟର ପାଣିରେ ୨ ମି.ଲି. କ୍ଲୋରପାଇରିଫସ୍ ମିଶାଇ ସିଞ୍ଚନ କରନ୍ତୁ ।

## ପିଆଜ ତଳି ପ୍ରସ୍ତୁତି



ପିଆଜ ଚାଷ ପାଇଁ ତଳି ପ୍ରସ୍ତୁତ କରୁଥିଲେ ୧ହେକ୍ଟର ଜମି ପାଇଁ ୫୦୦ ବର୍ଗମିଟର ପରିମିତ ଜମିରେ ତଳି ପକାନ୍ତୁ । ତଳି ପଟାଳି ଜମିଠାରୁ ୬ ଇଞ୍ଚ ଉଚ୍ଚ, ୧ ମିଟର ଓସାର ଏବଂ ସୁବିଧା ଅନୁଯାୟୀ ଲମ୍ବ ହେବା ଆବଶ୍ୟକ । ୨୦ କି.ଗ୍ରା. ଭଲ ଶଢ଼ା ଶୁଖିଲା ଗୋବରଖତ ସହ ୧ କି.ଗ୍ରା. ଟ୍ରାଇକୋଡର୍ମା ଭିରିଡେ ଜୀବାଣୁସାର ଭଲ ଭାବରେ ମିଶାଇ ଏହାକୁ ୨–୩ ଦିନ ଛାଇରେ ପଲିଥିନ୍ ଘୋଡ଼ାଇ ରଖି ତଳି ପଟାଳିରେ ପ୍ରୟୋଗକରି ବିଶୋଧିତ ବିହନ ଧାଡ଼ିରେ ବୁଣନ୍ତୁ । ତଳିକୁ ଅଦିନିଆ ବର୍ଷାରୁ ରକ୍ଷା କରିବା ପାଇଁ ବାଉଁଶ କାଠି ଫ୍ରେମ୍‌ରେ ଜରି ଲଗାଇ ବର୍ଷାବେଳେ ଘୋଡ଼ାଇ ରଖନ୍ତୁ । ଜଳ ନିଷ୍କାସନ ପାଇଁ ପ୍ରତି ତଳି ପଟାଳି ମଝିରେ ୧ ଫୁଟ ଓସାରର ନାଳ ରଖନ୍ତୁ । ତଳି ୮–୧୦ ସପ୍ତାହ ହୋଇଥିଲେ ଜମିରେ ରୋପଣ କରନ୍ତୁ । ହେକ୍ଟର ପିଛା ୮ ରୁ ୧୦ କି.ଗ୍ରା. ବିହନ ଆବଶ୍ୟକ । ଏଗ୍ରି ଫାଉଣ୍ଡ ଲାଇଟ୍ ରେଡ୍, ଏନ୍–୫୩, ଭୀମା ସୁପର, ଭୀମା ଶକ୍ତି ଆଦି ଅଧିକ ଅମଳକ୍ଷମ ବିହନ ବ୍ୟବହାର କରନ୍ତୁ । ହେକ୍ଟର ପିଛା ୧୨୦:୬୦:୬୦:୫୦ କି.ଗ୍ରା. ହିସାବରେ ଯବକ୍ଷାରଜାନ, ଫସ୍‌ଫରସ୍, ପଟାସ୍ ଓ ସଲ୍‌ଫର୍ ସାରକୁ ଦୁଇଟି କିସ୍ତିରେ ପ୍ରୟୋଗ କରନ୍ତୁ । ତଳି ରୋଇବା ବେଳେ ମୂଳସାର ହିସାବରେ ଉଭୟ ଯବକ୍ଷାରଜାନ ଏବଂ ଫସ୍‌ଫରସ୍ ସାରର ଅର୍ଦ୍ଧେକ ଏବଂ ସମୁଦାୟ ପଟାସ୍ ସାର ପ୍ରୟୋଗ କରନ୍ତୁ । ନଭେମ୍ବର ୨୦ ରୁ ଡିସେମ୍ବର ଶେଷ ସୁଦ୍ଧା ପିଆଜ ଲଗାଇବା କାର୍ଯ୍ୟ ସମାପନ କରନ୍ତୁ । ଘାସମରା ବିଷ, ପେଣ୍ଡିମେଥାଲିନ୍ ୩୦ ଏଇକୁ ତଳି ରୋଇବାର ୨ ଦିନ ମଧ୍ୟରେ ପ୍ରୟୋଗକଲେ ଘାସ ନିୟନ୍ତ୍ରଣ ହୋଇପାରିବ । ତଳି ରୋଇବାର ୧୫ ଦିନ ପରେ ନିମ୍ ସିଡ୍ କର୍ନେଲ ଏକ୍ସଟ୍ରାକ୍ଟ ଦ୍ରବଣକୁ ଲିଟର ପ୍ରତି ୪ ମି.ଲି. ହିସାବରେ ଫସଲ ପ୍ରୟୋଗକଲେ ପତ୍ର ଉଙ୍କୁଣି (ଥ୍ରୀପ୍ସ) ନିୟନ୍ତ୍ରଣ କରାଯାଇପାରିବ ।

# ନୀତା ଅମ୍ବାନୀଙ୍କୁ ଗ୍ଲୋବାଲ ଲିଡରଶିପ ପୁରସ୍କାର

ନୂଆଦିଲ୍ଲୀ,୩୧।୧୦

ରିଲାଏନ୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷା ନୀତା ଅମ୍ବାନୀଙ୍କୁ ଗ୍ଲୋବାଲ ଲିଡରଶିପ ପୁରସ୍କାରରେ ସମ୍ମାନିତ କରାଯାଇଛି। ଦିଲ୍ଲୀରେ ଆମେରିକା ଇଣ୍ଡିଆ ଷ୍ଟ୍ରାଟେଜିକ ପାର୍ଟନରଶିପ ଫୋରମ (ୟୁଏସ୍ଆଇଏସ୍ପିଏଫ୍) ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ନୀତା ଅମ୍ବାନୀଙ୍କୁ ଫୋରମ ଚେୟାରମ୍ୟାନ ଜନ ଚାମ୍ବର୍ସ ପୁରସ୍କାର ପ୍ରଦାନ କରିଛନ୍ତି । ଏ ଅବସରରେ ନୀତା ଅମ୍ବାନୀ କହିଛନ୍ତି ଯେ, ସେ ରିଲାଏନ୍ସ ଫାଉଣ୍ଡେଶନକୁ ପ୍ରତିନିଧିତ୍ୱ କରନ୍ତି। ଯାହା ମାଧ୍ୟମରେ ୭ କୋଟିରୁ ଅଧିକ ଲୋକଙ୍କ ସଂସ୍ପର୍ଶରେ ଆସିପାରିଛନ୍ତି। ସେହିପରି ୟୁଏସ୍ଆଇଏସ୍ପିଏଫ ଏକ ବିବୃତି ଜାରି କରି କହିଛି ଯେ, ନୀତା ଅମ୍ବାନୀ ସାମାଜିକ କାର୍ଯ୍ୟରେ ସକ୍ରିୟ ଭାବରେ ଜଡ଼ିତ ରହିଥିବା ଜଣେ ବିଜ୍‌ନେସ ଲିଡର । ତାଙ୍କ ନେତୃତ୍ୱରେ ରିଲାଏନ୍ସ ଫାଉଣ୍ଡେଶନ ଶିକ୍ଷା, କଳା, କ୍ରୀଡା ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନ ସହ ମହିଳା ସଶକ୍ତୀକରଣ ଓ ଶିଶୁ ସୁରକ୍ଷା ଦିଗରେ କାର୍ଯ୍ୟ କରୁଛନ୍ତି। ୟୁଏସ୍ଆଇଏସ୍ପିଏଫ କଳା ଏବଂ ସଂସ୍କୃତିରେ ନୀତା ଅମ୍ବାନୀଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିବାରୁ ନିକଟରେ ସେ ନ୍ୟୁୟର୍କର ମେଟ୍ରୋପଲିଟାନ ମ୍ୟୁଜିୟମ ଅଫ୍ ଆର୍ଟ ବୋର୍ଡରେ ସମ୍ମାନିତ ଟ୍ରଷ୍ଟି ଭାବରେ ମନୋନୀତ ହୋଇଥିଲେ । ଗତ ବର୍ଷ ମୁମ୍ବାଇରେ ନୀତା ମୁକେଶ ଅମ୍ବାନୀ ସାଂସ୍କୃତିକ କେନ୍ଦ୍ର (ଏନ୍ଏମଏସିସି) ଶୁଭାରମ୍ଭ କରାଯାଇଥିଲା, ଯାହାକୁ ଅନେକ ପ୍ରଶଂସା ମିଳିଥିଲା। ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ରେ ଭାରତର ପ୍ରତିନିଧି ଭାବରେ ନୀତା ଅମ୍ବାନୀ ସଫଳତାର ସହ ଭାରତୀୟ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେଇଥିଲେ, ଯାହା ଚାରି ଦଶନ୍ଧି ପରେ ଭାରତରେ ୧୪୧ତମ ଆଇଓସି ଅଧିବେଶନ ଆୟୋଜନ କରିବାର ଅଧିକାର ଜିତିଥିଲା । ଅକ୍ଟୋବର ୨୦୨୩ରେ ମୁମ୍ବାଇରେ ଏହି ଅଧିବେଶନ ସଫଳତାର ସହିତ ଅନୁଷ୍ଠିତ ହୋଇଥିଲା। ଏହାଦ୍ୱାରା ୨୦୩୬ ରେ ଅଲିମ୍ପିକ ଖେଳ ଆୟୋଜନ କରିବା ନେଇ ଆଶା କରାଯାଉଛି। ୟୁଏସଆଇଏସପିଏଫ ଅଧ୍ୟକ୍ଷ ଜନ ଚାମ୍ବରସ ନୀତା ଅମ୍ବାନୀଙ୍କୁ ପ୍ରଦାନ କରାଯାଇଥିବା ପୁରସ୍କାର ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଯେଉଁମାନେ ଜୀବନରେ ସଫଳ ହୋଇଛନ୍ତି ସେମାନଙ୍କ ପାଇଁ ଅନ୍ୟମାନଙ୍କୁ ସଫଳ ହେବାରେ ସାହାଯ୍ୟ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହିପରି ଜଣେ ବ୍ୟକ୍ତିତ୍ୱ ହେଉଛନ୍ତି ନୀତା ଏମ ଅମ୍ବାନୀ। ସେ ରିଲାଏନ୍ସ ଫାଉଣ୍ଡେଶନରେ କଳା, କ୍ରୀଡା, ସଂସ୍କୃତି ଏବଂ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି ।




## ଟିଭିଏସ୍ ଆଇକ୍ୟୁବ୍ କିଣିଲେଣି ୨ ଲକ୍ଷ ଗ୍ରାହକ

ଭୁବନେଶ୍ୱର,୩୧।୧୦

ଅଗ୍ରଣୀ ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ଭୁବନେଶ୍ୱରରେ ମେଗା ଡେଲିଭରି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦିନକରେ ୨୦୦ ଟିଭିଏସ୍ ଆଇକ୍ୟୁବ୍ ଇଲେକ୍ଟ୍ରିକ୍ ସ୍କୁଟର ଗ୍ରାହକମାନଙ୍କୁ ହସ୍ତାନ୍ତର କରାଯାଇଛି। ୨୦୨୦ରେ ଟିଭିଏସ୍ ଆଇକ୍ୟୁବ୍ ଜରିଆରେ ଟିଭିଏସ୍ ମୋଟର କମ୍ପାନୀ ଇଲେକ୍ଟ୍ରିକ୍ ଗମନାଗମନ କ୍ଷେତ୍ରରେ ପ୍ରବେଶ କରିଥିଲା। ପ୍ରତି ମାସରେ ଅଭିବୃଦ୍ଧି ସହ ଟିଭିଏସ୍ ଆଇକ୍ୟୁବ୍‌ର ଦୁଇ ଲକ୍ଷରୁ ଅଧିକ ଗ୍ରାହକ ସୃଷ୍ଟି ହୋଇଛନ୍ତି। ସେଥିମଧ୍ୟରୁ ୧ ଲକ୍ଷ ଗ୍ରାହକ ଗତ ୬ ମାସରେ ଯୋଡ଼ି ହୋଇଛନ୍ତି। ବର୍ତ୍ତମାନ ସାରା ଭାରତରେ ଥିବା ୨୧୭ଟି ସହରର ୩୫୮ଟି ଡିଲରଶିପ୍‌ରେ ଟିଭିଏସ୍ ଆଇକ୍ୟୁବ୍ ଉପଲବ୍ଧ ହୋଇଛି। ଦୁଇ ଲକ୍ଷ ବିକ୍ରି ମାଇଲଖୁଣ୍ଟ ହାସଲ ଲାଗି ଟିଭିଏସ୍ ଆଇକ୍ୟୁବ୍ ଉପରେ ୧୦ ହଜାର ଟଙ୍କା ଛାଡ଼ ପର୍ଯ୍ୟନ୍ତ ଅଫର ଘୋଷଣା କରାଯାଇଛି।

# ତନିଷ୍କର 'ଧରୋହର କଲେକ୍ସନ'



ଭୁବନେଶ୍ୱର,୩୧।୧୦

### ଗହଣାରେ ଭାରତୀୟ ପରମ୍ପରାର ଛାପ

କାନଫୁଲ ହେଉ କି ହାର, ଚୁଡ଼ି ସବୁଥିରେ ଭାରତର ଐତିହ୍ୟ ଓ କାଳଜୟୀ ପରମ୍ପରା ଦେଖିବାକୁ ମିଳିବ। ଦୀପାବଳି ଅବସରରେ ଦେଶର ଅନ୍ୟତମ ଅଗ୍ରଣୀ ଗହଣା ପ୍ରତିଷ୍ଠାନ ତନିଷ୍କ ଗ୍ରାହକଙ୍କ ପାଇଁ 'ଧରୋହର' କଲେକ୍ସନ ପ୍ରସ୍ତୁତ କରିଛି। ଏଥିରେ ସୁନ୍ଦର କଳାକୃତି ମାଧ୍ୟମରେ ତନିଷ୍କ ପୁରୁଣା ଏବଂ ନୂତନ ପରମ୍ପରା ମଧ୍ୟରେ ଏକ ସଂଯୋଗ ସୃଷ୍ଟି କରିବାକୁ ପ୍ରୟାସ କରାଯାଇଛି। ଏନେଇ ସୋମବାର ଭୁବନେଶ୍ୱରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ତନିଷ୍କର ବିଜନେସ୍ ଆସୋସିଏଟ୍ ଯୋଗେନ୍ଦ୍ର ହଂସ କହିଛନ୍ତି ଦେଶର ଏହି ପ୍ରମୁଖ ଗହଣା ପ୍ରତିଷ୍ଠାନ 'ଧରୋହର' କଲେକ୍ସନ ଜରିଆରେ ଐତିହ୍ୟ ଏବଂ ଅତୀତର ସେତୁ ମାଧ୍ୟମରେ ପିଢ଼ିମାନଙ୍କୁ ବାନ୍ଧୁଛି। ସେହିପରି ରିଜିଓନାଲ ବିଜ୍‌ନେସ୍ ମ୍ୟାନେଜର ଆଲୋକ ରଞ୍ଜନ କହିଛନ୍ତି, 'ଧରୋହର' କଲେକ୍ସନରେ ପ୍ଲେନ ଗୋଲ୍ଡ, ଭିଣ୍ଟେଜ ଏବଂ କୁନ୍ଦନ ଗହଣା ଡିଜାଇନ ରହିଛି। ମହିଳାମାନେ ଭାରତୀୟ ପରମ୍ପରାର ରକ୍ଷକ ହୋଇଥିବାବେଳେ ଏହି ଗହଣା ତାଙ୍କୁ ସ୍ୱତନ୍ତ୍ର ଲୁକ୍ ଦେବ। ଦକ୍ଷ କାରିଗରଙ୍କ ଦ୍ୱାରା ଏହି 'ଧରୋହର' କଲେକ୍ସନ ପ୍ରସ୍ତୁତ କରାଯାଉଛି। ଚଣ୍ଡକ ୱାର୍କ, ରାସ ରାୱା, ସୂକ୍ଷ୍ମ ତାରକସି କାମ ଦ୍ୱାରା 'ଧରୋହର' କଲେକ୍ସନର ପ୍ରତ୍ୟେକ ଗହଣାରେ ଭାରତୀୟ ପରମ୍ପରା ପ୍ରତିଫଳିତ ହେଉଛି। ଥପା ୱାର୍କ ସହ ଚୋକର, ନେକଲେସ୍ ତାରକସି ନେକଲେସ ସେଟ, କୁନ୍ଦନ କାର୍ଯ୍ୟରେ କ୍ଲାସିକ ସେଟ ବ୍ୟତୀତ ନେକଲେସ ସେଟ, ଚୁଡ଼ି, ବ୍ରେସଲେଟ୍ ଓ ହାତମୁଦି ମଧ୍ୟ ଏଥିରେ ରହିଛି।

# ଲାଲ୍‌ଚାନ୍ଦର କୌନ ବନେଗା ଲକ୍ଷପତି କାର୍ଯ୍ୟକ୍ରମ




ଭୁବନେଶ୍ୱର,୩୧।୧୦

ଲାଲ୍‌ଚାନ୍ଦର କୌନ ବନେଗା ଲକ୍ଷପତି ଲକି ଡ୍ର‌ର ତୃତୀୟ ଦିନରେ କଟକ ଷ୍ଟୋର୍ ପାଇଁ ଲକି ଡ୍ର କାର୍ଯ୍ୟକ୍ରମ କଟକ କ୍ଲବ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେତା ଭାବେ ଜଣେ କାର୍, ଦୁଇ ଜଣ ବାଇକ୍ ଜିତିଥିବା ବେଳେ ୮ ଜଣ ଲକ୍ଷପତି ହୋଇଛନ୍ତି। ରବିବାର କଟକ ଷ୍ଟୋର୍‌ର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଲାଲଚାନ୍ଦର ଫାଉଣ୍ଡର୍ ଚେୟାରମ୍ୟାନ୍ ସଞ୍ଜୟ ହଂସ, ଅଭିନେତା କୁନା ତ୍ରିପାଠୀ, ଆକାଶ ଦାସନାୟକ ଓ ଅଭିନେତ୍ରୀ ଭୂମିକା ଦାଶ ପ୍ରମୁଖ ଉପସ୍ଥିତ ରହି ବିଜେତାଙ୍କୁ ସମ୍ମାନିତ କରିଥିଲେ। ଏହି ଲକି ଡ୍ର ଉତ୍ସବରେ କଟକର ଅଚ୍ୟୁତାନନ୍ଦ ଆଚାର୍ଯ୍ୟ କାର୍ ଜିତିଥିଲାବେଳେ କଟକର ସଞ୍ଜୟ ରଥ ଓ ବି.ସି. ଜେନା ଗୋଟିଏ ଗୋଟିଏ ବାଇକ୍ ଜିତିଛନ୍ତି। ଏହାସହ ଅନୁଗୋଳର ସିଦ୍ଧି ସୌଜନ୍ୟ ସାହୁ, ଯାଜପୁରର ଜ୍ଞାନରଞ୍ଜନ ସାହୁ, କଟକର ପବିତ୍ର ମୋହନ ମହାନ୍ତି, ସେଖ୍ ମେହବୁବ ଅଲ୍ଲି, ସିମରନ ସ୍ୱାଇଁ, କେନ୍ଦୁଝରର ଶୁଭଲକ୍ଷ୍ମୀ ଓ ଜଗତସିଂହପୁରର ଦିଲୀପ କୁମାର ସାହୁ ଲକ୍ଷପତି ହୋଇଛନ୍ତି।

# 'ଦୁର୍ନୀତିକୁ ନା କୁହନ୍ତୁ, ଦେଶ ପ୍ରତି ସମର୍ପିତ ରୁହନ୍ତୁ'

### ପିଏନ୍‌ବି ପକ୍ଷରୁ ସଚେତନତା ସପ୍ତାହ

ଭୁବନେଶ୍ୱର,୩୧।୧୦

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଉଛି। ସତର୍କତା ସୋମବାର ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ପ୍ୟାନ୍ ଇଣ୍ଡିଆ ରେଟିଂ ଆଧାରରେ ପାଳନ କରାଯିବ। ଚଳିତ ବର୍ଷଏହି କାର୍ଯ୍ୟକ୍ରମର ବିଷୟବସ୍ତୁ 'ଦୁର୍ନୀତିକୁ ନା କୁହନ୍ତୁ, ଦେଶ ପ୍ରତି ସମର୍ପିତ ରୁହନ୍ତୁ' ରଖାଯାଇଛି। ପିଏନ୍‌ବି ବିକାଶ ହେଉଛି।

ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କର ଏକ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ, ଯେଉଁଥିରେ ବ୍ୟାଙ୍କର ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ବିକାଶମୂଳକ କାର୍ଯ୍ୟକ୍ରମ କରାଯାଇଥାଏ। ଏ ଅବସରରେ ପୁରୀ ଜିଲାର ଗୋପସ୍ଥିତ ଗଣେଶ୍ୱରପୁର ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ସ୍କୁଲ ବ୍ୟାଗ୍ ବଣ୍ଟନ କରାଯିବା ସହ ସ୍କୁଲକୁ ଏକ ୱାଟର ପ୍ୟୁରିଫାୟାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ପିଏନ୍‌ବି ଭୁବନେଶ୍ୱର ମଣ୍ଡଳର ମଣ୍ଡଳ ମୁଖ୍ୟ ଲକ୍ଷ୍ମୀକାନ୍ତ ମିଶ୍ର, ପିଏନ୍‌ବି ଗୋପ ଶାଖାର ଶାଖା ମୁଖ୍ୟ ସତ୍ୟନାରାୟଣ ଘଡେଇ, ସ୍କୁଲର ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଦୁର୍ନୀତି ନିବାରଣ ପାଇଁ ସମୂହ ଶପଥ ପାଠ କରିଥିଲେ।

**SUMMON**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK - 753014**
**O.A. No. 777 of 2022**

State Bank of India, S.A.R.B., 778, Saheed Nagar, BBSR - 751007 ...Applicant
Versus
Abu Afjal Khan ...Defendant

To,
**Abu Afjal Khan**, son of Abu Tahar Khan, At: L/95, Phase - I, Housing Board Colony, Near Masjid, Dumuduma, Bhubaneswar, District: Khurda, Odisha - 751019

**SUMMONS FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **OA No. 777 of 2022** in the Debts Recovery Tribunal, Cuttack for a recovery of **Rs.53,84,794/-** (Rupees Fifty Three Lakh Eighty Four Thousand Seven Hundred Ninety Four) only together with current and future interest, costs and other reliefs. You are directed to appear before this Tribunal in person or through authorized agent in support of your defence to show cause within **30 days** from the date of publication or on **01/12/2023 at 10.30 A.M.** as to why reliefs prayed for should not be granted.

In case of default the application will be heard and determined in his absence.

Given under my hand and seal of this Tribunal on this the **11th day of October, 2023.**

Sd/- (Mr. Nikhila Ranjan Pati)
Registrar
Debts Recovery Tribunal, Cuttack

**ସତର୍କତା ଜାଗରଣ ସପ୍ତାହ**
30 ଅକ୍ଟୋବର ଠାରୁ 5 ନଭେମ୍ବର, 2023
"ଭ୍ରଷ୍ଟାଚାରକୁ ବିରୋଧ କରନ୍ତୁ, ରାଷ୍ଟ୍ର ପ୍ରତି ସମର୍ପିତ ରୁହନ୍ତୁ"

➤ ଉପଭୋକ୍ତାମାନଙ୍କୁ ନିବେଦନ ➤

➤ ଦୟାକରି ବୈଧ ଶୁଳ୍କଠାରୁ କୌଣସି ଅଧିକ ଶୁଳ୍କ ଦିଅନ୍ତୁ ନାହିଁ।
➤ ଦୟାକରି ଆପଣମାନଙ୍କ ଦ୍ୱାରା କରାଯାଇଥିବା ଶୁଳ୍କ ପୈଠର ରସିଦ୍/ଟିକଟ ମାଗି ନିଅନ୍ତୁ।
➤ ରେଳବାଇର କୌଣସି କର୍ମଚାରୀଙ୍କ ଦ୍ୱାରା ଲାଞ୍ଚମାଗିବା କିମ୍ବା ଭ୍ରଷ୍ଟାଚାରରେ ସଂଯୁକ୍ତ ହେବା ଜାଣିବା ପରେ ଦୟାକରି ନିଜର ଅଭିଯୋଗ ବରିଷ୍ଠ ଉପ ମହାପ୍ରବନ୍ଧକ (SDGM), ପୂର୍ବ ତଟ ରେଳପଥ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-751017, ଦୂରଭାଷ ନଂ.: 0674-2300230, ଫ୍ୟାକ୍ସ ନଂ.: 0674-2301328, ଏବଂ ଇ-ମେଲ୍ ଆଇଡି: sdgm@ecor.railnet.gov.in ଙ୍କ ନିକଟକୁ ପଠାନ୍ତୁ।
➤ ଦୟାକରି ଅଭିଯୋଗରେ ଦସ୍ତଖତ କରନ୍ତୁ ଏବଂ ସମ୍ପୂର୍ଣ୍ଣ ଠିକଣା ଉଲ୍ଲେଖ କରନ୍ତୁ। ଇ-ମେଲ୍ ଦ୍ୱାରା କରାଯାଇଥିବା ଅଭିଯୋଗରେ ସମ୍ପୂର୍ଣ୍ଣ ଡାକ ଠିକଣା ସହିତ ଗୋଟିଏ ସ୍ୱ-ହସ୍ତାକ୍ଷରିତ ନକଲ ସଲଗ୍ନ ହେବା ଅନିବାର୍ଯ୍ୟ ଅଟେ।
➤ ଯଦି ଆପଣ ନିଜର ନାମ ଗୋପନୀୟ ରଖିବାକୁ ଚାହୁଁଛନ୍ତି, ତେବେ ଦୟାକରି ଅଭିଯୋଗପତ୍ରରେ ଏହା ଉଲ୍ଲେଖ କରନ୍ତୁ ଏବଂ ଗୋଟିଏ ଜଉମୁଦା/ସୁରକ୍ଷିତ ଲଫାଫାରେ ନିଜର ଅଭିଯୋଗପତ୍ରକୁ ସଚିବ, କେନ୍ଦ୍ରୀୟ ସତର୍କତା ଆୟୋଗ, ସତର୍କତା ଭବନ, ବ୍ଲକ୍ - "ଏ", ଜିପିଓ କମ୍ପ୍ଲେକ୍ସ, ଆଇଏନ୍ଏ, ନୂଆଦିଲ୍ଲୀ-110023କୁ ସମ୍ବୋଧିତ କରି ପଠାନ୍ତୁ। ଲଫାଫା ଉପରେ "ଜନହିତ ପ୍ରକଟିକରଣ ଏବଂ ସୂଚନାକାରୀଙ୍କ ସୁରକ୍ଷା ଅଧୀନରେ ଅଭିଯୋଗ" କିମ୍ବା "PIDPI" ସ୍ପଷ୍ଟ ଭାବେ ଲେଖାଯିବା ଆବଶ୍ୟକ।
➤ ଯଦି ଆପଣଙ୍କ ନିକଟରେ ରେଳବାଇରେ ଭ୍ରଷ୍ଟାଚାର ବିଷୟରେ କୌଣସି ଅଭିଯୋଗ ଥାଏ, ତେବେ ଆପଣ ସତର୍କତା ହେଲ୍ପଲାଇନ୍ ନଂ. 8455885031କୁ ଫୋନ କରି ସୂଚନା ଦେଇପାରିବେ।।

ସତର୍କତା ହେଲ୍ପଲାଇନ୍ ନଂ. 8455885031
ପୂର୍ବ ତଟ ରେଳପଥ
www.eastcoastrail.indianrailways.gov.in
PR-707/O/23-24

# ଶପିଂ ପାଇଁ 'ରିଲାଏନ୍ସ ଏସ୍‌ବିଆଇ କାର୍ଡ'

ଭୁବନେଶ୍ୱର,୩୧।୧୦

ରିଲାଏନ୍ସ ରିଟେଲ ଏବଂ ଏସ୍‌ବିଆଇ କାର୍ଡ ପକ୍ଷରୁ ମିଳିତ ଭାବେ 'ରିଲାଏନ୍ସ ଏସ୍‌ବିଆଇ କାର୍ଡ' କ୍ରେଡିଟ୍ କାର୍ଡ ଲଞ୍ଚ ହେବାକୁ ଯାଉଛି। ଏହି କାର୍ଡଧାରୀମାନେ ଫ୍ୟାଶନ୍, ଲାଇଫ୍ ଷ୍ଟାଇଲ୍, ଗ୍ରୋସେରୀ, ଫାର୍ମା, ଫର୍ନିଚର, ଗହଣା ଆଦି କିଣାକିଣିଠାରୁ ଆରମ୍ଭ କରି ଅନ୍ୟାନ୍ୟ କ୍ଷେତ୍ରରେ ଉପଯୋଗ କରି ଲାଭାନ୍ୱିତ ହୋଇପାରିବେ। ତେବେ ଉଭୟ ଏସବିଆଇ କାର୍ଡ ଓ ରିଲାଏନ୍ସ ସହଭାଗିତାରେ ରିଲାଏନ୍ସ ଏସ୍‌ବିଆଇ କାର୍ଡ ଓ ରିଲାଏନ୍ସ କାର୍ଡ ପ୍ରାଇମ୍ ପୃଥକ୍ ପୃଥକ୍ ଭାବେ ପ୍ରସ୍ତୁତ କରାଯାଇଛି। ଏ ଅବସରରେ ରିଲାଏନ୍ସ ରିଟେଲ ଲିମିଟେଡ୍‌ର ନିର୍ଦ୍ଦେଶକ ଭି. ସୁବ୍ରମନିୟମ କହିଛନ୍ତି, ଶପିଂ କ୍ଷେତ୍ରରେ ଗ୍ରାହକଙ୍କୁ ସ୍ୱତନ୍ତ୍ର ଅନୁଭୂତି ଦେବା ପାଇଁ ରିଲାଏନ୍ସ ରିଟେଲ ସର୍ବଦା ପ୍ରୟାସ କରି ଆସିଥାଏ। ଗ୍ରାହକଙ୍କୁ ଅଧିକ ସୁବିଧା ପ୍ରଦାନ ପାଇଁ ଏହି କାର୍ଡ ମାଧ୍ୟମରେ ରିଲାଏନ୍ସ ରିଟେଲ ଆଉ ପାଦେ ଆଗେଇଥିବା ସୁବ୍ରମନିୟମ୍ କହିଛନ୍ତି। ସେହିପରି ଏସ୍‌ବିଆଇ କାର୍ଡର ପରିଚାଳନା ନିର୍ଦ୍ଦେଶକ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଜିତ ଚକ୍ରବର୍ତ୍ତୀ କହିଛନ୍ତି ଯେ, ରିଲାଏନ୍ସ ଏସ୍‌ବିଆଇ କାର୍ଡକୁ ଏକ ସାମଗ୍ରିକ ଉତ୍ପାଦ ଭାବରେ ବିକଶିତ କରାଯାଇଛି । ଏହା ସର୍ବଭାରତୀୟ ସ୍ତରରେ ଏକ ଲୋକପ୍ରିୟ କ୍ରେଡିଟ୍ କାର୍ଡ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ରିଲାଏନ୍ସ ଏସ୍‌ବିଆଇ କାର୍ଡ ପ୍ରାଇମ ପାଇଁ ବାର୍ଷିକ ନବୀକରଣ ଶୁଳ୍କ ୨୯୯୯ଟଙ୍କା ସହ ଟ୍ୟାକ୍ସ ଏବଂ ରିଲାଏନ୍ସ ଏସ୍‌ବିଆଇ କାର୍ଡ ପାଇଁ ବାର୍ଷିକ ନବୀକରଣ ଶୁଳ୍କ ୪୯୯ ଟଙ୍କା ରହିଛି।

# ଭୁଟାନ୍ ରାଜାଙ୍କୁ ଭେଟିଲେ ଇମ୍ପା ଏମ୍‌ଡି

ଭୁବନେଶ୍ୱର,୩୧।୧୦
(ଅନୁରାଧା ମହାରଣା)

ଫିକି ସଭାପତି ତଥା ଇମ୍ପାର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଶୁଭ୍ରକାନ୍ତ ପଣ୍ଡାଙ୍କ ନେତୃତ୍ୱରେ ଏକ ବ୍ୟବସାୟିକ ପ୍ରତିନିଧି ଦଳ ଗତ ସପ୍ତାହ ଭୁଟାନ ଗସ୍ତ କରିଛନ୍ତି। ଏହି ପ୍ରତିନିଧି ଦଳ ଭୁଟାନ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭୁଟାନର ରାଜା ଜିଗମେ ଖେସର ନାମଗେଲ ୱାଙ୍ଗଚୁକ୍ ଏବଂ ପ୍ରଧାନମନ୍ତ୍ରୀ ଡ. ଲୋଟେ ଶେରିଙ୍ଗଙ୍କ ସହିତ ଭୁଟାନ ରାଜକୀୟ ସରକାରଙ୍କ ବରିଷ୍ଠ ଅଧିକାରୀ ଓ ପ୍ରମୁଖ ଶିଳ୍ପପତିଙ୍କୁ ସାକ୍ଷାତ କରିଛନ୍ତି। ଏ ଅବସରରେ ବିଭିନ୍ନ ବ୍ୟବସାୟିକ ଦିଗ ଉପରେ ଆଲୋଚନା କରାଯାଇଛି। ଏହାସହିତ ରାଷ୍ଟ୍ରଦୂତ ସୁଧାକର ଡାଲେଲା ଥିମ୍ପୁଠାରେ ଅବସ୍ଥିତ ଭାରତୀୟ ଦୂତାବାସରେ ଉକ୍ତ ପ୍ରତିନିଧି ଦଳକୁ ଭବ୍ୟ ସ୍ୱାଗତ କରିଥିଲେ। ଏହି ଗସ୍ତ ଅବସରରେ ପଣ୍ଡା କହିଛନ୍ତି ଯେ, ଭାରତର ନିକଟତମ ପଡ଼ୋଶୀ ରାଷ୍ଟ୍ର ମଧ୍ୟରୁ ଭୁଟାନ ଅନ୍ୟତମ ପ୍ରମୁଖ ସହଯୋଗୀ ରାଷ୍ଟ୍ର ଓ ଫିକି ପକ୍ଷରୁ ବିଶେଷ ଭାବେ ଘରୋଇ କ୍ଷେତ୍ରରେ ଅଧିକରୁ ଅଧିକ ବିଜ୍‌ନେସ୍ ଟୁ ବିଜ୍‌ନେସ୍ ଏନ୍‌ଗେଜ୍‌ମେଣ୍ଟ ପାଇଁ ସହାୟତା ଯୋଗାଇ ଦିଆଯିବ। ଅନ୍ୟମାନଙ୍କ ମଧ୍ୟରେ ଏହି ପ୍ରତିନିଧି ଦଳରେ ଫିକିର ଉପସଭାପତି ହର୍ଷବର୍ଦ୍ଧନ ଅଗ୍ରୱାଲ ଏବଂ ସାଧାରଣ ସମ୍ପାଦକ ଶୈଳେଶ ପାଠକ ସାମିଲ ଥିଲେ।



## କାନାରା ବ୍ୟାଙ୍କ୍‌ର ସ୍ୱଚ୍ଛତା କାର୍ଯ୍ୟକ୍ରମ

ଭୁବନେଶ୍ୱର, ୩୧।୧୦

କାନାରା ବ୍ୟାଙ୍କ୍‌ର ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ 'ଫିଟ୍ ଇଣ୍ଡିଆ ସ୍ୱଚ୍ଛତା ଫ୍ରିଡମ୍ ରନ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବ୍ୟାଙ୍କ୍‌ର ମହାପ୍ରବନ୍ଧକ ତଥା ଅଞ୍ଚଳ ମୁଖ୍ୟ ଜଗଦୀଶ ଚନ୍ଦର ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ୟାଙ୍କ୍‌ର ଉପ-ମହାପ୍ରବନ୍ଧକ ପି ଠାକୁର ନାୟକ, ସହାୟକ ମହାପ୍ରବନ୍ଧକ ରୁଦ୍ରାଚାରୀ, ସହାୟକ ମହାପ୍ରବନ୍ଧକ ଅଶୋକ କୁମାର ମେହେର, ମଣ୍ଡଳ ପ୍ରବନ୍ଧକ ସନ୍ତୋଷ ରଥ ଏବଂ ମଣ୍ଡଳ ପ୍ରବନ୍ଧକ ବେଦବ୍ୟାସ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। 'ସ୍ୱଚ୍ଛ ଭାରତ, ସୁସ୍ଥ ଭାରତ'ର ବାର୍ତ୍ତା ପ୍ରଚାରପ୍ରସାର ପାଇଁ ଓଡ଼ିଶାର ୫ଟି କ୍ଷେତ୍ର ପକ୍ଷରୁ ଏହିପରି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

**झारखण्ड सरकार**
**ग्रामीण कार्य विभाग, मुख्य अभियंता का कार्यालय**
**102, द्वितीय तल्ला, अभियंत्रण भवन, कचहरी रोड, राँची**

**ई–अल्पकालीन पुनर्निविदा आमंत्रण सूचना**

ई–अल्पकालीन पुनर्निविदा संख्या:- **242/RIII/2023-24/RWD/JAMSHEDPUR** दिनांक :- **31.10.2023**

मुख्य अभियंता, ग्रामीण कार्य विभाग, झारखण्ड, राँची द्वारा निम्न विवरण के अनुसार e-procurement पद्धति से पैकेज के रूप में निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या / पैकेज संख्या | कार्य का नाम | प्राक्कलित राशि (रूपये में) | | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| | | | अंक में | अक्षर में | | |
| 1. | RWD/JAMSHEDPUR/24/SRPKG-04/2022-23 | (i) पटमदा कटिन पीडब्लुडी रोड रंगाटॉड से काशीडीह भाया सुन्दरपुर तीन सिमांग तक पथ का विशेष मरम्मति कार्य (लं– 4.000 कि0मी0)<br>(ii) सुंदरपुर तीन सिमान से चौड़ा घाघरा पश्चिम बंगाल बॉर्डर तक पथ का विशेष मरम्मति कार्य (लं– 8.600 कि0मी0)<br>(iii) भुयासीनन डोरेन सिंह मुंडा चौक से लयालम तक पथ का विशेष मरम्मति कार्य (लं– 2.200 कि0मी0) | 6,50,14,100.00 | छः करोड़ पचास लाख चौदह हजार एक सौ रू0 मात्र | 09 माह | चतुर्थ |

2. वेबसाईट में निविदा प्रकाशन की तिथि:– **10.11.2023**
3. ई–निविदा प्राप्ति की अंतिम तिथि एवं समय:– **23.11.2023** अपराह्न 5.00 बजे तक।
4. निविदा खोलने की तिथि एवं समय:– **24.11.2023** अपराह्न 3.30 बजे।
5. निविदा आमंत्रित करने वाले पदाधिकारी का नाम एवं पता:– मुख्य अभियंता, ग्रामीण कार्य विभाग, 102, द्वितीय तल्ला, अभियंत्रण भवन, कचहरी चौक, राँची, झारखण्ड, पिन– 834001
6. ई–निविदा प्रकोष्ठ का दूरभाष सं0– 0651–2913010

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

नोडल पदाधिकारी
ई–प्रोक्युर्मन्ट सेल
PR 310279 (Rural Work Department) 23-24 (D)

**GOVERNMENT OF ODISHA**
**DEPARTMENT OF P.R. & D.W.**
**OFFICE OF THE PANCHAYAT SAMITI, TALCHER**
**INVITATION FOR BIDS (IFB)**
**IDENTIFICATION No. TAL-02/2023-24**
**E-mail: ori-talcher@nic.in**

The Block Development Officer, Talcher on behalf of PR & DW Department, Govt. of Odisha invites percentage of rates BID in Double Cover System from the work 1. Construction of Community Centre for Brahman Samaj of Talcher Town. 2. Renovation of Shiv Mandir at Village/G.P.: Kumunda from a Class of eligible bidders as mentioned in Column 4 (Four), reigstered with the State Government and Contractors of the equivalent Grade/Class registered with Central Government/ MES/Railways to be eventually drawn up in PWD P-I form, for execution of building (Civil Work). The proof of registration from the appropriate authority shall be enclosed along with the Bid. If successful the Bidder who has not registered under State Government has to register under the State PWD in appropriate class of eligibility before signing the Agreement.

1. The sale of BID documents will be started from Dt.30.10.2023 to 08.11.2023 upto 5 P.M.
2. The bid documents will be received through Speed Post/ Registered Post latest by 09.11.2023 upto 5 P.M.
3. The bid documents will be opened on 10.11.2023 at 11 A.M. till completion.
4. For other details you can visit the website **www.angul.nic.in** or in the Office of the BDO, Talcher during office hour.

**Sd./- Block Development Officer, Talcher**

**ODISHA STATE CIVIL SUPPLIES CORPORATION LTD**
C/2, Nayapalli, Bhubaneswar-12, www.oscsc.in
CIN : U51211OR1980OSGC000894
Tel.No.0674-239539, Fax No.0674-2395291

**Tender No.15989/P-II/96/2023/PDS** **Date : 31.10.2023**

Managing Director Odisha State Civil Supplies Corporation Ltd., invites tenders in Double Cover System through **ONLINE MODE ONLY** for the works below :

| | | |
|---|---|---|
| 1. | Name of the Work | Selection and appointment of handling and transport contractors for handling and transportation of Custom Milled Rice (CMR) from source district Bargarh to Recipient district Balasore through Rake in the State of Odisha. |
| 2. | Availability of bid document in the portal | From 01.11.2023 |
| 3. | Last Date/Time for receipt of bids in the portal | dt.08.11.2023 upto 5.00PM |
| 4. | Date/Time of Opening of Technical Bid | dt.09.11.2023 upto 11.00AM. |
| 5. | Name and address of the Officer Inviting Tender | Managing Director, OSCSC Ltd., C/2 Nayapalli, Bhubaneswar. |

Tender Documents and other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in.** Amendments/corrigendum/ cancellation/retenders etc. If any shall be published only in above websites.

**By Order of Managing Director**
**Sd./-**
**General Manager (PDS)**

**KEONJHAR CENTRAL CO-OPERATIVE BANK LTD.**
**AT/P.O.: KEONJHARGARH, KEONJHAR-758001 (Odisha)**
କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ
ସା.ପୋ.: କେନ୍ଦୁଝରଗଡ଼, କେନ୍ଦୁଝର- ୭୫୮୦୦୧ (ଓଡ଼ିଶା)
Telephone: (06766) 255183, 251745, Fax: 253137
Email: kendujharccb@gmail.com

No.KCCB/A&E/ 3542/2023-24 Date: 31.10.2023

**CORRIGENDUM**

In response to this office Notification No. KCCB: 3296/2023-24 Dated 10.10.2023 & No.KCCB: 3294/2023-24 Dated: 10.10.2023 the following correction in the Expression of Interest are made:
1. The last date of receipt of bid documents shifted to Date 15.11.2023, 5.00 P.M.
2. The date for opening of technical bid is rescheduled on Date 16.11.2023 at 11.00 A.M.

Sd./- Chief Executive Officer,
Keonjhar Central Co-op Bank Ltd., Keonjhar

**OFFICE OF THE PRINCIPAL CHIEF CONSERVATOR OF FORESTS, KENDU LEAVES, ODISHA**
Plot No. GD-2/12, 5th Floor, Aranya Bhawan, Chandrasekharpur, Bhubaneswar, PIN - 751023
Tel. Phone No.: 0674-2300916, E-mail Id: pccfkldak@gmail.com
Notice No. 90/3KL (WFA)22/2019
Dated, Bhubaneswar the 31 October, 2023

**ABRIDGED TENDER CALL NOTICE FOR HIRING OF PRIVATE VEHICLE**

Sealed tenders are invited from interested Vehicle Owners/ Travel Agencies for providing Zest/Tigor/Swift Dezire/Xcent/ Etios (Petrol) for official use on hiring in the Office of the Principal Chief Conservator of Forests, Kendu Leaves, Odisha on terms & conditions mentioned in the standard bidding document. Detailed terms & conditions can be collected from the O/o. the Principal Chief Conservator of Forest, (KL), Odisha. The last date of submission of the tender is 07.11.2023 upto 1.30 P.M. and to be opened on 08.11.2023 at 4.00 P.M.

Sd./- Assistant Chief Conservator of Forests, Kendu Leaves, Odisha

**EXPRESSION OF INTEREST**

No.PP-47:- "Expression of Interest" in sealed cover is hereby invited for allotment of **eight Food Stalls & two KIOSKs** available at Ekamra Haat, Bhubaneswar, Odisha.

For details of EOI, TOR etc. please visit the website: **www.sidacodisha.org.in**. The last date for submission of EOI in the Office of SIDAC, Handicrafts Complex, Gandamunda, Khandagiri, Bhubaneswar, Ph.: 0674-2350318 is upto 5.00 P.M. on 15.11.2023. The details of EOI will be available in the website w.e.f. 1.11.2023.

Sd./-
Member Secretary

**State Institute for Development of Arts & Crafts**
Handlooms, Textiles & Handicrafts Department, Govt. of Odisha
Handicrafts Complex, Gandamunda, Bhubaneswar- 751030
SIDAC Tel.No.+91 (0)674 2350318, E-mail: sidacorissa@gmail.com, www.sidacodisha.org.in
OIPR-31036/11/0020/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:.................................

ଜନ୍ମ ତାରିଖ: ............................



ଏସ୍.ଏନ୍ ଜାଗୃତି
ପରିବାରବର୍ଗ



ବାପୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧୪ରୁ ୧୮ ବ୍ଲକ୍ ଘେରିବ ଭାଜପା

ଭୁବନେଶ୍ୱର, ୩୧।୧୦(ସୁନିତ୍ ମିଶ୍ର)

ରାଜ୍ୟରେ ଦୁର୍ନୀତି, ଭ୍ରଷ୍ଟାଚାର, ମହିଳା ବିରୋଧୀ ହିଂସା ବଢ଼ିଯାଇଛି। ବର୍ତ୍ତମାନ ପଞ୍ଚାୟତ, ବ୍ଲକ, ଜିଲାସ୍ତରୀୟ ଅଫିସଠାରୁ ଲୋକସେବା ଭବନ ପର୍ଯ୍ୟନ୍ତ ସବୁଠି ପିସି କାରବାର ଚାଲିଛି। ଓଡ଼ିଶାରେ ବର୍ଷକୁ ୧ ଲକ୍ଷ କୋଟି ଟଙ୍କାର ଦୁର୍ନୀତି ହେଉଛି। ଆଉ ଏଠାରେ ସରକାର କେବଳ ବିଜ୍ଞାପନରେ ବଞ୍ଚିଛନ୍ତି। ୨ ମାସ ତଳେ ଭାଜପା ରାଜ୍ୟବ୍ୟାପୀ ସବୁ ପଞ୍ଚାୟତରେ ଦୁର୍ନୀତ ବିରୋଧରେ ଘେରାଉ କାର୍ଯ୍ୟକ୍ରମ କରିଥିଲା। ସାଧାରଣ ଲୋକଙ୍କ ଅଧିକାର ପାଇଁ ଦଳ ତରଫରୁ ଏହି ଲଢ଼େଇ ଜାରି ରହିବ। ଆସନ୍ତା ୧୪ରୁ ୧୮ ପର୍ଯ୍ୟନ୍ତ ୫ ଦିନ ରାଜ୍ୟର ସମସ୍ତ ବ୍ଲକ୍ ସମ୍ମୁଖରେ ଘେରାଉ କାର୍ଯ୍ୟକ୍ରମ କରାଯିବ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଖବରଦାତା ସମ୍ମିଳନୀରେ ମନମୋହନ କହିଛନ୍ତି, ଓଡ଼ିଶାରେ ସରକାରୀ ବିରୋଧୀ ଜନଆକ୍ରୋଶ ହେଉଛି ଆମ ପୁଞ୍ଜି। ରାଜ୍ୟରେ ପଞ୍ଚାୟତରୁ ନେଇ ବ୍ଲକ, ଜିଲାପାଳ ଅଫିସ ପର୍ଯ୍ୟନ୍ତ ଚାଲିଥିବା ୫୦% ପିସି କାରବାର ଭାଜପାର ମୁଖ୍ୟ ପ୍ରସଙ୍ଗ। ଏବେ ପଞ୍ଚାୟତରେ ସରପଞ୍ଚ ଓ ସମିତି ସଭ୍ୟଙ୍କ କ୍ଷମତାକୁ ହଡପ କରିନିଆଯାଇଛି। ଏସବୁ ଘଟଣାକୁ ନେଇ ଦଳ ପ୍ରତିବାଦ କରିବ ବୋଲି ମନମୋହନ କହିଛନ୍ତି।


## CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ADMISSION OPEN
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha

GNM
Duration : 3 Year, Eligibility : +2 Pass (Any Stream) 40% Mark

ANM
Duration : 2 Year, Eligibility : +2 Pass (Any Stream)

DMRT
DMLT
Duration : 2 Year, Eligibility : +2 Science

CBCA
Certified Blood Collection Assistant
Duration : 6 months, Eligibility : 10+

Stipend for SC/ST, OBC & SEBC
•Own Building •Hostel in Campus
•Transport facility•Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

BUSINESS
ଯୁବକ-ଯୁବତୀଙ୍କ ଆବଶ୍ୟକତା ରହିଛି। ଯେଉଁମାନେ ଘରେ ବସି ମୋବାଇଲ ଦ୍ୱାରା ପାର୍ଟ/ଫୁଲ୍ ଟାଇମ୍ କପି ପେଷ୍ଟ ୱାର୍କ କରିପାରିବେ।
ସୂଚନା ପାଇଁ ମିସ୍‌କଲ୍ କରନ୍ତୁ-
02240375702


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


୧୭ତମ ଜନ୍ମଦିନ ଶୁଭେଚ୍ଛା



ଶାଶ୍ୱତ ଚନ୍ଦ୍ର ନାଥ (ବାପୁନି)
ଅଁଳୋ, କଟକ
ଆଜି ତୋର ୧୭ତମ ଜନ୍ମ ବାର୍ଷିକ ଉପଲକ୍ଷେ ମା' ଶାରଳାଙ୍କ ନିକଟରେ ପ୍ରାର୍ଥନା କରୁଛୁ ଯେ, ତୋର ଚଲାପଥ ଉଜ୍ଜ୍ୱଳମୟ ଓ କୁସୁମିତ ହେଉ।
ଶୁଭେଚ୍ଛା ସହ:- ଜେଜେବାପା, ଜେଜେମାଆ, ଆଈ, ପିଉସା, ପିଉସୀ, ବାବା, ମାମା, ମାମୁ, ମାଇଁ, ଟୁଇଁଦିଦି, ଗୁଡୁଭାଇ ଏବଂ ସମସ୍ତ 'ନାଥ' ପରିବାରବର୍ଗ।
ଧ-୧୬୯୪


# ସ୍କିଲ୍ ଜୀବନରେ ମିଶନ ହେଉ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୩୧।୧୦
(ସୁନିତ୍ ମିଶ୍ର)



ସ୍କିଲ୍‌କୁ ଜୀବନରେ ମିଶନ ଭାବେ ଗ୍ରହଣ କରିବା ଦରକାର। ଏହି ମିଶନ ସୀମିତ ସମୟ ପାଇଁ ନୁହେଁ ବରଂ ଜୀବନବ୍ୟାପୀ ଗ୍ରହଣ କରିବା ଦରକାର ବୋଲି ମଙ୍ଗଳବାର ରାଷ୍ଟ୍ରୀୟ ଏକତା ଦିବସ ଅବସରରେ 'ମହାତ୍ମା ଗାନ୍ଧୀ ଜାତୀୟ ଫେଲୋଶିପ୍‌ର ସମାବର୍ତ୍ତନ ସମାରୋହ'ରେ ଭୁବନେଶ୍ୱରରୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଯୋଡ଼ି ହୋଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ଜାତୀୟ ଶିକ୍ଷା ନୀତିରେ ସ୍କିଲିଂ ଇକୋସିଷ୍ଟମ୍‌ରେ କ୍ରେଡିଟ୍ ଫ୍ରେମୱାର୍କରେ ମ୍ୟାପିଂ କରାଯିବାର ବ୍ୟବସ୍ଥା ହୋଇଛି। ସାର୍ଟିଫିକେଟରେ ଅନୁଭବ ଓ ପ୍ରଦର୍ଶନ ଅନୁସାରେ କ୍ରେଡିଟ୍ ଦିଆଯାଇଛି। ଏହା ଦେଶର ପ୍ରଥମ କ୍ରେଡିଟ୍ ଆୱାର୍ଡିଂ ମେକାନିଜମ୍। ତେଣୁ ସମସ୍ତେ ଜୀବନରେ ସ୍କିଲ୍‌କୁ ମିଶନ କରିବା ଦରକାର। ଦେଶରେ ବର୍ତ୍ତମାନ ବାତାବରଣ ପରିବର୍ତ୍ତନ ହେଉଛି। ୨୦୧୭-୧୮ରେ ଦେଶରେ ୬% ବେରୋଜଗାରୀ ତୁଳନାରେ ୨୦୨୨-୨୩ରେ ଏହା ହ୍ରାସ ପାଇ ୩.୨%ରେ ପହଞ୍ଚିଛି। କର୍ମକ୍ଷେତ୍ରରେ ଶ୍ରମବଳ ଓ ମହିଳା ଭାଗୀଦାରି ବୃଦ୍ଧି ପାଉଛି। ଏହି ଶ୍ରମବଳକୁ ସ୍କିଲିଂ, ରି- ସ୍କିଲିଂ ଏବଂ ଅପ ସ୍କିଲିଂ କରାଇବା ପାଇଁ ହେବ। ଜି-୨୦ରେ ପ୍ରଧାନମନ୍ତ୍ରୀ ଗ୍ଲୋବାଲ ସ୍କିଲ୍ ଗ୍ୟାପର ମ୍ୟାପିଂ କଳ୍ପନା କରିଛନ୍ତି। ଭାରତ ବିଶ୍ୱର ଦକ୍ଷତା ମାନବ ସମ୍ବଳର ପେଣ୍ଠସ୍ଥଳୀ ହେଉ, ଏହା ଆମର କଳ୍ପନା ରହିଛି। ଦେଶରେ ଡିଜିଟାଲ ଭିତ୍ତିଭୂମି, ଷ୍ଟାର୍ଟଅପ୍ ନୂଆ ନୂଆ ରୂପ ନେଉଛି। ଉର୍ଜା ବ୍ୟବହାରରେ ଭାରତ ବିଶ୍ୱରେ ୩ୟ ସର୍ବବୃହତ୍ ରାଷ୍ଟ୍ର। ଦେଶରେ ଅକ୍ଷୟ ଉର୍ଜା ସହ ବିକଳ୍ପ ଉର୍ଜା ଆସୁଥିବା ବେଳେ ଗ୍ଲୋବାଲ୍ ବାୟୋ-ଫୁଏଲ ଆଲାଏନ୍ସର କଳ୍ପନା ହୋଇଛି। ୱେଷ୍ଟ ଟୁ ୱେଲଥ୍ ଏକ ପ୍ରକାର ମଡେଲ ହୋଇଛି। ସ୍କିଲିଂ କ୍ଷେତ୍ରରେ କୌଳିକ ବୃତ୍ତିଧାରୀଙ୍କୁ ସ୍କିଲ୍‌ଡ କରିବା ପାଇଁ ପିଏମ୍ ବିଶ୍ୱକର୍ମା ଭଳି ଯୋଜନା ଆରମ୍ଭ ହୋଇଛି। ପରମ୍ପରାଗତ ସ୍କିଲିଂଠାରୁ ଏକବିଂଶ ଶତାବ୍ଦୀ ସହ ଭବିଷ୍ୟତ ସ୍କିଲିଂକୁ ମ୍ୟାପି କରିବା ଦରକାର ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଶସ୍ତାରେ ପିଆଜ ବିକିଲା ଛାତ୍ର କଂଗ୍ରେସ

ଭୁବନେଶ୍ୱର, ୩୧।୧୦
(ସୁନିତ୍ ମିଶ୍ର)



କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ବାସଭବନ ଆଗରେ ଛାତ୍ର କଂଗ୍ରେସ କର୍ମକର୍ତ୍ତା ଶସ୍ତାରେ ପିଆଜ ବିକ୍ରି କରୁଛନ୍ତି।

ପିଆଜ ଦର ଅହେତୁକ ବୃଦ୍ଧି ପ୍ରତିବାଦରେ ମଙ୍ଗଳବାର ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ରାଜ୍ୟ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସରକାରୀ ବାସଭବନକୁ ଘେରାଉ କରାଯାଇଥିଲା। ଏଥିସହ କୃଷିମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଛାତ୍ର କଂଗ୍ରେସ କର୍ମକର୍ତ୍ତା କିଲୋ ପ୍ରତି ୨୦ ଟଙ୍କା ଦରରେ ପିଆଜ ବିକ୍ରି କରିଥିଲେ। ରାସ୍ତାରେ ଯାଉଥିବା ଲୋକେ ମଧ୍ୟ ପିଆଜ କିଣୁଥିବା ଦେଖିବାକୁ ମିଳିଥିଲା। ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଶିଶୁ ଭବନ ଛକଠାରୁ ଏକ ରାଲି କୃଷିମନ୍ତ୍ରୀଙ୍କ ବାସଗୃହ ପର୍ଯ୍ୟନ୍ତ ଆସିଥିଲା। ସେଠାରେ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଏହି ଅବସରରେ ୟାସିର କହିଛନ୍ତି, ଦୁଇ ପାଖୁଡ଼ା ପିଆଜ ହେଲେ ଜଣେ ଓଡ଼ିଆ ଦୁଇ ମୁଠା ପଖାଳ ଖାଇଥାଏ। ମାତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଜ୍ୟ ସରକାର ଓ ରାଜ୍ୟ କୃଷି ମନ୍ତ୍ରୀଙ୍କ ପାଇଁ ବର୍ତ୍ତମାନ ପିଆଜ ଦର ଆକାଶ ଛୁଆଁ ହୋଇଛି। ଲୋକଙ୍କୁ ପିଆଜ ଏବେ କନ୍ଦାଇଲାଣି। ଏହାର ଜବାବ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦିଅନ୍ତୁ। କେବେ ଟମାଟୋ କିଲୋପ୍ରତି ୩ ଶହ ଟଙ୍କା ହେଉଛି ତ କେବେ ପିଆଜ ଦର ୧୦୦ ଟଙ୍କା ଛୁଇଁଲାଣି। ଏବେ ବଜାରରେ ପିଆଜ ଦର ୮୦ ଟଙ୍କାରେ ପହଞ୍ଚିଛି। ଦର ନିୟନ୍ତ୍ରଣ ପାଇଁ କେନ୍ଦ୍ର ବା ରାଜ୍ୟ ସରକାରଙ୍କ କୌଣସି ଆନ୍ତରିକତା ନାହିଁ। ଓଡ଼ିଶାରେ ପିଆଜ ଚାଷୀଙ୍କୁ ପ୍ରୋତ୍ସାହନ ମିଳୁନାହିଁ। ୨୦୧୫ରେ ରାଜ୍ୟ ସରକାର ପିଆଜ ମିଶନ କଲେ। ଏଥିରେ ୧୨ କୋଟି ୧୨ ଲକ୍ଷ ଟଙ୍କା ବ୍ୟୟବରାଦ ହେଲା। ମାତ୍ର ଏବେ ସେହି 'ପିଆଜ ମିଶନ' କୁଆଡ଼େ ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଅନେକ କ୍ଷେତ୍ରରେ ପିଆଜର କଳାବଜାର କରାଯାଉଛି। ଏଣୁ ଓଡ଼ିଶା ପିଆଜ ପାଇଁ ମହାରଷ୍ଟ୍ର, କର୍ନାଟକ, ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶ ଉପରେ ନିର୍ଭର କରୁଛି। ତୁରନ୍ତ ପିଆଜ ଦର ଖସାଇବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ପ୍ରଦେଶ ଛାତ୍ର କଂଗ୍ରେସ ଦାବି କରୁଛି ବୋଲି ୟାସିର କହିଛନ୍ତି।

### କୃଷିମନ୍ତ୍ରୀଙ୍କ ବାସଭବନ ଆଗରେ ପ୍ରତିବାଦ

# ଜିତେନ୍ଦ୍ର ମୟୂରଭଞ୍ଜ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି

ଭୁବନେଶ୍ୱର,୩୧।୧୦
(ଅନିଲ ଦାସ)

ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୟୂରଭଞ୍ଜ ଜିଲା କାର୍ଯ୍ୟକାରୀ ସଭାପତି ଓ ଉପସଭାପତି ନିଯୁକ୍ତ କରିଛନ୍ତି। ଏ ନେଇ ବିଜେଡି ପକ୍ଷରୁ ମଙ୍ଗଳବାର ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଜିତେନ୍ଦ୍ର ମହାନ୍ତିଙ୍କୁ ମୟୂରଭଞ୍ଜ ଜିଲା କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତ କରାଯାଇଥିବା ବେଳେ ସଚିନ୍ଦ୍ର ଦାସଙ୍କୁ ଉପସଭାପତି ଭାବେ ନିଯୁକ୍ତ କରାଯାଇଛି।

# ଭାଜପାର ସାମାଜିକ ଗଣମାଧ୍ୟମ ରାଜ୍ୟ ଟିମ୍ ଘୋଷିତ

ଭୁବନେଶ୍ୱର, ୩୧।୧୦
(ସୁନିତ୍ ମିଶ୍ର)

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ଦଳର ସାମାଜିକ ଗଣମାଧ୍ୟମ ମୁଖ୍ୟ ଉମାକାନ୍ତ ପଟ୍ଟନାୟକ ମଙ୍ଗଳବାର ସାମାଜିକ ଗଣମାଧ୍ୟମ ରାଜ୍ୟ ଟିମ୍ ଘୋଷଣା କରିଛନ୍ତି। ରାଜ୍ୟ ଗଣମାଧ୍ୟମ ସହ ସଂଯୋଜକ ଭାବେ ଚିନ୍ମୟ ପଣ୍ଡା ଓ ସୁଚରିତା ଜେନାମଣି, ଅର୍ଜୁନ ଜଗତ, ବବ୍‌ଲୁ ମହାନ୍ତି, ବିରଞ୍ଚି ପଣ୍ଡା, ଜିତେନ୍ଦ୍ର ପଟ୍ଟନାୟକ, କୃଷ୍ଣଚନ୍ଦ୍ର ଓଝା, ମାନସୀ ମଞ୍ଜରୀ ରାୟ, ମନୋଜ କୁମାର ବେହେରା, ପ୍ରଦୀପ୍ତ ଜେନା, ପ୍ରକାଶ ଚନ୍ଦ୍ର ନାୟକ, ପ୍ରଶାନ୍ତ ନାୟକ, ଶିଳ୍ପା ଗିରିଗୋସ୍ୱାମୀ ଓ ଶ୍ରୀନିବାସ ପଣ୍ଡାଙ୍କୁ କୋର୍ କମିଟି ସଦସ୍ୟ ରୂପେ ନିଯୁକ୍ତ କରାଯାଇଛି। ରାଜ୍ୟ ସାମାଜିକ ଗଣମାଧ୍ୟମର ସହସଂଯୋଜକ ଭାବେ ୨ ଜଣ, ରାଜ୍ୟ କୋର୍ ଟିମ୍ ସଦସ୍ୟ ୧୨ ଜଣ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ୪୯ ଜଣଙ୍କୁ ମନୋନୀତ କରାଯାଇଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି।


## Classified Everyday
0674-2580101, 2549949



MATRIMONIAL

BRIDE WANTED

Searching Kaibarta Groom for Very Fair Kaibarta Bride. Contact Brother (IAS Faculty in Delhi), Mob.: 9990161440. D-1674



REAL ESTATE

SALE

2BHK flat house for sale near Hi-Tech Plaza, Sundarpada, Bhubaneswar. (M) 9861150062. D-46566

ଭୁବନେଶ୍ୱର ତମାଣ୍ଡୋ Hyundai Showroom ପାଖରେ ଏବଂ ଯାଆଁଳା Overbridgeଠାରୁ 1 Km ଦୂରରେ ସ୍ଥିତିବାନ possession plot ସୁଲଭ ମୂଲ୍ୟରେ ବିକ୍ରି ହେଉଛି। Contact: 9777067303. D-1656

Twincity ମଧ୍ୟଭାଗରେ Grand Bazar (Nakhara NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି Plot ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ – 9658562429. D-75239

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛତାବର-500/-, ନଖରା SC/Gen plot-300/-. 7978663279. D-75249

ଭୁବନେଶ୍ୱର ରବିଟକିଜ୍ ସାଇ ମନ୍ଦିର ନିକଟରେ ଘରବାରି ପାଚେରି ପ୍ଲଟ୍ ପଟାରୁ ବିକ୍ରିହେବ। 9827119799. D-1670

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ (General / SC) possession plot ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। 9438315973 / 9938066403. D-1655

ନାଇଜର, ଜଟଣୀ yellow Zone ବର୍ଗଫୁଟ ୩୫୦-୮୦୦ ଜାଗା ବିକ୍ରି ହେଉଛି। 8249693292. D-75162

BDA Town planning ଏରିଆରେ ୩୦ଫୁଟ୍ ରୋଡ୍ ଥାଇ ଘରବାଡ଼ି ପ୍ଲଟ୍ ବର୍ଗଫୁଟକୁ- 850/- କିଣି ଘର କରନ୍ତୁ। (୬୦ଟା ପ୍ଲଟ୍ ଅଛି), 9853150290. D-75254

Bhubaneswar/Nakhara/ Pahala ଛକ ପାଖରେ ଘରବାରି ବାସୋପଯୋଗୀ ପ୍ଲଟ୍ free boundary, ଇଲେକ୍ଟ୍ରିସିଟି ଥାଇ ତୁରନ୍ତ ଘରକରି ପାରିବେ। 9178704897. D-75247

Available plots 500/- sqft. 30ft road, Electricity, Backside SOG, Chandaka, Bhubaneswar-8917439982. D-75253

ଭୁବନେଶ୍ୱର KIIT University ଜଗନ୍ନାଥମନ୍ଦିର ପାଖରେ Boundary, ଇଲେକ୍ଟ୍ରିସିଟିଥାଇ ପ୍ଲଟ୍ ବିକ୍ରି ହେବ – 9437205314, 9937513595. D-75243

ଘରବାରି ପଟ୍ଟା Plots, Resale Hotel / house at Puri Town, ସମୁଦ୍ରକୂଳ ଏବଂ ତା'ର ପାଖାପାଖି ଏରିଆରେ ମିଳୁଅଛି। 7008067338, 9090746445. D-75242



Newly open SPA positively health benefit with expert. Contact: 7749976301. D-1681

All types of professional body massage by professional therapy. Contact 7077933109, 9556924059, 8658803018. D-1669

Relax, Refresh your body, Mind at Saikrupa Spa with best therapies. 8984068077. D-1696

Full body massage in homely atmosphere in all therapy. Mob: 8114881641. D-73445

Newly open health benefits Spa special offer @999. Contact: 7749034655. D-75166

Full body massage by expert therapist positively health benefits. 7381172169. D-75165

Body spa / saloon by expert therapist, Puja Offer @999/-. 9938843929. D-75163

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



Good Running Tile Business with 6 Figure/ month profit at prime location of Chandpur, Nayagarh for sale contact 9124159073. D-1691

AFFIDAVIT

I, Susanta Mohanty, resident of D-63, SaiParadise, KISS Road, Daruthenga, Pin-751024, Odisha declare by this affidavit No-359 Dtd-19/10/2023 that now onwards I shall be known as Susanta Kumar Mohanty for all future purposes. D-1699


### ପାଠକଙ୍କ ପାଇଁ ସୂଚନା


କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





By affidavit before the Executive Magistrate, Malkangiri, I Puspalata Murmu, aged about 41 years, W/o Arjun Kumar Hembram, D/o Biswanath Murmu, Permanent Resident of Village/Post-Mangalpur, P.S.-Rasgobindpur, Dist-Mayurbhanj to state that before marriage my name was Puspalata Murmu which is mentioned in my certificates. Consequent upon my marriage with Arjun Kumar Hembram, my name is changed to Puspalata Hembram mentioned in my Aadhaar Card No. xxxx xxxx 7778 and other documents i.e. Voter ID, Pan Card, D.L. etc. That Puspalata Hembram and Puspalata Murmu is one and same person i.e. myself.

Deponent
D-1697


# ଇନ୍ଦିରା ଗାନ୍ଧୀ ପାର୍କକୁ ପର୍ଯ୍ୟଟନସ୍ଥଳୀ କରାଯିବ: କଂଗ୍ରେସ

ଭୁବନେଶ୍ୱର, ୩୧।୧୦
(ସୁନିତ୍ ମିଶ୍ର)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର କଂଗ୍ରେସ ଭବନଠାରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୩୯ତମ ଶ୍ରାଦ୍ଧ ଉତ୍ସବ ଓ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଛି। ଏହି ଉପଲକ୍ଷେ ସକାଳେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସମେତ ଦଳର ଅନ୍ୟ ନେତୃବୃନ୍ଦ କଂଗ୍ରେସ ଭବନ ପରିସରରେ ଥିବା ଇନ୍ଦିରା ଗାନ୍ଧୀ ଓ ସର୍ଦ୍ଦାର ପଟେଲଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି। ଏହାପରେ ପିସିସି ପକ୍ଷରୁ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ପାର୍କସ୍ଥିତ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। ଏହି ଅବସରରେ ରାଜ୍ୟସ୍ତରୀୟ ଇନ୍ଦିରା ଗାନ୍ଧୀ ସ୍ମୃତି ସମିତିର ଅଧ୍ୟକ୍ଷ ବିଧାୟକ ସୁରେଶ ରାଉତରାୟ ଓ ଦଳର ସାଧାରଣ ସମ୍ପାଦକ ଅମିୟ ପଟ୍ଟନାୟକଙ୍କ ଦ୍ୱାରା ଆୟୋଜିତ ଶ୍ରାଦ୍ଧ ଉତ୍ସବରେ ଯୋଗଦେଇ ପିସିସି ସଭାପତି କହିଛନ୍ତି ଯେ, ସ୍ୱର୍ଗତ ଇନ୍ଦିରା ଗାନ୍ଧୀ ଜଣେ ସଫଳ ପ୍ରଧାନମନ୍ତ୍ରୀ ଥିଲେ। ବହୁ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରି ସେ ଭାରତବର୍ଷରେ ସାମଗ୍ରିକ ଉନ୍ନତିର ସୂତ୍ରଧର ହୋଇଥିଲେ। ତେବେ କଂଗ୍ରେସ କ୍ଷମତାକୁ ଆସିଲେ ଇନ୍ଦିରା ଗାନ୍ଧୀ ପାର୍କକୁ ଏକ ପର୍ଯ୍ୟଟନସ୍ଥଳୀ ଭାବେ ପରିଣତ କରାଯିବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମ ମଧ୍ୟରେ ସର୍ବଧର୍ମ ପ୍ରାର୍ଥନା, ପାଲା ପରିବେଷଣ ଓ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗୀତ, ନୃତ୍ୟ ପରିବେଷଣ କରାଯାଇଛି।


## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ଟୁଟୁ ମହାରଣା
ପଟିଆଗଡ଼, ରାଉତସାହି
ଆବିର୍ଭାବ: ୧୧।୦୫।୧୯୭୪
ତିରୋଧାନ: ୨୩।୧୦।୨୦୨୩
(ମହାନବମୀ)
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ସୋମା, ରୋମା, ପୂଜା, ରିଙ୍କି, ପିଙ୍କୁନ, ସ୍ୱପ୍ନା, ରୁଦ୍ର, ଲକି, ଲିକି, ଗୁଡ୍ଡୁ, ଗୁଡ଼ି, ମାମୁନି, ଗୋପାଳ, ପଠାଣି, ମିଟୁ, ବାପି ଓ ଗଙ୍ଗାଧର ମହାରଣାଙ୍କ ପରିବାରବର୍ଗ।
ଧ-୭୫୩୦୬

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ବିଷ୍ଣୁପ୍ରିୟା ବେହେରା
ବଳରାମପୁର, କୁଜଙ୍ଗ
ଆବିର୍ଭାବ: ୨୬।୧୧।୧୯୫୨
ତିରୋଧାନ: ୨୨।୧୦।୨୦୨୩
ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ତ୍ୟାଗ ଆମ୍ଭେ କେବେ ଭୁଲି ପାରିବୁ ନାହିଁ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ହତଭାଗ୍ୟ ସ୍ୱାମୀ: ଦ୍ୱିଜବର, ପୁତ୍ର: ସ୍ମୃତି ରଞ୍ଜନ, ଶକ୍ତି ରଞ୍ଜନ, ସୁଧି ରଞ୍ଜନ, ପୁତ୍ରବଧୂ: କୁନି, ଲିଜା, ମିଲି, ଝିଅ: ସ୍ୱପ୍ନାରାଣୀ, ଜାମାତା: ରମେଶ, ନାତି-ନାତୁଣୀ: ଆୟୁଷ, ରିଙ୍କୁ, ରିନୁ, ଆଦି, ଆୟାଂଶ, ଭଣଜା-ଭାଣିଜୀ: ଟୁଟୁ, ଜିନୁ, ବାବୁନି, ମମତା, ବାବୁ, ଝିଆରୀ, ପୁତୁରା, ବନ୍ଧୁ ଓ ପରିବାରବର୍ଗ।
ଧ-୧୭୦୦



ୱାଙ୍ଖେଡ଼େରେ ଉନ୍ମୋଚନ ଅପେକ୍ଷାରେ ସଚିନ ତେନ୍ଦୁଲକରଙ୍କ ପ୍ରତିମୂର୍ତ୍ତି।

# ୪ ପରାଜୟ ପରେ ପାକିସ୍ତାନକୁ ବିଜୟ ସ୍ୱାଦ



ଶାହିନ ଶାହା ଆଫ୍ରିଦି

**କୋଲକାତା, ୩୧।୧୦**

କ୍ରମାଗତ ୪ ମ୍ୟାଚରେ ପରାଜୟ ପରେ ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପରେ ବିଜୟ ସ୍ୱାଦ ଚାଖିଛି ପାକିସ୍ତାନ। ବୋଲରଙ୍କ ଚମତ୍କାର ପ୍ରଦର୍ଶନ ପରେ ଫଖର ଜମାନ ଓ ଅବଦୁଲ୍ଲା ଶଫିକଙ୍କ ଅର୍ଦ୍ଧଶତକ ସହାୟତାରେ ଏହି ଦଳ ଇଡେନ ଗାର୍ଡେନ୍ସରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ବାଂଲାଦେଶକୁ ୭ ଉଇକେଟରେ ପରାସ୍ତ କରିଛି। ବାଂଲାଦେଶ ୪୫.୧ ଓଭରରେ ୨୦୪ ରନରେ ଅଲ୍‌ଆଉଟ ହୋଇଥିଲା। ପାକିସ୍ତାନ ୩୨.୩ ଓଭରରେ ୩ ଉଇକେଟ ହରାଇ ୨୦୫ ରନ ସଂଗ୍ରହ କରି ନେଇଥିଲା। ଓପନିଂ ଯୋଡ଼ିରେ ଶତକୀୟ ଭାଗୀଦାରି ସହ ଶଫିକ୍ ୬୮ (୬୯ ବଲ, ୯ ଚୌକା, ୨ ଛକା) ଓ ଜମାନ ୮୧ (୭୪ ବଲ୍, ୩ ଚୌକା, ୭ ଛକା) ରନକରି ଦଳର ବିଜୟକୁ ସହଜ କରିଥିଲେ। ପ୍ରତ୍ୟାବର୍ତ୍ତନ ମ୍ୟାଚରେ ଦ୍ରୁତ ଅର୍ଦ୍ଧଶତକ ହାସଲ କରିଥିବା ଜମାନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ୭ ମ୍ୟାଚରୁ ତୃତୀୟ ବିଜୟ ସହ ପାକିସ୍ତାନ ପଏଣ୍ଟ ଟେବୁଲର ୫ମ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ୭ ମ୍ୟାଚରୁ ୬ଷ୍ଠ ପରାଜୟ ସହ ବାଂଲାଦେଶ ଆଶା ଶେଷ ହୋଇ ଯାଇଛି।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ବାଂଲାଦେଶ। ମାତ୍ର ଦଳର ଟପ୍ ଅର୍ଡର ବ୍ୟାଟରମାନେ ନିରାଶ କରିଥିଲେ। ତାନଜିଦ ହାସନ ଖାତା ଖୋଲିପାରି ନ ଥିବାବେଳେ ନଜମୁଲ ହାସନ ଶାନ୍ତୋ ୪ ଓ ମୁଶଫିକର ରହିମ ୫ ରନ କରି ପ୍ୟାଭିଲିୟନ ଫେରିଥିଲେ। ଫଳରେ ୨୩ ରନ ମଧ୍ୟରେ ବାଂଲାଦେଶ ୩ଟି ଉଇକେଟ ହରାଇ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ଶାହିନ ଶାହା ଓ ହାରିସ ବାଂଲାଦେଶର ଏହି ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଲିଟନ ଦାସ ସତର୍କତାର ସହ ବ୍ୟାଟିଂ କରିଥିଲେ ମଧ୍ୟ ୬୪ ବଲ୍‌ରୁ ୪୫ ରନ କରିଥିବାବେଳେ ସ୍ପିନର ଇଫ୍‌ତିକାର ଅହମଦଙ୍କ ବଲ୍‌ରେ ଆଉଟ ହୋଇଥିଲେ। ମିଡିଲ ଅର୍ଡରରେ ମହମୁଦୁଲ୍ଲା ଓ ଅଧିନାୟକ ଶକିବ ଅଲ୍ ହାସନ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ଦଳକୁ ଏକ ସମ୍ମାନଜନକ ସ୍କୋର ଆଡ଼କୁ ନେଇ ଯାଇଥିଲେ। ତେବେ ୫ମ ଉଇକେଟରେ ୭୯ ରନର ଭାଗୀଦାରି ପରେ ଅର୍ଦ୍ଧଶତକ ହାସଲକାରୀ ମହମଦୁଲ୍ଲାଙ୍କୁ ଆଉଟ କରି ପାକିସ୍ତାନକୁ ବ୍ରେକ୍ ଥ୍ରୁ ଦେଇଥିଲେ ଶାହିନ। ୭୦ଟି ବଲ୍‌ର ସମ୍ମୁଖୀନ ହୋଇଥିବା ମହମୁଦୁଲ୍ଲା ୬ ଚୌକା ଓ ୧ ଛକା ସହାୟତାରେ ୫୬ ରନ କରିଥିଲେ। ଶକିବ ଅର୍ଦ୍ଧଶତକ ହାସଲଠାରୁ ୭ ରନ ଦୂରରେ ଥିବାବେଳେ ୪୩ ରନକରି ହାରିସ ରୌଫଙ୍କ ଦ୍ୱିତୀୟ ଶିକାର ବନିଥିଲେ। ଶେଷ ଭାଗରେ ମହମ୍ମଦ ୱାସିମ ଜୁନିୟର ମାତ୍ର ୪ ରନ ବ୍ୟବଧାନରେ ୩ଟି ଉଇକେଟ ଅକ୍ତିଆର କରି ବାଂଲାଦେଶ ଇନିଂସର ପରିସମାପ୍ତି ଘଟାଇଥିଲେ। ପାକିସ୍ତାନ ପକ୍ଷରୁ ଶାହିନ ଶାହା ଆଫ୍ରିଦି ଓ ମହମ୍ମଦ ୱାସିମ ଜୁନିୟର ୩ଟି ଲେଖାଏ ହାରିସ ରୌଫ ୨ଟି ଏବଂ ଉସମା ମିର ଓ ଇଫ୍‌ତିକାର ଅହମଦ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୪୫.୧ ଓଭରରେ ୨୦୪/ଅଲ୍‌ଆଉଟ (ମହମଦୁଲ୍ଲା-୫୬, ଲିଟନ ଦାସ-୪୫, ଶକିବ ଅଲ୍ ହାସନ-୪୩, ଶାହିନ ଶାହା ଆଫ୍ରିଦି-୩/୨୩, ମହମ୍ମଦ ୱାସିମ ଜୁନିୟର-୩/୩୧, ହାରିସ ରୌଫ-୨/୩୬, ଉସମା ମିର-୧/୬୬, ଇଫ୍‌ତିକାର ଅହମଦ-୧/୪୪)। ପାକିସ୍ତାନ ୩୨.୩ଓଭରରେ ୨୦୫/୩(ଫଖର ଜମାନ-୮୧, ଅବଦୁଲ୍ଲା ଶଫିକ-୬୮, ମହମ୍ମଦ ରିଜୱାନ-୨୬*, ମେହିଦି ହାସନ ମିରାଜ-୩/୬୦)।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ନ୍ୟୁଜିଲାଣ୍ଡ ବନାମ ଦକ୍ଷିଣ ଆଫ୍ରିକା**

**ସ୍ଥାନ: ପୁଣେ,**
**ସମୟ: ଅପରାହ୍ନ ୨ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଭାରତ | ୬ | ୬ | ୦ | ୧୨ | +୧.୪୦୫ |
| ଦକ୍ଷିଣ ଆଫ୍ରିକା | ୬ | ୫ | ୧ | ୧୦ | +୨.୦୩୨ |
| ନ୍ୟୁଜିଲାଣ୍ଡ | ୬ | ୪ | ୨ | ୮ | +୧.୨୩୨ |
| ଅଷ୍ଟ୍ରେଲିଆ | ୬ | ୪ | ୨ | ୮ | +୦.୯୭୦ |
| ପାକିସ୍ତାନ | ୭ | ୩ | ୪ | ୬ | -୦.୦୨୪ |
| ଆଫଗାନିସ୍ତାନ | ୬ | ୩ | ୩ | ୬ | -୦.୭୧୮ |
| ଶ୍ରୀଲଙ୍କା | ୬ | ୨ | ୪ | ୪ | -୦.୨୭୫ |
| ନେଦରଲାଣ୍ଡ୍ସ | ୬ | ୨ | ୪ | ୪ | -୧.୨୭୭ |
| ବାଂଲାଦେଶ | ୭ | ୧ | ୬ | ୨ | -୧.୪୪୬ |
| ଇଂଲଣ୍ଡ | ୬ | ୧ | ୫ | ୨ | -୧.୬୫୨ |

# ୱାଙ୍ଖେଡେ ଷ୍ଟାଡିୟମରେ ତେନ୍ଦୁଲକରଙ୍କ ପ୍ରତିମୂର୍ତ୍ତି

**ମୁମ୍ବାଇ, ୩୧।୧୦(ପି.ଟି.)**

ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଗୁରୁବାର ଭାରତ ବନାମ ଶ୍ରୀଲଙ୍କା ବିଶ୍ୱକପ୍ ମ୍ୟାଚ ଖେଳାଯିବା ଅବସରରେ କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚିତ ହେବ। ବର୍ଷ ପ୍ରାରମ୍ଭରେ ଏହି ବିଷୟରେ ସୂଚନା ଦିଆଯାଇଥିଲା। ତେନ୍ଦୁଲକର ଗତ ଏପ୍ରିଲରେ ୫୦ ବର୍ଷରେ ପଦାର୍ପଣ କରିଛନ୍ତି। ମଙ୍ଗଳବାର ଏହି ପ୍ରତିମୂର୍ତ୍ତିରେ ଶେଷ ସ୍ପର୍ଶ ଦିଆଯାଇଛି। ଷ୍ଟ୍ରୋକ୍ ଖେଳୁଥିବା ମୁଦ୍ରାରେ ଏହି କିମ୍ବଦନ୍ତୀ ବ୍ୟାଟରଙ୍କ ପ୍ରତିମୂର୍ତ୍ତିଟି ସଚିନ ତେନ୍ଦୁଲକର ଷ୍ଟାଣ୍ଡ ନିକଟରେ ରଖାଯାଇଛି। ତେନ୍ଦୁଲକରଙ୍କ ମୂର୍ତ୍ତି ଉଦ୍‌ଘାଟନ ଉତ୍ସବରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନାବିସ, ତେନ୍ଦୁଲକର, ବିସିସିଆଇ ସମ୍ପାଦକ ଜୟ ଶାହା, କୋଷାଧ୍ୟକ୍ଷ ଆଶିଷ ଶେଲାରଙ୍କ ସମେତ ମୁମ୍ବାଇ କ୍ରିକେଟ ଆସୋସିଏଶନ(ଏମ୍‌ସିଏ) ଅଫିସିଆଲ, ସଭାପତି ଅମୋଲ କାଲେ, ସମ୍ପାଦକ ଅଜିଙ୍କ୍ୟ ନାଏକ ଏବଂ ଆପେକ୍ସ କାଉନ୍‌ସିଲର ଅନ୍ୟ ସଦସ୍ୟଗଣ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମୂର୍ତ୍ତିଟିକୁ ରାଜ୍ୟ ଅନ୍ତର୍ଗତ ଅହମଦନଗରର ଚିତ୍ରକାର ଶିଳ୍ପୀ ପ୍ରମୋଦ କାମ୍ବଲି ତିଆରି କରିଛନ୍ତି। ତେନ୍ଦୁଲକର ତାଙ୍କ ହୋମ୍ ଗ୍ରାଉଣ୍ଡରେ ଭାରତ ତରଫରୁ ଶେଷ ମ୍ୟାଚ ଖେଳିବାର ୧୦ବର୍ଷ ପରେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ ହେବାକୁ ଯାଉଛି।



ବାଂଲାଦେଶ ବିପକ୍ଷରେ ପାକିସ୍ତାନ ବିଜୟରେ ଉଲ୍ଲସିତ ପ୍ରଶଂସକ।

# ବିଜୟଧାରାକୁ ଫେରିବା ଲକ୍ଷ୍ୟରେ ନ୍ୟୁଜିଲାଣ୍ଡ

**ପୁଣେ, ୩୧।୧୦ (ପି.ଟି.):** କ୍ରମାଗତ ଦୁଇଟି ପରାଜୟ ପରେ ବିଜୟ ଧାରାକୁ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ରହିଛି ନ୍ୟୁଜିଲାଣ୍ଡ। ବୁଧବାର ପୁଣେରେ ସେମିଫାଇନାଲ ଆଶାରେ ରହିଥିବା ଦୁଇ ଦଳ ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ପରସ୍ପର ମୁକାବିଲା କରିବେ। ଉଭୟ ଦଳ ଚଳିତ ସଂସ୍କରଣରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଖାସ କରି ଉଭୟ ଦଳର ବ୍ୟାଟରମାନେ ଦମ୍‌ଦାର ପ୍ରଦର୍ଶନ କରିଥିବା ବେଳେ ପେସ୍ ଓ ସ୍ପିନ୍ ବୋଲିଂରେ ମଧ୍ୟ ଉପଯୁକ୍ତ ଫାୟାର ପାୱାର ମହଜୁଦ ରହିଛି। ନ୍ୟୁଜିଲାଣ୍ଡ ଏହାର ଅନ୍ତିମ ଦୁଇ ମ୍ୟାଚ୍‌ରେ ଭାରତ ଓ ଅଷ୍ଟ୍ରେଲିଆ ନିକଟରୁ ହାରିଥିବା ବେଳେ ଦକ୍ଷିଣ ଆଫ୍ରିକା ୧ ଉଇକେଟରେ ପାକିସ୍ତାନ ବିପକ୍ଷରେ ବିଜୟୀ ହୋଇଥିଲା।

# ଶର୍ଟ ବଲ୍ ବିପକ୍ଷରେ ଶ୍ରେୟସଙ୍କ ଅଭ୍ୟାସ

**ମୁମ୍ବାଇ,୩୧।୧୦(ପି.ଟି.)**



ଶ୍ରେୟସ ଆୟରଙ୍କ ବ୍ୟାଟିଂ ଅଭ୍ୟାସ।

ମଙ୍ଗଳବାର ଭାରତର ୪ ନମ୍ବର ବ୍ୟାଟର ଶ୍ରେୟସ୍ ଆୟର ଶର୍ଟ ବଲ୍ ଖେଳିବାର ଅଭ୍ୟାସ କରିଥିଲେ। ଶର୍ଟ ବଲ ଖେଳିବାରେ ଆୟରଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ବିପକ୍ଷ ଦଳ ସର୍ବଦା ଏହାର ଫାଇଦା ଉଠାଉଛନ୍ତି। ଆସନ୍ତା ଗୁରବାର ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଭାରତ ଏହାର ପରବର୍ତ୍ତୀ ମ୍ୟାଚ୍ ଶ୍ରୀଲଙ୍କା ବିପକ୍ଷରେ ଖେଳିବ। ଏହି ମ୍ୟାଚ୍ ପୂର୍ବରୁ ଆୟରଙ୍କୁ ଶର୍ଟ ବଲ୍ ବିପକ୍ଷରେ ଅଭ୍ୟାସ କରୁଥିବାର ଦେଖିବାକୁ ମିଳିଥିଲା। ମଙ୍ଗଳବାରର ଏହି ଅଭ୍ୟାସ ସେସନ୍ ଇଚ୍ଛାଧୀନ ରହିଥିବା ବେଳେ ବିରାଟ କୋହଲି, ଶୁବମାନ ଗିଲ୍ ଓ ରୋହିତ ଶର୍ମାଙ୍କ ପରି ଖେଳାଳି ଏହାକୁ ସ୍କିପ୍ କରିଥିଲେ। ତେବେ ଆୟର ଏହି ସେସନରେ ଅଂଶଗ୍ରହଣ କରିବା ସହିତ ଶର୍ଟ ବଲ ବିପକ୍ଷରେ ଦୀର୍ଘ ସମୟ ଧରି ଅଭ୍ୟାସ କରିଥିଲେ। ଭାରତ ଏହାର ଅନ୍ତିମ ମ୍ୟାଚରେ ଇଂଲଣ୍ଡକୁ ୧୦୦ ରନ୍‌ରେ ପରାସ୍ତ କରିଥିବା ବେଳେ ଏହି ମ୍ୟାଚରେ ମଧ୍ୟ ଆୟର ଚିରାଚରିତ ଢଙ୍ଗରେ ଆଉଟ ହୋଇଥିଲେ। ଭାରତର ଥ୍ରୋ ଡାଉନ୍ ସ୍ପେସିଆଲିଷ୍ଟ ମାନେ ଆୟରଙ୍କୁ ପ୍ରାୟ ୨ ଘଣ୍ଟା ଧରି ବୋଲିଂ କରିଥିଲେ। ଏହା ସହିତ କିଛି ସ୍ଥାନୀୟ ବୋଲର ମଧ୍ୟ ସାମିଲ ହୋଇ ବୋଲିଂ କରିଥିଲେ। ଭାରତୀୟ ଥ୍ରୋ ଡାଉନ୍ ସ୍ପେସିଆଲିଷ୍ଟ ଡି. ରାଘବେନ୍ଦ୍ର, ନୁଆନ୍ ସେନେଭିରତ୍ନେ ଓ ବ୍ୟାଟିଂ କୋଚ୍ ବିକ୍ରମ ରାଠୋଡ ଏହି ସେସନ୍‌ରେ ଅଂଶଗ୍ରହଣ କରିଥିଲେ। ସମସ୍ତଙ୍କ ବିପକ୍ଷରେ ଆୟର କିଛି ସମୟ ପୁଲ୍ ଓ ହୁକ୍ ଶଟ୍‌ର ଅଭ୍ୟାସ କରିଥିଲେ। ସେସନ୍‌ରେ ଶେଷ ଆଡକୁ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍ ଓ ବୋଲିଂ କୋଚ୍ ପାରସ୍ ମାହାମ୍ବ୍ରେ ମଧ୍ୟ କିଛି ବଲ୍ ବୋଲିଂ କରିଥିଲେ।

## ଅନ୍ୟ ଖେଳ ଖବର

**ଏସିଆନ ରଗ୍‌ବୀ ସେଭେନ୍ସ**

# ଭାରତୀୟ ରଗ୍‌ବୀ ଦଳରେ କିସ୍‌ର ୬ ଖେଳାଳି

**ଭୁବନେଶ୍ୱର, ୩୧।୧୦ (ତପନ ସ୍ୱାଇଁ):** କାତାରର ଦୋହାଠାରେ ଏସିଆନ ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ୍ ନଭେମ୍ବର ୩ ଓ ୪ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ଘୋଷିତ ଭାରତୀୟ ଦଳରେ କିସ୍‌ର ୬ ଖେଳାଳି ସାମିଲ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୫ ମହିଳା ସାମିଲ। ଭାରତୀୟ ମହିଳା ଦଳରେ ସ୍ଥାନ ପାଇଥିବା କିସ୍‌ର ଖେଳାଳିମାନେ ହେଲେ ହୁପି ମାଝି, ଡୁମୁନି ମାର୍ଣ୍ଡି, ତରୁଲତା ନାଏକ, ମାମା ନାଏକ ଓ ନିର୍ମାଲ୍ୟ ରାଉତ। ସେହିପରି ଭାରତୀୟ ପୁରୁଷ ଦଳରେ କିସ୍‌ର ଗଣେଶ ଧାଙ୍ଗଡ଼ା ମାଝି ସ୍ଥାନ ପାଇଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଏବଂ ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# କ୍ରିକେଟରରୁ ଲେଭଲ ୩ କୋଚ୍ କ୍ଲବରେ ଅଜୟ ରାତ୍ରା

**ନୂଆଦିଲ୍ଲୀ, ୩୧।୧୦(ପି.ଟି.)**

ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଅଜୟ ରାତ୍ରା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଲେଭଲ ୩ କୋଚ୍ ପାଠ୍ୟକ୍ରମ ଶେଷ କରିଛନ୍ତି। ଏକବର୍ଷ କାଳ ଏଥିପାଇଁ ତାଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିଥିଲା। ଲେଭଲ ୩ ସାର୍ଟିଫିକେଟ ହାସଲ କାରିଥିବା ଅନ୍ୟ ଅନ୍ତର୍ଜାତୀୟ ଭାରତୀୟ ଖେଳାଳିମାନେ ହେଲେ ଲାଲ୍‌ଚାନ୍ଦ ରାଜପୁତ, ସୁନୀଲ ଯୋଶୀ, ବଲବିନ୍ଦର ସାନ୍ଧୁ, ଏମ୍. ଭେଙ୍କଟରମନ୍ନା, ରବିନ ସିଂ, ରଘୁରାମ ଭଟ୍ଟ, ପ୍ରବୀଣ ଆମ୍ରେ, ଅର୍ଶାଦ ଆୟୁବ, ବିଜୟ ଭରଦ୍ୱାଜ ଓ ଭରତ ଅର୍ଜୁନ। ୨୦୦୭ ପରେ ଲେଭଲ ୩ ପାଠ୍ୟକ୍ରମ ଶେଷ କରିବାରେ ରାତ୍ରା ହେଉଛନ୍ତି ପ୍ରଥମ ଭାରତୀୟ କ୍ରିକେଟର। ଭିଭିଏସ୍ ଲକ୍ଷ୍ମଣଙ୍କ ନେତୃତ୍ୱାଧୀନ ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନ୍‌ସିଏ)ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୀର୍ଘ ୧୨ବର୍ଷ ପରେ ଏହି ପାଠ୍ୟକ୍ରମ ପରିଚାଳନା ହୋଇଥିଲା। ୪୧ ବର୍ଷୀୟ ରାତ୍ରା ଭାରତ ପାଇଁ ୬ ଟେଷ୍ଟ ଓ ୧୨ ଅନ୍ତର୍ଜାତୀୟ ଦିନିକିଆ ଖେଳିଛନ୍ତି। ଭାରତର ପୂର୍ବତନ ଉଇକେଟକିପର ବ୍ୟାଟର ଦୀର୍ଘ ୮ବର୍ଷ ଧରି କୋଚିଂ ଦେଇ ଆସୁଛନ୍ତି। ସେ ଆସାମ ଓ ପଞ୍ଜାବ ପରେ ବର୍ତ୍ତମାନ ଉତ୍ତର ପ୍ରଦେଶର ମୁଖ୍ୟ କୋଚ୍ ଅଛନ୍ତି। ସେ ଆହୁରି ମଧ୍ୟ ଆଇପିଏଲ୍ ଫ୍ରାଞ୍ଚାଇଜ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ କାର୍ଯ୍ୟ କରିବା ସହ ନ୍ୟାଶନାଲ କ୍ରିକେଟ ଏକାଡେମୀରେ ଏକାଧିକ ଟ୍ରେନିଂ କ୍ୟାମ୍ପର ଅଂଶବିଶେଷ ଥିଲେ। ରାତ୍ରାଙ୍କ ସହ ଲେଭଲ-୩ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଅନ୍ୟମାନେ ହେଲେ ଗୁଜରାଟର ହିତେଶ ମଜୁମଦାର ଓ ତେଜସ ଭର୍ସାନୀ ଏବଂ ବର୍ତ୍ତମାନର ମୁମ୍ବାଇ ମୁଖ୍ୟ କୋଚ୍ ଓମ୍‌କାର ସାଲ୍‌ଭି।



କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଓଡ଼ିଶା ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ଇଣ୍ଡିଆନ ସୁପରଲିଗ୍ ମ୍ୟାଚ। (ଫଟୋ: ବିକାଶ ନାୟକ)

# ଦେଶ ପାଇଁ ପଟେଲଙ୍କ ଅବଦାନ ଅତୁଳନୀୟ: କେନ୍ଦ୍ରମନ୍ତ୍ରୀ

## ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀରେ ଗଣଦୌଡ଼



କଟକ କଲେଜ ଛକଠାରେ ଅନୁଷ୍ଠିତ ଗଣଦୌଡ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟମାନେ।

କଟକ,୩୧।୧୦(ଶିଲ୍ପା ପ୍ରିୟଦର୍ଶିନୀ)

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଦିବସ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଭାଜପା କଟକ ନଗର ପକ୍ଷରୁ ମଙ୍ଗଳବାର ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କଟକ କଲେଜଛକଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଗଣଦୌଡ଼ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଗଣଦୌଡ଼ କଲେଜଛକଠାରୁ ବାହାରି ନୂଆପାଟଣା ଶହୀଦ ପାର୍କଠାରେ ପହଞ୍ଚିଥିଲା। ନୂଆପାଟଣାଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ ପ୍ରଧାନ କହିଥିଲେ, ପଟେଲଙ୍କ ପ୍ରେରଣା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶର ବିକାଶ ପାଇଁ ସମସ୍ତେ ଏକତ୍ରିତ ହୁଅନ୍ତୁ। ଦେଶ ପାଇଁ ପଟେଲଙ୍କ ଅବଦାନ ଅତୁଳନୀୟ। ପରେ ମନ୍ତ୍ରୀ ପ୍ରଧାନ ଦେଶ ମାତୃକାର ସେବା ପାଇଁ ଉପସ୍ଥିତ କର୍ମୀମାନଙ୍କୁ ସଙ୍କଳ୍ପ ପାଠ କରାଇଥିଲେ। ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବସୁ, ଭାଜପା କଟକ ଜିଲା ସଭାପତି ପ୍ରକାଶ ବେହେରା, ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ଶାରଦା ପ୍ରଧାନ, କର୍ପୋରେଟର ଗଗନ ଓଝା, ଗୋପାଳ ବେହେରା, ଦୀପକ ଦାସ, ସିକନ୍ଦର ଅଲ୍ଲୀ, ଶ୍ରୀତମ ଦାସ, ରଶ୍ମିରେଖା ଦାସ, ସ୍ମୃତି ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନବୀନ ଓଡ଼ିଶାର ପରିଚୟ ନେଇ ପ୍ରତି ଗାଁ ଆଗକୁ ବଢ଼ିବ: ମୁଖ୍ୟମନ୍ତ୍ରୀ




## ବାଲେଶ୍ୱର, ବଲାଙ୍ଗୀର ଜିଲାରେ ଆମ ଓଡ଼ିଶା ନବୀନ ଓଡ଼ିଶା ଶୁଭାରମ୍ଭ

### ■ ବିକଶିତ ଗାଁ ହେବ ଓଡ଼ିଶା ରୂପାନ୍ତରର ପ୍ରକୃତ ଚିତ୍ର : ପାଣ୍ଡିଆନ

ଭୁବନେଶ୍ୱର,୩୧।୧୦(ଅନିଲ ଦାସ)

'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ମଙ୍ଗଳବାର କାର୍ଯ୍ୟକ୍ରମର ୭ମ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରୁ ଆଭାସି ଯୋଗେ ବାଲେଶ୍ୱର ଏବଂ ବଲାଙ୍ଗୀର ଜିଲାରେ ଏହାର ଶୁଭାରମ୍ଭ କରିଛନ୍ତି। ଏଥିରେ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ପାଇବାର ବ୍ୟବସ୍ଥା ରହିଛି। ବାଲେଶ୍ୱର ଜିଲାର ରେମୁଣା, ଭୋଗରାଇ, ଜଳେଶ୍ୱର, ବାଲେଶ୍ୱର, ସିମୁଳିଆ, ବସ୍ତା, ସୋର ଓ ନୀଳଗିରି ନିର୍ବାଚନମଣ୍ଡଳୀକୁ ୧୭୮ କୋଟି ଟଙ୍କା ମିଳିଛି। ଏହିସବୁ ନିର୍ବାଚନମଣ୍ଡଳୀର ୧୨ଟି ବ୍ଲକର ୩୫୬ଟି ଗ୍ରାମ ପଞ୍ଚାୟତରେ ୪, ୪୬୫ଟି ପ୍ରକଳ୍ପ ହେବ। ସେହିପରି ବଲାଙ୍ଗୀର ଜିଲାର ବଲାଙ୍ଗୀର, ଟିଟିଲାଗଡ଼, ପାଟଣାଗଡ଼, କଣ୍ଟାବାଞ୍ଜି ଓ ଲୋଇସିଂହା ନିର୍ବାଚନମଣ୍ଡଳୀ ପାଇଁ ୧୫୮.୫୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିରେ ୧୪ଟି ବ୍ଲକର ୩୧୭ଟି ଗ୍ରାମପଞ୍ଚାୟତରେ ୩,୯୧୧ଟି ପ୍ରକଳ୍ପ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, ନବୀନ ଓଡ଼ିଶାର ପରିଚୟ ନେଇ ରାଜ୍ୟର ପ୍ରତି ଗାଁ ବିକାଶ ମାର୍ଗରେ ଆଗକୁ ବଢ଼ିବ।

୫-ଟି ତଥା ନବୀନ ଓଡ଼ିଶା ଅଧକ୍ଷ ଭି.କେ. ପାଣ୍ଡିଆନ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରି କହିଛନ୍ତି, ବିକଶିତ ଗାଁ ଓଡ଼ିଶା ରୂପାନ୍ତରର ପ୍ରକୃତ ଚିତ୍ର ହେବ।

ବାଲେଶ୍ୱର ଜିଲାର ରେମୁଣା ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୬୬ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୭.୩୯ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲା ଗସ୍ତ ପରେ ୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୨୩.୧୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ମଧ୍ୟରେ ରହିଛି ରେମୁଣା ବହୁମୁଖୀ କମ୍ୟୁନିଟି ହଲ୍, କଣ୍ଟିଆଚୋରା ନଦୀର ପୁନରୁଦ୍ଧାର, କ୍ଷୀରଚୋରା ଗୋପୀନାଥ ମନ୍ଦିରର ସୌନ୍ଦର୍ଯ୍ୟକରଣ ଏବଂ ଆଉ କେତେକ ସ୍କୁଲ ଓ କଲେଜର ରୂପାନ୍ତର। ସେହିପରି ଭୋଗରାଇ ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୫୩ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୭.୧୯ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲା ଗସ୍ତ ପରେ ୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୮.୬୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ଜଳେଶ୍ୱର ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୧୨୨ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୧୦.୩୬ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲା ଗସ୍ତ ପରେ ୪ଟି ପ୍ରକଳ୍ପ ଲାଗି ୫.୫୮ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ସୋର ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୯୦ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୧୫.୭୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲା ଗସ୍ତ ପରେ ୮ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୧୯.୯୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ବସ୍ତା ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୧୨୭ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୧୨.୩୯ କୋଟି ଟଙ୍କା ମଞ୍ଜୁର କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲା ଗସ୍ତ ପରେ ୧୦ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୧୦୭.୫୪ କୋଟି ଟଙ୍କା ମଞ୍ଜୁର କରାଯାଇଛି। ବାଲେଶ୍ୱର ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୧୧୯ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୧୮.୭୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲା ଗସ୍ତ ପରେ ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୯.୦୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ମଧ୍ୟରେ ରହିଛି ଚାନ୍ଦିପୁର ବେଳାଭୂମିର ସୌନ୍ଦର୍ଯ୍ୟକରଣ, ଝାଡ଼େଶ୍ୱର ମନ୍ଦିର, ଫକୀରମୋହନ କଲେଜ, ବଳାଙ୍ଗି କଲେଜ ଓ ନୀଳମଣି କଲେଜ। ନୀଳଗିରି ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୧୦୧ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୧୦.୯୧ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲା ଗସ୍ତ ପରେ ୮ଟି ପ୍ରକଳ୍ପ ପାଇଁ ୨୮.୭୬ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସିମୁଳିଆ ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୮୮ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୯.୨୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହାସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲା ଗସ୍ତ ପରେ ୧୨ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୨୦.୮୭ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହିପରି ବାଲେଶ୍ୱରର ୫୯ ପ୍ରକଳ୍ପ ପାଇଁ ୨୨୪.୨୨ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ପାଣ୍ଡିଆନ କହିଛନ୍ତି।

ଅନୁରୂପ ଭାବେ ବଲାଙ୍ଗୀର ଜିଲାର ଟିଟିଲାଗଡ଼ ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୫୪ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୧୧.୨୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲା ଗସ୍ତ ପରେ ୮ଟି ପ୍ରକଳ୍ପ ପାଇଁ ୧୭୮.୮୧ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ମଧ୍ୟରେ ରହିଛି ତୁଷୁରାଠାରେ ଏୟାରଷ୍ଟ୍ରିପ୍, ୨ଟି ମେଗା ଉଠାଜଳସେଚନ ପ୍ରକଳ୍ପ, ତୁଷୁରା ସମଲାଇ ମନ୍ଦିରର ସୌନ୍ଦର୍ଯ୍ୟକରଣ ଏବଂ ସ୍କୁଲ ଓ କଲେଜ। ପାଟଣାଗଡ଼ ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୧୧୧ଟି ଶିକ୍ଷାନୁଷ୍ଠାନ ତଥା ଧାର୍ମିକ ଅନୁଷ୍ଠାନ ପାଇଁ ୧୪.୫୭ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲା ଗସ୍ତ ପରେ ୫ଟି ପ୍ରକଳ୍ପ ପାଇଁ ୧୯.୭୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ବଲାଙ୍ଗୀର ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା କାର୍ଯ୍ୟକ୍ରମରେ ୧୩୮ଟି ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନ ପାଇଁ ୧୫.୫୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲା ଗସ୍ତ ପରେ ୧୦ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୨୧.୨୯ କୋଟି ଟଙ୍କା ମଞ୍ଜୁର କରାଯାଇଛି। ବଲାଙ୍ଗୀର ଜିଲାରେ ୩୨ଟି ପ୍ରକଳ୍ପ ପାଇଁ ୨୩୪.୭୦ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ପାଣ୍ଡିଆନ କହିଥିଲେ। କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରତାପ କେଶରୀ ଦେବ, ଅଶ୍ୱିନୀ ପାତ୍ର, ନିରଞ୍ଜନ ପୂଜାରୀ, ଟୁକୁନି ସାହୁ, ବିଧାୟକ ଅନନ୍ତ ଦାସ, ନିତ୍ୟାନନ୍ଦ ସାହୁ, ସ୍ୱରୂପ ଦାସ, ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ସରୋଜ ମେହେର ପ୍ରମୁଖ ଆଭାସି ମାଧ୍ୟମରେ ଆଲୋଚନାରେ ଭାଗ ନେଇଥିଲେ।

# ପୁନରୁଦ୍ଧାର ହେଲାନି, ବନ୍ଦ କରିଦେଲେ

## ବରଗଡ଼ ସମବାୟ ଚିନିକଳ




ବରଗଡ଼,୩୧।୧୦
(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସମବାୟ ଚିନିକଳ ଜିଲାର ଆଖୁଚାଷୀଙ୍କ ଜୀବନରେଖା ଥିଲା। ସହର ଉପକଣ୍ଠ ତୋରାଠାରେ ନିର୍ମିତ ଏହି ଚିନିକଳକୁ ୧୯୭୪ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଉଦ୍‌ଘାଟନ କରିଥିଲେ। ଦୀର୍ଘବର୍ଷ ଧରି ଚିନିକଳ ଠିକ୍ ଭବେ ଚାଲୁଥିଲା ଏବଂ ଜିଲା ତଥା ଜିଲା ବାହାର ଆଖୁଚାଷୀ ଲାଭବାନ୍ ହେଉଥିଲେ। ସେହିପରି ଚିନିକଳ ଅଞ୍ଚଳର ବହୁଲୋକଙ୍କୁ କର୍ମଯୋଗାଣ ସହିତ ସେମାନଙ୍କ ପରିବାର ପୋଷଣରେ ସହାୟକ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ପରିଚାଳନାଗତ ତ୍ରୁଟି ଯୋଗୁ ଚିନିକଳ ଅକାମୀ ହୋଇ ପଡ଼ିଥିଲା। ଏହାର ପୁନରୁଦ୍ଧାର ପାଇଁ ଆନ୍ଦୋଳନ ହୋଇଥିଲା। ଏହାସତ୍ତ୍ୱେ ଚିନିକଳ କାର୍ଯ୍ୟକ୍ଷମ ହେଲାନାହିଁ। ଅନ୍ୟପଟେ ଲୋକଙ୍କୁ ରୋଜଗାର ଯୋଗାଉଥିବା ଚିନିକଳକୁ ବର୍ତ୍ତମାନ ସରକାର ସମ୍ପୂର୍ଣ୍ଣ ଭାବେ ବନ୍ଦ ଘୋଷଣା କରିଛନ୍ତି।

ରାଜ୍ୟ ସରକାରଙ୍କ ସମବାୟ ବିଭାଗ ଅଧୀନରେ ଥିବା ଏହି ଚିନିକଳର ଦାୟିତ୍ୱ ୧୯୯୦ରୁ ୧୯୯୮ ମସିହା ପର୍ଯ୍ୟନ୍ତ ପ୍ରାଇଭେଟ୍ ସଂସ୍ଥା ପୋନ୍ନି ସୁଗାରକୁ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ସେହି ଘରୋଇ ସଂସ୍ଥା ଦାୟିତ୍ୱ ଛାଡି ଚାଲିଯାଇଥିଲା ଏବଂ ପୂର୍ବଭଳି ସମବାୟ ବିଭାଗ ଅଧୀନରେ ଚିନିକଳ ରହିଲା। ହେଲେ ଚିନିକଳ ଆଉ ଆଗଭଳି ଆଗେଇ ନ ଥିଲା। ଚାଷୀମାନେ ଆଖୁ ବିକିବା ସତ୍ତ୍ୱେ ଦୀର୍ଘଦିନ ଧରି ସେମାନଙ୍କ ପ୍ରାପ୍ୟ ପାଇ ପାରି ନ ଥିଲେ ଏବଂ ଏଥିପାଇଁ ସେମାନଙ୍କୁ ଆନ୍ଦୋଳନକୁ ଓହ୍ଲାଇବାକୁ ପଡୁଥିଲା। ସେହିପରି ଚାଷୀମାନେ ଆଖୁ ଧରି ଚିନିକଳରେ ପହଞ୍ଚିଥିଲେ ସୁଦ୍ଧା ଆଖୁକିଣାରେ କଟକଣା ଲଗାଗଲା। ବର୍ଷ ବର୍ଷ ଚିନିକଳ କର୍ମଚାରୀଙ୍କୁ ସେମାନଙ୍କ ଦରମା ମିଳିଲାନି। ସେମାନେ ମଧ୍ୟ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏଭଳି ସ୍ଥିତିରେ ଚିନିକଳ ଧୀରେ ଧୀରେ ଅସ୍ତିତ୍ୱ ହରାଇ ବସିଥିଲା। ଅପରପକ୍ଷେ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ବକେୟା ଦରମା ପ୍ରଦାନ ଦାବିରେ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇବାରୁ ମୁଖ୍ୟମନ୍ତ୍ରୀ ୧୧କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଥିଲେ। ତାକୁ ନେଇ ଚିନିକଳ କାର୍ଯ୍ୟକ୍ଷମ ହେବ ବୋଲି ସମସ୍ତଙ୍କ ମନରେ ଆଶା ସଞ୍ଚାର ହୋଇଥିଲା। କିନ୍ତୁ ସେହି ପ୍ୟାକେଜ୍ ମଧ୍ୟ ମିଳି ନ ଥିଲା ଏବଂ ଶେଷରେ ଚିନିକଳକୁ ସମ୍ପୂର୍ଣ୍ଣ ବନ୍ଦ ଘୋଷଣା ସଭିଙ୍କୁ ନିରାଶ କରିଛି।

ବରଗଡ଼ ଏମ୍‌ପି ସୁରେଶ ପୂଜାରୀ କହିଛନ୍ତି, ବରଗଡ଼ରେ ଚିନିକଳ, ସୂତାକଳ, ସିମେଣ୍ଟ କାରଖାନା ଥିଲା। ପୂର୍ବରୁ ସିମେଣ୍ଟ କାରଖାନାକୁ ବିକ୍ରି କରାଯାଇଥିବା ବେଳେ ଚିନିକଳ, ସୂତାକଳକୁ ବନ୍ଦ କରିଦେଲେ। ବରଗଡ଼ ଏବେ ଶିଳ୍ପଶୂନ୍ୟ ହୋଇଗଲା କହିଲେ ଅତ୍ୟୁକ୍ତି ହେବନାହିଁ। ଏବେ ବଜାର ବ୍ୟବସ୍ଥା ଠିକ୍ ଅଛି। କଞ୍ଚାମାଲ ମହଜୁଦ ରହିଛି। ଏଭଳି ସ୍ଥିତିରେ ଚିନିକଳକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବା ଆଦୌ ଠିକ୍ ନୁହେଁ। ଚିନିକଳ ପୁନରୁଦ୍ଧାର ପାଇଁ ମୁଁ ପୂର୍ବରୁ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଛି । ରାଜ୍ୟ ସରକାର ଚାହିଁଥିଲେ ଉଭୟ ରାଜ୍ୟ ଓ କେନ୍ଦ୍ର ମିଳିତ ଭାବେ ଚିନିକଳର ପୁନରୁଦ୍ଧାର କରିପାରିଥାଆନ୍ତେ। ଆଇଓସିଏଲର ଏକ ପ୍ରତିନିଧି ଦଳ ମଧ୍ୟ ଚିନିକଳ ପରିଦର୍ଶନ କରିଥିଲେ। ଏବେ ମଧ୍ୟ ସମୟ ଅଛି, ରାଜ୍ୟ ସରକାର ଚିନିକଳ ବନ୍ଦ ନିଷ୍ପତ୍ତିରୁ ଓହରିଲେ ସେ ଚିନିକଳର ପୁନରୁଦ୍ଧାର ପାଇଁ କେନ୍ଦ୍ର ସରକାରଙ୍କଠାରେ ପ୍ରସ୍ତାବ ଦେବେ ବୋଲି ପୂଜାରୀ କହିଛନ୍ତି। ସେହିପରି ନିଜ ଦୋଷ, ଦୁର୍ବଳତାକୁ ଲୁଚାଇବା ପାଇଁ ରାଜ୍ୟ ସରକାର ମିଛ ତଥ୍ୟ ଦେଇ ଚିନିକଳକୁ ବନ୍ଦ କରି ଦେଇଛନ୍ତି ବୋଲି ଆମ୍ ଆଦ୍‌ମୀ ପାର୍ଟିର ଜିଲା ଆବାହକ ଭବାନୀ ପ୍ରସାଦ ସାହୁ କହିଛନ୍ତି। ଚିନିକଳର ପୁନରୁଦ୍ଧାର ପାଇଁ ଆପ୍ ବାରମ୍ବାର ରାଜ୍ୟ ସରକାର ଏବଂ ସ୍ଥାନୀୟ ଜନପ୍ରତିନିଧିମାନଙ୍କୁ ଜଣାଇଛି। ଏହାସତ୍ତ୍ୱେ ପୁନରୁଦ୍ଧାର ବଦଳରେ ବନ୍ଦ କରିଦେବା ନିଷ୍ପତ୍ତି ପଛରେ ଶାସକଦଳର କିଛି ନେତାଙ୍କ ସ୍ୱାର୍ଥ ଥାଇପାରେ ବୋଲି ସେ ଅଭିଯୋଗ କରିଛନ୍ତି। ଚାଷୀନେତା ରମେଶ ମହାପାତ୍ର କହିଛନ୍ତି, କୃଷିଭିତ୍ତିକ ଶିଳ୍ପ ହେଲେ ଚାଷୀଙ୍କ ଆୟ ବଢ଼ିବ। କିନ୍ତୁ ଦିନକୁ ଦିନ ଚିନିକଳ ଭଳି କୃଷିଭିତ୍ତିକ ଶିଳ୍ପକୁ ବନ୍ଦ କରି ଦିଆଯିବା ଦ୍ୱାରା ସରକାର କୃଷି, କୃଷକଙ୍କୁ ସଙ୍କଟ ମଧ୍ୟକୁ ଠେଲି ଦେଉଛନ୍ତି। ଏ ସମ୍ପର୍କରେ ବରଗଡ଼ ଜିଲା ବିଜେଡି ସଭାପତି ତଥା ପୂର୍ବତନ ଏମ୍‌ପି ଡ. ପ୍ରଭାସ ସିଂ କହିଛନ୍ତି, ଚିନିକଳ କ୍ଷତି ହେବାରୁ ସମବାୟ ବିଭାଗ ସେଭଳି ନିଷ୍ପତ୍ତି ନେଇଛି। ଚିନିକଳ ଯେପରି ପୁନରୁଦ୍ଧାର ହୋଇପାରିବ, ଜିଲାର ସମସ୍ତ ବିଧାୟକଙ୍କ ସହ ଆଲୋଚନା କରି ପୁଣିଥରେ ସେ ନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ।

ଉଲ୍ଲେଖନୀୟ, ରାଜ୍ୟ ସରକାରଙ୍କ ସମବାୟ ସମିତି ସମୂହର ରେଜିଷ୍ଟ୍ରାର ଉଦ୍ଧବ ଚରଣ ମାଝୀଙ୍କ କାର୍ଯ୍ୟାଳୟରୁ ପ୍ରକାଶିତ (ଅର୍ଡର ନଂ-୧୮୨୭୩ ତା-୧୬।୧୦।୨୦୨୩ରିଖରେ ୨୦୨୨-୨୩) ରିପୋର୍ଟ ଅନୁସାରେ ଏହି ଚିନିକଳ ଠିକ୍ ଭାବେ ବ୍ୟବସାୟ କରୁ ନ ଥିବା, ଗତ ମାର୍ଚ୍ଚ ୩୧ତାରିଖ ସୁଦ୍ଧା ଚିନିକଳକୁ ୭୨କୋଟି ୫୯ଲକ୍ଷ ଟଙ୍କା କ୍ଷତି ସହିବାକୁ ପଡ଼ିଥିବା, ଗତ ୧୯୮୯ ଅଗଷ୍ଟ ୨୦ତାରିଖ ପରଠାରୁ ଆଦୌ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇ ନ ଥିବା ଆଦି କାରଣ ଦର୍ଶାଇ ଚିନିକଳକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ଦିଆଯାଇଛି।

# ଓଡ଼ିଆ ଝିଅ ଶ୍ରୀୟଙ୍କାଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା

ନୂଆଦିଲ୍ଲୀ, ୩୧।୧୦

୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ଅଂଶଗ୍ରହଣ ପାଇଁ ଓଡ଼ିଶାର ତାରକା ଶୁଟର ଶ୍ରୀୟଙ୍କା ଷଡ଼ଙ୍ଗୀ ଯୋଗ୍ୟତା ଅର୍ଜନ କରିଛନ୍ତି। କୋରିଆର ଚାଙ୍ଗଓନଠାରେ ଅନୁଷ୍ଠିତ ଏସିଆନ ଶୁଟିଂ ଚାମ୍ପିୟନଶିପ୍‌ର ମହିଳା ୫୦ ମିଟର ରାଇଫଲ୍ ୩ ପୋଜିଶନ (୩ପି)ରେ ୪ର୍ଥ ସ୍ଥାନ ହାସଲ କରି ସେ ଏହି ସଫଳତା ପାଇଛନ୍ତି। ୪୫ ଶଟ୍ ବିଶିଷ୍ଟ ଫାଇନାଲରେ ସେ ୪୪୦.୫ ପଏଣ୍ଟ ଶୁଟ୍ କରିଛନ୍ତି। କୋରିଆର ଅଭିଜ୍ଞ ଶୁଟର ଲି ଇଉନସିଓ ସ୍ୱର୍ଣ୍ଣ, ରାଇଫଲରେ ବିଶ୍ୱ ଚାମ୍ପିୟନ ଚାଇନାର ହାନ୍ ଜିଆୟୁ ରୌପ୍ୟ ଓ ଜିଆ ସିୟୁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଶ୍ରୀୟଙ୍କା ଭାରତର ୧୩ଶ ଶୁଟରଭାବେ ଅଲିମ୍ପିକ୍ସ କୋଟା ହାସଲ କରିଛନ୍ତି। ୩ ପୋଜିଶନ ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ଭାରତୀୟ ମହିଳା ଶୁଟର ଯୋଗ୍ୟତା ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରିଥିଲେ। କେବଳ ର୍ୟାଙ୍କିଙ୍ଗ ପଏଣ୍ଟ (ଆରପିଓ) ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଭାରତର ନମ୍ବର ୱାନ ସିଫ୍ଟ କୌର ସାମ୍ରା ୫୯୨ ପଏଣ୍ଟ ଶୁଟ୍ କରି ଅନ୍ୟମାନଙ୍କଠାରୁ ଆଗରେ ରହିଥିଲେ। ଆଶି ଚୌକସେ ୫୯୧ ଏବଂ ଶ୍ରୀୟଙ୍କା ଓ ଆୟୁଷୀ ପୋଦ୍ଦାର ଯଥାକ୍ରମେ ୫୮୮ ଓ ୫୮୭ ପଏଣ୍ଟ ଶୁଟ୍ କରି ଟପ୍-୮ ମଧ୍ୟରେ ସ୍ଥାନ ପାଇଥିଲେ। ଆର୍‌ପିଓରେ ଭାଗ ନେଇଥିବା ମାନିନି କୌଶିକ ୫୮୬ ପଏଣ୍ଟ ସହିତ ଓଭରଅଲ୍ ୧୦ମ ସ୍ଥାନ ପାଇଥିଲେ। ଫାଇନାଲରେ ଭାରତୀୟଙ୍କ ମଧ୍ୟରେ ଶ୍ରୀୟଙ୍କା ସବୁଠାରୁ ପ୍ରଭାବୀ ରହିଥିଲେ। ସେ ୧୦.୯ ପଏଣ୍ଟ ସହିତ ଅଭିଯାନ ଆରମ୍ଭ କରିଥିଲେ। ଫାଇଭ୍ ନିଲିଙ୍ଗ୍ ଶଟ୍ସ ପରେ ସେ ୫୧.୩ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଆୟୁଷୀ ଓ ଆଶି ଯଥାକ୍ରମେ ୬ଷ୍ଠ ଓ ୭ମ ସ୍ଥାନ ପାଇଥିଲେ। ୧୦-ଶୁଟ୍ସ ପରେ ହାନ୍ ଓ ଲି ୧-୨ ପୋଜିଶନରେ ଥିଲେ। ଶ୍ରୀୟଙ୍କା ଶେଷରେ ୪ର୍ଥ ସ୍ଥାନ ହାସଲ କରିଥିଲେ। ପ୍ରୋନ୍ ପୋଜିଶନରେ ଆଶି ପ୍ରଥମେ ଶୁଟ୍ କରିଥିଲେ। ତେବେ ଶ୍ରୀୟଙ୍କା ୪ର୍ଥ ସ୍ଥାନ ବଜାୟ ରଖିଥିଲେ। ହାନ୍‌ଙ୍କୁ ପଛରେ ପକାଇ ଲି ଅଗ୍ରଣୀ ହାସଲ କରି ନେଇଥିଲେ। ଷ୍ଟାଣ୍ଡିଂ ପୋଜିଶନର ପ୍ରଥମ ୧୦ ଶଟ୍ସ ପରେ ଇଣ୍ଡିଆନ ଅଲିମ୍ପିକ୍ କୋଟା ସ୍ପଷ୍ଟ ହୋଇ ଯାଇଥିଲା। କୋରିଆର ବାଇ ସାଙ୍ଗି ଓ ଆୟୁଷୀ ଯଥାକ୍ରମେ ୮ମ ଓ ୭ମ ସ୍ଥାନରେ ରହି ବିଦାୟ ନେଇଥିଲେ। ଏହା ପୂର୍ବରୁ ଅନୁଷ୍ଠିତ ମହିଳା ୫୦ ମିଟର ରାଇଫଲ ୩ ପୋଜିଶନ୍ସ ଟିମ୍ ଇଭେଣ୍ଟରେ ଭାରତୀୟ ଦଳ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲା। ଶ୍ରୀୟଙ୍କା, ଆଶି ଓ ଆୟୁଷୀ ଏଥିରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଏହା ବ୍ୟତୀତ ଶ୍ରୀୟଙ୍କା ୧୦ ମିଟର ଏୟାର ରାଇଫଲ ଟିମ୍ ଇଭେଣ୍ଟରେ ମଧ୍ୟ ବ୍ରୋଞ୍ଜ ପଦକ ପାଇଥିଲେ। ଏଥିରେ ତାଙ୍କ ସହ ତିଲୋତ୍ତମା ସେନ୍ ଓ ରମିତା ଭାରତୀୟ ଦଳର ସଦସ୍ୟା ଥିଲେ। ପ୍ରତିଯୋଗିତାରେ ଶ୍ରୀୟଙ୍କା ୧ ସ୍ୱର୍ଣ୍ଣ, ୧ ବ୍ରୋଞ୍ଜ ପଦକ ପାଇବା ସହ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିଛନ୍ତି। ସେ ସମ୍ପ୍ରତି କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଶ୍ରୀୟଙ୍କାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



# ଉର୍ଫିଙ୍କୁ ହତ୍ୟା ଧମକ

ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ ଉର୍ଫି ଜାଭେଦ୍ ସର୍ବଦା ନିଜ ଫ୍ୟାଶନକୁ ନେଇ ଚର୍ଚ୍ଚାରେ ରୁହନ୍ତି। ସେ ଲାଇମଲାଇଟ୍‌ରେ ରହିବାକୁ ଭିନ୍ନ ଭିନ୍ନ ଷ୍ଟାଇଲ ଆପଣାନ୍ତି। ତାଙ୍କର ଅଦ୍ଭୁତ ଷ୍ଟାଇଲ ପାଇଁ ଏବେ ତାଙ୍କୁ ହତ୍ୟା ଧମକ ମିଳିଛି। ସେ ହିନ୍ଦୀ ଫିଲ୍ମ 'ଭୁଲଭୁଲେୟା'ରେ ରାଜପାଲ ଯାଦବଙ୍କ ଛୋଟା ପଣ୍ଡିତ ବେଶର ଏକ ଭିନ୍ନ ଲୁକ୍ ଧାରଣା କରିଛନ୍ତି। ଉର୍ଫି କାନରେ ଧୂପକାଠି ଖୁଞ୍ଚିବା ସହ ଗେରୁଆ ରଙ୍ଗର ପୋଷାକ ଓ ହଳଦିଆ ରଙ୍ଗର ଧୋତି ପିନ୍ଧିଛନ୍ତି। ଏଥିସହ ସେ ବେକରେ ଗେଣ୍ଡୁମାଳ ପକାଇଥିବା ମଧ୍ୟ ଦେଖିବାକୁ ମିଳିଛି। ଉର୍ଫିଙ୍କ ଏପରି ପଣ୍ଡିତ ବେଶକୁ ଦେଖି ସେ ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଇଥିବା ନେଇ କିଛି ଲୋକ ଅଭିଯୋଗ କରିଛନ୍ତି। ତୁରନ୍ତ ସେହି ଭିଡିଓକୁ ଖୁବ୍‌ଶୀଘ୍ର ଡିଲିଟ୍ କରିବାକୁ କୁହାଯାଇଛି। ଏଭଳି ନ କଲେ ତାଙ୍କୁ ହତ୍ୟା କରିବାକୁ ଇ-ମେଲ୍ ଜରିଆରେ ଧମକ ମିଳିଛି। ଏନେଇ ସେ ପୋଲିସରେ ମାମଲା ରୁଜୁ କରିଛନ୍ତି।





# ମେସିଙ୍କୁ ଅଷ୍ଟମ ବାଲନ୍ ଡି'ଅର୍ ପୁରସ୍କାର

ପ୍ୟାରିସ୍,୩୧।୧୦(ପି.ଟି.)

ଫୁଟବଲ୍‌ର ସର୍ବଶ୍ରେଷ୍ଠ ପୁରସ୍କାର ବାଲନ୍ ଡି'ଅର ପୁରସ୍କାର ପ୍ରଦାନ କରାଯାଇଛି। ବିଶ୍ୱକପ ବିଜୟୀ ଆର୍ଜେଣ୍ଟିନା ଦଳର ଅଧିନାୟକ ତଥା ଇଣ୍ଟର ମାୟାମି ଷ୍ଟ୍ରାଇକର ଲିଓନେଲ ମେସି ରେକର୍ଡ ଅଷ୍ଟମ ଥର ପାଇଁ ଏହି ପୁରସ୍କାର ହାସଲ କରିଛନ୍ତି। ସୋମବାର ପ୍ୟାରିସ୍‌ରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ମାଞ୍ଚେଷ୍ଟର ସିଟିର ଗୋଲ ସ୍କୋରିଂ ମେସିନ୍ ଏର୍ଲିଙ୍ଗ ହାଲାଣ୍ଡ ଓ ପ୍ୟାରିସ୍ ସେଣ୍ଟ ଜର୍ମେନ(ପିଏସ୍‌ଜି)ର ଫରୱାର୍ଡ କିଲିଆନ୍ ଏମ୍‌ବାପେଙ୍କୁ ପଛରେ ପକାଇ ମେସି ଏହି ପୁରସ୍କାର ହାସଲ କରିଛନ୍ତି। ହାଲାଣ୍ଡ ଦ୍ୱିତୀୟ ଓ ଏମ୍‌ବାପେ ତୃତୀୟ ସ୍ଥାନରେ ରହିଥିଲେ। ଇଣ୍ଟର ମାୟାମିର କୋ ଓନର ତଥା ଇଂଲଣ୍ଡ ଫୁଟବଲ ଦଳର ପୂର୍ବତନ ଅଧିନାୟକ ଡେଭିଡ୍ ବେକ୍‌ହାମଙ୍କ ଠାରୁ ମେସି ଏହି ପୁରସ୍କାର ଗ୍ରହଣ କରିଥିଲେ। ପ୍ରଥମ ଇଣ୍ଟର ମାୟାମି ଖେଳାଳି ଭାବରେ ମେସି ଏହି ପୁରସ୍କାର ହାସଲ କରିଥିଲେ ହେଁ ପିଏସ୍‌ଜି ପକ୍ଷରୁ ଖେଳିଥିବା ସମୟ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିଥିଲା। ୩୬ ବର୍ଷୀୟ ମେସି ଏହି ସଫଳତା ପାଇଁ ଆର୍ଜେଣ୍ଟିନା ଦଳର ଖେଳାଳି ଓ କୋଚ୍‌ଙ୍କୁ ଧନ୍ୟବାଦ ଜଣାଇଥିଲେ। ଆଜିର ରାତିକୁ ମୁଁ ବେଶ ଉପଭୋଗ କରୁଛି। ଏହି ମୁହୂର୍ତ୍ତ ସର୍ବଦା ମୋ ସହିତ ରହିବ। ଏହା ସହିତ ଆଗାମୀ କିଛି ବର୍ଷ ମଧ୍ୟ ଏହି ସଫଳତା ଦୋହରାଇବାକୁ ପ୍ରୟାସ କରିବି ବୋଲି ମେସି କହିଥିଲେ। ଆର୍ଜେଣ୍ଟିନା ସହିତ ମୁଁ ସଫଳତା ହାସଲ କରିଥିଲେ ମଧ୍ୟ ବିଶ୍ୱ ଚାମ୍ପିୟନ ହୋଇ ପାରି ନ ଥିଲୁ। ତେବେ ଏହି ସ୍ୱପ୍ନ ସଫଳ ହୋଇଥିବା ବେଳେ ଦଳ ସହିତ ଜଡିତ ସମସ୍ତଙ୍କୁ ମୁଁ ଧନ୍ୟବାଦ ଜଣାଇବାକୁ ଚାହୁଁଛି। ଏହା ସହିତ ୧୯୮୬ ମସିହାରେ ଆର୍ଜେଣ୍ଟିନାକୁ ବିଶ୍ୱ ଚାମ୍ପିୟନ କରାଇଥିବା ଡିଏଗୋ ମାରାଡୋନାଙ୍କୁ ମଧ୍ୟ ସେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବିଶ୍ୱକପ୍ ଟ୍ରଫି ଓ ବାଲନ୍ ଡି'ଅର ଟ୍ରଫିକୁ ମୁଁ ସମସ୍ତ ଆର୍ଜେଣ୍ଟିନା ବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରୁଛି। ଫୁଟବଲ ଜଗତରେ ଅନ୍ୟ କୌଣସି ଖେଳାଳି ମେସିଙ୍କ ରେକର୍ଡର ନିକଟତର ହୋଇ ନାହାନ୍ତି। କ୍ରିଷ୍ଟିଆନୋ ରୋନାଲ୍ଡୋ ୫ ଥର ଏହି ପୁରସ୍କାର ହାସଲ କରିଥିବା ବେଳେ ମାଇକେଲ ପ୍ଲାଟିନି, ଜୋହାନ୍ କ୍ରୁଫ ଓ ମାର୍କୋ ଭାନ୍ ବାଷ୍ଟେନ୍ ୩ଥର ଲେଖାଏ ଏହି ପୁରସ୍କାର ହାସଲ କରିଛନ୍ତି। ଗତବର୍ଷ ମେସି ଏହି ତାଲିକାରେ ନ ଥିବା ବେଳେ କରିମ୍ ବେଞ୍ଜେମା ଏହି ପୁରସ୍କାର ହାସଲ କରିଥିଲେ। ଅନ୍ୟ ପକ୍ଷରେ ମେସିଙ୍କ ଟିମ୍ ମେଟ୍ ତଥା ଗୋଲକିପର ଏମିଲିଆନୋ ମାର୍ଟିନେଜଙ୍କୁ ଶ୍ରେଷ୍ଠ ଗୋଲକିପର ଭାବରେ ୟାଶିନ୍ ଟ୍ରଫିରେ ସମ୍ମାନିତ କରାଯାଇଛି। ୨୧ ବର୍ଷରୁ କମ୍ ବୟସ ବର୍ଗର ଶ୍ରେଷ୍ଠ ଖେଳାଳି ଭାବରେ ଜୁଡ୍ ବେଲିଙ୍ଗହାମଙ୍କୁ କୋପା ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ସମାଜସେବା ପାଇଁ ବ୍ରାଜିଲର ଭିନିସିଅସ୍ ଜୁନିୟରଙ୍କୁ ସକ୍ରେଟସ ଆୱାର୍ଡ ମିଳିଛି। ଶ୍ରେଷ୍ଠ ଷ୍ଟ୍ରାଇକର ଭାବେ ଜର୍ଡ ମୁଲର ଟ୍ରଫି ହାସଲ କରିଛନ୍ତି ଏର୍ଲିଙ୍ଗ ହାଲାଣ୍ଡ।

ମହିଳା ଖେଳାଳିଙ୍କ ପାଇଁ ପ୍ରଦାନ କରାଯାଉଥିବା ବାଲନ୍ ଡି'ଅର ଫେମିନିନ ଟ୍ରଫି ହାସଲ କରିଛନ୍ତି ସ୍ପେନ୍ ଦଳର ମିଡଫିଲ୍ଡର ଆଇଟାନା ବୋନମାଟି। ସ୍ପେନ୍ ଦଳ ପ୍ରଥମ ଥର ଫିଫା ମହିଳା ବିଶ୍ୱକପ ଟାଇଟଲ ହାସଲ କରିଥିବା ବେଳେ ସେ ଗୋଲ୍ଡେନ୍ ବଲ୍ ହାସଲ କରିଥିଲେ। ଏଥିରେ ସେ ୩ଟି ଗୋଲ ଦେଇଥିବା ବେଳେ ଦୁଇଟି ଗୋଲରେ ଆସିଷ୍ଟ କରିଥିଲେ। ଏହା ସହ ବାର୍ସେଲୋନାକୁ ସେ ଲା ଲିଗା ଓ ଚାମ୍ପିୟନ୍ସ ଲିଗରେ ବିଜୟୀ କରିଥିଲେ।


ଲିଓନେଲ୍ ମେସି


ଆଇଟାନା ବୋନମାଟି

## ପୁରସ୍କାର ତାଲିକା

ଲିଓନେଲ୍ ମେସି: ବାଲନ୍ ଡି'ଅର୍
ଆଇଟାନା ବୋନମାଟି: ବାଲନ୍ ଡି'ଓର୍ ଫେମିନିନ୍
ଏର୍ଲିଙ୍ଗ ହାଲାଣ୍ଡ: ଜର୍ଡ ମୁଲର ଟ୍ରଫି
ଜୁଡ୍ ବେଲିଙ୍ଗହାମ୍: କୋପା ଟ୍ରଫି
ଭିନିସିଅସ୍ ଜୁନିୟର: ସକ୍ରେଟସ୍ ଟ୍ରଫି
ଏମିଲିଆନୋ ମାର୍ଟିନେଜ୍: ୟାସିନ୍ ଟ୍ରଫି

# ପାରା ଆଥ୍‌ଲେଟଙ୍କୁ ମୌଳିକ ସୁବିଧା ମିଳୁନି

**ନୂଆଦିଲ୍ଲୀ, ୩୧।୧୦ (ପି.ଟି.):** ଭାରତୀୟ ପାରା ଆଥଲେଟମାନେ ବଡ଼ ବଡ଼ ପ୍ରତିଯୋଗିତାରେ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରୁଥିଲେ ମଧ୍ୟ ଦେଶରେ ସେମାନେ ମୌଳିକ ସୁବିଧାସୁଯୋଗରୁ ବଞ୍ଚିତ ହେଉଛନ୍ତି। ୨୦୨୧ ଟୋକିଓ ପାରାଲିମ୍ପିକ୍ସରେ ଭାରତୀୟ ଦଳ ୧୯ ପଦକ ଜିତିବାରେ ସମର୍ଥ ହୋଇଥିଲା। ନିକଟରେ ହାଙ୍ଗଝୋଠାରେ ଅନୁଷ୍ଠିତ ପାରା ଏସିଆନ ଗେମ୍ସରେ ଭାରତ ୨୯ ସ୍ୱର୍ଣ୍ଣ, ୩୧ ରୌପ୍ୟ ଓ ୫୧ ବ୍ରୋଞ୍ଜ ସହ ଅଭୂତପୂର୍ବ ମୋଟ ୧୧୧ ପଦକ ଜିତି ଇତିହାସ ସୃଷ୍ଟି କରିଛି। ଭାରତର ଷ୍ଟାର ପାରା ଟେବୁଲ ଟେନିସ ଖେଳାଳି ଭାବନା ପଟେଲ ହେଉଛନ୍ତି ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ। ପାରାଲିମ୍ପିକ୍ସରେ ରୌପ୍ୟ ପରେ ପାରା ଏସିଆନ ଗେମ୍ସରେ ଏକ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ପାରା ଆଥଲେଟଙ୍କ ସଶକ୍ତୀକରଣ ପାଇଁ ଅଧିକ ଉଦ୍ୟମ ଆବଶ୍ୟକ ବୋଲି ସେ କହିଛନ୍ତି। ଏବେ ସୁଦ୍ଧା ଅନେକ ସରକାରୀ କାର୍ଯ୍ୟାଳୟରେ ହ୍ୱିଲଚେୟାର ସୁବିଧା ନାହିଁ। ବିଦେଶକୁ ଗଲେ ସେଠାରେ ସମସ୍ତ ସୁଯୋଗ ଓ ସୁବିଧା ଉପଲବ୍ଧ ଥିବା ଦେଖିବାକୁ ମିଳେ। ସେଠାରେ ଆମେ ନିଜକୁ ଅଧିକ ସ୍ୱାଧୀନ ମନେ କରିଥାଉ। ବହୁ ରାଜ୍ୟରେ ପାରା ଆଥଲେଟମାନଙ୍କ ଲାଗି ସ୍ୱତନ୍ତ୍ର ନୀତି ନାହିଁ ବୋଲି ଭାବନା ପ୍ରକାଶ କରିଛନ୍ତି। ଏସିଆନ ପାରା ଗେମ୍ସର କେତେକ ପଦକ ବିଜେତାଙ୍କୁ ଭେଟିଥିବା କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି, ପାରା ଆଥଲେଟମାନଙ୍କୁ ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦେବାଲାଗି ସରକାର ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି।

# ୩ ବର୍ଗରେ ଭୁବନେଶ୍ୱର ଚାମ୍ପିୟନ


ଅତିଥିଙ୍କ ଗହଣରେ ବିଭିନ୍ନ ବର୍ଗରେ ଚାମ୍ପିୟନ ଭୁବନେଶ୍ୱର ଦଳ।

**ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ସନ୍ତରଣ ପ୍ରତିଯୋଗିତା**

ସମ୍ବଲପୁର, ୩୧।୧୦ (ବି.ଶଙ୍କର)

ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ସନ୍ତରଣ ପ୍ରତିଯୋଗିତା ମଙ୍ଗଳବାର ସମ୍ବଲପୁରସ୍ଥିତ ଡା. ଝସକେତନ ସାହୁ ସନ୍ତରଣାଗାରଠାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ସମ୍ବଲପୁର ଦଳଗତ ଚାମ୍ପିୟନ ହୋଇଛି । ସେହିପରି ୧୪ ବର୍ଷରୁ କମ ବାଳକ, ୧୭ ବର୍ଷରୁ କମ ବାଳିକା ଓ ବାଳକ ବର୍ଗରେ ଭୁବନେଶ୍ୱର ଦଳଗତ ଚାମ୍ପିୟନ ହୋଇଛି । ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡ଼ା ସଙ୍ଗଠନ ଓ ସମ୍ବଲପୁର ଜିଲା ଶିକ୍ଷା କାର୍ଯ୍ୟାଳୟ ମିଳିତ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ମୋଟ ୧୦ ଜିଲାରୁ ୯୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୨୮ ଜଣ ଅଫିସିଆଲ ଓ ୧୬ ଜଣ କୋଚ ଏବଂ ମ୍ୟାନେଜର ଇଭେଣ୍ଟ ପରିଚାଳନା କରିଥିଲେ। ୫୦, ୧୦୦ ଓ ୨୦୦ ମିଟର ଫ୍ରି ଷ୍ଟାଇଲ, ବ୍ରେଷ୍ଟ ଷ୍ଟ୍ରୋକ, ବ୍ୟାକ୍ ଷ୍ଟ୍ରୋକ ଏବଂ ବଟରଫ୍ଲାଏ ଇଭେଣ୍ଟ ହୋଇଥିଲା। ଶାରୀରିକ ଶିକ୍ଷା ସହକାରୀ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ବଲପୁର ଜିଲା କ୍ରୀଡା ସଂଘ କୋଷାଧ୍ୟକ୍ଷ ଉମାପତି ତ୍ରିପାଠୀ, ଜିଲା ସନ୍ତରଣ ସଂଘ ସାଧାରଣ ସମ୍ପାଦକ ସାଲେଗ୍ରାମ ଖୁଣ୍ଟିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଜିଲା ଶାରୀରିକ ଶିକ୍ଷା ଅଧିକାରୀ ସୁଜାତା ପଟ୍ଟନାୟକ ସ୍ୱାଗତ ସମ୍ଭାଷଣ ଓ ପୂର୍ବତନ ଶାରୀରିକ ଶିକ୍ଷା ନିରୀକ୍ଷକ ଜଗବନ୍ଧୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଦୀପାଳି ଚୌଧୁରୀ ଓ ସିଆର୍‌ସିସି ଅସୀମ ପ୍ରଧାନ ପୁରସ୍କାର ବିତରଣୀ ଉତ୍ସବ ସଂଯୋଜନା କରିଥିଲେ। ବରିଷ୍ଠ ଶିକ୍ଷକ ହରି ନାରାୟଣ ପଣ୍ଡା, ଶାରୀରିକ ଶିକ୍ଷା ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା, ସତ୍ୟରଞ୍ଜନ ପଣ୍ଡା, ପି. ସୁଧାଂଶୁ, ତ୍ରିବିକ୍ରମ ରଣା, ମହେଶ୍ୱର ଖଣ୍ଡେଇ, ପ୍ରତାପ ଚନ୍ଦ୍ର ସେନାପତି, ସୁପ୍ରଜିତ ସାହୁ, ବୁଲୁ ବିଶ୍ୱାଳ, ରମେଶ ବେରିହା, ସୁମିତ୍ରା ଛତର, ଚିନ୍ତନ ନାଏକ, ସୁରେନ୍ଦ୍ର ନାଏକ ପ୍ରମୁଖ ସହଯୋଗ କରିଥିଲେ ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ଶତପଥୀ